# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଡିସେମ୍ବର ୨୨/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, December 22/ 2018 ★★

୧୫ଶ ଭାଗ ୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଶ୍ରୀଦେବୀଙ୍କୁ ମନେପକାଇଲେ କରିଶ୍ମା

ବଲିଉଡ୍ ଅଭିନେତ୍ରୀ କରିଶ୍ମା କପୁର କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ସ୍ମରଣକରି ଭାବପ୍ରବଣତା ପ୍ରକାଶ କରିଛନ୍ତି।

୧୩

୦୨

## ୨୩ରେ ନବୀନଙ୍କୁ ଭେଟିବେ କେସିଆର୍

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧକ୍ଷ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ୨୩ରେ ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ।



# କମ୍ପ୍ୟୁଟର ଉପରେ କେନ୍ଦ୍ର ନଜର

■ ଯାଞ୍ଚ ପାଇଁ ୧୦ କେନ୍ଦ୍ରୀୟ ସଂସ୍ଥାକୁ କ୍ଷମତା ଦେଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ



- ଜାତୀୟ ନିରାପତ୍ତା ଆଳରେ ନାଗରିକଙ୍କ ଉପରେ ଗୋଇନ୍ଦାଗିରି
- କମ୍ପ୍ୟୁଟରରୁ ତଥ୍ୟ ହାସଲ କରିପାରିବେ କେନ୍ଦ୍ରୀୟ ସଂସ୍ଥା
- ବ୍ୟକ୍ତିଗତ ଗୋପନୀୟତା ଉପରେ ସରକାରୀ ହସ୍ତକ୍ଷେପ
- ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ
- ପାର୍ଲାମେଣ୍ଟର ଉଭୟ ଗୃହରେ ହଟ୍ଟଗୋଳ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଜାତୀୟ ସୁରକ୍ଷା ଆଳରେ ଦେଶର ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିପାରିବେ କେନ୍ଦ୍ର ସରକାର। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୦ କେନ୍ଦ୍ରୀୟ ସଂସ୍ଥାକୁ ଗୁରୁବାର ରାତିରେ କ୍ଷମତା ପ୍ରଦାନ କରିଛନ୍ତି। ନୂଆ ନିର୍ଦ୍ଦେଶନାମା ଅନୁସାରେ ଉକ୍ତ ଏଜେନ୍ସିଗୁଡ଼ିକ ସମସ୍ତ କମ୍ପ୍ୟୁଟରର ତଥ୍ୟଗୁଡ଼ିକୁ ଅବରୋଧ, ପର୍ଯ୍ୟବେକ୍ଷଣ ଓ ସାଧାରଣ ଭାଷାରେ ପରିବର୍ତ୍ତିତ କରିପାରିବେ। ଏହାକୁ ବିରୋଧୀ ଦଳଗୁଡ଼ିକ ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଅଧିକାର (ପ୍ରିଭେସି) ଉପରେ ଆକ୍ରମଣ ଭାବେ ଅଭିହିତ କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ଓ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ମିଳିଥିବା ସୂଚନାନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରାଯାଇଛି। ଗୋଇନ୍ଦା ବ୍ୟୁରୋ(ଆଇବି), ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ(ଏନ୍‌ସିବି), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି), ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍ଆଇ), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ), ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ), ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍(ର) କ୍ୟାବିନେଟ ସେକ୍ରେଟେରିଏଟ, ସଙ୍କେତ ଗୋଇନ୍ଦା ନିର୍ଦ୍ଦେଶାଳୟ (କେବଳ ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଓ ଆସାମ ପାଇଁ) ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଅଧିକୃତ କରାଯାଇଛି। ଦେଶର ସୁରକ୍ଷା ବା ଅଖଣ୍ଡତା ପ୍ରତି ଆଞ୍ଚ ଆସିବା ସନ୍ଦେହ କଲେ ଏହି ସଂସ୍ଥାଗୁଡ଼ିକ ଜଣଙ୍କର କମ୍ପ୍ୟୁଟର ଯାଞ୍ଚ କରି ସେଥିରେ ଥିବା ତଥ୍ୟ ନେଇପାରିବେ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ର ଧାରା ୬୯ ବଳରେ ଏହି କ୍ଷମତା ପାଇବା ପରେ ଏବେ ଉକ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦେଶର ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସାଇବର ଓ ସୂଚନା ନିରାପତ୍ତା ବିଭାଗ ☞ପୃଷ୍ଠା-୮

# ଚାଷୀଙ୍କ ପାଇଁ 'କାଳିଆ' ଭଣ୍ଡାର



ସଚିବାଳୟଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'କାଳିଆ' ଯୋଜନା ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ କଲ୍ୟାଣ ପାଇଁ ଭଣ୍ଡାର ଘର ଖୋଲିଦେଇଛନ୍ତି। ରାଜ୍ୟରେ କୃଷିକ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟ ସରକାର କାଳିଆ(କୃଷକ ଆସିଷ୍ଟାଣ୍ଟ ଫର ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୧୮-୧୯ରୁ ୨୦୨୧-୨୨ ଯାଏ ୫ଟି ଫସଲ ପାଇଁ ଏହି ଯୋଜନା ଲାଗୁହେବ। ଏଥିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ। ଉଭୟ ଖରିଫ ଓ ରବି ଫସଲ ପାଇଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଚାଷୀମାନେ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥ ଖର୍ଚ୍ଚ କରିପାରିବେ। ଏହି ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେଉଁ ଚାଷୀର କେତେ ଜମି ଅଛି, ତା'ସହିତ ଏହି ଯୋଜନାର କୌଣସି ସମ୍ପର୍କ ନାହିଁ। ଅର୍ଥାତ ସମସ୍ତ ଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଏହି ପଦକ୍ଷେପ ଦ୍ୱାରା ପ୍ରକୃତ ଚାଷୀ/ଭାଗଚାଷୀ, ଯେଉଁମାନଙ୍କର ବହୁତ କମ୍ ଜମି ରହିଛି ସେମାନେ ମଧ୍ୟ ଏହାଦ୍ୱାରା ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଧିକାଂଶ କୃଷି ବିକାଶ ଯୋଜନାରେ ଭୂମିହୀନ ଚାଷୀ ପରିବାର ପାଇଁ ବିଶେଷ କିଛି କାର୍ଯ୍ୟକ୍ରମ ନ ଥିଲା। ମାତ୍ର କାଳିଆ ଯୋଜନା ☞ପୃଷ୍ଠା-୮

### ନବୀନଙ୍କ ଉପହାର

- ଉପକୃତ ହେବେ ୯୨% ଚାଷୀ
- ୩ ବର୍ଷରେ ଖର୍ଚ୍ଚ ହେବ ୧୦ ହଜାର କୋଟି
- ବିନା ସୁଧରେ ୫୦ ହଜାର ଟଙ୍କାର ଋଣ
- ଫାଇଦା ପାଇବେ ୨୦ ଲକ୍ଷ ଚାଷୀ
- କୃଷି ଶ୍ରମିକଙ୍କୁ ୨ ଲକ୍ଷର ବୀମା
- ଖରିଫ, ରବି ପାଇଁ ଚାଷୀଙ୍କୁ ୧୦ ହଜାର
- ଭୂମିହୀନ ପରିବାରଙ୍କୁ ଜୀବିକା ସହାୟତା ୧୨,୫୦୦
- ଭୂମିହୀନ ଶ୍ରମିକଙ୍କୁ ୧୦ ହଜାର
- ଡିବିଟି ମାଧମରେ ଚାଷୀ ଆକାଉଣ୍ଟକୁ ଯିବ ସହାୟତା

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଡିଜିପି ନିଯୁକ୍ତି ପ୍ରସଙ୍ଗ

### ଆଜିର ମନ୍ତବ୍ୟ

" ଜନ ପ୍ରତିନିଧିମାନଙ୍କଠାରୁ ଆତ୍ମଶୃଙ୍ଖଳା ଆଶା କରାଯାଏ।

-ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି

### କିଛି ତଥ୍ୟ

ଚଳିତ ବର୍ଷ ଡିସେମ୍ବର ୭ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନରେ ୧୫.୦୭% ବୃଦ୍ଧି ଘଟି ୯୨.୦୩ ଲକ୍ଷ କୋଟି ଟଙ୍କା ଛୁଇଁଛି।

- ଆର୍‌ବିଆଇ


CBSE Exam Mate

ପୃଷ୍ଠା -୧୫





# ଦୁର୍ଘଟଣାରୁ ବର୍ତ୍ତିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୁବନେଶ୍ୱର/ଝାରସୁଗୁଡ଼ା ଅଫିସ,୨୧।୧୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର(ଭିଏସ୍ଏସ୍)ରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ହେଲିପକ୍ଟର ସମ୍ଭାବ୍ୟ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଖାମଖିଆଲି ଏବଂ ଅବହେଳା ଯୋଗୁ ଏପରି ଘଟିଛି।ଏକା ସମୟରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଏବଂ ଅନ୍ୟ ଏକ ଘରୋଇ ହେଲିକପ୍ଟର ଉଡିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ କର୍ମଚାରୀଙ୍କ ଖାମଖିଆଲି ଏୟାରକ୍ରାଫ୍ଟ ପରିଚାଳନା ପଦାରେ ପଡିଛି। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଉଡିବାର ୩ ମିନିଟ୍ ପୂର୍ବରୁ ଏବଂ ପରେ କୌଣସି ହେଲିକପ୍ଟର ନ ଉଡିବାର ନିୟମ ରହିଛି। ହେଲେ ସମାନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଏବଂ ଅନ୍ୟ ଏକ ଘରୋଇ ହେଲିକପ୍ଟର ଉଡିବା ପାଇଁ ଅନୁମତି ଦିଆଯାଇଥିଲା କି ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ଏକ ଚାର୍ଟର୍ଡ ପ୍ଲେନ୍ ଯୋଗେ ଆସିଥିଲେ। ଝାରସୁଗୁଡା ବିମାନବନ୍ଦରରେ ଅବତରଣ କରିବା ପରେ ସେଠାରୁ କୋଲାବିରା ହେଲିକପ୍ଟରରେ ଯିବାର ଥିଲା। ଏହି ସମୟରେ ଝାରସୁଗୁଡ଼ା ବିମାନବନ୍ଦରରେ ବିଧାୟକ ନବ କିଶୋର ଦାସ, ବିଧାୟିକା ରାଧାରାଣୀ ପଣ୍ଡା, ଜିଲାପାଳ ଏବଂ ଅନ୍ୟ ବିଜେଡି କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ। ସ୍ୱାଗତ ପରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ କୋଲାବିରା ଅଭିମୁଖେ ବାହାରିଲେ। ☞ପୃଷ୍ଠା-୮

### ଏକାସଙ୍ଗେ ଉଡ଼ିଲା ୨ ହେଲିକପ୍ଟର




NECC NATIONAL EGG CO-ORDINATION COMMITTEE 21.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 80 | 132 | 142 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers





ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

- ଉତ୍କଳଗୌରବ ମଧୁସୂଦନ ଦାସ

# ଓଡ଼ିଶାରେ ୧୦,୦୦୦ କୋଟିର କାରବାର ପ୍ରଭାବିତ

**ଭୁବନେଶ୍ୱର,୨୧।୧୨ (ବ୍ୟୁରୋ)**

ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣ ତଥା ମଜୁରିରେ ସଂଶୋଧନ ଭଳି ବିଭିନ୍ନ ଦାବି ନେଇ ସର୍ବ ଭାରତୀୟ ବ୍ୟାଙ୍କ ଅଫିସର ମହାସଂଘ (ଏଆଇବିଓସି) ପକ୍ଷରୁ ଶୁକ୍ରବାର ଦିନିକିଆ ଧର୍ମଘଟ ଡାକରା ଦିଆଯାଇଥିଲା। ସାରା ଦେଶରୁ ପ୍ରାୟ ୩.୨୫ ଲକ୍ଷ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ। ସ୍କେଲ ୧-୭ କର୍ମଚାରୀଙ୍କ ବେତନରେ ସଂଶୋଧନ ନେଇ କର୍ମଚାରୀମାନେ ଦାବି କରିଛନ୍ତି। ଶୁକ୍ରବାରର ଏହି ଧର୍ମଘଟ ଫଳରେ ସାରା ଦେଶରେ ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟରେ ୧୦,୦୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଅପରପକ୍ଷରେ ରାଜ୍ୟର ୨୫,୦୦୦ ବ୍ୟାଙ୍କ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଧର୍ମଘଟରେ ବେସରକାରୀ ବ୍ୟାଙ୍କଗୁଡ଼ିକର ସମର୍ଥନ ରହିଥିବା ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦ ସୂଚନା ଦେଇଛନ୍ତି।

ବ୍ୟାଙ୍କଗୁଡ଼ିକ ୨୬ ତାରିଖ ଯାଏ ବନ୍ଦ ରହିବ ବୋଲି ପୂର୍ବରୁ ସୂଚନା ରହିଥିଲେ ମଧ୍ୟ ମଝିରେ ୨୪ ତାରିଖ ଦିନ ଖୋଲା ରହିବ। ଏଟିଏମ୍‌ରେ ଲୋକମାନେ ନଗଦ ପାଇଁ ଯେଉଁଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିବା ନନ୍ଦ କହିଛନ୍ତି। ଆଉଟସାଇଡ ଏଜେନ୍ସିଗୁଡ଼ିକୁ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ନିଯୁକ୍ତ କରାଯାଇଛି। ମଝିରେ ଗୋଟିଏ ଦିନ ବ୍ୟାଙ୍କ ଖୋଲା ରହୁଥିବାରୁ ଲୋକମାନେ ବିଶେଷ ଅସୁବିଧା ସାମ୍ନା କରିବେ ନାହିଁ ବୋଲି ସେ କହିଛନ୍ତି। ମାତ୍ର ଲଗାତର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ବ୍ୟାଙ୍କିଙ୍ଗ ସେବା ଏବଂ ଏଟିଏମ୍‌ରେ ନଗଦ ସମସ୍ୟା ଉପୁଜିପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କ ମିଶ୍ରଣକୁ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ) ପକ୍ଷରୁ ବିରୋଧ କରି ୨୬ରେ ଆଉ ଏକ ଧର୍ମଘଟ ଡାକରା ଦିଆଯାଇଛି। ୯ଟି ବ୍ୟାଙ୍କ ସଂଘର କର୍ମଚାରୀମାନେ ଏଥିରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ ସୂଚନା ରହିଛି।

■ ରାଜ୍ୟର ୧୦ ହଜାର ବ୍ୟାଙ୍କ ଅଧିକାରୀ ସାମିଲ ହେଲେ
■ ୨୬ରେ ୟୁଏଫ୍‌ବିୟୁର ଧର୍ମଘଟ
■ ୨୪ରେ ବ୍ୟାଙ୍କ ଖୋଲା ରହିବ



ଭୁବନେଶ୍ୱରର ୟୁନିଟ-୧ ମାର୍କେଟସ୍ଥିତ ଏସ୍‌ବିଆଇ ଶାଖା ସମ୍ମୁଖରେ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଧାରଣା ଦେଉଛନ୍ତି।




# ଫୁଲବାଣୀ ୭ ଡିଗ୍ରୀ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ପାରଦ ୭ ଡିଗ୍ରୀ ତଳକୁ ଖସିଯାଇଛି। ଗତ ୪ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଗଲାଣି। ଏପରି କି କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ମଧ୍ୟ ଚାଲିଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୮.୫, ବାଲେଶ୍ୱର ୧୨.୧, କଟକ ୧୨.୪, ବାରିପଦା ୧୨.୬, ଝାରସୁଗୁଡା ୧୧, କେନ୍ଦୁଝର ୧୦.୪, ସମ୍ବଲପୁର ୧୧.୨, ସୁନ୍ଦରଗଡ଼ ୧୦, ହୀରାକୁଦ ୧୧.୬, ତାଳଚେର ୧୧.୮, ଭବାନୀପାଟଣା ୧୧ ଏବଂ ବଲାଙ୍ଗୀରରେ ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ପାରଦ ୧ରୁ ୨ ଡିଗ୍ରୀ ଆହୁରି କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ନବୀନଙ୍କୁ ୨୩ରେ ଭେଟିବେ କେସିଆର



**ହାଇଦ୍ରାବାଦ,୨୧।୧୨(ପି.ଟି.):** ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏକ ଅଣକଂଗ୍ରେସ ଓ ଅଣଭାଜପା ମେଣ୍ଟ ଗଢ଼ିବା ଲାଗି ଯୋଜନା କରିଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ସପ୍ତାହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ଭେଟିବେ। ଏହା ବ୍ୟତୀତ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ମଧ୍ୟ ଆସନ୍ତା ସପ୍ତାହରେ ଭେଟିବାକୁ ଯାଉଛନ୍ତି। ଆସନ୍ତା ୨୩ ତାରିଖରେ କେସିଆର ଭୁବନେଶ୍ୱରରେ ନବୀନଙ୍କୁ ଭେଟିବାକୁ ଥିବାବେଳେ ୨୪ରେ କୋଲକାତାରେ ମମତାଙ୍କୁ ସାକ୍ଷାତ କରିବେ। ୨୫ ତାରିଖରେ ତାଙ୍କର ଦିଲ୍ଲୀ ଗସ୍ତ ଥିବାବେଳେ ସେଠାରେ ସେ ମାୟାବତୀ ଓ ଅଖିଳେଶଙ୍କୁ ଭେଟିବେ ବୋଲି ତାଙ୍କ ଅଫିସ ତରଫରୁ କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ଟିଆର୍‌ଏସ ୮୮ଟି ଆସନରେ ବିଜୟୀ ହୋଇ ପୁଣି ଥରେ କ୍ଷମତାକୁ ଫେରିଛି।

# ପୋଲିସ ଗୁଳିରେ ମୋଷ୍ଟ ୱାଣ୍ଟେଡ୍ ଜୟ ଗୁରୁତର



ପୋଲିସ ଗୁଳିରେ ଆହତ ଜୟ ପ୍ରଧାନ।

■ ବାଇକ, ବନ୍ଧୁକ, ବୋମା ଜବତ
■ ୬ ପୋଲିସ କର୍ମଚାରୀ ଆହତ

**ଦିଗପହଣ୍ଡି,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୧।୧୨:** ବ୍ରହ୍ମପୁର ପୋଲିସ ଜିଲାରେ ପୁଣି ଏନ୍‌କାଉଣ୍ଟର ହୋଇଛି। ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଦିଗପହଣ୍ଡି ପୋଲିସ ଗୁଳିରେ ମୋଷ୍ଟ ୱାଣ୍ଟେଡ ଥିବା କେ.ନୂଆଗାଁ ଥାନା ବମକେଇ ଗ୍ରାମର ଜୟ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଜୟଙ୍କ ନିକଟରୁ ଏକ ବାଇକ, ବୋମା, ଦେଶୀ ବନ୍ଧୁକ ସମେତ ରାସ୍ତାରେ ପଡ଼ିଥିବା ୩ଟି ଖୋକା ଜବତ କରାଯାଇଛି। ଜୟଙ୍କ ସହ ଧସ୍ତାଧସ୍ତି ବେଳେ ଆଇଆଇସିଙ୍କ ସମେତ ୬ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସଙ୍କ ସୂଚନା ଅନୁଯାୟୀ, ବମକେଇର ଜୟ ବ୍ରହ୍ମପୁରରେ ରହି ଅପରାଧ ଘଟାଉଥିଲେ। ତାଙ୍କ ନାଁରେ ଖୋର୍ଦ୍ଧା, ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନାରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଗତ ୧୦ ତାରିଖରେ ବମକେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ଭଗବାନ ବାଡ଼ତ୍ୟାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇ ଜଙ୍ଗଲରେ ମାଡ଼ ମାରିବା ଘଟଣାରେ ମଧ୍ୟ ଜୟ ସମ୍ପୃକ୍ତ ଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଜୟଙ୍କୁ ଖୋଜୁଥିଲା। ଶୁକ୍ରବାର ସକାଳେ ସେ ଟାଙ୍ଗୁଡ଼ିଦେଇ ପାହାଡ଼ ଧେରେଣ୍ଡି ଗ୍ରାମ ନିକଟରେ ଥିବା ସୂଚନା ମିଳିବାରୁ ଚଢ଼ାଉ କରାଯାଇଥିଲା। ଜୟ ପ୍ରଥମେ ଗୁଳି ଚଳାଇ ବାଇକ୍ ନେଇ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ତାଙ୍କ ବାମ ଗୋଡ଼ରେ ବାଜିଥିଲା। ପରେ ତାଙ୍କୁ କାବୁ କରାଯାଇଥିଲା। ଜୟଙ୍କ ସହ ଧସ୍ତାଧସ୍ତି ବେଳେ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ସମେତ ଏଏସଆଇ ସୀମାଞ୍ଚଳ ମିଶ୍ର, କୃଷ୍ଣଚନ୍ଦ୍ର ଗୌଡ଼, କନଷ୍ଟେବଲ ଜୟରାମ ଡାକୁଆ, ସଲାମତ ଖାନ ଓ କେଶବ ବିଷୋୟୀ ଆହତ ହୋଇଛନ୍ତି। ସେମାନେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ପୋଲିସ ଉପରକୁ ଜୟ ଗୁଳି ଚଳାଇଥିବା ନେଇ ଆଇଆଇସିଙ୍କ ଏତଲାକ୍ରମେ ଦିଗପହଣ୍ଡି ଥାନାରେ ଏକ ମାମଲା (ନଂ.୨୨୮/୧୮) ରୁଜୁ କରାଯାଇଥିବା ଚିକିଟି ଏସଡିପିଓ ପ୍ରକାଶ ଚନ୍ଦ୍ର ଜେନା ଜଣାଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ପକ୍ଷରୁ ଚାଲିଥିବା ଅପରେଶନ୍ କ୍ରାଇମ୍ କ୍ଲିନ୍‌ର ଏହା ହେଉଛି ୫୫ତମ ଏନକାଉଣ୍ଟର୍। ୫୯ତମ ଶିକାର ହେଉଛନ୍ତି ଜୟ ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

# ପାଳିତ ହେବ ରାଜ୍ୟସ୍ତରୀୟ ଶହୀଦ କରୁଣାକରଙ୍କ ସ୍ମୃତିଦିବସ

## ସ୍ମାରକୀ ପାଇଁ ୫୦ ଲକ୍ଷ ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା ଅଫିସ / କୋଲାବିରା (ଡି.ଏନ୍.ଏ.), ୨୧।୧୨

ସ୍ୱାଧୀନତା ସଂଗ୍ରାମର ଦୁର୍ଦ୍ଧର୍ଷ ଯୋଦ୍ଧା ଶହୀଦ କରୁଣାକର ସିଂହ ନାଏକଙ୍କ ସ୍ମୃତିରକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ବୋଲି ଶୁକ୍ରବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାସହ ରାଜ୍ୟସ୍ତରରେ ତାଙ୍କର ସ୍ମୃତି ଦିବସ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ୪୬୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି।

ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜର ମିଳିତ ପ୍ରଚେଷ୍ଟାରେ ଝାରସୁଗୁଡ଼ା ଜିଲା କୋଲାବିରାଠାରେ 'ଆତ୍ମୋତ୍ସର୍ଗ ଦିବସ' ପାଳନର ଆୟୋଜନ କରାଯାଇଥିଲା। ଶହୀଦ କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଆୟୋଜିତ 'ଆତ୍ମୋତ୍ସର୍ଗ ଦିବସ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀରେ ଯୋଗଦେଇ ସେ ଖୁସି ଅନୁଭବ କରୁଥିବା କହିଥିଲେ। ସେ କହିଲେ, ଗୋଣ୍ଡ ଜାତି ହେଉଛି ବୀର ଜାତି, ସଂଗ୍ରାମୀ ଜାତି। ସ୍ୱାଭିମାନ ରକ୍ଷା ପାଇଁ ଗୋଣ୍ଡମାନେ ଲଢ଼େଇ କରିଆସିଛନ୍ତି। ଇଂରେଜମାନଙ୍କ ବିରୋଧରେ ଲଢେଇ କରି ଶହୀଦ୍ ହୋଇଥିବା ବୀର କରୁଣାକର ସିଂହ ନାଏକଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଶହୀଦ କରୁଣାକର ସିଂହ ନାଏକ ଇଂରେଜ ଶାସକଙ୍କ ବିରୋଧରେ କରିଥିବା ସଶସ୍ତ୍ର ସଂଗ୍ରାମ ସ୍ୱାଧୀନତାର ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ସେହି ବୀର କରୁଣାକରଙ୍କ ସ୍ମୃତିରେ ଏକ ସ୍ମାରକୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟସ୍ତରରେ କରୁଣାକରଙ୍କ ସ୍ମୃତିଦିବସ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉତ୍ସବରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଏକ ଚାର୍ଟର୍ଡ଼ ପ୍ଲେନ୍‌ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ୪୫୦.୦୨ କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ରୋଡ, ବ୍ରିଜ୍, ଉଠାଜଳସେଚନ ପ୍ରକଳ୍ପ, ଦୁଇଟି ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। ସେହିପରି ୧୧.୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଶିଳାନ୍ୟାସ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଆତ୍ମୋତ୍ସର୍ଗ ଦିବସକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗଦେଇ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ କହିଲେ, ସାମାଜିକ ବିକାଶ ଦିଗରେ ଗୋଣ୍ଡ ସମ୍ପ୍ରଦାୟର ଉଦ୍ୟମ ଜାରି ରହିଛି ଏବଂ ଏହା ଆଗକୁ ଆହୁରି ତ୍ୱରାନ୍ୱିତ ହେବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି କହିଲେ, ସ୍ୱାଧୀନତା ସଂଗ୍ରାମରେ କୋଲାବିରା ଜମିଦାର କରୁଣାକର ସିଂହ ନାଏକଙ୍କ ଅବଦାନ ଅତୁଳନୀୟ। ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବୀର କରୁଣାକର ଇଂରେଜଙ୍କୁ କଡା ଜବାବ ଦେବାରେ ସଫଳ ହୋଇଥିଲେ। ତେଣୁ ସେହି ଯୋଦ୍ଧାଙ୍କ ସମ୍ମାନ ପାଇଁ ରାଜ୍ୟ ସରକାର ସମସ୍ତ ସହାୟତା କରିବାକୁ ପ୍ରସ୍ତୁତ ଥିବା ସେ କହିଥିଲେ।

ଅନ୍ୟତମ ଅତିଥିଭାବେ ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ପୂର୍ବତନ ଏମ୍‌ପି ରବିନାରାୟଣ ପାଣି, ପୂର୍ବତନ ବିଧାୟକ ଅନୁପ ସାଏ, ସମ୍ମିଳିତ ଆଦିବାସୀ ସମାଜର ସଭାପତି ବୁନ୍ଦେ ଧୁରୁଆ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ ପ୍ରମୁଖ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ଠାକୁରପଡା, ପତ୍ରାପାଲି, ସାଲେପାଲି, ତାଲମୁଣ୍ଡା, ସାରଙ୍ଗଲୋଇ, ଭାଲୁପତ୍ରା, ନାଏକ ବାଦିମାଲର ଗୌନ୍ତିଆ ହେମାନନ୍ଦ ବିଶ୍ୱାଳ, ଗୌରୀଶଙ୍କର ପ୍ରଧାନ, ଲିଙ୍ଗରାଜ ନାଏକ, ଅଜୟ ପଟେଲ, ଯୋଗେନ୍ଦ୍ର ନାଏକ, ଥଣ୍ଡାରାମ ନାଏକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଲାବିରା ଜମିଦାର ଦାୟାଦଙ୍କୁ ମଧ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।



'ଆତ୍ମୋତ୍ସର୍ଗ ଦିବସ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

## ୩୩ ପ୍ରତିଶତ ମହିଳା ସଂରକ୍ଷଣ ପ୍ରସ୍ତାବ

# ଡିଏମ୍‌କେ, ଏଆଇଏଡିଏମ୍‌କେ, ଜେଏମ୍‌ଏମ୍‌କୁ ଭେଟିଲା ବିଜେଡି

- ତାମିଲନାଡୁରେ ସାକ୍ଷାତକଲେ ଦେବୀ
- ଶିବୁ ସୋରେନ୍‌ଙ୍କୁ ଭେଟିଲେ ଅନୁଭବ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସ୍ତାବ ସପକ୍ଷରେ ବିଜେଡି ପକ୍ଷରୁ ଶୁକ୍ରବାର ତାମିଲନାଡୁର ଦୁଇ ପ୍ରମୁଖ ଆଞ୍ଚଳିକ ଦଳ ଡିଏମ୍‌କେ ଓ ଏଆଇଏଡିଏମ୍‌କେର ସହଯୋଗ ଲୋଡାଯାଇଛି। ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ତାମିଲନାଡୁ ଗସ୍ତ କରି ଉଭୟ ଦଳର ନେତୃବୃନ୍ଦଙ୍କୁ ଭେଟିଛନ୍ତି। ବିଜେଡି ପକ୍ଷରୁ ଉଭୟଙ୍କ ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଲେଖିଥିବା ଅନୁରୋଧ ପତ୍ରକୁ ହସ୍ତାନ୍ତର କରାଯାଇଛି। ଡିଏମକେ ଦଳର ଉପମୁଖ୍ୟ ତଥା ତାମିଲନାଡୁ ବିଧାନସଭା ପିଏସିର ଅଧକ୍ଷ ଦୁରାଇ ମୁରୁଗାନ୍ ଓ ଏଆଇଏଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇଡାପାଡୀ କେ. ପଲାନିସ୍ୱାମୀଙ୍କୁ ଭେଟି ବିଜେଡି ନେତା ଦେବୀ ମିଶ୍ର ବିଶଦ ଆଲୋଚନା କରିଥିବା ଜଣାପଡିଛି।

ସାକ୍ଷାତ ସମୟରେ ମୁରୁଗାନ୍ କରୁଣାନିଧିଙ୍କ ସହ ବିଜୁବାବୁଙ୍କ ଥିବା ଘନିଷ୍ଠ ସମ୍ପର୍କର ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ, ବିଜୁବାବୁ ୧୯୯୧ରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗୁ କରିଥିଲେ। ଏହାପରେ ତାଙ୍କର ସେହି ପଦକ୍ଷେପକୁ ଅନୁସରଣ କରି ୧୯୯୬ରେ ତାମିଲନାଡୁରେ ଏହା କାର୍ଯ୍ୟକାରୀ କରାଯାଇଥିଲା। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀ କହିଛନ୍ତି ଯେ, ଜୟଲଳିତାଙ୍କ ସହିତ ବିଜୁବାବୁ ଏବଂ ନବୀନବାବୁଙ୍କ ସମ୍ପର୍କ ଘନିଷ୍ଠ । ନବୀନବାବୁ ୨୦୧୧ରେ ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଲାଗୁ କରିଥିବା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ କରିଥିଲେ। ଏହାକୁ ଅନୁସରଣ କରି ତାମିଲନାଡୁ ସରକାର ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ନିୟମ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛି। ପାର୍ଲାମେଣ୍ଟ ଓ ବିଧାନସଭାଗୁଡିକରେ ୩୩% ସ୍ଥାନ ସଂରକ୍ଷଣ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ପଲାନିସ୍ୱାମୀ କହିଛନ୍ତି।

ସେହିପରି ରାଜ୍ୟସଭା ସଦସ୍ୟ ତଥା ଅଭିନେତା ଅନୁଭବ ମହାନ୍ତି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ତଥା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍‌ଙ୍କୁ ଶୁକ୍ରବାର ଦିଲ୍ଲୀରେ ଭେଟିଛନ୍ତି। ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଲାଗି ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ପତ୍ରକୁ ଅନୁଭବ ସୋରେନ୍‌ଙ୍କ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ସେ ସକାରାତ୍ମକ ମତ ରଖିବା ସହ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ସ୍ୱାଗତ ଓ ପ୍ରଶଂସା କରିଛନ୍ତି।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବିଫଳ

# ବ୍ରାଞ୍ଚ ମ୍ୟାନେଜରଙ୍କୁ ଗୁଳିମାଡ

- ୩ ଲୁଟେରା ଫେରାର ଆହତ ବ୍ୟାଙ୍କ
- ମ୍ୟାନେଜରଙ୍କ ଅବସ୍ଥା ସଙ୍କଟାପନ୍ନ

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୨୧।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିକଟସ୍ଥ ବିଜେପୁର ଗ୍ରାମରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି)ରେ ଶୁକ୍ରବାର ଅପରାହ୍ଣରେ ଲୁଟ୍ ଉଦ୍ୟମ ହୋଇଛି। ୩ଲୁଟେରା ୟୁଜିବି ବ୍ରାଞ୍ଚ ମ୍ୟାନେଜର କୋଶଳ ଚନ୍ଦ୍ର ଦୋରାଙ୍କୁ ଗୁଳି କରି ଲୁଟ୍ ଉଦ୍ୟମ କରିଥିଲେ । ଗୁଳିକାଣ୍ଡ ପରେ ଲୁଟ୍ କରି ନ ପାରି ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ଆହତ ବ୍ରାଞ୍ଚ ମ୍ୟାନେଜର ଦୋରାଙ୍କ ଦେହରେ ୩ଟି ଗୁଳି ବାଜିଛି। ଗୁଳିକାଣ୍ଡ ପରେ ଗ୍ରାମବାସୀ ଆହତ ବ୍ୟାଙ୍କ ମ୍ୟାନେଜର ଦୋରାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ ଓ ପରେ ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ନିଆଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ବୁର୍ଲାସ୍ଥିତ ଭୀମ୍‌ସାର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ନେଇ ଏସପି କେ. ସିବା. ସୁବ୍ରମଣି ବିଜେପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପିଙ୍କ ସହ ଟିଟିଲାଗଡ ଏସ୍‌ଡିପିଓ ସରୋଜ ମହାପାତ୍ର, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ସଇଁତଲା ଥାନା ଅଧିକାରୀ ଅବନୀ ସାହୁ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କର ସିସିଟିଭି କ୍ୟାମେରା ଯାଞ୍ଚ ସହ ପାଖଆଖ ଲୋକଙ୍କୁ ପଚାରଉଚୁରା ଜାରି ରଖିଛନ୍ତି। ଘଟଣା ନେଇ ବଲାଙ୍ଗୀର ଜିଲା ତଥା ପଡୋଶୀ କଳାହାଣ୍ଡି ଜିଲାର ବିଭିନ୍ନ ଥାନାଗୁଡିକୁ ଖବର କରି ପୋଲିସ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଯୋଜନା କରିଛି। ଘଟଣାପଛରେ ଲୁଟ୍ ଉଦ୍ୟମ ନା ଅନ୍ୟ କୌଣସି କାରଣ ରହିଛି ସେ ଦିଗରେ ତଦନ୍ତ ଜାରୀ ରହିଛି ବୋଲି ପୋଲିସ କହିଛି।

ଶୁକ୍ରବାର ଅପରାହ୍ଣ ପ୍ରାୟ ୨ଟାରେ ୩ଜଣ ଅପରିଚିତ ଯୁବକ ବାଇକରେ ବ୍ୟାଙ୍କକୁ ଆସି ନୂଆ ଆକାଉଣ୍ଟ୍ ଖୋଲିବାର ଅଛି ବୋଲି କହିଥିଲେ । ଏତିକିବେଳେ ବ୍ରାଞ୍ଚ ମ୍ୟାନେଜର ଦୋରା ଖାଇବାକୁ ଯାଇଥିବାରୁ ସେମାନେ ସେଠାରେ କିଛିକ୍ଷଣ ଅପେକ୍ଷା କରିଥିଲେ । ମ୍ୟାନେଜର ଦୋରା ଖାଇ ଆସିବା ପରେ ସେମାନେ ନୂଆ ଆକାଉଣ୍ଟସ୍ ଖୋଲିବାକୁ ଆସିଛନ୍ତି ବୋଲି କହିଥିଲେ । ଏବେ ଆକାଉଣ୍ଟ ଖୋଲିହେବ ନାହିଁ ବୋଲି ଦୋରା କହିବା ପରେ ସୁନାଋଣ ନେଇ ହେବ କି ବୋଲି ପ୍ରଶ୍ନ କରିଥିଲେ । ସୁନାଋଣ ଏବେ ହୋଇପାରିବ ନାହିଁ ବୋଲି କହିବାରୁ ଏ ସଂକ୍ରାନ୍ତୀୟ ଏକ ଫର୍ମ ଦେବାକୁ ଯୁବକମାନେ କହିଥିଲେ । ମ୍ୟାନେଜର ଦୋରା ଫର୍ମ ବାହାର କରୁଥିବାବେଳେ ତିନି ଯୁବକଙ୍କ ଭିତରୁ ଜଣେ ଏକ ବନ୍ଧୁକ ଆଣି ମ୍ୟାନେଜର ଦୋରାଙ୍କ ମୁଣ୍ଡରେ ଥୋଇ ଦେଇଥିଲା । ଏହାଦେଖି ଦୋରା ସମ୍ପୃକ୍ତ ଯୁବକଙ୍କୁ ଧକ୍କା ଦେବାକୁ ଚେଷ୍ଟା କରିବାରୁ ଯୁବକ ଜଣକ ତାଙ୍କ ଉପରକୁ ତିନିରାଉଣ୍ଡ ଗୁଳିଚାଳନା କରିଦେଇଥିଲା । ୨ଟି ଗୁଳି ଦୋରାଙ୍କ ପେଟରେ ଲାଗିଥିବାବେଳେ ଅନ୍ୟ ଏକ ଗୁଳି ବାମଜଂଘରେ ବାଜିଥିଲା । ଗୁଳି ଫୁଟାଇବା ପରେ ତିନିଜଣ ଯୁବକ ବ୍ୟାଙ୍କ ଭିତରୁ ଫେରାର ହୋଇଯାଇଥିଲେ । ବ୍ୟାଙ୍କ ଭିତରେ ଥିବା ଅନ୍ୟ କର୍ମଚାରୀ ଓ ଗ୍ରାହକମାନେ କିଛି ବୁଝିବା ଆଗରୁ ଗୁଳିକାଣ୍ଡ ଘଟିଗଲା । ଏହି ଘଟଣା ପରେ ଭୟଭୀତ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ । ବ୍ୟାଙ୍କ ଭିତରେ ଗୁଳିକାଣ୍ଡ ଶବ୍ଦ ଶୁଣିବା ପରେ ଗ୍ରାମବାସୀ ବ୍ୟାଙ୍କ ନିକଟକୁ ଦୌଡି ଆସିଥିଲେ। ତେବେ ସେତେବେଳକୁ ତିନି ଲୁଟେରା ସେଠାରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଏହାପରେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାମବାସୀ ଆହତ ବ୍ୟାଙ୍କ ମ୍ୟାନେଜର ଦୋରାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଏହି ଘଟଣା ପରେ ୟୁଜିବି ଅଫିସର ଆସୋସିଏଶନ୍ ସାଧାରଣ ସମ୍ପାଦକ ଆଶୁତୋଷ ମିଶ୍ର ଓ ନିଖିଳ ଓଡିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପୁଲିନ ବିହାରୀ ମିଶ୍ର ବଲାଙ୍ଗୀର ମେଡିକାଲ କଲେଜ ହସ୍‌ପିଟାଲରେ ପହଞ୍ଚିଥିଲେ । ଘଟଣାର ନିନ୍ଦା କରିବା ସହ ଅସୁରକ୍ଷିତ ଭାବେ ଗ୍ରାମାଞ୍ଚଳରେ ବ୍ୟାଙ୍କ କର୍ମଚାରୀମାନେ କାମ କରୁଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଉ ନ ଥିବାରୁ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।



ଗୁଳିମାଡରେ ଗୁରୁତର ୟୁଜିବି ବ୍ରାଞ୍ଚ ମ୍ୟାନେଜର କୋଶଳ ଚନ୍ଦ୍ର ଦୋରାଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।









ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ। ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ ନୁହେଁ।

- ଶିରିଡ଼ି ସାଇବାବା



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ଆକାଂକ୍ଷା
ପରିବାରବର୍ଗ



ସ୍ୱାତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Book 3BHK flat, 200 meter from Aiginia Over Bridge, NH-5 near AIIMS Square. 7978584549. D-65261

ସୁନ୍ଦରପଦା Hitech ପାଖରେ 50ft. revenue ରାସ୍ତାଥାଇ 2500 sqft.ର ୩ଟି ଘରବାରି ପାଚେରି ପ୍ଲଟ ବିକ୍ରିହେବ sqft. 600/-. 9777236619. D-65309

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10136

Booking one lakh simplex 2BHK 1200 sqft. land 20,50,000/- near Tankapani road, Sai Temple. 7735738102. D-10132

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10140

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9937927876, 9937494527. D-11015

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10141

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10139




**2455 sqft. residential cum commercial space available for office/ guest house on 1st Floor with 6 bedrooms, 4 toilets, drawing, dining, kitchen At- K5, Kalinga Vihar: Contact: 9836722345.** D-10142

Three storied 7000 sqft. building with lift for office/ commercial purposes near Bhubaneswar Airport. 9958003695. D-58023

### Birthday Wish



**Suryashri Parida**
**Happy Birthday to you**
Many many happy returns of the day.
**Best wishes from**
Family & Friends. D-59842

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**Arpita Sahoo**
**Rampa, Bari, Jajpur**
ଆଜି ତୋର ଅଷ୍ଟମ ଜନ୍ମବାର୍ଷିକୀରେ ମା' ତାରିଣୀଙ୍କ ପାଖରେ ଏତିକି କାମନା କରୁଛୁ ମା' ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମାମା, ଦାଦା, ନୂଆ ମାମା, ଖୁଡ଼ୀ, ପିଉସା, ପିଉସୀ, ଅଜା, ଆଇ, ମାମୁଁ, ମାଇଁ, ଅଭିଜିତ୍ ଭାଇ, ଦିବ୍ୟଜିତ୍ ଭାଇ, ଗୁଲୁ ଦିଦି, ରାଜା, ଇସୁ, ଓମ୍, ସୁନୁଦିଦି ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୧୦୧୦୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଜନ୍ମଦିନର ଶୁଭେଚ୍ଛା



**ଆଶୁ (ସିଦ୍ଧାର୍ଥ)**
ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ କୋଟି ପରମାୟୁ ଦିଅନ୍ତୁ, ବହୁତ ପାଠ ଦିଅନ୍ତୁ। ନୀରୋଗ ରଖନ୍ତୁ, ଚଲାପଥରେ ସର୍ବଦା ସାହା ହୁଅନ୍ତୁ, ଘଣ୍ଟ ଘୋଡେଇ ପଣତତଳେ ରଖିଥାଆନ୍ତୁ। **ଆଶୀର୍ବାଦ ସହ: ହେ ଅଜା, ଆଇ, ମାଆ (ମମୀ), ବାପା, କୁନୁମାଉସୀ, ବବୁଲ୍ ମାମା, ଗୁଡୁଲ୍ ଦିଦି।** ଧ-୧୦୧୩୩

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ବର୍ଷାପ୍ରିୟଦର୍ଶିନୀ ମହାରଣା**
**ବାପା-ଲମ୍ବୋଦର ମହାରଣା**
**ଗ୍ରାମ-ଭରାଗୋଲ, ପୋଷ୍ଟ-ନୟାହାଟ, ଥାନା-ଗୋପ,ପୁରୀ**
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ ପୁଷ୍ପିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଦାଦା, ମାମୁ, ମାଇଁ, ଆଇ, ପିଉସୀ, ପିଉସା, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।** ଧ-୧୦୧୩୮

### 6TH Birthday Wish



**Himanshu Sekhar Sahoo**
Nilakantheswar Colony,
Baramunda
ଜନ୍ମବାର୍ଷିକରେ ମା' ତାରିଣୀଙ୍କ ପାଖରେ ଏତିକି କାମନା କରୁଛୁ, ମା' ତୋତେ ଦୀର୍ଘାୟୁ କରନ୍ତୁ। ଜେଜେ, ଜେଜେମା, ବଡବାପା, ବଡବୋଉ, ଦାଦା, ଖୁଡୀ, ଭାଇ, ମାମୁ, ମାଉସୀଙ୍କ ତରଫରୁ ଶୁଭେଚ୍ଛା। ଧ-୧୦୧୪୪

### ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଅଙ୍କିତା ପ୍ରିୟଦର୍ଶିନୀ**
ଜଗନ୍ନାଥ ନଗର, ରୋଡ୍ ନଂ-୧୧,
ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀସତ୍ୟସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜ, ଜେଜେମା, ଅଜା, ଆଇ, ବାପା, ବୋଉ, ବଡବାବା, ମାମା, ମାମୁ ଓ ଅନ୍ୟମାନେ। ଧ-୧୦୧୪୫

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଲକ୍ଷ୍ମୀ ସ୍ୱାଇଁ**
ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୫୩
ତିରୋଧାନ: ୦୩।୧୨।୨୦୧୭
(ମାର୍ଗଶିର ମାସ ପୂର୍ଣ୍ଣିମା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ସ୍ୱାମୀ- ଶ୍ରୀ ଶିବରାମ ସ୍ୱାଇଁ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରାବୋହୂ, ଝିଆରୀ-ଝିଆରୀଜ୍ୱାଇଁ, ନାତି-ନାତୁଣୀ ଏବଂ ପରିବାରବର୍ଗ। ଧ-୬୫୨୫୯



**ସ୍ୱର୍ଗତା ବିନୋଦିନୀ ଦେବୀ**
ସ୍ୱାମୀ-ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ୨୩।୦୮।୧୯୨୪
ତିରୋଧାନ: ମାର୍ଗଶିର ପୂର୍ଣ୍ଣିମା, ୨୦୦୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ।
ଶୋକସନ୍ତପ୍ତ: ପୁତ୍ର-ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଡ. ଏନ୍.ସି. ପାଢୀ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୧୦୧୪୬

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା କୌଶଲ୍ୟା କୁମାରୀ ପତି**
ସ୍ୱାମୀ-ଇଂ ବଟକୃଷ୍ଣ ପତି
ପ୍ଲଟ୍ ନଂ-୩୦୨, ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୧୧।୧୨।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର-ପ୍ରଦୀପ କୁମାର ପତି, ପ୍ରଶାନ୍ତ କୁମାର ପତି, ପବିତ୍ର କୁମାର ପତି, ପୁତ୍ରବଧୂମାନେ, ଝିଅ-ସଂଯୁକ୍ତା ଶତପଥୀ, ଜ୍ୱାଇଁ-ସଂଗ୍ରାମ କେଶରୀ ଶତପଥୀ, ନାତିନାତୁଣୀମାନେ ଓ ବନ୍ଧୁପରିବାରବର୍ଗ।
ଧ-୧୦୧୩୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଇଂ. ଉମା ଚରଣ ଦାଶ**
ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ
ଗ୍ରାମ-ଶୁଶୁଡା, ଅନୁଗୁଳ
ଆବିର୍ଭାବ: ତା୦୩।୦୨।୧୯୩୭
ତିରୋଧାନ: ତା ୧୨।୧୨।୨୦୧୮
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଆଶୀର୍ବାଦ, ଶାନ୍ତ, ସରଳ ସ୍ୱଭାବ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇରହିଥାଉ। ଆଜିର ଏହି ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପତ୍ନୀ-ଶାନ୍ତିଲତା ଦାଶ, ପୁତ୍ର-ମନୋଜ, ସରୋଜ, ପୁତ୍ରବଧୂ-ମାମା, ମିଲି, ଝିଅ-ରୁନୁ, ଝୁନୁ, ମମି, ନମି, ଜ୍ୱାଇଁ-ରୁଦ୍ର, କେଦାର, ପୂର୍ଣ୍ଣ, ଧର୍ମାଶିଷ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୩୮୭

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗୌରୀ ଶଙ୍କର ମିଶ୍ର**
ରାଏକେଡ଼ା
ଆବିର୍ଭାବ: ୨୪।୦୧।୧୯୨୪
ତିରୋଧାନ: ୧୧।୧୨।୨୦୧୮
ଭଗବାନ ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ,ଏତିକି କାମନା।
ଶୋକସନ୍ତପ୍ତ: ପୁତ୍ର- ହରିହର ମିଶ୍ର, ସନ୍ତୋଷ ମିଶ୍ର ଏବଂ ମିଶ୍ର ପରିବାର ଓ ବନ୍ଧୁପରିଜନବର୍ଗ।
ଧ-୧୦୧୪୭

### ସପ୍ତଦଶ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଇଂ ଶମ୍ଭୁନାଥ ଚୌଧୁରୀ**
୪୫୯, ଶହୀଦ ନଗର,
ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୪୩

## ପୋଷାକ, ଜୋତା କିଣାରେ ଜାଲିଆତି

# ତଦନ୍ତ ନିର୍ଦ୍ଦେଶ ଦେଲେ ବ୍ଲକ ଅଧ୍ୟକ୍ଷ

**ଗୁଡଭେଲା,୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଧିନ ନଅଗାଁ କଲୋନୀପଡାସ୍ଥିତ ପ୍ରାଥମିକ ବିଦ୍ୟାଳୟର ନିମ୍ନମାନର ପେଷାକ ଓ ଜୋତା ବଣ୍ଟନ ହେଉଥିବା ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିଥିଲେ । ପ୍ରଧାନ ଶିକ୍ଷକ ଚନ୍ଦ୍ରଧ୍ୱଜ ମେହେର କିଣା ଯାଇଥିବା ରସିଦ କିମ୍ବା ଚୁକ୍ତିପତ୍ର ଦେଖାଇ ପାରି ନ ଥିଲେ। ସ୍ଥାୟୀ ଦୋକାନ ନ ଥିବା ତଥା ବାହାର ଜିଲାର ତିନୋଟି କୋଟେଶନ ଦେଖାଇଥିଲେ । ସେଥିରେ ମଧ୍ୟ ଚିଠି ନମ୍ବର କିମ୍ବା ତାରିଖ ନ ଥିଲା। ଅନ୍ୟପକ୍ଷରେ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ଜିଏସଟି ନମ୍ବର ଥିବା ତଥା ସ୍ଥାନୀୟ ତିନି ଦୋକାନୀଙ୍କଠାରୁ ତିନୋଟି କୋଟେସନ ଆହ୍ୱାନ କରିବା ପରେ ଉନ୍ନତମାନର ସାମାଗ୍ରୀ ହୋଇଥିବା ସହ କମ ମୂଲ୍ୟ ଥିବା ଦୋକାନୀଙ୍କଠୁ କିଣିବାର ନିୟମ ରହିଛି। କିନ୍ତୁ ସମସ୍ତ ନିୟମକୁ ଉଲ୍ଲଂଘନ କରି ଅତି ନିମ୍ନମାନର ପୋଷାକ ଓ ଜୋତା କିଣା ଯାଇଥିବାରୁ ବ୍ଲକ ଅଧ୍ୟକ୍ଷ ଦୋରା ବିରକ୍ତ ପ୍ରକାଶ କରିବା ସହ ତୁରନ୍ତ ଏ ନେଇ ତଦନ୍ତ କରିବା ପାଇଁ ବିଡ଼ିଓ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ସ୍କୁଲ ପ୍ରଧାନଶିକ୍ଷକ ମେହେର କହିଛନ୍ତି ଯେ ଜଣେ ବ୍ୟକ୍ତି ତିନୋଟି କୋଟେସନ ଦେଇଥିଲେ । ସେ ମଧ୍ୟରୁ କମିଟି ସହ କଥାବାର୍ତ୍ତା ହୋଇ ପୋଷାକ ଓ ଜୋତା ରଖିଛୁ। ତାଙ୍କୁ ଏବେ ପର୍ଯ୍ୟନ୍ତ ଟଙ୍କା ଦିଆଯାଇ ନଥିବାରୁ ସେ ବିଲ ଭାଉଚର ଦେଇ ନାହାନ୍ତି ବୋଲି ସଫେଇ ଦେଇଥିଲେ ।

# ବଦଳିଲେ ବିଏମ୍‌ସି କମିଶନର

## କ୍ରିଷନ କୁମାରଙ୍କୁ ସମବାୟ ବିଭାଗର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱକାଳ ଭୁବନେଶ୍ୱର ମହାନଗର ନିଗମ(ବିଏମସି) କମିଶନର ଭାବେ ନିଯୁକ୍ତି ପାଇଥିବା କ୍ରିଷନ କୁମାରଙ୍କୁ ଶୁକ୍ରବାର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବିଏମ୍‌ସି ଅତିରିକ୍ତ କମିଶନର ଥିବା ୨୦୧୩ ବ୍ୟାଚର ଆଇଏଏସ୍ ଅଫିସର ଶୁଭମ ସାକ୍ସେନାଙ୍କୁ ନୂତନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କ୍ରିଷନ କୁମାର ପୂର୍ବ ଭଳି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ରହିବେ। ଏଥିସହିତ ସମବାୟ ବିଭାଗ ସଚିବ ରଞ୍ଜନା ଚୋପ୍ରା ଛୁଟିରେ ଯାଉଥିବାରୁ ତାଙ୍କ ସ୍ଥାନରେ କ୍ରିଷନ କୁମାରଙ୍କୁ ସମବାୟ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

- ବାଲେଶ୍ୱର ଆୟୁଷ ହସ୍‌ପିଟାଲ ପ୍ରତିଷ୍ଠାରେ ଉପୁଜିଛି ସମସ୍ୟା

# ରାଜ୍ୟ ସରକାରଙ୍କ ଅବହେଳା ଦାୟୀ: ଶ୍ରୀପଦ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ବାଲେଶ୍ୱରରେ ୫୦ଶଯ୍ୟା ବିଶିଷ୍ଟ ଆୟୁଷ ହସ୍‌ପିଟାଲ ପ୍ରତିଷ୍ଠାରେ ସମସ୍ୟା ଉପୁଜିଛି। କେନ୍ଦ୍ର ଆୟୁଷ ମନ୍ତ୍ରୀ ଶ୍ରୀପଦ ନାଏକ ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି । ପୂର୍ବରୁ ଢେଙ୍କାନାଳ ଓ ବ୍ରହ୍ମପୁରରେ ପ୍ରସ୍ତାବିତ ହସ୍ପିଟାଲର ସ୍ଥିତି କିମ୍ବା ଆର୍ଥିକ ଅଗ୍ରଗତି ନେଇ ରାଜ୍ୟ ସରକାର ଅବଗତ କରି ନ ଥିଲେ। ଏହି କାରଣରୁ ବାଲେଶ୍ୱରରେ ହେବାକୁ ଥିବା ପ୍ରକଳ୍ପ ଅନୁମୋଦନ ପାଇଁ ପ୍ରଶାସନିକ ସମସ୍ୟା ରହିଛି ବୋଲି ଶ୍ରୀପଦ ଜଣାଇଛନ୍ତି। ବାଲେଶ୍ୱରରେ ଉକ୍ତ ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ରେମୁଣା ବିଧାୟକ ଗୋବିନ୍ଦ ଦାସ ଧର୍ମେନ୍ଦ୍ରଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଥିଲେ। ଉକ୍ତ ପତ୍ରକୁ ଉଦ୍ଧୃତ କରି ଗତ ନଭେମ୍ବର ୧୨ରେ ଧର୍ମେନ୍ଦ୍ର ପତ୍ର ଲେଖିବାପରେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ଏହାର ଉତ୍ତର ଦେଇ ଏହି ପତ୍ର ଲେଖିଛନ୍ତି ।

ଶ୍ରୀପଦ ଉଲ୍ଲେଖ କରିଛନ୍ତି ଯେ, ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ୨୦୧୬-୧୭ରେ ୫ଶହ ଲକ୍ଷ ଓ ୨୦୧୭-୧୮ରେ ୩ଶହ ଲକ୍ଷ ଟଙ୍କା ଯଥାକ୍ରମେ ଢେଙ୍କାନାଳ ଓ ବ୍ରହ୍ମପୁରରେ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍‌ପିଟାଲ ନିର୍ମାଣ ପାଇଁ ଅନୁମୋଦନ କରାଯାଇଥିଲା। ମାତ୍ର ରାଜ୍ୟ ସରକାର ବିଗତ ଦିନର ଅନୁମୋଦନ ରାଶି ଉପରେ ବିନିଯୋଗ ନେଇ

**ଧର୍ମେନ୍ଦ୍ରଙ୍କୁ ଚିଠି ଲେଖି ଅବଗତ କଲେ**

କୌଣସି ରିପୋର୍ଟ ଦେଇ ନ ଥିବା ହେତୁ ବାଲେଶ୍ୱରରେ ପ୍ରସ୍ତାବିତ ଆୟୁଷ ହସ୍‌ପିଟାଲ ଅନୁମୋଦନ କରାଯାଇ ପାରୁନାହିଁ । ରାଜ୍ୟ ସରକାର ପୁରୁଣା ଦୁଇ ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ଦେବାସହ ବାଲେଶ୍ୱରରେ ଏହି ଡାକ୍ତରଖାନା ନିର୍ମାଣ ପାଇଁ ବାର୍ଷିକ ଯୋଜନାରେ ସାମିଲ କରି ପ୍ରସ୍ତାବ ପଠାନ୍ତୁ ବୋଲି ଶ୍ରୀପଦ ପତ୍ରରେ ଉଲ୍ଲେଖ କରିଛନ୍ତି ।

# କ୍ୟାନ୍‌ସର ରୋଗୀଙ୍କଠାରୁ ୮ ହଜାର ଲୁଟ୍

**କଟକ ଅଫିସ, ୨୧।୧୨**

ତୁମର ବିଜୁ କୃଷକ କଲ୍ୟାଣ ଯୋଜନାରେ କାର୍ଡ ଅଛି। ଏହି କାର୍ଡ ବଳରେ ତୁମେ ୩୫ହଜାର ଟଙ୍କା ପାଇବ। ଚିକିତ୍ସା ପାଇଁ ଆଉ କିଛି ତୁମର ଅସୁବିଧା ହେବ ନାହିଁ। ଏଭଳି କଥା କହି ଜଣେ କ୍ୟାନସର ରୋଗୀଙ୍କଠାରୁ ୮ହଜାର ଟଙ୍କା ଲୁଟି ନେଇଛନ୍ତି ଜନୈକ ଦଲାଲ। ଲୁଟ୍‌ର ଶିକାର ହେବା ପରେ ରୋଗୀ ଜଣକ ରାସ୍ତା ଉପରେ ବସି କାନ୍ଦୁଥିଲେ। କେତେଜଣ ସାମାଜିକ କର୍ମୀ ତାଙ୍କୁ ଧରି ଥାନାକୁ ନେଇଥିଲେ। ପୋଲିସ ଏ ସମ୍ପର୍କରେ ଖୋଳତାଡ଼ ଜାରି ରଖିଛି। ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ରବି ସାହୁ(୬୫) କ୍ୟାନସରରେ ଆକ୍ରାନ୍ତ। ଗତ ୩ ମାସ ହେବ ସେ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରବିଙ୍କ ଦେଖାଶୁଣା ପାଇଁ ସ୍ତ୍ରୀ ଉଷା ପାଖରେ ରହୁଛନ୍ତି। ଗତ ଗୁରୁବାର ରବିଙ୍କର ଇଣ୍ଡୋସ୍କୋପି ଆବଶ୍ୟକ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ଇଣ୍ଡୋସ୍କୋପି ପାଇଁ ରବି ଶୁକ୍ରବାର ଏସ୍‌ସିବି ମେଡିକାଲକୁ ଆସିଥିଲେ। ମେଡିକାଲ ଫାଣ୍ଡି ପାଖରେ ସେ ଛିଡ଼ା ହୋଇଥିବାବେଳେ ଜଣେ ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କ ସହ କଥା ହୋଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରବି ତାଙ୍କୁ ନିଜ ପାଖରେ ଥିବା ବିଜୁ କୃଷକ କଲ୍ୟାଣ କାର୍ଡ ଦେଖାଇଥିଲେ। ଏହା ଦେଖିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ରବିଙ୍କୁ ୩୫ ହଜାର ଟଙ୍କା ମିଳିବ ବୋଲି କହି ଉକ୍ତ କାର୍ଡକୁ ଜେରକ୍ସ କରିବାକୁ ନେଇଥିଲେ। ଜେରକ୍ସ କରି ଆସିବା ପରେ ରବିଙ୍କୁ ନିଜ ବାଇକ୍‌ରେ ବସାଇ କ୍ୟାନସର ହସ୍ପିଟାଲକୁ ବୁଲାଇ ଆଣିଥିଲେ। ଏହାପରେ ତାଙ୍କୁ ପୁନର୍ବାର ମେଡିକାଲ ଫାଣ୍ଡିପାଖରେ ଛିଡ଼ା କରାଇ ତାଙ୍କଠାରୁ ୮ହଜାର ଟଙ୍କା ନେଇଥିଲେ। କାରଣ ୩୫ହଜାର ଟଙ୍କା ମଞ୍ଜୁର କରିବା ପାଇଁ ୮ହଜାର ଟଙ୍କା ଦରକାର ବୋଲି ବ୍ୟକ୍ତି ଜଣକ ରବିଙ୍କୁ କହିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ଭରସା କରି ନିଜ ପାଖରେ ଥିବା ସମୁଦାୟ ୮ହଜାର ଟଙ୍କା ଦେଇଥିଲେ। ଏହାପରେ ବ୍ୟକ୍ତି ଜଣକ ଉକ୍ତ ଟଙ୍କା ନେଇ ସେଠାରୁ ପାର୍ ହୋଇଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତି ଜଣକ ନ ଫେରିବାରୁ ରବି ଓ ଉଷା ମେଡିକାଲ ଫାଣ୍ଡିଆଗ ରାସ୍ତାରେ ବସି କାନ୍ଦିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶୁକ୍ର ଓ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଅବସ୍ଥାନ କରି ଆଶାକୁ ନୈରାଶ୍ୟରେ ପରିଣତ କରିପାରନ୍ତି। କର୍ମାଧିପ ଶତ୍ରୁ ରବିଙ୍କ ସହ ଅବସ୍ଥାନ କରିଥିବାରୁ ଉପରିସ୍ଥ କର୍ମଚାରୀ, ଗୁରୁବର୍ଗଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା କାରଣରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ବୃଷ**
ପାପଗ୍ରହ ଦୃଷ୍ଟି ବିବର୍ଜିତ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ପୂର୍ବଭଳି ରହିବ ମାତ୍ର କର୍ମକ୍ଷେତ୍ରରେ ଧିମାଗତି ଚିନ୍ତାର କାରଣ ହୋଇପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥ ବ୍ୟକ୍ତିବିଶେଷ ଖୁସି ହୋଇପାରନ୍ତି। ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପାଇବେ। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ।

**ମିଥୁନ**
ଭାଗ୍ୟ ସ୍ଥାନରେ ମଙ୍ଗଳ ଆପଣଙ୍କ କାମରେ ଅମଙ୍ଗଳ ପରିବେଶ ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବଢ଼ିଯାଇପାରେ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସମାଧାନ ହେଲେ ମଧ୍ୟ ମନ ଭିତରେ ରାଗ, ରୁଷା ପୂର୍ବପରି ରହିପାରେ।

**କର୍କଟ**
ଆଜି ଲାଭ ସ୍ଥାନରେ ଚନ୍ଦ୍ର ଆପଣଙ୍କୁ ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପ୍ରଦାନ କରିବାର ପରିବେଶ ଯୋଗାଇପାରେ। ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ଶେଷ ସମୟରେ ପାରିବାରିକ ବନ୍ଧୁଟିର ଦେଖା ମିଳି ନ ପାରେ। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ।

**ସିଂହ**
ନିଜ ପରିସରର ଶୁଭେଚ୍ଛୁମାନଙ୍କ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। କ୍ରୟବିକ୍ରୟ କିମ୍ବା ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି । ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିପାରନ୍ତି।

**କନ୍ୟା**
ଆଜିର ସବୁ କାମ ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନଟା ଭଲ ରହିବ ନାହିଁ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ବାଧବାଧକତାରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ବିଚ୍ଛା**
ମନରେ ଭଲ ଚିନ୍ତାକଲେ ମଧ୍ୟ କଥାବାର୍ତ୍ତାରେ କିମ୍ବା ବ୍ୟୟ କରିବାରେ ସଂଯମତାର ଅଭାବ ମନସ୍ତାପର କାରଣ ପାଲଟିଯିବ। ଅନ୍ୟମାନଙ୍କର ସାହାଯ୍ୟ ନେଇ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେ ନାହିଁ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ବିବାଦୀୟ ପରିସ୍ଥିତିରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ ଏବଂ କାମ ହାସଲ କରିବାର ସୁଯୋଗ ମଧ୍ୟ ପାଇପାରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ। ମୂଳଲକ୍ଷ୍ୟଠାରୁ ଦୂରେଇ ଯାଉଥିବାରୁ ବନ୍ଧୁ କ୍ଷୋଭ ପ୍ରକାଶ କରିପାରନ୍ତି।

**କୁମ୍ଭ**
ବନ୍ଧୁମାନଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ**
କର୍ମହାନିଜନିତ ମାନସିକ ଅସ୍ଥିରତା ଓ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି।

ଆଜି ମାର୍ଗଶିର ମାସର ପଣ୍ଡୁପୂର୍ଣ୍ଣିମା ଶନିବାର, ପଣ୍ଡୁଓଷା, ଡିସେମ୍ବର ୨୨ ତାରିଖ, ବିଶ୍ୱ ଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ୧।୧୭ମି. ଗତେ ମିଥୁନ ଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପୂର୍ଣ୍ଣିମାର ଚନ୍ଦ୍ରପୂଜା, ବ୍ରତ ଓ ଉପବାସ ଦିବା ଘ୧୧।୪୩ମି. ଗତେ ଘ୧।୦୩ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୪୬ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୦ମି. ଗତେ ଘ୯।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୩ମି. ଗତେ ଘ୧୦।୨୪ମି. ମଧ୍ୟରେ ରାହୁକାଳ ।

**ସରକାର ଚାହିଁଲେ ଯାଞ୍ଚ କରିପାରିବେ ବ୍ୟକ୍ତିଗତ କମ୍ପ୍ୟୁଟର**




■ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା

# ଗୃହ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ ଅଫିସ,୨୧।୧୨**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହା ଉପରେ ଆଡଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ପଶ୍ଚିମ ଓଡ଼ିଶାରେ ବନ୍ଦଜନିତ ସ୍ଥିତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ତଦନୁଯାୟୀ ଶୁକ୍ରବାର ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଅସିତ୍ ତ୍ରିପାଠୀ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଗୃହ ବିଭାଗର ସତ୍ୟପାଠ ଦାଖଲ ପରେ ଆବେଦନକାରୀ ଆଡଭୋକେଟ ମହାନ୍ତି ମଧ୍ୟ ଏହି ଘଟଣା ଉପରେ ଆଉ ଏକ ସତ୍ୟପାଠ ଦାଖଲ କରିଛନ୍ତି। ନିଜ ସତ୍ୟପାଠରେ ଆବେଦନକାରୀ ମହାନ୍ତି କୋର୍ଟଙ୍କୁ ଗତ ୧୯ ତାରିଖରେ ସମ୍ବଲପୁରରେ ଘଟିଥିବା ମାଧ୍ୟମିକ ଶିକ୍ଷା ପରିଷଦ ଶାଖା ଅଫିସ ପୋଡ଼ିକୁ ଦର୍ଶାଇଛନ୍ତି। ଜାନୁୟାରୀ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

## ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଦ୍ରକ ଅଫିସ, ୨୧।୧୨**

ଧାନ ଓଦା ଥିବା ଦର୍ଶାଇ ମିଲର ଫେରାଇ ଦେବାରୁ ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ସାବରଙ୍ଗ ପଞ୍ଚାୟତ ବଡ଼ଗୋପାଳସାହିର ଚାଷୀ ହରମୋହନ ବାରିକ(୪୫) ସାବରଙ୍ଗ ସମବାୟ ସମିତି ପରିସରରେ ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପ୍ରଥମେ ସାବରଙ୍ଗସ୍ଥିତ ଏକ କ୍ଲିନିକରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ସୁଚାରୁ ବଳ, ତହସିଲଦାର ପ୍ରଦୀପ ସାହୁ ପ୍ରମୁଖ ଜିଲା ଚିକିତ୍ସାଳୟରେ ପହଞ୍ଚି ହରମୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଅନ୍ୟପକ୍ଷେ ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ଜିଲାପାଳ ଦାସ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସୋମବାରରୁ ହାଇକୋର୍ଟର ଶୀତ ଅବକାଶ

**କଟକ ଅଫିସ,୨୧।୧୨:** ସୋମବାରଠାରୁ ଜାନୁୟାରୀ ପହିଲା ଯାଏ ହେବ ହାଇକୋର୍ଟର ଶୀତ ଅବକାଶ। ଏହି ସମୟ ମଧ୍ୟରେ ବିଚାରପତି ସଞ୍ଜୁ ପଣ୍ଡା ଓ କେ.ଆର୍. ମହାପାତ୍ର ବିଚାର ଦାୟିତ୍ୱରେ ରହିବେ।

## ଆତ୍ମହତ୍ୟା ବେଳେ ମହିଳାଙ୍କ ପ୍ରସବ

**ନୂଆଦିଲ୍ଲୀ,୨୧।୧୨**

ମଧ୍ୟପ୍ରଦେଶର କଟନି ଜିଲାରେ ଜଣେ ମହିଳା ଆତ୍ମହତ୍ୟା କଲାବେଳେ ତାଙ୍କର ସନ୍ତାନ ପ୍ରସବ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମହିଳାଙ୍କ ଶାଢ଼ିରେ ନବଜାତ ଶିଶୁଟି ଲାଖି ରହିଥିବା ଦେଖିବାକୁ ପାଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। କଟନି ସହରରେ ରହୁଥିବା ସନ୍ତୋଷ ସିଂଙ୍କ ସ୍ତ୍ରୀ ଲକ୍ଷ୍ମୀବାଈ ଘରପାଖ ଗୁହାଳରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ ନାହିନାଡ଼ ଲାଗିଥିବା ଶିଶୁଟି ମହିଳାଙ୍କ ଦୁଇଗୋଡ ମଝିରେ ଅଟକି ରହିଥିବା ପୋଲିସ ଦେଖିବାକୁ ପାଇଥିଲା। ମହିଳା ପୋଲିସ୍ ସବ୍‌ଇନ୍ସପେକ୍ଟର ତୁରନ୍ତ ଡାକ୍ତର ଡକାଇଥିଲେ। ନାହିନାଡ଼ କଟାଯାଇ ଶିଶୁକୁ ଅଲଗା କରାଯାଇ ମହିଳାଙ୍କ ମୃତଦେହକୁ ତଳକୁ ଅଣାଯାଇଥିଲା। ଲକ୍ଷ୍ମୀ ୯ ମାସର ଗର୍ଭବତୀ ଥିଲେ।

## ‘ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେଇନାହିଁ’

**କଟକ ଅଫିସ, ୨୧।୧୨**

ଆସନ୍ତା ୨୪ ତାରିଖରେ ଖୋର୍ଦ୍ଧାରେ ହେବାକୁ ଥିବା ଭାଜପାର ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ଏହି ଅବସରରେ ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଚାଲିଛି। ହେଲେ ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେଇନାହିଁ ବୋଲି ବୈଜୟନ୍ତ କହିଛନ୍ତି। ଗୋପାଳପୁର ସାଇ ମନ୍ଦିର ଖେଳପଡିଆରେ ଶୁକ୍ରବାର ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଅବସରରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ହେଲେ ରାଜ୍ୟରେ ଲୋକେ ପରିବର୍ତ୍ତନ ଚାହୁଁଥିବା ସେ କହିବା ସହ ହକି ବିଶ୍ୱକପ ଆୟୋଜନ ନେଇ ଭିନ୍ନମତ ଦେଇଛନ୍ତି। ସେ କହିଛନ୍ତି ଯେ, କୋଟି କୋଟି ଟଙ୍କା ଖର୍ଚ୍ଚରେ ରାଜ୍ୟରେ ଅଲିମ୍ପିକ୍ସର ଉନ୍ନତି ପାଇଁ କିଛି କରିହୋଇପାରିଥାନ୍ତା। କାର୍ଯ୍ୟକ୍ରମରେ ବୈଜୟନ୍ତଙ୍କ ସହ କଟକ ସଦର ଭାଜପା ନେତା ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ। ପରିବର୍ତ୍ତନ ପ୍ରସଙ୍ଗରେ ବିଜେଡି ନେତା ସୁବାସ ସିଂ କହିଛନ୍ତି, ତାହାର ଅର୍ଥ କେନ୍ଦ୍ରାପଡ଼ାରେ ଲୋକେ ବୈଜୟନ୍ତଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ। ବିଜେଡି ଓ ନବୀନଙ୍କ ବିନା ବୈଜୟନ୍ତ ଏବେ ବେସାହାରା।

{ ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଜାନୁୟାରୀ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ

**ରାଜନଗର, ୨୧।୧୨ (ଡିଏନଏ)**

ଆସନ୍ତା ଜାନୁୟାରୀ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଏହି ସମୟ ମଧ୍ୟରେ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଛି। ଏହି ୯ ଦିନ ମଧ୍ୟରେ ଉଭୟ ବିଦେଶାଗତ ପକ୍ଷୀ ଏବଂ ବଉଳା କୁମ୍ଭୀରମାନଙ୍କ ଗଣନା କରାଯିବ। ପ୍ରତିବର୍ଷ ହଜାର ହଜାର ବିଦେଶାଗତ ପକ୍ଷୀ ସୁଦୂର ରୁଷିଆ, ଆଫଗାନିସ୍ତାନ, କାଜାକସ୍ତାନ, ସାଇବେରିଆ, ମଙ୍ଗୋଲିଆ ପ୍ରଭୃତି ଦେଶଗୁଡିକରୁ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ଭିତରକନିକାରେ ଭିଡ ଜମାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜନଗର ବନ ବିଭାଗ ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନ ସମେତ ସାତଭାୟାର ବିସ୍ତୀର୍ଣ୍ଣ ଜଳାଶୟ, ରାଇପାଟିଆ, ମଠଆଡିଆ, ଗୁପ୍ତିଘାଟ, ହଂସିଣା ଘାଟ ଏବଂ ବଡିଘରର ଆର୍ଦ୍ରଭୂମିରେ ପକ୍ଷୀଗଣନା କରାଯିବ। ଏହି ଗଣନାରେ ୧୨ଟି ଟିମ୍ ସାମିଲ ହେବାର ଅଛି। ରାଜ୍ୟର ବିଶିଷ୍ଟ ପକ୍ଷୀ ବିଶାରଦମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଭିତରକନିକା ଜାତୀୟଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ଆବାହମାନ କାଳରୁ ବସବାସ କରୁଥିବା ବଉଳାକୁମ୍ଭୀରମାନଙ୍କର ଗଣନା କାର୍ଯ୍ୟ ମଧ୍ୟ ଏହି ସମୟ ମଧ୍ୟରେ କରାଯିବ। ଓଡିଶାର ବିଶିଷ୍ଟ ବଉଳାକୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଟି ଟିମ୍ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ସଞ୍ଜ ନଇଁ ଆସିବା ଏବଂ ସିନ୍ଦୂରା ଫାଟିବା ପୂର୍ବରୁ କୁମ୍ଭୀରମାନଙ୍କର ଗଣନା କାର୍ଯ୍ୟ ପୂର୍ବଭଳି କରାଯିବ। ଜୁଆର ଛାଡିବା ପରେ ହିଁ ଗଣନା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଜାନୁୟାରୀ ୫ ତାରିଖ ଦିନ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ହେନ୍ତାଳ ଓ ବନୀ ଭବନରେ ପକ୍ଷୀ ଏବଂ କୁମ୍ଭୀର ଗଣନାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି।

**THE KOSALA SCHOOL, Estd-1979**
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632

**KOSALA ENTRANCE TEST 2019-20**
* Admissions open for classes LKG to Std- IX for the Academic Session 2019-20.
* Limited seats are available for Boarders and Dayscholars.
* Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
* Candidates qualified in entrance test will get admission.
* Enquiry time over phone - 10.00 AM to 2.00 PM
* Entrance test timings - 10.30 AM to 12.30 PM
* Selling of Admission Forms will start from 1st February 2019.

Sd/- (Principal)






ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ।
-ଶ୍ରୀଅରବିନ୍ଦ

# ଡିଜିପି ନିଯୁକ୍ତି ପ୍ରସଙ୍ଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କ ଚୟନରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ସମ୍ପୃକ୍ତି ନେଇ ଗତ ଜୁଲାଇ ମାସରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଥିଲେ ତାହାର ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ଜୁଲାଇ ୩ ତାରିଖର ଆଦେଶନାମାରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ପ୍ରତି ରାଜ୍ୟରେ ପୋଲିସ ସଂସ୍କାରକୁ କାର୍ଯ୍ୟକାରୀ କରାଯିବ ଏବଂ ଡିଜିପି ଚୟନରେ ଏକ ନିର୍ଦ୍ଦିଷ୍ଟ ବିଧି ଅନୁସରଣ କରାଯିବ। ପ୍ରତ୍ୟେକ ରାଜ୍ୟ କାର୍ଯ୍ୟରତ ଡିଜିପିଙ୍କ ଅବସରର ଅନ୍ତତଃ ତିନିମାସ ପୂର୍ବରୁ ୟୁପିଏସ୍‌ସି ପାଖକୁ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କର ଏକ ତାଲିକା ପଠାଇବେ। କମିଶନ ଏହି ତାଲିକା ଭିତରୁ ଏକ ପ୍ୟାନେଲ ପ୍ରସ୍ତୁତ କରି ରାଜ୍ୟକୁ ପଠାଇବେ ଏବଂ ରାଜ୍ୟ ସରକାର ସେହି ପ୍ୟାନେଲରୁ ଜଣଙ୍କୁ ସଙ୍ଗେ ସଙ୍ଗେ ଡିଜିପି ଭାବେ ନିଯୁକ୍ତି ଦେବେ। କିନ୍ତୁ ବିହାର, ପଶ୍ଚିମବଙ୍ଗ ଓ ପଞ୍ଜାବ ସରକାରଙ୍କ ଆବେଦନକ୍ରମେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆଦେଶନାମା ଉପରେ ପୁନର୍ବିଚାର କରି କିଛି ସଂଶୋଧନ କରିବାକୁ ରାଜି ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଯୁକ୍ତି ହେଉଛି ଯେ, ସୁପ୍ରିମ୍‌କୋର୍ଟ ତାଙ୍କ ଆଦେଶନାମାର ସଂଶୋଧନ କରିବା ଉଚିତ, କାରଣ ଡିଜିପି ନିଯୁକ୍ତି ପ୍ରସଙ୍ଗରେ ରାଜ୍ୟରେ ନିର୍ଦ୍ଦିଷ୍ଟ ଆଇନ ରହିଛି। ତେଣୁ ସୁପ୍ରିମ୍‌କୋର୍ଟ ଆଉ କୌଣସି ନୂଆ ନିୟମ ଜାରି କରିବାର ଆବଶ୍ୟକତା ନାହିଁ।

### ବଜେଟ ପ୍ରସ୍ତୁତି

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଥିବାର ସୂଚନା ମିଳିଛି। ଏହି ବଜେଟ ହେବ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାରଙ୍କ ଶେଷ ବଜେଟ। ପରମ୍ପରା ଅନୁସାରେ ଏକ ସରକାର ତାଙ୍କର ପାଞ୍ଚଟି ବଜେଟର କୋଟା ପୂରଣ ହେବା ପରେ ଲେଖାନୁଦାନ ଉପସ୍ଥାପନ କରିଥାନ୍ତି ଏବଂ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ସମୟରେ ଆବଶ୍ୟକ ଖର୍ଚ୍ଚ କରିବା ଲାଗି ପାର୍ଲାମେଣ୍ଟର ଅନୁମୋଦନ ଲୋଡ଼ିଥାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସରକାରଙ୍କ ଆଗୁଆ ଓ ପୂର୍ଣ୍ଣାଙ୍ଗ ବଜେଟ ନିଷ୍ପତ୍ତିରୁ ଜଣାପଡୁଛି ଯେ, ଏ ସରକାର ଆଗାମୀ ନିର୍ବାଚନରେ ଜିତି ଦ୍ୱିତୀୟ ପାଳି ଆରମ୍ଭ କରିବା ଲାଗି ଏକପ୍ରକାର ନିଶ୍ଚିତ ଅଛି। ଯଦି ତାହା ହୋଇଥାଏ, ତେବେ ଏହା ପ୍ରଥମ ଥର ପାଇଁ ହେଉ ନାହିଁ। ପୂର୍ବରୁ ମଧ୍ୟ ଭାରତ ସରକାର ଫେବୃୟାରୀ ୨୮ ବଦଳରେ ଫେବୃୟାରୀ ୧ରେ ଆଗୁଆ ବଜେଟ ଉପସ୍ଥାପନ କରିଛନ୍ତି, ଯାହାଫଳରେ ମନ୍ତ୍ରଣାଳୟଗୁଡ଼ିକ ବଜେଟ୍ ଅନ୍ତର୍ଗତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ଲାଗି ଯଥେଷ୍ଟ ସମୟ ପାଇପାରିବେ। ଅର୍ଥ ସଚିବ ହସମୁଖ ଆଧିଆ ଗତ ମାସରେ ଅବସର ନେବା ସମୟକୁ ନେଇ ମଧ୍ୟ ପର୍ଯ୍ୟବେକ୍ଷକ ମହଲରେ ଚର୍ଚ୍ଚା ହେଉଛି। ବଜେଟ ପ୍ରସ୍ତୁତି ଆରମ୍ଭ ହେବା ପରେ ସାଧାରଣତଃ ଅର୍ଥ ସଚିବଙ୍କ ନେତୃତ୍ୱାଧୀନ କୋର୍ ଟିମ୍‌କୁ ବଦାଇବା ଲାଗି ମନ୍ତ୍ରଣାଳୟ ଚାହେଁ ନାହିଁ। ତେଣୁ ବଜେଟର ଅଳ୍ପଦିନ ପୂର୍ବରୁ ଯଦି ଅର୍ଥ ସଚିବ ଅବସର ନେବାର ଥାଏ, ତେବେ ମନ୍ତ୍ରଣାଳୟ ସାଧାରଣତଃ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥାଏ। କିନ୍ତୁ ଏ କ୍ଷେତ୍ରରେ ଆଧିଆଙ୍କୁ ସମ୍ପ୍ରସାରଣ ଦିଆଗଲା ନାହିଁ। ତାଙ୍କ ସ୍ଥାନରେ ଅଜୟ ନାରାୟଣ ଝାଙ୍କୁ ନିଯୁକ୍ତି ଦିଆଗଲା, ଏବେ ଯାହାଙ୍କ ନେତୃତ୍ୱରେ ବଜେଟ ପ୍ରସ୍ତୁତି ହେବ।

### ପ୍ରତିଦିନ ନୂଆ ବିବାଦ

କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟରେ ବିବାଦ ଥମିବାର ନାଁ ଧରୁନାହିଁ। ଏବେ ପ୍ରସ୍ତାବିତ ଇକୋନମିକ୍ କ୍ୟାପିଟାଲ ଫ୍ରେମ୍‌ୱାର୍କ କମିଟିର ଅଧ୍ୟକ୍ଷ କିଏ ହେବ, ତାହାକୁ ନେଇ ବିବାଦର ସୂତ୍ରପାତ ହୋଇଛି। ଆର୍‌ବିଆଇର ଭବିଷ୍ୟତ ଲାଭ ଓ ଉଦ୍‌ବୃତ୍ତ ହସ୍ତାନ୍ତରରୁ କେତେ ପ୍ରତିଶତ ସରକାରଙ୍କୁ ଡିଭିଡେଣ୍ଟ ଆକାରରେ ଦିଆଯିବ, ତାହା ସ୍ଥିର କରିବା ଏହି କମିଟିର କାମ। ଆସନ୍ତାବର୍ଷ ଫେବୃୟାରୀ ଶେଷ ବା ମାର୍ଚ୍ଚ ପ୍ରାରମ୍ଭରେ କମିଟି ତା'ର ରିପୋର୍ଟ ଦାଖଲ କରିବ। ପ୍ରାପ୍ତ ସୂଚନା ଅନୁସାରେ, ସରକାର ପ୍ୟାନେଲ ମୁଖ୍ୟ ଭାବେ ନିଯୁକ୍ତି ଦେବା ଲାଗି ଆର୍‌ବିଆଇର ପୂର୍ବତନ ଗଭର୍ନର ବିମଲ ଜଲାନଙ୍କୁ ସମର୍ଥନ କରୁଥିବା ବେଳେ ବ୍ୟାଙ୍କ ଚାହୁଁଛି ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ରାକେଶ ମୋହନଙ୍କୁ ଅଧ୍ୟକ୍ଷ କରିବା ପାଇଁ। ଯାହା ଜଣାଯାଏ, ସରକାର ଚାହୁଁଛନ୍ତି କମିଟିରେ ଏପରି ସଦସ୍ୟ ରହନ୍ତୁ ଯେଉଁମାନେ ସରକାରଙ୍କ ମତକୁ ଉପସ୍ଥାପନ କରିବେ ଏବଂ ବ୍ୟାଙ୍କ ବି ଚାହୁଁଛି ଏପରି ସଦସ୍ୟ ରହନ୍ତୁ ଯେଉଁମାନେ ତାଙ୍କ ମତର ପ୍ରତିନିଧିତ୍ୱ କରିବେ। କମିଟିର ଯିଏ ଅଧ୍ୟକ୍ଷ ହେବେ ତାଙ୍କ ନିଷ୍ପତ୍ତି ସର୍ବଶେଷ ହୋଇଥିବାରୁ ତାଙ୍କ ନିଯୁକ୍ତିକୁ ନେଇ ଏହି ବିବାଦ ଦେଖାଦେଇଛି। ପୁନଶ୍ଚ କୁହାଯାଉଛି ଯେ, ପ୍ରସ୍ତାବିତ ପ୍ୟାନେଲର ସଦସ୍ୟ ନିଯୁକ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ନିଷ୍ପତ୍ତି ନେବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | 9 | C | | | | | | | 3 | | | |
| | 4 | 2 | 7 | | | | 5 | | | | 6 | | | E |
| | | | | 6 | E | C | A | 1 | | | | 0 | D | |
| | | | A | | 8 | | E | | | 1 | | 2 | 9 | 3 |
| | | | | | | | | | | 0 | | | 1 | |
| | | 3 | C | | 9 | | | | | | | | | |
| | | 4 | | D | 7 | | | | | C | | | | 1 |
| | D | | 3 | 5 | 6 | | | | | | 2 | 8 | | 4 |
| 0 | | | | 4 | A | E | | 8 | | | 7 | | | |
| | 7 | | | | | | | 4 | | | | B | | |
| | C | 8 | 4 | | | | | | 1 | | | 9 | E | A |
| E | 9 | | B | | | | | 7 | 4 | 6 | | | 2 | 5 |
| | | 1 | E | 8 | | 6 | | C | | A | | | | 7 |
| D | 2 | | | | | | | | | | | 3 | 8 | |
| | | | | A | | | | 0 | | 7 | | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 5 | E | 0 | 3 | 2 | B | C | 6 | A | D | 4 | 7 | 8 | 9 |
| 9 | 2 | 8 | D | 1 | 5 | E | 3 | 4 | B | 7 | 0 | A | 6 | C |
| 0 | 4 | C | B | 7 | A | D | 2 | 8 | 5 | 6 | 9 | 3 | 1 | E |
| 3 | 6 | B | 4 | C | 8 | 9 | A | 7 | 2 | E | 1 | 5 | D | 0 |
| 7 | A | D | 6 | E | 9 | 1 | 0 | 5 | C | 8 | 3 | 2 | B | 4 |
| 6 | 8 | 3 | 5 | 2 | 4 | 0 | 9 | B | D | A | E | C | 7 | 1 |
| C | 0 | A | E | 6 | 7 | 2 | 4 | 1 | 9 | B | 8 | D | 5 | 3 |
| D | 1 | 5 | A | 9 | B | C | 7 | 3 | 4 | 2 | 6 | 0 | E | 8 |
| 2 | E | 4 | C | 0 | 1 | 6 | 8 | D | 7 | 3 | 5 | 9 | A | B |
| B | 7 | 9 | 3 | 8 | D | A | 5 | E | 1 | 0 | C | 6 | 4 | 2 |
| A | B | 7 | 2 | 4 | E | 8 | 6 | 9 | 3 | C | D | 1 | 0 | 5 |
| 5 | 3 | 1 | 8 | A | 6 | 7 | E | 2 | 0 | 9 | B | 4 | C | D |
| 8 | C | 0 | 7 | 5 | 3 | 4 | D | A | E | 1 | 2 | B | 9 | 6 |
| 4 | 9 | 6 | 1 | D | 0 | 3 | B | C | 8 | 5 | A | E | 2 | 7 |
| E | D | 2 | 9 | B | C | 5 | 1 | 0 | 6 | 4 | 7 | 8 | 3 | A |

ଗତକାଲିର ଉତ୍ତର

# ସେଠି ବି ପାଠ ଅଛି



## ମନ-ମାନଚିତ୍ର

ଡ. ନରହରି ବେହେରା

ଶିକ୍ଷାନୀତିରେ ଏବେ ବହୁ ପରିବର୍ତ୍ତନ ଘଟିଛି। ଆଗରୁ କାନ୍ଧରେ ବସ୍ତାନି ପକେଇ ଦୁଇ ତିନି କିଲୋମିଟର ବାଟ ଚାଲି ଚାଲି ସ୍କୁଲ ଯିବାକୁ ପଡୁଥିଲା। ଆଜି ସେ ବସ୍ତାନି ନାହିଁ। ପିଠିରେ ସୁନ୍ଦର ବ୍ୟାଗ୍ ଶୋଭା ପାଉଛି। ପିଲାମାନେ ଚାଲି ଚାଲି ଯାଉ ନାହାନ୍ତି, ଘରପାଖରୁ ବସ୍, ଅଟୋରିକ୍ସା ପ୍ରଭୃତି ସେମାନଙ୍କୁ ନେଇଯାଉଛି। ସକାଳେ ଅଭିଭାବକମାନେ ରାସ୍ତା ପାଖରେ ପିଲାମାନଙ୍କୁ ଧରି ସ୍କୁଲ ବସ୍‌କୁ ଅପେକ୍ଷା କରିବା ଏବେ ଏକ ସାଧାରଣ ଦୃଶ୍ୟ। ଏମିତି ବି ହେଉଛି, ପିଲାଙ୍କୁ ନାମୀଦାମୀ ପବ୍ଲିକ୍ ସ୍କୁଲରେ ପଢ଼ାଇବା ପାଇଁ ଅନେକେ ଗାଁ ଛାଡ଼ି ସହରରେ ଘରଭଡ଼ା ନେଇ ରହୁଛନ୍ତି। ତେଣୁ ଅନେକ ପବ୍ଲିକ୍ ସ୍କୁଲ ମୁଣ୍ଡ ଟେକିଥିଲେ ବି ସିଟ୍‌ଟିଏ ନ ପାଇ ଅନେକ ଅଭିଭାବକ ମନସ୍ତାପ କରୁଛନ୍ତି। ଏଣେ ସରକାରୀ ବିଦ୍ୟାଳୟଗୁଡ଼ିକ ଫାଙ୍କା ପଡ଼ିଛି। ମାଗଣା ପୋଷାକ, ମାଗଣା ବହି, ମଧ୍ୟାହ୍ନଭୋଜନ, ଫ୍ରି ଟ୍ୟୁଶନ ଫି ପରି ଯେତେ ଯାହା ଦେଲେ ବି ଅଭିଭାବକମାନେ ମୁହଁ ବୁଲାଇ ଚାହୁଁ ନାହାନ୍ତି। ସବୁ ପାଠ ଅପେକ୍ଷା ଇଂଲିଶ ପାଠର ପଲା ସବୁଠୁ ଭାରି। ଏହି ଭାଷାରେ ପୋଖତ ନ ହେଲେ ଆମ ପିଲାମାନେ ପଛରେ ପଡ଼ିଯିବେ। ଏହି ଆଶଙ୍କାରେ ମା'ବାପାମାନେ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ାଇବାକୁ ଅନିଚ୍ଛୁକ। ପୂର୍ବରୁ ସହରଗୁଡ଼ିକରେ ଏହା ଦେଖିବାକୁ ମିଳୁଥିଲା, ମାତ୍ର ଏବେ ଗାଁକୁ ମଧ୍ୟ ଏହା ବ୍ୟାପିଲାଣି।

ଆମର ଏହି ଦୁର୍ବଳ ମାନସିକତାକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି ଉତ୍ତରାଖଣ୍ଡର ନୀତିନ ଭାଦୁରିଆ ଓ ତାଙ୍କ ପତ୍ନୀ ସ୍ୱାତୀ ଶ୍ରୀବାସ୍ତବ। ନୀତିନ ଆଲମରା ଜିଲାର ଏବଂ ସ୍ୱାତୀ ଚାମୋଲି ଜିଲାର ଜିଲାପାଳ ଅଛନ୍ତି। ସେମାନେ ତାଙ୍କର ଏକମାତ୍ର ପୁଅକୁ ବ୍ୟୟବହୁଳ ବେସରକାରୀ କିମ୍ବା ପ୍ଲେ ସ୍କୁଲରେ ନ ପଢ଼ାଇ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ କଥାଟି ସାଧାରଣ ପରି ମନେହେଲେ ମଧ୍ୟ ବାସ୍ତବରେ ଖୁବ୍ ଅସାଧାରଣ। ଆଜିକାଲି ବହୁ ଶିକ୍ଷୟିତ୍ରୀଶିକ୍ଷକ ସରକାରୀ ଶିକ୍ଷାନୁଷ୍ଠାନ ଉପରୁ ଆସ୍ଥା ହରାଇ ବେସରକାରୀ ଶିକ୍ଷାନୁଷ୍ଠାନମୁହାଁ ହେଉଥିବାବେଳେ ଜିଲାପାଳଦ୍ୱୟଙ୍କର ଏ ପଦକ୍ଷେପ ଆମ ମାନସିକତା ପ୍ରତି ଏକ ଚପେଟାଘାତ ପରି ମନେହୁଏ। ସେମାନଙ୍କର ଏପରି ପଦକ୍ଷେପ ଆମକୁ ଚେତେଇ ଦିଏ, ଆମେ ଯାହାକୁ ଅତି ସାଧାରଣ ଶିକ୍ଷାନୁଷ୍ଠାନ ବୋଲି ପଛ କରି ଦେଉଛୁ ସେଠି ବି ପାଠ ଅଛି। ମଣିଷ ହେବାର ଉପାଦାନ ଅଛି।

ଆମେ ଜାଣୁ ପ୍ରତ୍ୟେକ ରାଜ୍ୟର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷା ଆଇନ ଅଛି। ଶିକ୍ଷାନୁଷ୍ଠାନର ଶିକ୍ଷକ ଚୟନଠାରୁ ଆରମ୍ଭକରି ସବୁକିଛି ଏହି ଆଇନରେ ଚାଲେ। ଶିକ୍ଷାବିତ୍‌ମାନେ ପାଠ୍ୟଖସଡ଼ା, ନିୟମାବଳୀ ପ୍ରସ୍ତୁତ କରିଥାନ୍ତି। ମାତ୍ର ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନର ପରିଚାଳନା, ଶିକ୍ଷକ ଚୟନ ପ୍ରଭୃତି ତାଙ୍କ କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଶିକ୍ଷକଙ୍କ ଚାକିରି ସର୍ତ୍ତାବଳୀ, ଦରମା, ପଦୋନ୍ନତି ପ୍ରଭୃତି ସେହି କମିଟି ନିର୍ଦ୍ଧାରଣ କରିଥାନ୍ତି। ଘରୋଇ ଶିକ୍ଷାନୁଷ୍ଠାନରେ ଅଧିକ ଦେୟ ମଧ୍ୟ ଦେବାକୁ ପଡ଼ିଥାଏ। ତଥାପି ଆମେ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ କାହିଁକି ଏତେ ବ୍ୟାକୁଳ?

ଏ ପ୍ରଶ୍ନର ଗୋଟିଏ ସାଧାରଣ ଉତ୍ତର ଆସେ, ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ା ହେଉନାହିଁ। ଏତିକି ଅଭିଯୋଗ କରି ବୁଦ୍ଧିଜୀବୀମାନେ ସନ୍ତୁଷ୍ଟ ରହିଯାଆନ୍ତି। ଏହାର ସତ୍ୟତା କ'ଣ, ତାହାର ପରିବର୍ତ୍ତନ କିପରି ହେବ ସେ ବିଷୟରେ ସାଧାରଣତଃ ମୁଣ୍ଡ ଖେଳାନ୍ତି ନାହିଁ। ତେଣୁ ସବୁକିଛି କେବଳ ଏହି ଆପତ୍ତି ଓ ଅଭିଯୋଗରେ ହିଁ ସୀମିତ ଥାଏ। ଯେଉଁଠି ବୁଦ୍ଧିଜୀବୀମାନେ ଉଦାସୀନ ହୋଇଯାଆନ୍ତି, ସେଠାରେ ଗୋଟିଏ ସଭ୍ୟତା ଦିଗ୍‌ଭ୍ରଷ୍ଟ ହୋଇଯାଏ। ଯଦି ବୁଦ୍ଧିଜୀବୀମାନେ ତାଙ୍କ ପିଲାଙ୍କୁ ସେହି ଶିକ୍ଷାନୁଷ୍ଠାନରେ ପଢ଼ାଉଥାନ୍ତେ, ତେବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱତଃ ସୁଧାର ଆସିପାରନ୍ତା। ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ଜିଲାପାଳଙ୍କ ପୁଅଟି ପଢୁଛି ସେ କେନ୍ଦ୍ରର ପ୍ରତ୍ୟେକ କର୍ମଚାରୀ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ତତ୍ପର ଏବଂ କର୍ତ୍ତବ୍ୟନିଷ୍ଠ ହେଉଥିବେ। କାରଣ କୌଣସି ତ୍ରୁଟିବିଚ୍ୟୁତି ହେଲେ ସେମାନଙ୍କୁ କୈଫିୟତ ଦେବାକୁ ପଡ଼ିପାରେ, ଚାକିରି ଚାଲିଯିବାର ଆଶଙ୍କା ମଧ୍ୟ ଥାଏ। ତେଣୁ ଆମ ବୁଦ୍ଧିଜୀବୀମାନେ ଏପରି ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନ କଲେ ଗୁଣାତ୍ମକ ଶିକ୍ଷାରେ ନିଶ୍ଚୟ ଉନ୍ନତି ଘଟିବ, ଏଥିରେ ସନ୍ଦେହ ନାହିଁ। ଅନ୍ୟପକ୍ଷରେ ସବୁ ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ା ହେଉନାହିଁ କିମ୍ବା ସବୁ ସରକାରୀ ଶିକ୍ଷକ କର୍ତ୍ତବ୍ୟପରାୟଣ ନୁହନ୍ତି- ଏପରି ଭାବିବା ମଧ୍ୟ ଭୁଲ। ବହୁ ତ୍ୟାଗନିଷ୍ଠ ଶିକ୍ଷକ ଏଠାରେ ଅଛନ୍ତି। ପାଠ ମଧ୍ୟ ପଢ଼ାଉଛନ୍ତି। ତେଣୁ ସବୁଠାରୁ ବଡ଼କଥା ହେଉଛି, ଆମର ମାନସିକତା ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ। ଏହାଦ୍ୱାରା ସବୁକିଛିର ପରିବର୍ତ୍ତନ ସମ୍ଭବ ହେବ। ମାତ୍ର ଆମ ବୁଦ୍ଧିଜୀବୀମାନେ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ।

କେବଳ ଦାମୀ ବିଦ୍ୟାଳୟରେ ପାଠ ପଢ଼ିଲେ ଆମ ପିଲାମାନେ ଯେ ଉଚ୍ଚଶିକ୍ଷିତ ଓ ଭଲମଣିଷ ହୋଇଯିବେ, ତାହା ନୁହେଁ। ଆତ୍ମାନୁଶୀଳନର ଉପଯୁକ୍ତ ପରିବେଶଟିଏ ସୃଷ୍ଟି କରାଯାଇପାରିଲେ ଶିକ୍ଷା ସହିତ ମଣିଷ ହେବାର ଉପାଦାନ ସୁଲଭ ହୋଇପାରିବ।

ଆମ ପିଲାମାନେ ଦାମୀ ପୋଷାକ, ବୁଟ୍‌ସୁଟ୍ ପିନ୍ଧି ଦାମୀ ସ୍କୁଲରେ ପଢୁଛନ୍ତି। ଘର ଦୁଆରମୁହଁରୁ ଗାଡ଼ି ସେମାନଙ୍କୁ ନେଇଯାଉଛି। ଶହେ ମିଟର ଦୂରରେ ସ୍କୁଲ ଥିଲେ ମଧ୍ୟ ଅଭିଭାବକମାନେ ତା'ଙ୍କୁ ଗାଡ଼ିରେ ବସାଇ ସ୍କୁଲରେ ଛାଡ଼ିଦେଇ ଆସୁଛନ୍ତି। ଏହା ଫଳରେ ସେମାନେ ସାଧାରଣ ପିଲାଙ୍କ ସହିତ ମିଶିବାର ସୁଯୋଗ ପାଉନାହାନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ବୋଲି ମନେ କରୁଛନ୍ତି। ଅନ୍ୟମାନଙ୍କ ସହିତ ମିଶିବା, ସାଧାରଣ ମଣିଷଙ୍କ ସହିତ ସମ୍ପର୍କ ରଖିବା ପ୍ରଭୃତି କଥା ଶିଖିପାରୁନାହାନ୍ତି।

ଅସାଧାରଣ ବ୍ୟକ୍ତିଟିଏ ସୃଷ୍ଟି କରିବାକୁ ହେଲେ ପ୍ରଥମେ ଏଥିପାଇଁ ସାଧାରଣ ପରିବେଶଟିଏ ପ୍ରସ୍ତୁତ କରାଯିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦମ୍ପତିଙ୍କ ପିଲା ଅଙ୍ଗନୱାଡ଼ି କେନ୍ଦ୍ରରେ ପଢ଼ିବା ଘଟଣାଟିକୁ ବିଚାର କରାଯାଉ। ଜିଲାପାଳଙ୍କର ପୁଅ ଅଙ୍ଗନୱାଡ଼ି କେନ୍ଦ୍ରରେ ପଢ଼ିବାବେଳେ ସେ ସେଠାରେ ଅଭାବୀ, ଦୁଃଖୀ, ଗାଉଁଲି ପିଲାମାନଙ୍କ ସହିତ ମିଶିବାର ସୁଯୋଗ ପାଇବ। ସେ ସେମାନଙ୍କ ପରି ଜଣେ ସାଧାରଣ ପିଲା ବୋଲି ନିଜକୁ ମଣିବ। ଧନ ଏବଂ ମାତାପିତାଙ୍କ ପଦବୀର ଅଭିମାନ ରହିବ ନାହିଁ। ଶିବାଜୀ ପାରିଷଦଙ୍କ କଥାକୁ ବିଶ୍ୱାସ କରି ଭାବୁଥିଲେ, ତା'ଙ୍କ ରାଜ୍ୟର ସମସ୍ତେ ସୁଖଶାନ୍ତିରେ ରହୁଛନ୍ତି। ମାତ୍ର ଗୁରୁ ରାମଦାସଙ୍କ ପରାମର୍ଶରେ ସେ ଭିକ୍ଷୁକ ଭାବରେ ଦ୍ୱାର ଦ୍ୱାର ବୁଲି ଭିକ୍ଷାବୃତ୍ତି କରିବାରୁ ତାଙ୍କ ମନରୁ କେବଳ ରାଜାର ଅଭିମାନ ଦୂର ହେଲା ନାହିଁ, ସେ ନିଜ ରାଜ୍ୟର ପ୍ରକୃତ ଅବସ୍ଥା ଜାଣିପାରିଲେ। ଏ କ୍ଷେତ୍ରରେ ଜିଲାପାଳଙ୍କ ପୁଅ ମଧ୍ୟ ଅନୁରୂପ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବ। ଅନୁଭୂତିଠାରୁ ବଡ଼ ଶିକ୍ଷା ଆଉ କିଛି ନାହିଁ। ପରୀକ୍ଷାରେ ଅଧିକ ନମ୍ବର ରଖିବା ବା ବଡ଼ ଚାକିରି କରିବା ଶିକ୍ଷାର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ନୁହେଁ। ଆମ ପିଲା ସମସ୍ତଙ୍କୁ ଚିହ୍ନୁ, ନିଜକୁ ତାଙ୍କ ସହ ସାମିଲ କରୁ, ସବୁ ପରିସ୍ଥିତିକୁ ସାମ୍ନା କରି ଶିଖୁ ଏବଂ ବଞ୍ଚିବା ତଥା ବଞ୍ଚାଇବାର ଦୀକ୍ଷା ଗ୍ରହଣ କରୁ- ଏହା ହିଁ ଶିକ୍ଷାର ପ୍ରଥମ ଲକ୍ଷ୍ୟ ହେବା ଉଚିତ। ତା' ନ ହେଲେ ଅନେକ ଶିକ୍ଷାଭିମାନୀ ମଣିଷ ସୃଷ୍ଟି ହେବେ, ପୁଳା ପୁଳା ଟଙ୍କା ଥିବ ହେଲେ ଆମ ଭିତରେ ମଣିଷପଣିଆ ନ ଥିବ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ଗଣିତବିଦ୍ୟା ଓ ଆଧ୍ୟାତ୍ମିକତା



ବିଭୁପ୍ରସାଦ ମହାପାତ୍ର

କେଉଁ ଆବହମାନ କାଳରୁ ଭାରତବର୍ଷ ସମଗ୍ର ପୃଥିବୀର ମାର୍ଗଦର୍ଶକ ଭାବେ ଉଭା ହୋଇଛି। ଦିଗ୍‌ଦର୍ଶନ ଦେବା ସହ ଏକ ସୁସଙ୍ଗଠିତ ତଥା ଧର୍ମ ଓ ବିଜ୍ଞାନଭିତ୍ତିକ ସଭ୍ୟତା ଗଠନରେ ଏହା ସହାୟକ ହୋଇଛି କହିଲେ ଚଳେ। ଉଭୟ ଆଧ୍ୟାତ୍ମିକତା ଓ ବିଜ୍ଞାନ କ୍ଷେତ୍ରରେ ସମଗ୍ର ଭୂଖଣ୍ଡକୁ ତା'ର ଅବଦାନ ଅନସ୍ୱୀକାର୍ଯ୍ୟ। ଦୀର୍ଘଦିନର ପରାଧୀନତାର ଶୃଙ୍ଖଳରେ ରହି ଅବଶ୍ୟ କିଛି ମାତ୍ରାରେ ତା'ର ଆତ୍ମସତ୍ତା ହରାଇଥିଲେ ବି ପୁଣି ଉତ୍ତୁଙ୍ଗ ହିମାଳୟ ପରି ମୁଣ୍ଡ ଟେକି ଛିଡାହେବାରେ ସକ୍ଷମ ହୋଇପାରିଛି। ସୁଯୋଗ୍ୟ ସନ୍ତାନମାନେ ତା'ର ହୃତ ଗୌରବକୁ ଫେରାଇ ଆଣି ପୁନଃ ଯଥାପୂର୍ବ ସଂସ୍ଥାପନ କରିଛନ୍ତି। ତନ୍ମଧ୍ୟରୁ ଦୁଇଜଣ ମହାନୁଭବ ପୁତ୍ର ବିଶ୍ୱବିଜୟୀ ବିବେକାନନ୍ଦ ଓ ଗଣିତର ଯାଦୁକର ରାମାନୁଜନ ସ୍ୱସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ପୂର୍ବକ କିୟତ୍‌କାଳ ଲାଞ୍ଛିତ ଭାରତମାତାର ଅବନତ ମଥାକୁ ଚିର ଉନ୍ନତ କରି ତୋଳି ଧରିଛନ୍ତି। ଉଭୟେ ସ୍ୱଳ୍ପାୟୁ (ସ୍ୱାମିଜୀ ୩୯ ବର୍ଷ ଏବଂ ଶ୍ରୀନିବାସ ୩୨ ବର୍ଷ) ହେଲେ ବି ଦୀର୍ଘ ତିନି ଦଶନ୍ଧି ଧରି ନିଜ ନିଜ ଅଧ୍ୟବସାୟ ବଳରେ ବିଦେଶ ମାଟିରେ ମା' ମାଟିର ପରିଚୟ ସୃଷ୍ଟି କରିବା ସହ ଭାରତ ପ୍ରତି ସମଗ୍ର ପୃଥିବୀବାସୀଙ୍କ ଦୃଷ୍ଟି ଆକର୍ଷିତ କରାଇଛନ୍ତି।

ପ୍ରଚଣ୍ଡ ପ୍ରତିଭାବାନ୍ ସ୍ୱାମୀ ବିବେକାନନ୍ଦଙ୍କ ବାଲ୍ୟକାଳର କଥା। ଧୀଶକ୍ତିସମ୍ପନ୍ନ ବାଳକ ନରେନ୍ଦ୍ରନାଥ ବା ବିଲେ (ବାଲ୍ୟ ନାମ)ଙ୍କୁ ଏକ ମହିମାମୟ ଭବିଷ୍ୟତ ଅପେକ୍ଷା କରିଥାଏ। ସ୍ମୃତିଶକ୍ତି ପ୍ରଖର ହେତୁ ପରୀକ୍ଷାର କେଇଦିନ ପୂର୍ବରୁ ମନୋଯୋଗପୂର୍ବକ ପଢ଼ିଦେଇ ପରୀକ୍ଷାରେ ଯଥେଷ୍ଟ ଭଲ କରୁଥିଲେ। ତେଣୁ ବର୍ଷର ବାକି ସମୟତକ ଖେଳକୁଦ, ବାଳସୁଲଭ ଆମୋଦପ୍ରମୋଦରେ ମାତୁଥିଲେ। ସଂସ୍କୃତ, ଇତିହାସ ଆଦି ଆଗ୍ରହ ସହକାରେ ପଢୁଥିଲେ ସିନା, ଗଣିତ ବିଦ୍ୟାର ନାଁ ଶୁଣିବା ମାତ୍ରେ ବିରକ୍ତି ପ୍ରକାଶ କରୁଥିଲେ। ପିତା ଆଇନଜୀବୀ ବିଶ୍ୱନାଥ ଦତ୍ତଙ୍କୁ ଅନୁକରଣ କରି ବିଲେ ନାସିକା କୁଞ୍ଚନ କରି ଅଙ୍କ ଶାସ୍ତ୍ରକୁ 'ଦୋକାନୀ ଓ ଜୁଆଡିଙ୍କ ଚୋରି ବିଦ୍ୟା' ବୋଲି ଉପହାସ କରି କହୁଥିଲେ-''ଅଙ୍କ ପଢ଼ି କି ଲାଭ? ମୁଁ ତ ଦୋକାନଦାର ହେବି ନାହିଁ।''

କାଳାନ୍ତରରେ ଅବଶ୍ୟ ସ୍ୱାମିଜୀଙ୍କ ଗଣିତ ପ୍ରତି ମାନସିକତାରେ ପରିବର୍ତ୍ତନ ହୋଇଛି। ପ୍ରାଚୀନ ଭାରତର ଗଣିତ ପ୍ରତି ଅବଦାନ ସମ୍ପର୍କରେ ଭାରତ ବାହାରେ ତାଙ୍କ ବକ୍ତୃତା ମାଧ୍ୟମରେ ସୁଧୀ ଶ୍ରୋତାବୃନ୍ଦଙ୍କୁ ଜଣାଇବାକୁ ପ୍ରୟାସ କରିଛନ୍ତି। ଆମେରିକା ରହଣି କାଳରେ ୧୮୯୫ ମସିହା ଫେବୃୟାରୀ ୨୫ ତାରିଖରେ ନ୍ୟୁୟର୍କ ସହରର ଲଙ୍ଗ୍ ଆଇଲାଣ୍ଡ ହିଷ୍ଟୋରିକାଲ ସୋସାଇଟି (ବର୍ତ୍ତମାନର ବ୍ରୁକ୍‌ଲିନ୍ ହିଷ୍ଟୋରିକାଲ ସୋସାଇଟି) ହଲ୍‌ରେ 'India's Gift to the World' ଶୀର୍ଷକ ବକ୍ତୃତାରେ ଯାହା କହିଥିଲେ-''...the ten numerals, the very cornerstone of all present civilization, were discovered in India, and are, in reality, sanskrit words.''

### ଜାତୀୟ ଗଣିତ ଦିବସ ଉପଲକ୍ଷେ



ଶ୍ରୀନିବାସ ରାମାନୁଜନ୍

ଯାହାଙ୍କ ପାଇଁ ଏଇ ଗଣିତ ଦିବସର ପତୁଆର, ଯାହାଙ୍କ ଜନ୍ମ ତାରିଖ ଡିସେମ୍ବର ୨୨କୁ ୨୦୧୨ ମସିହାରୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରାଯାଉଛି- ଦକ୍ଷିଣ ଭାରତର ଏକ ସ୍ୱଳ୍ପଜ୍ଞାତ ଅଞ୍ଚଳର ସାଧାରଣ ପରିବାରରୁ ଆସିଥିବା ସେହି ବିଚକ୍ଷଣ, ବିସ୍ମୟକର ପ୍ରତିଭାସମ୍ପନ୍ନ ଗଣିତଜ୍ଞ ରାମାନୁଜନଙ୍କର ଅନତିଦୀର୍ଘ ଜୀବନର ଚିତ୍ତାକର୍ଷକ କାହାଣୀ କେବଳ ଗଣିତପ୍ରେମୀଙ୍କୁ ନୁହେଁ, ଭାରତର ଜନସାଧାରଣଙ୍କୁ ଆଲୋଡ଼ିତ କରେ। ଗଣିତ ପ୍ରତି ତାଙ୍କ ମାନସିକତାରେ ଥିଲା ଆଧ୍ୟାତ୍ମିକତାର ସ୍ଫୁରଣ। ଜୀବନସାରା ସେ ହିନ୍ଦୁ ଦେବଦେବୀଙ୍କ ଉପରେ ବିଶ୍ୱାସ ରଖିଥିଲେ ଏବଂ ଉଭୟ ଗାଣିତିକ ଓ ଆଧ୍ୟାତ୍ମିକ ବିଚାରରେ ଅସୀମକୁ ହିଁ ନିଜର ଦୁନିଆ ଭାବରେ ଆଦରି ନେଇଥିଲେ। ସେ ଥରେ କହିଥିଲେ-''କୌଣସି ଗାଣିତିକ ସୂତ୍ର ମୋ ପାଇଁ ଅର୍ଥହୀନ, ଯଦି ତାହା ଈଶ୍ୱରଙ୍କର କିଛି ଚିନ୍ତାର ପରିପ୍ରକାଶ ନୁହେଁ।''

ରାମକୃଷ୍ଣ ମିଶନର ସ୍ୱାମୀ ବିଦ୍ୟାନାଥ ନନ୍ଦ ଓରଫ ମହନ ମହରାଜ (ପୂର୍ବ ନାମ ମହନ ମିତ୍ର) ଉଚ୍ଚକୋଟୀର ଗଣିତଜ୍ଞ ଭାବରେ ଭାରତରେ ଜଣାଶୁଣା। ୧୯୬୮ ମସିହା ଏପ୍ରିଲ ୫ରେ ଜନ୍ମିତ ସ୍ୱାମିଜୀ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ (TIFR)ରେ ଗଣିତ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ। ଉଚ୍ଚକୋଟୀର ଗବେଷଣା ନିମନ୍ତେ ୨୦୧୧ ମସିହାରେ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର ଏବଂ ୨୦୧୫ରେ ଇନ୍‌ଫୋସିସ୍ ପୁରସ୍କାର ପାଇଛନ୍ତି। ହାଇପରବଲିକ୍ ଜ୍ୟାମିତି, ଲୋ-ଡାଇମେନସିନାଲ୍ ଟପୋଲୋଜି ଆଦିରେ ଗବେଷଣା କରିଥିବା ଏହି ନିରଳସ ସାଧକଙ୍କୁ ଯେତେବେଳେ ତାଙ୍କର ଧର୍ମଧାରଣା ସମ୍ପର୍କରେ ପଚରାଗଲା, ସେ ଉତ୍ତର ଦେଇଥିଲେ- ''I follow no organized religion. Science is the only religion I follow. Mathematics is a form of religion.'' ଗଣିତ ସହ ଆଧ୍ୟାତ୍ମିକତାର ଯେ ସମ୍ପର୍କ ରହିଛି, ତାହା ଏଥିରୁ ସ୍ପଷ୍ଟ ହେଉଛି।

ଭୋଗଡ଼ା, ଖୋର୍ଦ୍ଧା, ମୋ-୮୨୭୦୦୮୩୬୫୩

## ଏଇ ଭାରତରେ

କେତେକ ବ୍ୟକ୍ତି ପୁତ୍ରଲାଭ ନିମନ୍ତେ ଦିଅଁଦେବତା ପୂଜା କରନ୍ତି। କିନ୍ତୁ ରାଜସ୍ଥାନରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପ୍ରଥମ ପତ୍ନୀଙ୍କ ପୁତ୍ର ନ ହେଲେ ସେହି ମହିଳାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରନ୍ତି। ଏଥିପାଇଁ ପ୍ରଥମ ପତ୍ନୀ କୌଣସି ଆପତ୍ତି କରନ୍ତି ନାହିଁ। ରାଜସ୍ଥାନ ୱାଡମେର ଜିଲା ଦେଶସର ଗାଁର ଲୋକେ କାହିଁ କେତେ ଦିନରୁ ଏହି ପ୍ରଥା ମାନି ଚଳିଆସୁଛନ୍ତି। ପତ୍ନୀ ଥାଇ ଦ୍ୱିତୀୟ ବିବାହ ପାଇଁ ସରକାରୀ କଟକଣା ରହିଛି। ଦ୍ୱିତୀୟ ବିବାହ କରିବାକୁ ହେଲେ ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ପଡେ। କିନ୍ତୁ ଏହି ଗାଁରେ ଦ୍ୱିତୀୟ ବିବାହ ପାଇଁ ସରକାରୀ କଟକଣାକୁ ଅବଜ୍ଞା କରାଯାଏ। ଲୋକ ପୁରାତନ ପ୍ରଥା ଓ ପରମ୍ପରାକୁ ସମ୍ମାନ ଦେଇ ପୁତ୍ର ପାଇଁ ଦ୍ୱିତୀୟ ବିବାହ କରିଥାଆନ୍ତି। ପ୍ରଥମ ସ୍ତ୍ରୀର ପୁତ୍ର ସନ୍ତାନ ନ ହେଲେ କିମ୍ବା କେବଳ କନ୍ୟା ସନ୍ତାନ ଜନ୍ମଦେଲେ ଏଠାରେ ପୁରୁଷମାନେ ଆଉଥରେ ବିବାହ କରିଥାଆନ୍ତି। ଦ୍ୱିତୀୟ ବିବାହରେ ସେମାନଙ୍କର ନିଶ୍ଚିତ ପୁତ୍ର ସନ୍ତାନ ଜନ୍ମ ହୋଇଥାଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି। ଏଭଳି ବିବାହକୁ ପ୍ରଥମ ସ୍ତ୍ରୀ ବିରୋଧ କରି ନ ଥାନ୍ତି। ଦୁଇ ସଉତୁଣୀଙ୍କ ମଧ୍ୟରେ ଆପୋସ ବୁଝାମଣାରେ ସଂସାର ଚାଲିଥାଏ ବୋଲି ସ୍ଥାନୀୟ ଲୋକେ କହନ୍ତି।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ ଶ୍ରାନ୍ତ ପଦେ ଭ୍ରମି ?
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୯୩

- ୟୁଗୋସ୍ଲାଭିଆର ସର୍ବିୟା ପ୍ରଜାତନ୍ତ୍ରରେ ରବିବାର ହୋଇଥିବା ନିର୍ବାଚନରେ ଶାସକ ସମାଜବାଦୀ ପାର୍ଟିର ବିଜୟ।
- ସିକ୍ୟୁରିଟି ହେରଫେର ଘଟଣାର ତଦନ୍ତ କରୁଥିବା ମିଳିତ ସଂସଦୀୟ କମିଟିର ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପିତ। ଏହି ରିପୋର୍ଟରେ ଆର୍‌ବିଆଇ ଅର୍ଥ ମନ୍ତ୍ରଣାଳୟ ଓ ୩ଜଣ ମନ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି।
- ଭାରତରୁ କୁଷ୍ଠ ନିରାକରଣ ପାଇଁ ବିଶ୍ୱବ୍ୟାଙ୍କର ୩୦୨ କୋଟି ଟଙ୍କା ସହାୟତା ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ଶ୍ରମିକ ପ୍ରଥାର ଅନ୍ତ କେବେ

ମହାଶୟ,

ଆମ ରାଜ୍ୟରେ ଶିଶୁଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ନିୟମ ପ୍ରଣୟନ କରାଯାଇଥିଲେ ମଧ୍ୟ ଏବେ ବି ୧୨ ବର୍ଷରୁ କମ୍ ବୟସର ବାଳକ, ବାଳିକାମାନଙ୍କୁ ଶିଶୁ ଶ୍ରମିକ ହିସାବରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ଓ ବଡବଡିଆଙ୍କ ଗୃହରେ ଭୃତ୍ୟ ହିସାବରେ ନିୟୋଜିତ କରାଯାଉଛି। ପ୍ରତିଦିନ ମୁନିବମାନଙ୍କର ଦୌରାତ୍ମ୍ୟ ସେମାନଙ୍କୁ ସହ୍ୟ କରିବାକୁ ପଡୁଛି। ତେଣୁ ସରକାରଙ୍କର ବିଭିନ୍ନ ସାମାଜିକ ସଙ୍ଗଠନ ଶିଶୁମାନଙ୍କର ବିକାଶ ତଥା ଉପଯୁକ୍ତ ଥଇଥାନ ଦିଗରେ ଯତ୍ନବାନ ହେଲେ ଏହି କୁତ୍ସିତ ପ୍ରଥାର ଉଚ୍ଛେଦ ସମ୍ଭବ ହୋଇପାରିବ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମୋ ବସ୍ ସେବା

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ମୋ ବସ୍ ସେବା ପ୍ରଶଂସନୀୟ। ମୁଁ ଜଣେ ପକ୍ଷାଘାତ ରୋଗୀ ଓ ୭୫ ବର୍ଷ ବୟସ୍କ ବୃଦ୍ଧ। ୨/୩ ଥର ମୋ ବସ୍‌ରେ ଯିବା ଦ୍ୱାରା ଯେଉଁ ଅସୁବିଧା/ସୁବିଧା ମିଳୁଛି ତାହା ଆପଣଙ୍କ ମାଧ୍ୟମରେ ଜଣାଇବାକୁ ଚାହୁଁଛି। ଡ୍ରାଇଭର ବାବୁ ବସ୍ ଚଳାଇଲା ବେଳେ ମୋବାଇଲରେ କଥା ହେଉଛନ୍ତି। ବସଗୁଡିକ ନିର୍ଦ୍ଦିଷ୍ଟ ଷ୍ଟପେଜରେ ଗତି କମାଇ ଯିବା ଦରକାର। କିନ୍ତୁ ଷ୍ଟପେଜ୍‌ରେ ହାତ ଦେଖାଇଲେ ମଧ୍ୟ ବସ୍ ରହୁନାହିଁ। ରୁଟଚାର୍ଟ ବସ୍ ଭିତରେ ଟଙ୍ଗାଯାଉ ଓ କେଉଁଠି ତାହା ଅଟକିବ ତା'ର ସୂଚନା ରହୁ। ସଜେଶନ ବକ୍ସ ରଖାଯାଉ। ନୂତନଭାବେ ଯୋଗ ଦେଇଥିବା କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଉ। ତା' ସହ ବସ୍ ଭିତରେ ଘୋଷଣା କରାଯାଉଥିବା ତଥ୍ୟର ସଂଶୋଧନ ଦରକାର।

ଭାଗବତ ପାଢ଼ୀ, ଆଇଆରସି ଭିଲେଜ, ଭୁବନେଶ୍ୱର

### ଶିଶୁଙ୍କୁ ଯୌନ ନିର୍ଯାତନା

ଢେଙ୍କାନାଳର ବେଲଟିକିରି ଡ୍ରିମ୍ ସେଣ୍ଟରକୁ ସିଲ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ଖବର ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏଠାରେ ଶିଶୁମାନଙ୍କୁ ଯେପରି ପ୍ରଶାସନର ନାକ ତଳେ ଯୌନ ନିର୍ଯାତନା ଦିଆଯାଉଥିଲା ତାହା ଉତ୍ତରପ୍ରଦେଶର ଏକ ଶିଶୁ ସହାୟତା କେନ୍ଦ୍ର ଘଟଣାର ପୁନରାବୃତ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ପୁଣି ଏ ସମସ୍ତ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନୀରବ ରହିବା ଓ ଘଟଣା ପଦାକୁ ଆସିବା ପରେ ଜାଣି ନ ଜାଣିବା ପରି ଆଚରଣ କରିବା ଦୁଃଖଦାୟକ। କୁଆଡେ ଗଲେ ଶିଶୁ କଲ୍ୟାଣ ଅଧିକାରୀ? ଶେଲ୍‌ଟର ହୋମ ସିଲ୍ କରିଦେବା ଖାଲି ଲୋକଦେଖାଣିଆ ବୋଲି ଚର୍ଚ୍ଚା ହେଉଛି। କେଉଁ ଅଦୃଶ୍ୟ ଶକ୍ତି ବଳରେ ଏସବୁ ବେଧଡକ ଚାଲିଥିଲା ଓ ସ୍ଥାନୀୟ ପ୍ରଶାସନ ମୂକଦ୍ରଷ୍ଟା ପାଲଟିଥିଲେ ତାହା ଭାବି ହେଉନାହିଁ। ଈଶ୍ୱର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଡିସେମ୍ବର ୨୨/୨୦୧୮



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୨୩ରେ କଂଗ୍ରେସର ଦଳିତ ସମାବେଶ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ଓଡ଼ିଶାରେ ଦଳିତମାନଙ୍କ ଉପରେ ହିଂସା ବୃଦ୍ଧି ପାଇବାରେ ଲାଗିଥିବା କଂଗ୍ରେସ ଅଭିଯୋଗ କରିଛି। ଦଳିତ, ମହିଳା ଓ ଆଶ୍ରମ ସ୍କୁଲରେ ପାଠ ପଢୁଥିବା ନାବାଳିକାମାନେ ଯୌନ ନିର୍ଯାତନା ଓ ବଳାତ୍କାରର ଶିକାର ହେଉଛନ୍ତି। ଦଳିତ ଓ ଆଦିବାସୀମାନଙ୍କ ପାଇଁ ରହିଥିବା ନିର୍ଯାତନା ନିବାରଣ ଆଇନ ପୋଲିସ ପ୍ରଶାସନ ଦ୍ୱାରା ଠିକଣା ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ରାଜ୍ୟରେ ପ୍ରାୟ ୩ଲକ୍ଷ ଦଳିତ ପରିବାର ଘରଡିହ ଅଭାବରୁ ସରକାରଙ୍କ ବାସଗୃହ ଯୋଜନାର ସୁଫଳ ପାଉନାହାନ୍ତି। ଦଳିତ ଓ ଆଦିବାସୀମାନଙ୍କ ପାଇଁ ରାସ୍ତା, ପିଇବା ପାଣି, ବିଜୁଳି ଓ ପାଇଖାନା ପରି ମୌଳିକ ସୁବିଧା ଯୋଗାଇଦେବାରେ ରାଜ୍ୟ ସରକାର ବ୍ୟର୍ଥ ହୋଇଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ଦଳିତମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ହେଲେ ଯୋଜନା କଲେନାହିଁ। କୁନ୍ଦୁଲିର ୧୪ବର୍ଷର ନାବାଳିକାଟି ନ୍ୟାୟ ନ ପାଇ ଶେଷକୁ ଆତ୍ମହତ୍ୟା କଲା। ଚିଲିକା କଲଟି ଆଇନ୍‌ରେ ପରିଣତ ନ ହେବାରୁ ହଜାର ହଜାର ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକା ଦୁର୍ବିଷହ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଅନୁସୂଚିତ ଜାତି ବିଭାଗ ରାଜ୍ୟରେ ଘରଡିହ ନ ଥିବା ଦଳିତମାନଙ୍କୁ ସର୍ବନିମ୍ନ ୪ଡିସିମିଲ୍ ଜମି, ଦଳିତ ଗ୍ରାମକୁ ସର୍ବନିମ୍ନ ମୌଳିକ ସୁବିଧା, ନିର୍ଯାତନା ନିବାରଣ ଆଇନ୍‌କୁ କଡାକଡି ଭାବରେ ପାଳନ କରିବା, ଦଳିତ ଓ ଆଦିବାସୀମାନଙ୍କ ସାମଗ୍ରିକ ବିକାଶ ପାଇଁ ଉପଯୋଜନାରେ ଉଦ୍ଦିଷ୍ଟ ଅର୍ଥରାଶିକୁ ପରିଣତ କରିବା ଆଦି ପ୍ରସଙ୍ଗ ନେଇ ରାଜ୍ୟର ପ୍ରତି ଜିଲାରେ ଦଳିତ ସମାବେଶ ଓ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଆସନ୍ତା ୨୩ରେ ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନଠାରେ ଏକ ବିରାଟ ଦଳିତ ସମାବେଶ ଅନୁଷ୍ଠିତ ହେବ ବୋଲି ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଚମ୍ପିଆନ୍ ଦଳକୁ ମୁଖ୍ୟଅତିଥି ଦିଲୀପ ତିର୍କୀ ଟ୍ରଫି ପ୍ରଦାନ କରୁଛନ୍ତି।

### ବସନ୍ତ ପାଲ ମେମୋରିଏଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବରଗଡ ୟୁନାଇଟେଡ ସ୍ପୋର୍ଟିଂ ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୨୧।୧୨**

ବଲାଙ୍ଗୀର ମିଶନ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବସନ୍ତ ପାଲ (ଘନା) ମେମୋରିଏଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବରଗଡ ୟୁନାଇଟେଡ ସ୍ପୋର୍ଟିଂ ୧-୦ ଗୋଲରେ ବଲାଙ୍ଗୀର ଏଫସିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ବିସ୍ରା ଓରାମ ବିଜୟ ସୂଚକ ଗୋଲ ଦେଇ ଫାଇନାଲ ଖେଳର ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲିପ ତିର୍କୀ ଯୋଗଦେଇ ଚାମ୍ପିୟନ୍ ବରଗଡ ୟୁନାଇଟେଡ ସ୍ପୋର୍ଟିଂ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଉପବିଜେତା ବଲାଙ୍ଗୀର ଏଫସି ଦଳକୁ ନଗଦ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ତଥା ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ଯୋଗ ଦେଇଥିଲେ । ସୁପ୍ରିମ ଟାକ୍ସ ଡାଇରେକ୍ଟର ଅଜିତ ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସିସିଏଫଏ ସଭାପତି ଜ୍ୟୋତିରାଜ ନାଗ ସଭାପତିତ୍ୱ କରିଥିଲେ । ସୂର୍ଯ୍ୟ ପାଲ, ରିବିକା ପାଲ ଓ ବିଭୁପ୍ରିୟା ପାଲ ମଞ୍ଚାସୀନ ଥିଲେ। ସାଙ୍ଗଠନିକ ସମ୍ପାଦକ ହେମନ୍ତ କୁମାର ବେହେରା, ଉପଦେଷ୍ଟା ଡ. ସିଦ୍ଧେଶ୍ୱର ମିଶ୍ର ଓ ସୁବୋଧ ବାଗ, ଅଧ୍ୟକ୍ଷ ବିଶ୍ୱଜିତ ପାଲ, କୋଷାଧ୍ୟକ୍ଷ ପ୍ରଭାତ କୁମାର ଦାସ, ପ୍ରଦୋଷ କୁମାର ଦାସ, ସଂଯୋଜକ ଶାନ୍ତନୁ ନାଗ, ଫୁଟବଲ କୋଚ ପରାସର ବାଗ, କମିଟି ଅଡିଟର ଶ୍ରୀଧର ସେଠ୍, ଜିତୁ ଦଲାଇ, ଅଶୋକ କୁମାର ସାହୁ, ପ୍ରଦ୍ୟୁମ୍ନ ନନ୍ଦ, ଜିବନ ସୁନା, ମନୋଜକାନ୍ତ ନାଗ, ସୌମ୍ୟ ନାଗ ପ୍ରମୁଖ ସିସିଏଫଏର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଖେଳକୁ ସୁବ୍ରତ ପୁରୋହିତ, ଦିଲୀପ କୁମାର ରାଉତ, ପ୍ରବୀଣ କୁମାର ବେହେରା ଓ ଦେବାଶିଷ ବାଗ ପରିଚାଳନା କରିଥିଲେ।

# 'ଋଣଛାଡ଼ ଅର୍ଥନୀତିକୁ ଦେବାଳିଆ କରିବ'

## ଭାଜପା କହେ ଅଧିକ, କରେ କମ୍



**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

କୃଷିଋଣ ଛାଡ଼ ନେଇ ଚିତ୍କାର କରୁଥିବା କଂଗ୍ରେସ ଓ ଭାଜପାକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। କୃଷିଋଣ ଛାଡ଼ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସର କୃଷିଋଣ ଛାଡ଼ ଘୋଷଣା ଏକ ହାସ୍ୟାସ୍ପଦ। ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଥିବା କଂଗ୍ରେସ ସରକାର ରାଜ୍ୟ ରାଜକୋଷକୁ ଦେବାଳିଆ କରିଦେଇଥିଲା। ଏ କଥା ସମସ୍ତେ ଜାଣିଛନ୍ତି। କର୍ମଚାରୀମାନେ ଦରମା ପାଉ ନ ଥିବା ବେଳେ ଭିତ୍ତିଭୂମି ନିର୍ମାଣ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର କାଳିଆ ଯୋଜନା ଚାଷୀମାନଙ୍କ ପାଇଁ ଏକ ପ୍ରଗତିଶୀଳ ଯୋଜନା। ଗରିବ ଲୋକଙ୍କୁ ଏହା ଫାଇଦା ଦେବ। ରାଜ୍ୟ ଭାଜପାର କୃଷିଋଣ ଛାଡ଼ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଭାଜପା କହେ ଅଧିକ, କରେ କମ୍। ୨୦୧୪ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାକୁ ଭାଜପା ଘୋଷଣା କରିଥିଲା। ମାତ୍ର ତାହା କ'ଣ ହେଲା ଆପଣମାନେ ଜାଣିଛନ୍ତି। ଭାଜପା ଓ କଂଗ୍ରେସ ଋଣ ଛାଡ଼ ଘୋଷଣା କରି ଦେଶ ତଥା ରାଜ୍ୟର ଅର୍ଥନୀତିକୁ ଦେବାଳିଆ କରିଛନ୍ତି। ଚାଷୀଙ୍କୁ ବୋନସ ଦେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାହା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବୃଦ୍ଧି କରିବାକୁ ଦାବି କରିଆସିଛୁ। ସ୍ୱାମୀନାଥନ କମିଟି ଦେଇଥିବା ସୁପାରିସ୍ କାର୍ଯ୍ୟକାରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ କେନ୍ଦ୍ର ସରକାର ଅନୁଧ୍ୟାନ କରୁଛନ୍ତି।

# କାଳିଆ ଯୋଜନାକୁ ଭାଜପାର ସମାଲୋଚନା

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**



ସମୀର ମହାନ୍ତି

୧୯ବର୍ଷ ବିଜେଡି ଶାସନ କରିବା ପରେ ବର୍ତ୍ତମାନ ଚାଷୀ ପୀଡାଗ୍ରସ୍ତ । ଶାସକ ବିଜେଡି ଅନେକ ଯୋଜନା ଘୋଷଣା କରି ଶେଷରେ ପ୍ରତାରଣା କରିଛି । ରାଜ୍ୟରେ ଚାଷୀ ଚାହିଁ ବସିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷିଋଣ ଛାଡ ଘୋଷଣା କରିବେ । ହେଲେ ମୁଖ୍ୟମନ୍ତ୍ରୀ ପୁଣି ବୁଲାଇ ବଙ୍କାଇ ଚାଷୀଙ୍କୁ ଠକିଛନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି । ଦଳୀୟ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଅନେକ ରାଜ୍ୟ ଏବେ କୃଷିଋଣ ଛାଡ କରିସାରିଛନ୍ତି। ଓଡିଶାରେ ରାଜ୍ୟ ସରକାର କାହିଁକି କୃଷି ଋଣ ଛାଡ କରୁନାହାନ୍ତି। ଯଦି କୃଷକମାନଙ୍କ ପାଇଁ ଏତେ ଦରଦ ତେବେ ଲଲିପପ୍ ଦେଖାଇବା ବନ୍ଦ କରି ସରକାର ତୁରନ୍ତ କୃଷିଋଣ ଛାଡ କରନ୍ତୁ। ଠିକ୍ ନିର୍ବାଚନ ପୂର୍ବରୁ ବିନା ବଜେଟ ବ୍ୟବସ୍ଥାରେ, ଭାଗଚାଷୀ ଗଣନା ନ କରି କାଳିଆ ଯୋଜନା କରି ମୁଖ୍ୟମନ୍ତ୍ରୀ ପୁଣିଥରେ ରାଜ୍ୟର ସବୁ ଚାଷୀଙ୍କୁ ଠକିଛନ୍ତି। ନିର୍ବାଚନକୁ ୪ମାସରୁ କମ ସମୟ ଥିବାବେଳେ କାଳିଆ ଯୋଜନାର କିଛି ମାନେନାହିଁ। ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ୨୫ ଲକ୍ଷ ଚାଷୀଙ୍କ ହିସାବ ଥିଲା ତାହା କ'ଣ ସତ ? ଏବେ ୬୦ଲକ୍ଷ ଚାଷୀ ପରିବାର ଥିବା କଥା କହିଛନ୍ତି । ସରକାରଙ୍କ କେଉଁ କଥାଟି ସତ ବୋଲି ସମୀର ପ୍ରଶ୍ନ କରିଛନ୍ତି।

# 'ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ପାଳନ ନ ହେଲେ ଆନ୍ଦୋଳନ'

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ। କୃଷକମାନଙ୍କ ଦୟନୀୟ ଅବସ୍ଥା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଦାୟୀ। ଉପା ସରକାର ସମୟରେ ଦୁଇଥର କୃଷି ଋଣ ଛାଡ କରାଯାଇଥିଲା। ଯଦି କଂଗ୍ରେସ ରାଜ୍ୟରେ ସରକାରକୁ ଆସେ ତେବେ କୃଷିଋଣ ଛାଡ କରିବା ସହ ଚାଷୀଙ୍କୁ ସୋଲାର ପମ୍ପସେଟ୍ ପ୍ରଦାନ କରିବ। ଏହାସହ ୫ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ନିକଟରେ ୩ ରାଜ୍ୟରେ କଂଗ୍ରେସ ସରକାରକୁ ଆସିବାପରେ କୃଷିଋଣ ଛାଡ କରିଛି। ପଡୋଶୀ ଛତିଶଗଡ ସରକାର ଏମ୍ଏସ୍‌ପି ୨୫୦୦ଟଙ୍କାକୁ ବୃଦ୍ଧି କରିଛନ୍ତି। ଯଦି ଆମ ପଡୋଶୀ ସରକାର ଚାଷୀଙ୍କ ପାଇଁ ଏଭଳି ପଦକ୍ଷେପ ନେଇପାରୁଛନ୍ତି, ତେବେ ରାଜ୍ୟ ସରକାରଙ୍କ କ'ଣ ଅସୁବିଧା ରହିଛି ତା'ର ଉତ୍ତର ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି। ରାଜ୍ୟ ସରକାର ବୋନସ୍ ଦେବାରେ ଅସୁବିଧା କ'ଣ ରହିଛି। ବିଧାନସଭା ଗୃହ କମିଟିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା କରିବାକୁ ସର୍ବସମ୍ମତିକ୍ରମେ ମଞ୍ଜୁର ହେଲା। ତେବେ ରାଜ୍ୟ ସରକାର କାହିଁକି ଚାଷୀଙ୍କୁ ଏମ୍ଏସ୍‌ପି ୨୯୩୦ଟଙ୍କା ପ୍ରଦାନ କରୁନାହାନ୍ତି। ୩ ରାଜ୍ୟରେ ଭାଜପା ପରାଜିତ ହେବାପରେ ସ୍ୱାମୀନାଥନ କମିଟି ସୁପାରିସକୁ ପାଳନ ନ କରିବା ପରାଜୟର ମୁଖ୍ୟ କାରଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ସେ ନିଜେ ରାଜ୍ୟରେ କାହିଁକି ସ୍ୱାମୀନାଥନ କମିଟି ସୁପାରିସ ଲାଗୁ କରିନାହାନ୍ତି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହାସହ ରାଜ୍ୟ ସରକାର ୨୦୧୪ ନିର୍ବାଚନୀ ଇସ୍ତାହାରରେ ବର୍ଷକୁ ଲକ୍ଷେ ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଦେଇଥିବା ଏହି ପ୍ରତିଶ୍ରୁତିକୁ ଯଦି ଯଥାଶୀଘ୍ର ପାଳନ ନ କରନ୍ତି ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଆସନ୍ତା ୨୬ରେ ପ୍ରତି ପଞ୍ଚାୟତସ୍ତରରେ କଂଗ୍ରେସ କଳାଦିବସ ପାଳନ କରିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ଧାନର ଅଭାବୀ ବିକ୍ରି ସମ୍ପର୍କରେ ସେ କହିଛନ୍ତି ଯେ, ରାଜ୍ୟରେ ମଣ୍ଡି ନ ଖୋଲିବା କାରଣରୁ ଚାଷୀମାନେ ୭ଶହରୁ ୮ଶହ ଟଙ୍କାରେ ଛତିଶଗଡ ସୀମାନ୍ତରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।



ନିରଞ୍ଜନ ପଟ୍ଟନାୟକ

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଆହତ

**ଗୁଡ଼ଭେଲା, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା-ଗୁଡ଼ଭେଲା ରାସ୍ତାର ତେଲନଦୀ ପୋଲ ମଝିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜମ୍ଭେଲ ଗ୍ରାମର ମହାଦେବ ମେହେର(୫୦)। ତେନ୍ତେଲଖୁଣ୍ଟି ଗାଁର ଦୁର୍ଯ୍ୟୋଧନ ଭୋଇଙ୍କ ସହ ତୁଷୁରାରୁ ସେ ନିଜ ଘରକୁ ବାଇକରେ ଯାଉଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ମହାଦେବଙ୍କ ମୃତ୍ୟୁ ହୋଇଥିବାବେଳେ ଦୁର୍ଯୋଧନଙ୍କ ଅବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ବଲାଙ୍ଗୀର ମେଡ଼ିକାଲକୁ ନିଆଯାଇଛି। ଏ ନେଇ ଖବର ପ୍ରଚାରିତ ହେବା ପରେ କ୍ଷତିପୂରଣ ଦାବିରେ ତେଲନଦୀ ପୋଲ ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଥିଲା । ତୁଷୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ଅତିରିକ୍ତ ତହସିଲଦାର ଚନ୍ଦ୍ରମଣୀ ନାଗ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଏବଂ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ଜାତୀୟ ମଙ୍ଗଳ ପରିବାର ଯୋଜନାରୁ ମୃତକଙ୍କ ପରିବାର ଲୋକଙ୍କୁ ୨୦ହଜାର ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଟ୍ରେନ୍ ଧକ୍କାରେ ଛାତ୍ର ମୃତ

**ବାରିପଦା ଅଫିସ, ୨୧।୧୨:** ମୟୂରଭଞ୍ଜ ଜିଲା ବାଘରାରୋଡ ଷ୍ଟେଶନ ନିକଟ ୩୮ନମ୍ବର ଗେଟ ଫାଟକ କମଳା ନେହେରୁ ଛକଠାରେ ଶୁକ୍ରବାର ଏକ ଟ୍ରେନ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ୧୭ନମ୍ବର ୱାର୍ଡର ରବୀନ୍ଦ୍ର ବେହେରାଙ୍କ ପୁଅ ସାଗର ବେହେରା (୧୭)। ତାଙ୍କୁ ବାଙ୍ଗିରିପୋଷୀରୁ ବାଲେଶ୍ୱର ଆସୁଥିବା ଡିଏମୟୁ ଟ୍ରେନ୍ ଧକ୍କା ଦେଇଥିଲା। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମୃତଦେହ ଜବତ କରାଯିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଯାଇଛି। ମୃତ ସାଗରଙ୍କ ବଡଭାଇ ରାଜେନ୍ଦ୍ରଙ୍କ କହିବାନୁଯାୟୀ, ଶୁକ୍ରବାର ସକାଳ ୬ଟାରେ ଟ୍ୟୁଶନ ହେବା ନିମନ୍ତେ ସାଗର ଘରୁ ବାହାରି ଆସିଥିଲେ। ଟ୍ୟୁଶନ ସାରି ଫେରୁଥିବା ବେଳେ ଡିଏମୟୁ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ପରିବାର ଲୋକଙ୍କ ସମେତ ଜିଆରପି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ଐତିହାସିକ ଗାଁକୁ ଅଣଦେଖା

**ବାସୁଦେବପୁର, ୨୧।୧୨ (ଡି.ଏନ.ଏ.)**



ଚାରିବାଟିଆରେ ଥିବା ଗାନ୍ଧୀ ସ୍ମୃତି ଭବନ ଭାଙ୍ଗିଯାଇଛି।

- ମନ୍ତେଇ ଆଁରେ ଚାରିବାଟିଆ
- ହୋଇପାରିଲାନି ସ୍ମୃତିରକ୍ଷା
- ଜାତୀୟ ସ୍ମାରକୀ ମାନ୍ୟତା ଦାବି

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର ଐତିହାସିକ ଗାଁ ଚାରିବାଟିଆ ଆଜି ଅବହେଳିତ ଅବସ୍ଥାରେ ରହିଛି। ୧୯୨୭ରେ ଜାତିର ପିତା ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହର ୩ ବର୍ଷ ପୂର୍ବରୁ ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ଅବସ୍ଥା ଦେଖି ଜାତୀୟ ସଂଗ୍ରାମର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟରେ ମନ୍ତେଇ ନଦୀ ପାର ହୋଇ ଚାରିବାଟିଆ ଗ୍ରାମରେ ପହଞ୍ଚିଥିଲେ। ଏଠାରେ ଦୁଇଦିନ ରାତ୍ରିଯାପନ କରିଥିଲେ। ଗ୍ରାମରୁ ପାଣ୍ଠି ସଂଗ୍ରହ ପରେ ସେ ଫେରିଯାଇଥିଲେ। ମହାତ୍ମା ଗାନ୍ଧୀ ଯେଉଁ ଗୃହରେ ଅବସ୍ଥାନ କରିଥିଲେ ତାହା ଏବେ ଅବହେଳିତ ଅବସ୍ଥାରେ। ଦେଶ ସ୍ୱାଧୀନ ହେବାର ଦୀର୍ଘବର୍ଷ ପରେ ମଧ୍ୟ ମନ୍ତେଇ ନଦୀରେ ପୋଲଟିଏ ହୋଇପାରି ନାହିଁ। ସବୁଦିନେ କୁଆରମାଡ଼ରେ ନଦୀ ମୁହାଣରେ ଥିବା ଏହି ଗାଁ ଧରାଶାୟୀ ହୋଇପଡ଼ିଛି। ଅସୁରକ୍ଷିତ ଭାବେ ଲୋକେ ଡଙ୍ଗାରେ ନଦୀ ପାର ହେଉଛନ୍ତି। ଏହି ଐତିହାସିକ ଗାଁ ମନ୍ତେଇ ନଦୀ ଗର୍ଭରେ ଲୀନ ହେବାକୁ ବସିଛି। ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଉଲ୍ଲେଖନୀୟ ଯେ, ସେତେବେଳେ ମହାତ୍ମା ଗାନ୍ଧୀଙ୍କ ସହ ଜାତୀୟସ୍ତରର ନେତା ସି.ଏଫ୍. ଆଣ୍ଡ୍ରୁଜ, ମହାଦେବ ଦେଶାଇ, କାକା କାଲେଲକର, ମୀରାବେନଙ୍କ ସମେତ ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବଙ୍କ ଭଳି ବଳିଷ୍ଠ ବ୍ୟକ୍ତିତ୍ୱ ଚାରିବାଟିଆ ଗ୍ରାମକୁ ଆସିଥିଲେ। ଏହି ଅଞ୍ଚଳର ଅଗ୍ରଣୀ ବ୍ୟକ୍ତିତ୍ୱ ହରି ମଳିକ, ଭୂତନାଥ ମହାନ୍ତି, ବିଷ୍ଣୁମୋହନ ମହାନ୍ତି, ବିଶ୍ୱନାଥ ମହାନ୍ତି, ବୈକୁଣ୍ଠ ମହାନ୍ତି, ଗଣେଶ ମହାନ୍ତି ପ୍ରମୁଖଙ୍କ ଉଦ୍ୟମରେ ବାସୁଦେବପୁର ଅଞ୍ଚଳର ଜନସାଧାରଣ ଅଭାବ ଅସୁବିଧା ସତ୍ତ୍ୱେ ଗାନ୍ଧିଜୀଙ୍କ ପାଣ୍ଠିକୁ ଅଣି, ଦିଅଣି, ସୁଉକି, ଅଧଲ ଆଦି ସେତେବେଳର ମୁଦ୍ରା ଦାନ କରିଥିଲେ। ଯାହାକି ଗାନ୍ଧିଜୀଙ୍କ ମନୋବଳକୁ ଦୃଢ଼ କରିଥିଲା। ଏହାମଧ୍ୟରେ ୯୦ ବର୍ଷ ବିତିଗଲାଣି। ସ୍ମୃତିରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଏହି ଗାଁରେ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଚାରିବାଟିଆ ଗ୍ରାମର ପ୍ରଶାନ୍ତ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଏହି ଗାଁକୁ ଏକ ମଡେଲ ଗାଁ ଭାବେ ଗ୍ରହଣ କରି ଏହି ପୀଠକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉ ବୋଲି ସରପଞ୍ଚ ପ୍ରଫୁଲ୍ଲ ପଳିତା ମତ ରଖିଛନ୍ତି। ଚାରିବାଟିଆ ଗ୍ରାମରେ ମନ୍ତେଇ ନଦୀ କୂଳରେ ଗାନ୍ଧୀ ପାଦ ଥାପିଥିବା ଓ ରାତ୍ରିଯାପନ କରିଥିବା ଗୃହ ଆଜି ମାଟିରେ ମିଶିଯାଇଛି। ସେଠାରେ ଇଂରେଜଙ୍କ ଦ୍ୱାରା ନିର୍ମିତ ଟିକସ୍ ଆଦାୟ ଗୃହ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଗାନ୍ଧୀ ସ୍ମୃତି ସମାରୋହ ମଧ୍ୟ ପ୍ରଶାସନିକ ସ୍ତରରେ ପାଳନ ହେଉନାହିଁ। ଉକ୍ତ ପୀଠକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ଅବସ୍ଥାରେ। ଏ ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଓଡ଼ିଆ ଭାଷା ସୁରକ୍ଷା ମଞ୍ଚ ସଭାପତି ନିର୍ମଳ ଚନ୍ଦ୍ର ବେହେରା କହିଛନ୍ତି। ଏଭଳି ଏକ ଐତିହାସିକ ପୀଠକୁ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରୁଥିବାରୁ ଗାନ୍ଧୀ ସ୍ମୃତିରକ୍ଷା କମିଟି ସମ୍ପାଦକ ନିରଞ୍ଜନ ବିଶ୍ୱାଳ କ୍ଷୋଭ ପ୍ରକାଶ କରିଛନ୍ତି।

# 'ବିଦ୍ୟୁତ୍ ଶକ୍ତିର ସୁବିତରଣକୁ ଗୁରୁତ୍ୱ'

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟରେ ଶକ୍ତି ଉତ୍ପାଦନ, ସଞ୍ଚରଣ, ବିଜୁଳି ଶକ୍ତି ବିତରଣ ସମ୍ବନ୍ଧୀୟ କାର୍ଯ୍ୟଶୈଳୀ ଓ ଉନ୍ନତୀକରଣ ଉପରେ ଶକ୍ତି ବିଭାଗ ଗୁରୁତ୍ୱ ଦେଇଛି। ସେହିପରି ମାଛକୁଣ୍ଡ ଜଳପ୍ରପାତ ଶକ୍ତିର ଉପଯୋଗ , ବାଲିମେଳା ଜଳପ୍ରପାତରୁ ଶକ୍ତି ଉତ୍ପାଦନ ଏବଂ ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ସୁବିତରଣ ନେଇ ଆଲୋଚନା କରାଯାଇଛି। ଶକ୍ତି ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ ସରବରାହ କେନ୍ଦ୍ରର ପଞ୍ଚଦଶ ସମନ୍ୱୟ ବୈଠକରେ ଉପରୋକ୍ତ ଆଲୋଚନା ହୋଇଛି। ବୈଠକରୁ ମିଳିଥିବା ସୂଚନାନୁଯାୟୀ ବର୍ତ୍ତମାନ ରାଜ୍ୟରେ ଗତବର୍ଷ ଡିସେମ୍ବରରୁ ଚଳିତ ଡିସେମ୍ବର ମଧ୍ୟରେ ୨୪ ଲକ୍ଷ ନୂତନ ଘରୋଇ ବିଦ୍ୟୁତ୍ ସଂଯୋଗ ହୋଇଛି। ଆଗାମୀ ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୌଦ୍ରର ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟୁତ୍ ସେବା ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମଋତୁରେ ଯେପରି କୌଣସି ବିଜୁଳିଜନିତ ସମସ୍ୟା ଘଟିବ ନାହିଁ, ସେଥି ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ସେହିପରି ଆଗକୁ ସାଧାରଣ ନିର୍ବାଚନ ରହିଛି। ନିର୍ବାଚନ ପରିଚାଳନାରେ ଯେପରି ବିଜୁଳି ସେବାର ଅନିୟମିତତା ନ ହୁଏ। ସେଥିପାଇଁ ଦୃଷ୍ଟି ଦେବାକୁ ବିଭାଗ ପକ୍ଷରୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରୀଡ୍‌କୋ ବାଣିଜ୍ୟ ନିର୍ଦ୍ଦେଶକ ମାନସ କୁମାର ଦାଶ, ସେସୁ ସିଇଓ ମହମ୍ମଦ ସାଦିକ୍ ଆଲାମ୍ ପ୍ରମୁଖ ଉପସ୍ଥିତ ଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ନୂଆପାଟଣା ଶାଖା / ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀନିବାସ ଧଳ,** ପିତା: ୰ ଲିଙ୍ଗରାଜ ବିକ୍ରମସିଂହ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ଶ୍ରୀ ମନୋଜ କୁମାର ବିକ୍ରମସିଂହ,** ପିତା: ଶ୍ରୀନିବାସ ଧଳ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ଶ୍ରୀନିବାସ ଧଳ** | ଶ୍ରୀନିବାସ ଧଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖୁଣ୍ଟକଟା, ଖାତା ନଂ.: ୭୯୭, ପ୍ଲଟ୍ ନଂ.: ୧୫୦୬/୫୬୩୧, ୧୫୦୬/୫୬୩୬ ଏବଂ ୧୫୦୬/୫୬୩୩, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୨ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରୀ । | ୧୧.୦୯.୨୦୧୮ | ୧୭.୧୨.୨୦୧୮ | ୨୬.୦୭.୨୦୧୮ ସୁଦ୍ଧା ଟ.୫,୬୨,୯୦୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

**ତାରିଖ: ୨୦.୧୨.୨୦୧୮, ସ୍ଥାନ: କଟକ**

**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ସହକାରୀ ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ
## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କେନ୍ଦ୍ରାପଡ଼ା ଅଫିସ୍/କଟକ ଅଫିସ, ୨୧।୧୨:** କେନ୍ଦ୍ରାପଡ଼ା ଜିଲା ଜଅଁପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୬୧ ଲକ୍ଷ ୮୬ହଜାର ୯୦୦ ଟଙ୍କା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଲା କେନ୍ଦ୍ରାପଡ଼ା ଜିଲା କଳପଡ଼ାସ୍ଥିତ ରଞ୍ଜନଙ୍କ ୩ ମହଲା ଆବାସିକ କୋଠା, ପାଟକୁରା ଥାନା ଅଧୀନ ମେହେନ୍ଦିନଗର ଗ୍ରାମରେ ଥିବା ଶ୍ୱଶୁର ଘର ଓ ଜମପଡ଼ା ସ୍କୁଲ ଅଫିସ ଘର। କଳପଡ଼ାସ୍ଥିତ କୋଠାର ମୂଲ୍ୟ ୨୮ ଲକ୍ଷ ୫ହଜାର ୯୦୦ ଟଙ୍କା। କେନ୍ଦ୍ରାପଡ଼ା ଓ ତତ୍‌ସଂଲଗ୍ନ ଅଞ୍ଚଳରେ ନାୟକଙ୍କର ୮ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୩ ଲକ୍ଷ ୯୭ହଜାର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ନାୟକ ୯ ଲକ୍ଷ ୨ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ୫ଟି ଟ୍ରକ ରହିଛି। ଉକ୍ତ ଟ୍ରକଗୁଡ଼ିକର ମୂଲ୍ୟ ୧ କୋଟି ୧୧ ଲକ୍ଷ ଟଙ୍କା। ଏହାବାଦ ନାୟକଙ୍କର ୨ ଲକ୍ଷ ୮୮ହଜାର ଟଙ୍କା ମୂଲ୍ୟର ଗୋଟିଏ ମାରୁତି ଅଲ୍‌ଟୋ କାର୍, ୩୭ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଓ ୫ ଲକ୍ଷ ୨୫ ହଜାର ଟଙ୍କା ମୂଲ୍ୟର ସୁନା ଗହଣା ଭିଜିଲାନ୍ସର ହସ୍ତଗତ ହୋଇଛି। ଘର ଯାଞ୍ଚ ସମୟରେ ନାୟକଙ୍କ ଘରୁ ନଗଦ ୨ହଜାର ଟଙ୍କା ଓ ୧ ଲକ୍ଷ ୩୦ହଜାର ମୂଲ୍ୟର ଆସବାବପତ୍ର ଠାବ କରାଯାଇଥିବା ଡିଏସପି ସୁରେନ୍ଦ୍ରନାଥ ରାୟଗୁରୁ ସୂଚନା ଦେଇଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ରଞ୍ଜନ କହିଛନ୍ତି।

### ସଡ଼କ ଦୁର୍ଘଟଣା ରୋକିବାକୁ ପ୍ରୟାସ
## ବୁଲା ଗୋରୁଙ୍କ ଶିଙ୍ଗରେ ଲାଗିଲା ରେଡିୟମ୍ ଷ୍ଟିକର୍

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ): ବୁଲା ଗୋରୁ ରାସ୍ତା ଉପରେ ଶୋଉଥିବାରୁ ରାତିରେ ଅନେକ ଗାଡି ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ଗାଡି ଚାଳକଙ୍କ ଜୀବନ ଯିବା ସହ ପଶୁଟିର ମଧ ଜୀବନ ଯାଉଛି। କଟକ ମହାନଦୀ ପୋଲ ଉପରେ ବସ୍ ଦୁର୍ଘଟଣାରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିବା ଏହାର ଏକ ଉଦାହରଣ, ଯେଉଁଥିରେ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଏଭଳି ଦୁର୍ଘଟଣା ଏଡାଇବା ପାଇଁ ଓଡିଶା କଳିଂ ଫାଉଣ୍ଡେଶନ(ଓସିଏଫ) ପକ୍ଷରୁ ପ୍ରୟାସ କରାଯାଇଛି। ଚନ୍ଦ୍ରଶେଖରପୁର ଆରଟିଓଙ୍କ ସହଯୋଗରେ ଶୁକ୍ରବାର ଚନ୍ଦ୍ରାଶେଖରପୁର ଥାନା ନିକଟରେ ଅନେକ ବୁଲା ଗୋରୁଙ୍କ ଶିଙ୍ଗରେ ରେଡିୟମ୍ ଷ୍ଟିକ୍‌ର ଲଗାଯାଇଛି। ଷ୍ଟିକ୍‌ର ଉପରେ ଗାଡି ଲାଇଟ୍ ପଡିଲେ ଏହା ଦୂରରୁ ଗାଡି ଚାଳକଙ୍କୁ ସ୍ପଷ୍ଟ ଦୃଶ୍ୟ ହେବ। ଫଳରେ ଗାଡ଼ି ଚାଳକ ସତର୍କ ହେବା ସହ ଦୁର୍ଘଟଣାରୁ ବର୍ତ୍ତିପାରିବେ। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏଭଳି ପଦକ୍ଷେପ ନିଆଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### କେନ୍ଦ୍ର ସରକାରଙ୍କ ନଜରରେ ଲୋକଙ୍କ କମ୍ପ୍ୟୁଟର
# ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ

**ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟରକୁ ଯାଞ୍ଚ କରିବା ଓ ତଥ୍ୟ ହାସଲ ନିମନ୍ତେ ୧୦ କେନ୍ଦ୍ରୀୟ ସଂସ୍ଥାକୁ କେନ୍ଦ୍ର ସରକାର କ୍ଷମତା ଦେଇଛନ୍ତି। ଜାତୀୟ ନିରାପତ୍ତା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ସରକାର ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ଏହାକୁ କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦର ନମୁନା ବୋଲି ବିରୋଧୀ ଦଳଗୁଡ଼ିକ କହୁଛନ୍ତି। ସେହିପରି ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା(ପ୍ରିଭେସି) ଉପରେ ଏହା ସିଧା ହସ୍ତକ୍ଷେପ ବୋଲି ଅନେକେ ମନେକରିବା ସହ ସରକାରଙ୍କ ଉଦ୍ଦେଶ୍ୟକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଦେଖାଦେଇଛି ପ୍ରତିକ୍ରିୟା।**

### ସରକାରଙ୍କ ନିଷ୍ପତ୍ତି ଚକିତ କରିଛି



ଏହା ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ। ୨୦୦୮ରେ କଂଗ୍ରେସ ମଧ ସମାନ ଧରଣର ଆଇନ ଆଣିଥିଲା, ଯାହାକୁ ଡିଫେଣ୍ଡ ଇଣ୍ଡିଆ କୁହାଯାଉଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏବେ ଭାଜପା ସମାନ ବାଟରେ ଯାଉଛି। ମୋତେ ଲାଗୁଛି ଆସନ୍ତା ନିର୍ବାଚନରେ କିଛି ତଥ୍ୟ ବା ସୂଚନା ହାତେଇବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏପରି କି ଶ୍ରୀକ୍ରିଷ୍ଣା କମିଶନ ନାଗରିକଙ୍କ ଅଧିକାର ସୁରକ୍ଷିତ ଉପରେ ଗୁରୁତ୍ୱ ଦେଇଥିଲେ ମଧ ସରକାର ଏଭଳି ନିଷ୍ପତ୍ତି ନେବା ମୋତେ ଚକିତ କରିଛି। ଏଭଳି ନିଷ୍ପତ୍ତିରୁ ସରକାର ଓହରିଯିବା ନିହାତି ଆବଶ୍ୟକ।

**- ସଚ୍ଚିଦାନନ୍ଦ ସ୍ୱାଇଁ, ଆଇଟି ଏକ୍ସପର୍ଟ, ହାଇଦ୍ରାବାଦ**

### ଅଜଣା ଉଦ୍ଦେଶ୍ୟ



ଏଭଳି ନିଷ୍ପତ୍ତି ପଛରେ ସରକାରଙ୍କ କିଛି ଅଜଣା ଉଦ୍ଦେଶ୍ୟ ରହିଛି। ଯେଉଁ ୧୦ଟି କେନ୍ଦ୍ରୀୟ ସଂସ୍ଥାକୁ ସରକାର ଏହି କ୍ଷମତା ଦେଇଛନ୍ତି ଉକ୍ତ ସଂସ୍ଥାଗୁଡ଼ିକ ହାତରେ ଆଗରୁ ଅନେକ କ୍ଷମତା ରହିଛି। ଏହି କ୍ଷମତା ଦେବା ଦ୍ୱାରା ସେମାନେ ଯେ ଏକ ବ୍ରହ୍ମାସ୍ତ୍ର ପାଇଗଲେ ତାହା କହିବା ଠିକ୍ ନୁହେଁ। ତାହାଛଡ଼ା ଏହି ନିଷ୍ପତ୍ତି ଦ୍ୱାରା ସାଧାରଣ ଲୋକେ ଭୟଭୀତ ହେବାର କୌଣସି କାରଣ ନାହିଁ। କମ୍ପ୍ୟୁଟରର ସବୁ ତଥ୍ୟ ପାଖରେ ସମସ୍ତେ ପହଞ୍ଚିବା ଏତେ ସହଜ ନୁହେଁ। ଅନେକ କ୍ଷେତ୍ରରେ ମାଇକ୍ରୋସଫ୍ଟ ଅନୁମତି ଦେଇ ନ ଥାଏ। ତେବେ ମୋତେ ଲାଗୁଛି ଏହା ପଛରେ ସରକାରଙ୍କ କିଛି ରାଜନୈତିକ ଚାଲ୍ ରହିଛି।

**- ସନ୍ତୋଷ ପ୍ରସାଦ, ଟେଲିକମ୍ ଏକ୍ସପର୍ଟ, ବାଙ୍ଗାଲୋର**

### ଉତ୍ତମ ପଦକ୍ଷେପ



କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ପଦକ୍ଷେପ। ଏହାଦ୍ୱାରା ଠକ ସଂସ୍ଥା ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କର ଏକ ଭୟ ରହିବ। ଏହାଦ୍ୱାରା ସେମାନେ ଦୁର୍ନୀତି କରିବା ପୂର୍ବରୁ ଥରେ ଭାବିବେ। ହେଲେ ଏହା ଠିକ୍ ମାର୍ଗରେ ବିନିଯୋଗ ହେବା ଆବଶ୍ୟକ। ଯଦି ସରକାର ନିଜର ସ୍ୱାର୍ଥ ସାଧନ ଦିଗରେ ଏହାକୁ ବିନିଯୋଗ କରନ୍ତି ତେବେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ।

**- ସଞ୍ଜୟ ଦାସ, ସାଇବର ଏକ୍ସପର୍ଟ**

### ଭାରତକୁ ବିଗ୍‌ବସ୍ କରିବାକୁ ଚାହୁଁଛନ୍ତି



ବିଗ୍‌ବସ୍ ଧାରାବାହିକ ଭଳି ଏବେ କେନ୍ଦ୍ର ସରକାର ସମଗ୍ର ଦେଶକୁ ବିଗ୍‌ବସ୍ ଘର କରିବାକୁ ଚାହୁଁଛନ୍ତି। ମୁଖ୍ୟତଃ ୩ଟି ରାଜ୍ୟରେ ପରାଜୟ ପରେ କେନ୍ଦ୍ରର ଭାଜପା ସରକାର ଆତ୍ମବିଶ୍ୱାସ ହରାଇ ବସିଛନ୍ତି। ପୂର୍ବରୁ କିଏ କ'ଣ ଖାଇବ, କିଏ କ'ଣ ପିନ୍ଧିବ ସେ ନିଷ୍ପତ୍ତି ସରକାର ନେବାକୁ ଚେଷ୍ଟା କରୁଥିଲେ। ଏବେ ଘର ଭିତରେ କିଏ କ'ଣ କରୁଛି ତାକୁ ଜାଣିବା ପାଇଁ ମଧ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

**- ଶୈଳେନ୍ଦ୍ର ରାଜ, ସାମାଜିକ କର୍ମୀ, କଳାହାଣ୍ଡି**

### ଆଇନର ପରିପନ୍ଥୀ



ଏହା ସମ୍ପୂର୍ଣ୍ଣ ଆଇନର ପରିପନ୍ଥୀ। ଏଭଳି ନିଷ୍ପତ୍ତି ମୋତେ ଚକିତ କରିଛି। ବ୍ୟକ୍ତି ଗୋପନୀୟତା ଓ ବ୍ୟକ୍ତି ସ୍ୱାଧୀନତା ଉପରେ ଏହା ଆକ୍ରମଣ। ପୂର୍ବରୁ ବ୍ରିଟେନରେ ସମାନ ଧରଣର ଆଇନ ଆଣିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେଠାକାର ନ୍ୟାୟାଳୟ ଏହାକୁ ଅନୁମତି ଦେଇ ନ ଥିଲା। ଏବେ ନରେନ୍ଦ୍ର ମୋଦିଙ୍କ ସରକାର ସମାନ ପନ୍ଥା ଆପଣାଇ ନିଜର ଉଦ୍ଦେଶ୍ୟ ସାଧିତ କରିବାକୁ ଚାହୁଁଛନ୍ତି ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଚ୍ଛତ୍ରବାଦର ନଗ୍ନ ନମୁନା।

**- ପରେଶ ଦାସ, ଆଡଭୋକେଟ, କଟକ**

### ନିଷ୍ପତ୍ତି ଠିକ୍



କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଠିକ୍ ଅଛି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହାକୁ କରାଯାଇଛି ତାହା ପୂରଣ ହେବା ଆବଶ୍ୟକ। ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ନଜର ରଖିବା କିମ୍ବା ତଥ୍ୟ ଚୋରି କରିବା ସମ୍ପୂର୍ଣ୍ଣ ଭାବେ ଅନୁଚିତ୍। ଏମିତି ସେମିତି ଯାହାର ନାହିଁ ତାହାର କମ୍ପ୍ୟୁଟର ମନିଟର କରିବା ବା ନଜର ରଖିବା ପରିବର୍ତ୍ତେ ଉପଯୁକ୍ତ ଓ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁକରଣ କରିବା ଆବଶ୍ୟକ। ଯେମିତି ଟେଲିଫୋନ୍ ଟ୍ୟାପିଂ ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଓ ପ୍ରକ୍ରିୟା ରହିଛି ସେଭଳି ଇଣ୍ଟରନେଟ୍ ଟ୍ୟାପିଂ କରିବା ପୂର୍ବରୁ ସମସ୍ତ ଦିଗ ଉପରେ ନଜର ରଖିବା ଉଚିତ। ସମ୍ପୃକ୍ତ ବ୍ୟକ୍ତି ଏବଂ ସଂସ୍ଥାର ଯଦି କୌଣସି କ୍ରାଇମ୍ ଆକ୍ଟିଭିଟି ଥାଏ, ତା'ହେଲେ ହିଁ ମନିଟର କରାଯିବା ଉଚିତ। କାହାର ଇଣ୍ଟରନେଟ୍ ଆକ୍ଟିଭିଟି ଉପରେ ନଜର ରଖିବା ନେଇ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଯଦି ହେଉଛି ତାହାକୁ ଅପରାଧ ରୋକିବା ଦିଗରେ କାର୍ଯ୍ୟରେ ଲଗାଇବା ଆବଶ୍ୟକ।

**- ଚନ୍ଦ୍ରଶେଖର ବିଶ୍ୱାଳ, ଆଇଟି ଏକ୍ସପର୍ଟ**

### ବିନା ଅନୁମତିରେ ଘରେ ପଶିବା ଭଳି



କାହାର ବିନା ଅନୁମତିରେ ଘର ଭିତରେ ପଶିବା ଯେପରି କ୍ରାଇମ୍ ଠିକ୍ ସେମିତି କାହାର ବିନା ଅନୁମତିରେ ବ୍ୟକ୍ତିଗତ କମ୍ପ୍ୟୁଟର ଉପରେ ନଜର ରଖିବା ଏକ କ୍ରାଇମ୍। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଲୋକଙ୍କ ଗୋପନୀୟତା ଉପରେ ପ୍ରଭାବ ପକାଇବ। ବ୍ୟକ୍ତିଗତ ତଥ୍ୟ ବୋଲି ଆଉକିଛି ରହିବନି। ଉଭୟ ପର୍ସନାଲ ଓ ପ୍ରଫେଶନାଲ କାମ ଏହାଦ୍ୱାରା ପ୍ରଭାବିତ ହେବ। ମୋ ମତରେ ଏଭଳି ହେବାକଥା ନୁହେଁ। ସରକାର ତୁରନ୍ତ ଏଥିରୁ ଓହରିଯିବା ଆବଶ୍ୟକ।

**- ସୁଶ୍ରୀ ଦାସ, ଇଞ୍ଜିନିୟର**

### ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ



ସୁରକ୍ଷା ନାଁରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ସରକାର ନଜର ରଖିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଆଧାର କାର୍ଡ ସହ ପାନ କାର୍ଡକୁ ଲିଙ୍କ୍ କରି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଉଦ୍ୟମ ସରକାର କରିସାରିଛନ୍ତି। ଏହାସହ କେନ୍ଦ୍ର ସରକାର ଅଧାରୁ ଅଧିକ ୱେବ୍‌ସାଇଟ୍ ବ୍ୟାନ୍ ମଧ କରିଛନ୍ତି। ଲୋକଙ୍କର ବ୍ୟକ୍ତିଗତ ବୋଲି ଆଉକିଛି ନାହିଁ। ଏବେ ପୁଣି ଏହି ନିଷ୍ପତ୍ତି ଆଉ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଯଦି ଏଭଳି ସ୍ଥିତି ଜାରିରୁହେ କିଛିଦିନ ମଧରେ ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ। ଏଥିରେ ସନ୍ଦେହ ନାହିଁ।

**- ଦୀପ୍ତିମୟୀ ଜେନା, ଆଇଟି ଅପରେଶନ୍ସ**

### ବିରୋଧ ହେବା ଜରୁରୀ



ଗୋପନୀୟତା ବ୍ୟକ୍ତିର ମୌଳିକ ଅଧିକାର। ୧୦ଟି ସଂସ୍ଥାକୁ କ୍ଷମତା ଦେଇ ସରକାର ସାଧାରଣ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ଅନ୍‌ଲାଇନ ଗତିବିଧି ଏବଂ ତଥ୍ୟକୁ ସିଧା ଯାଞ୍ଚ କରିପାରିବେ। ଏହା ମୁକ୍ତ ସମାଜ ପାଇଁ ବଡ଼ ସତର୍କ ଘଣ୍ଟି। ଏହାର ବିରୋଧ ହେବା ଜରୁରୀ।

**- ଜ୍ଞାନ ସାହୁ, ଆଇଟି ଏକ୍ସପର୍ଟ**

### ଫାସିବାଦୀ ନିୟମ

ଆଗକୁ ସାଧାରଣ ନିର୍ବାଚନ ଆସୁଛି। କେନ୍ଦ୍ରରେ କ୍ଷମତାସୀନ ଥିବା ଭାଜପା ପରାଜୟ ଆଶଙ୍କା କରୁଛି। ତେଣୁ ନାଗରିକଙ୍କ ଗୋପନୀୟତାକୁ ନେଇ ଖେଳ ଖେଳିବାକୁ ଯୋଜନା କରୁଛି। କମ୍ପ୍ୟୁଟର ଉପରେ ନିୟନ୍ତ୍ରଣ କରି ବ୍ୟକ୍ତିର ରୁଚି, ଇଚ୍ଛା ଏବଂ ଆଦର୍ଶକୁ ଅନୁଧ୍ୟାନ କରାଯିବ। ଯଦି ଏସବୁ ସରକାରୀ ଦଳବିରୋଧୀ ହୋଇଥିବ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହଇରାଣ କରାଯିବ। କଥାରେ ଅଛି, ଯିଏ ଚୋର, ତାକୁ ଦୁନିଆସାରା ଚୋର ପରି ମନେହୁଅନ୍ତି। କେନ୍ଦ୍ର ସରକାରଙ୍କ ଅବସ୍ଥା ବର୍ତ୍ତମାନ ସେହିପରି ହୋଇଛି। କୌଣସିମତେ କ୍ଷମତାରେ ରହିବା ପାଇଁ ବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି। ଏହା ଦେଶର ସାର୍ବଭୌମତ୍ୱ ଏବଂ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ଏ ପ୍ରକାର ଫାସିବାଦୀ ନିୟମକୁ କାର୍ଯ୍ୟକାରୀ କରା ନ ଯାଉ।



**- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ନେତା ତଥା ଆଠଗଡ଼ ବିଧାୟକ**

### ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ



ବର୍ତ୍ତମାନ ଶାସନ କ୍ଷମତାରେ ଥିବା ଭାଜପା ଅତୀତରେ ସାଧାରଣ ନାଗରିକଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଛି। ଆଗାମୀ ଦିନରେ ପରାଜୟର ଭୟ ହିଁ ଏଭଳି ନିଷ୍ପତ୍ତି ସେମାନଙ୍କୁ ବାଧ କରୁଛି। ବ୍ୟକ୍ତିର ରୁଚି ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ନଗ୍ନ ଆକ୍ରମଣ କରିବା ପାଇଁ ଏହା ଏକ ପ୍ରୟାସ। କିଛିବର୍ଷ ହେବ ସିବିଆଇ, ଇଡି, ପୋଲିସ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି, ତାହା ସମସ୍ତଙ୍କୁ ଜଣା। ଗଣତନ୍ତ୍ର ଏବଂ ବହୁମତରେ ବିଶ୍ୱାସ ରଖୁଥିବା ଜନତା ଏପରି ନିୟମ ବିପକ୍ଷରେ ଛିଡା ହେବାର ଆବଶ୍ୟକତା ରହିଛି।

**- ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସମ୍ପାଦକ**

### ସୁରକ୍ଷା ଦୃଷ୍ଟିରୁ ଜରୁରୀ



ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ ପାଇଁ ଏ ବ୍ୟବସ୍ଥା ହୋଇନାହିଁ। ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଆଢୁଆଳରେ ଦେଶଦ୍ରୋହ, ନକ୍ସଲବାଦ, ଆଭ୍ୟନ୍ତରଣୀୟ ସୁରକ୍ଷାକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଙ୍କ ପାଇଁ ଏ ବ୍ୟବସ୍ଥା। ବିଭିନ୍ନ ସମୟରେ ବହୁ ସଂସ୍ଥା ଦେଶର ସୁରକ୍ଷା ଦୃଷ୍ଟିରୁ ଅନେକଙ୍କ ଉପରେ ନଜର ରଖିଥାନ୍ତି। ସେଥିପାଇଁ ସେମାନଙ୍କୁ ଅନୁମତି ଆବଶ୍ୟକ ହୋଇଥାଏ। ପୂର୍ବରୁ ମଧ ଏହି ନିୟମ ପ୍ରଚଳିତ ହୋଇଆସୁଛି। ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ସରକାର ବିନା କାରଣରେ କାହାର ଗୋପନୀୟ ତଥ୍ୟ ନେଇ କାରବାର କରିବାର ପ୍ରଶ୍ନ ଉଠୁନାହିଁ। ଏହାଦ୍ୱାରା ବଡ଼ଧରଣର ସାଇବର ଅପରାଧକୁ ରୋକିହେବ।

**- ଲେଖାଶ୍ରୀ ସାମନ୍ତସିଂହାର, ଭାଜପା ନେତ୍ରୀ**

# ହାତମାନିଛେ ବଏସ, ଦିବ୍ୟାଙ୍ଗ ହେଲେ ବି ସକ୍ଷମ

**ଅତାବିରା, ୨୧।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ ଇଚ୍ଛାପୁର ଗଁର ମୂଳବାସି ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ କୁମ୍ଭାର(୬୫)। ପୁଓ ସନ୍ତୋଷ କୁମ୍ଭାର ତାକର କୁଟୁମ ସଂଗେ ଇଚ୍ଛାପୁରରେ ଗୁଟେ ଭଂଗା ଦଦ୍‌ରା କୁରିଆରେ ରହୁଛନ୍। ସେନ୍‌ତା ଦିବ୍ୟାଙ୍ଗ ଇନ୍ଦ୍ରଜିତ ଆର ତାକର ମାଏକିନା ଦୂତୀ ସମ୍ବଲପୁର ଜିଲା ରେମେଡ ଛକ ଗୋପାଳପାଲି ଛକରେ ଖୁଲା ଆକାଶ ତଲେ ଜୀବନ୍ ବିତଉଛନ୍। ସେଠାନେ ଦୁଇ ବୁଢ଼ାବୁଢ଼ୀକୁ ରାଶନ କାର୍ଡରେ ମାସିକ ୧୦ କେ.ଜି. ଚାଉଲ ମିଳୁଥିବାର ଜନାଯାଇଛେ। ଆଏଜ୍‌ତକ୍ ତାହାକୁ ସମ୍ବଲପୁର କି ବରଗଡ଼ ଜିଲା ନିଜର ଗାଁ ମାନପୁରରେ ସରକାରୀ ଯୋଜ୍‌ନାରେ ଘରଖଁଡେ ନୁହେମିଲେ। ଇନ୍ଦ୍ରଜିତ ନିଜର ଗାଁରୁ ସମ୍ବଲପୁର ଗଲା ବେଲେ ଗୋଡ଼ଭଗା-ଡୁରୁମ ରାସ୍‌ତାରେ ତାହାକୁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ସେ ଇନ୍ଦ୍ରଜିତକୁଁ ପଚରାଲାରୁ ତାକର ଦୁଖ୍ ବଖାନିଥିଲେ। ଦିନ୍‌ଥିଲା ଇନ୍ଦ୍ରଜିତ ସମ୍ବଲପୁର ସହରରେ ରିକ୍‌ସା ବାହି କୁଟୁମ ପୁଷୁଥିଲେ। ସେ କମାନିରୁ ଛୁଆକୁ ଦୁଇଅଖର ପାଠ୍ ବି ପଢ଼େଇଛନ୍। ହେଲେ ଆଏଜ୍‌କେ ୧୭ ବଛର ତଲେ ସେ ରାସ୍‌ତାରେ ଚାଲି ଚାଲି ଯାଉଥିଲା ବେଲେ ଦୁରଘଟନାର ଶିକାର ହେଇଥିଲେ। ସେଥ୍‌ରେ ତାକର ଗୁଟେ ହାତ୍ ଆର ଗୋଡ୍ ଅଚଲ ହେଇଗଲା। ସେଦିନ୍‌ଠାନୁ ସେ ଦିବ୍ୟାଙ୍ଗ ପାଲଟିଗଲେ। ରାଶନ କାର୍ଡରେ ମିଲୁଥିବାର ୧୦ କେ.ଜି. ଚାଉଲ ବୁଢ଼ାବୁଢ଼ିକୁ ଚଲବାରେ ନିହଁଟ ହେଉଛେ। ଯେନ୍‌ଥିରଲାଗି ବୁରୁଧ ଦିବ୍ୟାଙ୍ଗ ଇନ୍ଦ୍ରଜିତ ଗୁଟେ ହାତେ ନିଜର ତିନଚକିଆ ସାଇକେଲ ଚଲେଇ ଗାଁଗାଁ ଯାଇ ଭିଖ୍‌ମାଗୁଛନ୍ ଆର କୁଟୁମ ପୁଷୁଛନ୍। ସବୁଦିନ ସମାନ ନାଇଁଯାଏ, ଯେନ୍‌ଦିନ ଭିଖ୍‌ମଗା ବଁଦ୍ ହେସି ସେ ଦିନ ବୁଢ଼ାବୁଢ଼ୀ ଉପାସେ ରହେସୁଁ। ସମ୍ବଲପୁର ଗୋପାଳପାଲିରୁ ନିଜର ତିନଚକିଆ ସାଇକେଲରେ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ହେଇ ଗୋଡ଼ଭଗା-ଡୁରୁମ-ସୋନପୁର ରାଜପଥ ଦେଇ ନିଜର ଗାଁ ଇଚ୍ଛାପୁରକେ ଯାଏସିଁ। ୬୫ କି.ମି. ସାଇକେଲ ଚଲେଇ ୩ ଦିନ୍ ଉତାରୁ ନିଜର ଗାଁ ଇଚ୍ଛାପୁରେ ପୁହୁଁଚିସିଁ ବଲି ଇନ୍ଦ୍ରଜିତ କହିଥିଲେ। ଗାଁରେ ୨୧ ଦିନ୍ ରହେଲା ଉତାରୁ ଶୁକୁରବାର ଫେନ୍ ବୁରୁଧ୍ ଦିବ୍ୟାଙ୍ଗ ନିଜର ସାଇକେଲରେ ସମ୍ବଲପୁର ମୁହାଁ ହେଇଛନ୍। ଗଲା ବେଲେ ଯେନ୍ ଜାଗାରେ ରାଏତ୍ ହେବା ସେଠାନେ ରହିଯିମି, ଏନ୍‌ଥେଇ ରଏବାର ତକ୍ ସମ୍ବଲପୁରେ ପୁହୁଁଚିମି ବଲି ସେ କହିଥିଲେ। ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ ବଏସ୍‌ର ଛାପ୍‌ରେ ଦବି ନାଇଁଯାଇ କରି ସମାଜଲାଗି ଗୁଟେ ଉଦାହରନ୍ ସାଜିଛନ୍। ହେଲେ ସରକାରୀ ଯୋଜ୍‌ନା ଯେ ଗରିବ୍ ଦୁଖିକୁ ଉପହାସ କରୁଛେ ଇ ଘଟ୍‌ନାରୁ ଫଟିକ୍ ବାରି ହେଉଛେ। ଇ ବୁରୁଧ୍ ଦିବ୍ୟାଙ୍ଗ ଉପରେ ଦୁରୁଷ୍‌ଟି ଦେଇ ସମ୍ବଲପୁର ଆର ବରଗଡ଼ ଜିଲା ପରଶାସନ ସବୁପରକାର ସରହାକରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ନାଁଇଁ ହେଲେ କେତେବେଲେ ଖରା, ବର୍ଷା, ଶୀତ କାକରରେ ଇ ବୁଢ଼ାବୁଢ଼ୀକର ଜୀବନ୍ ପଲେଇଯିବା କେହି ଯାନି ନାଇଁପାରନ୍।



ଦିବ୍ୟାଙ୍ଗ ଇନ୍ଦ୍ରଜିତ ତିନଚକିଆ ସାଇକେଲରେ ଯାଉଛନ୍।

### ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ
## ସେମିଫାଇନାଲ ରାଉଣ୍ଡ ଅପ ଚୂଡାନ୍ତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ଲୋଇସିଂହା ଷ୍ଟାଡିୟମଠାରେ ୟଙ୍ଗୟୁଥ ସଂସ୍ଥା ପକ୍ଷରୁ ୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବରଗଡ, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାଜିତ କରି ସେମିଫାଇନାଲ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ଉପଦେଷ୍ଟା ବୁଲୁ ବାଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ଏଆଇସିସି ସଭ୍ୟା ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସରପଞ୍ଚ ଗଣେଶ ସାହୁ, ନବ କିଶୋର ନାଏକ, ଓମପ୍ରକାଶ କୁମ୍ଭାର ଏବଂ ଅଜୟ ବାଲି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଅରବିନ୍ଦ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ ।



୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଖେଳାଳିଙ୍କ ସହ ଅତିଥିମାନେ।

# ହାତୀ ଘଉଡ଼ାଇବାରେ ବନ ବିଭାଗ ନାକେଦମ

**ଦେଓଗାଁ,୨୧।୧୨ଡି.ଏନ.ଏ)**

**ଦେଓଗାଁ ବ୍ଲକ**
- ଦିନସାରା ଗୋଟିଏ ସ୍ଥାନରେ ଅଟକି ରହିଲେ ହାତୀପଲ
- ରାତିରେ ଦିନପାଲି ଗାଁ ପାଖକୁ ଗଲେ
- ଭୟରେ ଖେତକୁ ଯାଉ ନାହାନ୍ତି ଚାଷୀ
- ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପ୍ରୟାସ ଜାରି ରହିଛି: ବନ ବିଭାଗ

ବଲାଙ୍ଗୀର ଜିଲା ଦେଓଗାଁରେ ଶୁକ୍ରବାର ହାତୀ ଉପଦ୍ରବରେ ଲେକେ ଆତଙ୍କିତ ହୋଇଛନ୍ତି । ସକାଳରୁ କିଛି ଲୋକେ ୭ ବଡ ଓ ୫ଟି ଛୋଟ ହାତୀ ରେଳଧାରଣା ପାରିହେଉଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ଉଦ୍ୟମ ଆରମ୍ଭ କରିଥିଲେ। ହେଲେ ଲୋକଙ୍କ ଭିଡବୃଦ୍ଧି ଯୋଗୁଁ ହାତୀପଲ ସେହି ଗୋଟିଏ ସ୍ଥାନରେ ଦିନତମାମ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ତେବେ ରାତି ୯ଟା ବେଳକୁ ସେମାନେ ଦିନପାଲି ଗାଁ ମୁଣ୍ଡରେ ଥିବା ବରଗଛ ମୂଳରେ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀପଲ ଘଉଡାଇବାକୁ କର୍ମଚାରୀଙ୍କୁ ସେଠାକୁ ପଠାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ଖବର ଅନୁସାରେ ଏହି ହାତୀପଲ ଭୀମପାହାଡ ଅଞ୍ଚଳରୁ ଉପରଝରି ଦେଇ ଶିରାବାହାଲକୁ ଆସିଥିଲେ। ସେଠାରୁ ସକାଳୁ ରେଳଧାରଣା ପାରହୋଇ ଦେଓଗାଁ ସାଗରପାଲି କଲୋନୀ ଓ ମାଁ ଷ୍ଟୋନ କ୍ରଶର ନିକଟକୁ ଆସିବା ବେଳେ ଲୋକଙ୍କ ଭିଡ ଜମିବା ଦେଖି ସେଠାରେ ଥିବା ଗଛ ଓ ବୁଦା ଘେରରେ ଅଟକି ରହିଛନ୍ତି। ଏହି ହାତୀଙ୍କ ଉପଦ୍ରବ ଯୋଗୁଁ ଶିରାବାହାଲର କେତେକ ଚାଷୀଙ୍କ ଧାନଚ ଓ ପନିପରିବାଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ କୁନ୍ଦେଇମାଳ, କୁକୁରଖାଇ, ଭୀମପାହାଡ ତଥା ଉପରଝର, ଫଟାମୁଣ୍ଡା ଅଞ୍ଚଳରେ ଚାଷୀଙ୍କ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିହୋଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସାଗରପାଲି କଲୋନୀପଡାଠାରୁ ଆରମ୍ଭ କରି ଘୁଟିପାଲି, ରାଏପାଲି, ଶିରାବାହାଲ, ଝାରମୁଣ୍ଡା ଆଦି ଅଞ୍ଚଳରେ ଲୋକେ ଆତଙ୍କିତ ଆବସ୍ଥାରେ ରହିଛନ୍ତି । ହାତୀ ଆତଙ୍କ ଖବର ପରେ କେହି ପାଖ ଜଙ୍ଗଲ ଏପରିକି ଚାଷୀ ନିଜ ଚାଷ ଜମିକୁ ମଧ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି । ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଫରେଷ୍ଟର ବାବୁଲାଲ ଦାଶ, ଗୁଡଭେଲା ଫରେଷ୍ଟର ଚିତ୍ତ ଖମାରୀ, କୁଡାସିଂହା ଫରେଷ୍ଟର ସୁଦାମ ଚରଣ ମିଶ୍ର, ସଇଁନ୍ତଲା ଫରେଷ୍ଟର ଆର.କେ. ହରପାଲ ଓ ବଲାଙ୍ଗୀର ଏପିଆର ଟିମ ତଥା ଦେଓଗାଁ ଓ ସଇଁନ୍ତଲାର ସମସ୍ତ ବନକର୍ମଚାରୀ ହାତୀ ଘଉଡାଇବା ପାଇଁ ଦିନତମାମ ଉଦ୍ୟମ ଜାରି ରଖିଛନ୍ତି । ତେବେ ଚାରିପଟେ ଦେଖଣାହାରୀଙ୍କ ଭିଡ ଯୋଗୁଁ ହାତୀପଲ ଗଛଙ୍କ ଘେରରୁ ବାହାରକୁ ବାହାରି ନ ଥିଲେ। ବନ ବିଭାଗ ଉକ୍ତ ସ୍ଥାନରେ କ୍ୟାମ୍ପ କରିଥିଲା। ଘଟଣାସ୍ଥଳରେ ବନବିଭାଗର ଏସିଏଫ ବି.ସି. ରାଉଳ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ମତ ଲୋଡିବାରୁ ବନବିଭାଗ କର୍ମଚାରୀ ମାନେ ସକାଳ ପ୍ରାୟ ୬ଟାରୁ ହାତୀପଲକୁ ଉଡାଇବାରେ ନିୟୋଜିତ ରହିଛନ୍ତି। ଲୋକଙ୍କ ଯେପରି କୌଣସି କ୍ଷତି ନ ହେବ ଓ ହାତୀମାନେ ସୁରକ୍ଷିତ ସ୍ଥାନକୁ ଯିବେ ସେ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।



ଯେଉଁମାନଙ୍କର ସଙ୍କୀର୍ଣ୍ଣଭାବ, ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ବୁରୋମାଲର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଳମଣି ମିର୍ଦ୍ଧା (୫୫)। ଗୁରୁବାର ଅପହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ଅସୁସ୍ଥ ହୋଇପଡିବାରୁ ଘର ଲୋକେ ବୁର୍ଲା ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିଲା। ତେବେ ଋଣ କରି ଚାଷ କରିଥିବାରୁ ସେ ପରିଶୋଧ ଲାଗି ଚିନ୍ତିତ ଥିଲେ। ଏଣୁ କୀଟନାଶ ପିଇ ଦେଇଥିଲେ ବୋଲି ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। କୁଳମଣିଙ୍କ ଏହି ଅକାଳ ମୃତ୍ୟୁରେ ତାଙ୍କ ଗାଁ ବୁରମାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ଲୋକଙ୍କ ସହ ଆତ୍ମୀୟ ସ୍ୱଜନ ମଧ ଭାଙ୍ଗିପଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# 'ଭିମ୍‌ସାର ନିର୍ଦ୍ଦେଶକଙ୍କୁ ତୁରନ୍ତ ନିଯୁକ୍ତି ଆମର ଦାବି'

ସମ୍ବଲପୁର,୨୧।୧୨(ବ୍ୟୁରୋ)

ଭିମ୍‌ସାର ନିର୍ଦ୍ଦେଶକ-କନିଷ୍ଠ ଡାକ୍ତରଙ୍କ ବିବାଦ ପରେ ସ୍ୱାସ୍ଥ୍ୟସଚିବ ପ୍ରମୋଦ ମେହେର୍ଦ୍ଦା ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇ ଦେଇଛନ୍ତି। ତାଙ୍କ ସ୍ଥାନରେ ପ୍ରକାଶ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ବିବାଦ ଥମିବା ବଦଳରେ ବଢିବାରେ ଲାଗିଛି। ପୂଜାହାରୀଙ୍କୁ ସମର୍ଥନ ଜଣାଇ ବିଭିନ୍ନ ବ୍ୟକ୍ତିବିଶେଷ ଶୁକ୍ରବାର ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଡିସେମ୍ବର ୩୧ ସୁଦ୍ଧା ପୂଜାହାରୀଙ୍କୁ ପୁନଃ ଅବସ୍ଥାପିତ କରିବାକୁ ଏମାନେ ଦାବି କରିଛନ୍ତି । ଯଦି ଦାବି ପୂରଣ ନ ହେଲା ତେବେ ୧ ତାରିଖରୁ ଆନ୍ଦୋଳନ ହେବ । ଭିମ୍‌ସାର ଘେରାଉ କରି ସମଗ୍ର ପଶ୍ଚିମାଞ୍ଚଳ ବନ୍ଦ କରିଦିଆଯିବ। ପଶ୍ଚିମ ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟରୁ ଏହି ଆନ୍ଦୋଳନ ହେବ। ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି । ପୂଜାହାରୀଙ୍କୁ ରାଜନୈତିକ ଚାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଧ୍ୟତାମୂଳକ ଛୁଟି ଦିଆଯାଇଛି । ସେ ଛୁଟିରେ ଗଲା ପରେ ଭିମ୍‌ସାରରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ମଧ ଅବଗତ କରାଯାଇଛି। ସେହିଭଳି ପୂଜାହାରୀଙ୍କୁ ପୁଣି ତୁରନ୍ତ ନିଯୁକ୍ତ କରିବାକୁ ଦାବି କରି ଜେଲ ଛକରେ ସପନ ମିଶ୍ରଙ୍କ ନେତୃତ୍ୱରେ ଗଣ ଧାରଣା ଦିଆଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, କଂଗ୍ରେସ ନେତା ଆଶଫ ଅଲ୍ଲୀ ଖାନ, କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ଲକ୍ଷ୍ମୀଧର ମହାନ୍ତି, ପଣ୍ଡିତ ଅମରନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ, ମିଶନ ଭିମ୍‌ସାର, ବୁର୍ଲା ସଚେତନ ନାଗରିକ ମଞ୍ଚ, ସମ୍ବଲପୁର ନାଗରିକ କମିଟି, ମହାନଗର ନିଗମ ନାଗରିକ କମିଟି, ସଚେତନ ନାଗରିକ ମଞ୍ଚ ହୀରାକୁଦ, ଭୂମିପୁତ୍ର, ମାତୃଭୂମି ଭଳି ଅନୁଷ୍ଠାନ ମଧ ପୂଜାହାରୀଙ୍କ କାର୍ଯ୍ୟକଳାପକୁ ସମର୍ଥନ କରି ତାଙ୍କୁ ପୁନଃ ନିଯୁକ୍ତି ଲାଗି ଦାବି କରିଛନ୍ତି ।



ସମ୍ବଲପୁର ଜେଲଛକରେ ଗଣ ଧାରଣାରେ କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ ବ୍ୟକ୍ତବ୍ୟ ଦେଉଛନ୍ତି ।

### ଯୋଗାଶ୍ରମ ମଠରେ ଗୀତା ଜୟନ୍ତୀ

ରିଆମାଳ, ୨୧।୧୨ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତର ରେଙ୍ଗାଳପାଲି ଯୋଗାଶ୍ୟମ ମଠ ମହନ୍ତ ସ୍ୱାମୀ ସ୍ୱରୂପାନନ୍ଦ ପୁରିଜୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। କଟାଶର ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରିଥିଲା। ପରେ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ପୂଜା, ଗୀତାପାଠ, ଗୋପୂଜନ, ଗୁରୁପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ପୀତାମ୍ବର ଶତପଥୀ, ତ୍ରିନାଥ ନନ୍ଦ, ସଞ୍ଜୟ ଶତପଥୀ, ଚନ୍ଦ୍ରଶେଖର ନନ୍ଦ ଓ କର୍ତ୍ତା ଭାବେ କୁମରମଣି ପ୍ରଧାନ, ଅମୀୟ ବେହେରା, ବଗଲ ସାମଲ, ସୁଶାନ୍ତ ପ୍ରଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପୂଜାରେ ମୁଖ୍ୟ ପ୍ରବଚକ ଦଧିବାମନଜୀ ମହାରାଜ ଉପସ୍ଥିତ ରହି ପ୍ରବଚନ ଦେଇଥିଲେ। ଏଥିରେ ୬ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏଥିରେ ଶତାଧିକ ସାଧୁ ଯୋଗଦେଇଥିଲେ।

## ପିଡବ୍ଲ୍ୟୁଡି ଅଫିସ ଦୁର୍ନୀତିର ଗନ୍ତାଘର ପାଲଟିଛି

ସମ୍ବଲପୁର, ୨୧।୧୨ (ବ୍ୟୁରୋ)

ରାଜ୍ୟ ସରକାର ଯୁବକମାନଙ୍କ ନିଯୁକ୍ତି ଓ ରୋଜଗାର ପ୍ରତି ଦୃଷ୍ଟି ଦେଉନାହାନ୍ତି । ପିଡବ୍ଲୁଡି ଅଫିସ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏହାର ପ୍ରତିବାଦରେ ସମ୍ବଲପୁର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ରିକନ୍ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସତିଶ ଦୋରା, ବିଜୟ ଅଗ୍ରୱାଲ, ରିକି ବେହେରା, ପ୍ରଭୁଦତ୍ତ ପଣ୍ଡା, ପ୍ରଭାସ ପୃଷେଠ, ବିଶ୍ୱଜିତ ବାଗ, ଅମିତ ବହିଦାର, ରାହୁଲ ମୁଦକ, ସଞ୍ଜୟ ପାତ୍ର, ଜି. ସିଂ, ସୁଶିଲ ନାୟକ, ରାଜେଶ ରାଉତ, ଅଶ୍ୱିନୀ ସୁନା, ପ୍ରକାଶ ପାଣ୍ଡେ, ସ୍ୱାଗତ ପାଢ଼ୀ, ସିପନ୍ ସାହୁ, ବୀରେନ୍ଦ୍ର ବାଗ, ଗଗନ ଯାଦବ, ହରେକୃଷ୍ଣ ଓରାମ, ସନତ ସାହୁ, ବୀରେନ୍ଦ୍ର ଲିମା, ଶିବ ପୃଷେଠ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।



ଶୁକ୍ରବାର ସମ୍ବଲପୁର ଭାଜପା ଯୁବମୋର୍ଚ୍ଚା ନେତା ଓ କର୍ମୀମାନେ ପୂର୍ତ୍ତ ବିଭାଗ ଅଫିସରେ ଆନ୍ଦୋଳନ କରିବାକୁ ରାଲିରେ ଯାଉଛନ୍ତି ।

### ଜୀବନ ବୀମା ଅଭିକର୍ତ୍ତା ସଂଘର ସାଧାରଣ ବୈଠକ

## ଅଭିଜିତ ରାୟ ସଭାପତି, ପ୍ରମୋଦ ତ୍ରିପାଠୀ ସମ୍ପାଦକ



ଶୁକ୍ରବାର ସମ୍ବଲପୁରଠାରେ ଜୀବନ ବୀମା ଅଭିକର୍ତ୍ତା ସଂଘର ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ଦାମୋଦର କର ଶପଥ ଗ୍ରହଣ କରାଉଛନ୍ତି ।

ସମ୍ବଲପୁର, ୨୧।୧୨ (ବ୍ୟୁରୋ)

ଜୀବନ ବୀମା ଅଭିକର୍ତ୍ତା ସଂଘର ସାଧାରଣ ବୈଠକ ଶୁକ୍ରବାର ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି ବରିଷ୍ଠ ନେତା ଦାମୋଦର କରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସମୀର ସିଂ, ପ୍ରଫୁଲ୍ଲ ବେହେରା ଓ ରାକେଶ ସାହୁ ଯୋଗଦେଇ ସଂଘକୁ ଶକ୍ତିଶାଳୀ ଓ ମଜଭୁଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଂଘ ସଭାପତି ଦେବ କରାଲିଙ୍କ ପରିଚାଳନାରେ ସଭା ହୋଇଥିଲା। ସାଧାରଣ ସମ୍ପାଦକ ପ୍ରମୋଦ ସାହୁ ବିବରଣୀ ପାଠ ଉପସ୍ଥାପନା କରିଥିଲେ। ଏହାପରେ ସଂଘର ନୂତନ ସଭାପତି ଅଭିଜିତ ରାୟ, ସମ୍ପାଦକ ପ୍ରମୋଦ ତ୍ରିପାଠୀ ଓ କୋଷାଧକ୍ଷ ଶପଥ ଗ୍ରହଣ କରି ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଏଲଆଇସି ଶାଖା-୧ ପରିଚାଳକ ଅମରନାଥ ଗୁପ୍ତା ଓ ସହଶାଖା ପରିଚାଳକ ଦେବରାଜ ସେଠ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଅଭିକର୍ତ୍ତା ଭାବେ ମାନସ ଶତପଥୀଙ୍କ ସମେତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଃଖିଶ୍ୟାମ ବାବୁ, କାଳୀଦାସ ପଣ୍ଡା, ରଜନୀ ମିଶ୍ର, ରାକେଶ କୋଟାଲ, ଅଳକା ଭିରୋଜା, ଅଶୋକ ମହାପାତ୍ର, ହନୁମାନ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ହାତୀ ଚଲାପଥ ନିର୍ମାଣରେ ବ୍ୟତିକ୍ରମ ଘଟଣା

## ଖବର ପ୍ରକାଶ ପରେ ନିଦ ଭାଙ୍ଗିଲା

- ପରିଦର୍ଶନ କଲା ବନ ବିଭାଗ
- ଏନଏଚଏଆଇ ସାମିଲ
- ଠିକା ସଂସ୍ଥା ଉପରେ ଖପ୍ପା

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ପର୍ଯ୍ୟନ୍ତ ୫୫. ନଂ. ଜାତୀୟ ରାଜପଥକୁ ୪ ଥାକିଆ କରାଯାଉଛି। ହେଲେ ବନ୍ୟପ୍ରାଣୀଙ୍କ ଯାତାୟତ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏ ନେଇ ଧରିତ୍ରୀରେ ୨୧ ତାରିଖ ଖବର ପ୍ରକାଶ ପାଇଥିଲା । ଖରବ ପ୍ରକାଶ ପରେ ବନ ବିଭାଗ ଚେଇଁ ଉଠିଛି। ଶୁକ୍ରବାର ଜାତୀୟ ରାଜପଥ ବିଭାଗର ଅଧିକାରୀ, ଠିକା କମ୍ପାନୀର ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କଟେଶ୍ୱର ରେଡ୍ଡି ଓ ବନ ବିଭାଗର ସଦର ରେଞ୍ଜର ଗୌରୀ ଦାସ ମିଳିତ ଭାବେ ସର୍ଭେ କରିଛନ୍ତି । ହାତୀ ଚଲାପଥ ନିର୍ମାଣରେ ତ୍ରୁଟି ରହିଛି । କାମ ଠିକ ଭାବେ କରିବା ସହ ବନ ବିଭାଗର ପରାମର୍ଶରେ କାମ କରିବାକୁ ତାଗିଦ କରାଯାଇଛି । ସେହିପରି ରାସ୍ତା ନିର୍ମାଣ ସମୟରେ ସରୀସୃପ ଓ ଛୋଟ ଛୋଟ ବନ୍ୟ ପ୍ରାଣୀ ଯିବାକୁ ରାସ୍ତା ନିର୍ମାଣ କରାଯାଇନାହିଁ । ନିୟମ ଅନୁସାରେ ଜଙ୍ଗଲ ଥିବା ସ୍ଥାନରେ ରାସ୍ତା ତଳେ ୧ ମିଟର ଦୈର୍ଘ ଓ ପ୍ରସ୍ତ ବିଶିଷ୍ଟ ପୋଲ କିମ୍ୱା କଲଭର୍ଟ ନିର୍ମାଣ କରାଯିବାର ଆବଶ୍ୟକ ରହିଛି । ହେଲେ କମ୍ପାନୀ ଏହାକୁ ପାଳନ ନ କରି କାମ କରି ଚାଲିଛି । ତେଣୁ ସଦର ରେଞ୍ଜ ଅଧୀନରେ ମୋଟ ୮ଟି ଏଭଳି ପୋଲ ନିର୍ମାଣ କରିବାକୁ ଚିହ୍ନଟ ଦିଆଯାଇଛି ବୋଲି ବନ ବିଭାଗ କହିଛି । ହାତୀ ଚଲାପଥ ଡିଜାଇନକୁ ବନ ବିଭାଗ ପକ୍ଷରୁ ସ୍ୱୀକୃତି ମିଳି ନ ଥିଲା । ହାତୀ ଚଲାପଥ ନିର୍ମାଣ ସ୍ଥାନରେ ପାରିପାର୍ଶ୍ୱିକ ପ୍ରାକୃତିକି ସ୍ଥିତି ଯାହା ଥିବା ତାହାକୁ ନଷ୍ଟ ନ କରି ନିର୍ମାଣ ହେବା କଥା । ହେଲେ କମ୍ପାନୀ ସବୁ ଛାରଖାର କରି ଦେଇଥିଲା।

## ଆତ୍ମରକ୍ଷା ତାଲିମ ନେଲେ ଭୀମ ଭୋଇ କଲେଜର ଛାତ୍ରୀ

ରେଢ଼ାଖୋଲ,୨୧।୧୨(ଡି.ଏନ.ଏ.)

ରେଢ଼ାଖୋଲ ଭୀମ ଭୋଇ କଲେଜରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅଧକ୍ଷ ଡ. ହରପ୍ରସାଦ ମିଶ୍ର ,ଅଧାପିକ ପଦ୍ମଜା ସିହ୍ନା, ସୁପ୍ରିୟା କୁମାରୀ ମଲ୍ଲିକ, ମମତା ମହାପାତ୍ର ପ୍ରମୁଖ ଯୋଗ ଦେଇ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅଧାପିକା ଅନିତା କିଷାନ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧାପିକା ପ୍ରଜ୍ଞାଲକ୍ଷ୍ମୀ ପାଢୀ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷିକା ଏଲ ବିଷ୍ଣୁପ୍ରିୟା ସାଗର ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।




ଭୀମ ଭୋଇ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ।

## ମୁଖ୍ୟ ଡାକଘର ସମ୍ମୁଖରେ କର୍ମଚାରୀ ଧାରଣା ଦେଲେ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୪ ଦିନରେ ପହଞ୍ଚିଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ମୁଖ୍ୟ ଡାକଘର ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଗ୍ରାମୀଣ ଡାକ ସେବକମାନଙ୍କ କାର୍ଯ୍ୟ ସମୟ ଅବଧି ୮ଘଣ୍ଟା କରାଯାଉ, କମଲେଶ୍ ଚନ୍ଦ୍ର କମିଟିର ସମସ୍ତ ରିପୋର୍ଟକୁ ଲାଗୁ କରାଯାଇ ଅବସରକାଳୀନ ଭତ୍ତା ଦେବା ଆଦି ଦାବି ରହିଛି । ପ୍ରବୀର ଘୋଷ, ଈଶ୍ୱର ସାହୁ, ଗୋବର୍ଦ୍ଧନ ସାହୁ, ସଭ୍ୟ ଅରୁଣ ମିଶ୍ର, ସରୋଜ ବିଶ୍ୱାଳ, ଦିବ୍ୟ ନାୟକ, କିଶୋର ଚନ୍ଦ୍ର ତ୍ରିପାଠୀ, ଏ. ବାରିକ, ଲଳିତ ମୁଣ୍ଡା, ପ୍ରତି ସାହୁ, ଏନ. କେର୍କେଟା, ଏସ ରେହେନା, ଦିନବନ୍ଧୁ ନାୟକ, ସତ୍ୟବାଦୀ ମିରିଙ୍ଗ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।




ଶୁକ୍ରବାର ସମ୍ବଲପୁର ମୁଖ୍ୟ ଡାକଘର ସମ୍ମୁଖରେ ଧାରଣା ଦିଆଯାଇଛି ।

## ୪ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି

### ବୋର୍ଡ ଅଫିସ ପୋଡିଦେବା ଘଟଣା

- ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- ରିପୋର୍ଟ ଦାଖଲ
- କଟକରୁ ଆସିବେ ଅଧିକାରୀ
- ସୁରକ୍ଷିତ ଅଛି ସାର୍ଟିଫିକେଟ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ଜେଲ ଛକ ନିକଟସ୍ଥ ବୋର୍ଡ ଅଫିସରେ ପୋଡଜଳା ଘଟଣାକୁ ୩ ଦିନ ବିତି ଯାଇଛି । ଶୁକ୍ରବାର ପୋଲିସ ଉପସ୍ଥିତିରେ ଅଫିସ ଖୋଲି କ୍ଷୟକ୍ଷତି ଆକଳନ କରାଯାଇଛି। ଆଞ୍ଚଳିକ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟମଣୀ ମାଝି ଓ ଅନ୍ୟ ଅଧକାରୀମାନେ ଉପସ୍ଥିତ ଥିଲେ । ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା କାର୍ଯ୍ୟାଳୟର ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା, ଫୋନ୍, ବୈଦ୍ୟୁତିକ ସାମଗ୍ରୀ ଆଦି ସବୁକୁ ମିଶାଇ ମୋଟ ୪ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି। ତେବେ ଏହାର ରିପୋର୍ଟ ପ୍ରସ୍ତୁତ କରି କଟକ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ସେଠାରୁ ଏକ ଟିମ୍ ଆସି ରିପୋର୍ଟ ସଂଗ୍ରହ କରିବେ। ପରେ କାର୍ଯ୍ୟାଳୟର ମରାମତି କାମ ଆରମ୍ଭ ହେବ। ହେଲେ ଅଫିସରେ ଥିବା ସାର୍ଟିଫିକେଟ ସୁରକ୍ଷିତ ଅଛି ବୋଲି ନିର୍ଦ୍ଦେଶକ ମାଝି ସୂଚନା ଦେଇଛନ୍ତି । ଅନ୍ୟପଟେ ପୋଲିସ ଟିମ୍ ଗୁପ୍ତ ଭାବରେ ତଦନ୍ତ କରୁଛି । ବିଭିନ୍ନ ସ୍ଥାନରେ ସିସି ଟିଭି ଯାଞ୍ଚ କରୁଛି । ସେଥିରୁ କିଛି ସୁରାକ ପାଇଛି, ଯାହାକି ତଦନ୍ତରେ ସହାୟକ ହେବ। ଏହି ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଖୋଜା ଚାଲିଛି ବୋଲି ପୋଲିସ କହିଛି ।



ସମ୍ବଲପୁର ବୋର୍ଡ ଅଫିସରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

### ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଜେସିସିକୁ ହରାଇ ଫୋରସି ଚାମ୍ପିୟନ

ସମ୍ବଲପୁର,୨୧।୧୨ (ବ୍ୟୁରୋ)

ଚତୁର୍ଥ ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କମିଶନର୍ସ କଲୋନୀ କ୍ରିକେଟ କ୍ଲବ (ଫୋରସି) ଚାମ୍ପିୟନ ଓ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ (ଜେସିସି) ରନର୍ସ ଅପ୍ ଟ୍ରଫି ହାସଲ କରିଛି । ହାୱା ମଇଦାନଠାରେ ଟସ ଜିଣି ଜେସିସି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା । ଦଳର ସୁମିତ ପାଢ଼ୀ ୩୫ ବଲରେ ୩୦, ଅଭିନବ ସାମଦ ୨୨ ବଲରେ ୨୯ ଓ ସୁଶାନ୍ତ ପଣ୍ଡା ୧୫ ବଲରେ ୨୨ ରନ ସଂଗ୍ରହ କରିଥିଲେ । ଫୋରସି ବୋଲର ପ୍ରଶାନ୍ତ ଠକର୍ ୪ଓଭରରେ ୧୭ ରନ ଦେଇ ୨ଟି, ଅଭିନବ ନନ୍ଦ ୨ଓଭରରେ ୧୦ ରନ ଦେଇ ୨ଟି ଓ ପ୍ରିୟ ନାଥ ୪ ଓଭରରେ ୨୩ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ । ୧୧୪ ରନର ବିଜୟ ଲକ୍ଷ୍ୟ ନେଇ ଫୋରସି ଖେଳାଳି ପଡିଆକୁ ଓହ୍ଲାଇଥିଲେ । ଦଳ ୧୮.୧ ଓଭରରେ ୭ଟି ଉଇକେଟ ହରାଇ ୧୧୬ ରନ କରି ବିଜୟୀ ହୋଇଥିଲା । ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ରୋଶନ ମହାପାତ୍ର ୪୮ ବଲରେ ୫୩ ଓ ଶୁଭ୍ରାଂଶୁ ବେହେରା ୨୧ ବଲରେ ୩୯ ରନ କରିଥିଲେ । ଜେସିସି ବୋଲର୍ ରାଜେଶ୍ୱର ମହାନ୍ତି ୪ ଓଭରରେ ୧୬ ରନ ଦେଇ ୧ଟି ଓ ଅଭିନାଶ ନନ୍ଦ ୪ଓଭରରେ ୧୭ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଭାଜପା ନେତା ନାଉରୀ ନାୟକ, ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ସୁବୋଧ ସାହୁ ଓ ବିକାଶ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଆୟୋଜକ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସଭାପତି ଜିତେନ୍ଦ୍ର ହୋତାଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ସାଧାରଣ ସମ୍ପାଦକ ସରୋଜ ପତି ସୂଚନା ପ୍ରଦାନ କରିଥିଲେ । ରୋଶନ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ, ସୁମିତ ପାଢ଼ୀଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ କୁଶଳ ପଟେଲଙ୍କୁ ଶ୍ରେଷ୍ଠ ବୋଲର୍ ଭାବେ ପୁରସ୍କୃତ କରାଯାଇଥିଲା । ଦେବେନ୍ଦ୍ର ହୋତା, ରାଜେନ୍ଦ୍ର ହୋତା, ଅଜିତ ହୋତା, ବିକାଶ ମେହେର, ମହେଶ ମୁନସୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଶୁକ୍ରବାର ହାୱା ମଇଦାନଠାରେ ଅତିଥିମାନେ ଚାମ୍ପିୟନ ଫୋରସି ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।



୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### କଦଳୀଗଡ ହାଇସ୍କୁଲର କ୍ରୀଡ଼ା ପ୍ରତିଯୋଗିତା

ରେଢ଼ାଖୋଲ,୨୧।୧୨(ଡି.ଏନ.ଏ.)- ରେଢ଼ାଖୋଲ ବ୍ଲକ କଦଳୀଗଡ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଦଳୀଗଡ ସମିତି ସଭ୍ୟ ଧର୍ମେନ୍ଦ୍ର କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିବ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ର କ୍ରୀଡାଜ୍ୟୋତିକୁ ଖେଳପଡିଆକୁ ଆଣିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡା ପରିଚାଳନା କରିବା ସହିତ ସହଯୋଗ କରିଥିଲେ।



### ୨୦ କୁଇଣ୍ଟାଲ ୪୦ କେଜି କେନ୍ଦୁପତ୍ର ଜବତ

ରେଢ଼ାଖୋଲ,୨୧।୧୨(ଡି.ଏନ.ଏ.)- ରେଢ଼ାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅଧୀନ ଖଣ୍ଡହତା ଗ୍ରାମର ପଞ୍ଚାନନ ପ୍ରଧାନଙ୍କ ଘରେ ଶୁକ୍ରବାର ବନ ବିଭାଗ ଚଢାଉ କରି ଚୋରା ଚାଲାଣ ପାଇଁ ଗଚ୍ଛିତ ଥିବା ୨୦ କୁଇଣ୍ଟାଲ ୪୦ କେଜି କେନ୍ଦୁପତ୍ର ଜବତ କରିଛି। ଚଢାଉ ବେଳେ ପଞ୍ଚାନନ ଫେରାର ହୋଇଯାଇଛନ୍ତି। ବଡବାହାଲ ରେଞ୍ଜ ଅଧିକାରୀ ଦିଲ୍ଲୀପ ଧଳ, ରେଢ଼ାଖୋଲ ରେଞ୍ଜ ଅଧିକାରୀ ପ୍ରଦୀପ ସେଠି, ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ନାରାୟଣ ନାଏକ, ସୁରେନ୍ଦ୍ର ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ୩୦ ଜିଲାରୁ ୧୮୦ ପ୍ରକଳ୍ପ ପ୍ରଦର୍ଶିତ

# କ୍ରିୟାଶୀଳ ବିଜ୍ଞାନ ସକାଶେ ପ୍ରଦର୍ଶନୀ ଆବଶ୍ୟକ

ସମ୍ବଲପୁର, ୨୧।୧୨ (ବ୍ୟୁରୋ)

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲଠାରେ ୫୪ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ରାଜ୍ୟର ୩୦ଟି ଜିଲାର ୧୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି । ଭୁବନେଶ୍ୱର ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ ଓ ସମ୍ବଲପୁର ଜିଲା ଶିକ୍ଷା ଅଫିସ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ୧୮୦ଜଣ ଛାତ୍ରୀଛାତ୍ର ଓ ୧୮୦ଜଣ ଗାଇଡ୍ ଟିଚର୍ ସାମିଲ ହୋଇଛନ୍ତି । କୃଷି ଓ ଜୈବିକ କୃଷି, ଗଣିତ ମଡେଲ୍, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ବିଷୟ ବସ୍ତୁ ଶୀର୍ଷକ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଏଥିସହ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ହୀରାକୁଦ ଆଇଟିଆଇ ବ୍ରହ୍ମପୁର ଏନଆଇଏସଟି, ରାଉରକେଲା ଡିପିଇଟି ଓ କର୍ନାଟକର ଅଗସ୍ତିଆ ଇଣ୍ଟରନ୍ୟାଶନାଲ କୁପମ୍ ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ କୁଳପତି ଅଟଳ ଚୌଧୁରୀ, ସମ୍ବଲପୁର ଆଇଆଇଏ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ଏସପି ସଞ୍ଜୀବ ଅରୋରା, ଟିଇଆଣ୍ଡଏସସିଇଆରଟି ଡେପୁଟି ଡାଇରେକ୍ଟର ଡ. ନିବେଦିତା ନାୟକ, ଏସସିଇଆରଟିର ପ୍ରଫେସର ସୁନିତା ଫରକିଆ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷିକା ଦିପାଳୀ ଚୌଧୁରୀ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରଶ୍ନ ପଚାରିବାର ସୁଯୋଗ ସୃଷ୍ଟି କରିବା, ପ୍ରକଳ୍ପ ପ୍ରସ୍ତୁତିରେ ଠିକ୍ ମାର୍ଗଦର୍ଶନ କରିବା ସହ ବିଜ୍ଞାନ ଶିକ୍ଷା ବେଳେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମୂଳକ ପ୍ରଶ୍ନ ଦେବାକୁ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏଥିସହ ବିଜ୍ଞାନ ଉପରେ ଚିନ୍ତନ ଓ ଅନୁଶୀଳନ କରିବା, ସ୍ୱପ୍ନ ଦେଖି ତାକୁ କାର୍ଯ୍ୟକାରିତା କରିବା ଆବଶ୍ୟକତା ରହିଛି । ବର୍ତ୍ତମାନ ବିଜ୍ଞାନର ଯୁଗ। ଏଣୁ ବିଜ୍ଞାନ ସମସ୍ତଙ୍କ ସକାଶେ ବିଧେୟ ହେବା ଜରୁରୀ। ଶିକ୍ଷକମାନଙ୍କ ଶିକ୍ଷାଦାନ ମଧ୍ୟ ଗବେଷଣାତ୍ମକ ଓ ପ୍ରୟୋଗାତ୍ମକ ହେଲେ ଛାତ୍ରୀଛାତ୍ର ଅଧିକରୁ ଅଧିକ ଜ୍ଞାନ ଆହାରଣ କରିପାରିବେ। କ୍ରିୟାଶୀଳ ବିଜ୍ଞାନ ପାଇଁ ବିଜ୍ଞାନ ପ୍ରଦର୍ଶନୀର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି । ଉଦ୍‌ଘାଟନୀ ସଭା ପ୍ରାରମ୍ଭରେ ଭିସୁଟ ପ୍ରଫେସର ଶରତ କୁମାର ସ୍ୱାଇଁ ବିଜ୍ଞାନ ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ବାର୍ତ୍ତା ଉପରେ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ସମଲେଶ୍ୱରୀ ନର୍ସିଂହୋମ ନିର୍ଦ୍ଦେଶକ ଡା. ରବୀନ୍ଦ୍ର ପ୍ରଧାନ ବିଜ୍ଞାନ ଶୀର୍ଷକ କୁଇଜ ପରିଚାଳନା କରିଥିଲେ। ତାଙ୍କୁ ଓମ ପ୍ରକାଶ ରଥ ସହଯୋଗ କରିଥିଲେ। ପ୍ରଦର୍ଶନୀ ପରିସରରେ ବିଶିଷ୍ଟ ବୈଜ୍ଞାନିକମାନଙ୍କ କଟଆଉଟ୍ ସ୍ଥାନିତ କରାଯାଇଛି । ସେହିପରି ସେଲଫି କର୍ନର୍‌ର ବ୍ୟବସ୍ଥା ରହିଛି । ଡ. ବି. ବେହେରା, ଡ. ସୁଶାନ୍ତ କୁମାର ପାଇକରାୟ, ଡ. ସୁନୀଲ ଗୁରୁ, ଡ. ପୁରନ୍ଦର ମଣ୍ଡଳ, ଡ. ପ୍ରଜ୍ଞାଶ୍ରୀ ମିଶ୍ର, ଡ. ରାମ ନରେଶ, ଡ. ସୁବାସ ଚନ୍ଦ୍ର ସାହୁ ଓ ଭବାନୀପ୍ରସାଦ ବାଗ ଏବଂ ଡ. ସରୋଜ କୁମାର ପ୍ରଧାନ ବିଚାରକ ରହିଛନ୍ତି । ସନ୍ଧ୍ୟାରାଣୀ ପୃଷ୍ଟି, ସୁନିତା ପତ୍ରି, ସତ୍ୟନାରାୟଣ ସାହୁ ଉଦ୍‌ଘାଟନୀ ଉତ୍ସବରେ ସଂଯୋଜନା କରିଥିଲେ । ବୁଢ଼ାରଜା ନୋଡାଲ ହାଇସ୍କୁଲ ଛାତ୍ରୀ ପୂର୍ଣ୍ଣିମା ମୁଣ୍ଡା, ମମତା ମୁଣ୍ଡା, ତନୁଶ୍ରୀ ଆଇନ୍ଦ, କନୁଶ୍ରୀ ଆଇନ୍ଦ, ଶୁଭ୍ରସ୍ମିତା ମିଶ୍ର, ରୋଶନି ତ୍ରିପାଠୀ, ଯାଜ୍ଞାସେନୀ ବିଶ୍ୱାଳ, ଶ୍ୱେତା ଦେବନାଥ, ସ୍ଥିତିପ୍ରଜ୍ଞା ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଏହାକୁ ଗୁରୁ ରଞ୍ଜନ କୁମାର ସାହୁ, ଅସିମ୍ ପ୍ରଧାନ ଓ ମନୋଜ ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟାରେ ସ୍ୱାଗତିକା ପଣ୍ଡା, ପୁଷ୍ପାଞ୍ଜଳି ମିଶ୍ର, ସୁଶ୍ରୀସଂଗୀତା ଗୁରୁ ଓ ଆଶିଷ ପ୍ରଧାନଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ମୁଖ୍ୟତୋରଣ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ୍ ଓ ମଞ୍ଚ ପଦ୍ମଶ୍ରୀ ଡା. ପର୍ଶୁରାମ ମିଶ୍ରଙ୍କ ନାମରେ ନାମିତ କରାଯାଇଛି । ପ୍ରତିଦିନ ପ୍ରଦର୍ଶନୀ ସହ ସ୍ୱାସ୍ଥ୍ୟ, ଗଣିତ ଓ ବିଜ୍ଞାନ ବିଷୟରେ ବକ୍ତୃତା ମାଳା, ସ୍ୱାସ୍ଥ୍ୟ ସଚେତନତା କଥନ, ବିଜ୍ଞାନ କୁଇଜ୍, ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ।



ଶୁକ୍ରବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅତିଥିମାନେ ବୁଲି ଦେଖୁଛନ୍ତି।

### ଇଣ୍ଟରସିଟି ଏକ୍ସପ୍ରେସ ଆଂଶିକ ବାତିଲ

ସମ୍ବଲପୁର,୨୧।୧୨ (ବ୍ୟୁରୋ)

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ୨୧ରୁ ୨୫ ଡିସେମ୍ବର ମଧ୍ୟରେ ଆଂଶିକ ବାତିଲ କରାଯାଇଛି । ଫଳରେ ୧୨୮୯୩-୧୨୮୯୪ ଇଣ୍ଟରସିଟି ଏକ୍ସପ୍ରେସ ଭୁବନେଶ୍ୱର-ବରଗଡ-ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ । ସମ୍ବଲପୁର-ଟିଟିଲାଗଡ ସେକ୍ସନ ବଲାଙ୍ଗୀର ଓ ଭଇଁସାପାଲି ଷ୍ଟେଶନରେ ନିରାପତ୍ତା ଭିତ୍ତିକ ଆଧୁନିକ କାର୍ଯ୍ୟ କରାଯାଉଛି । ବଲାଙ୍ଗୀର ଓ ଦେଓଗାଁ ରୋଡ ଷ୍ଟେଶନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରେନ ଆଂଶିକ ବାତିଲ କରାଯାଇଥିବା ସମ୍ବଲପୁର ରେଳ ମଣ୍ଡଳ ଜନସମ୍ପର୍କ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

### ଦାଦାବଟି ମାଗିବା ଘଟଣାରେ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା ମୋତିଝରଣରେ ଏକ କିରାନା ଦୋକାନରେ ଦାଦା ବଟି ମାଗିବା ସହ ଅସୁରା ମାଡ ମାରିବା ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନେ ହେଲେ ମହମ୍ମଦ ଇରଫାନ ଓ ମହମ୍ମଦ ସଲମନ। ଗୁରୁବାର ମୋତିଝରନର ଭିଜିଲାନ୍ସ ଅଫିସ ନିକଟରେ କିରାନା ଦୋକାନରେ ଏମାନେ ଦାଦା ବଟି ମାଗିଥିଲେ । ଟଙ୍କା ନ ଦେବାରୁ ଦୋକାନୀ ବିନୟ କୁମାର ସାହୁ, ବେଦଜ୍ୟୋତି ସାହୁଙ୍କୁ ଅସୁରାରେ ମାଡ ମାରିଥିଲେ । ଅଭିଯୋଗ କ୍ରମେ କେସ ନଂ ୪୬୯/୧୮ରେ ଏମ ମାମଲା ରୁଜୁ ହୋଇଥିଲା ।

### ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ

ସମ୍ବଲପୁର, ୨୧।୧୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅମ୍ବିରାନଗର ଅଞ୍ଚଳରେ ଶୁକ୍ରବାର ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶ୍ରୟ ଅନୁଷ୍ଠାନ ସଭାନେତ୍ରୀ ଚନ୍ଦ୍ରଲେଖା ବହିଦାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳରେ ରହୁଥିବା ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଅପରପକ୍ଷେ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ବିପଦପୂର୍ଣ୍ଣ ଭାବେ ପଡିରହିଛି । ଛାତରୁ ସିମେଣ୍ଟ ଖସି ଯାଇଛି । ଏହି ବିପଦପୂର୍ଣ୍ଣ କୋଠରିରେ ଅଞ୍ଚଳର ଶିଶୁମାନେ ପାଠ ପଢୁଛନ୍ତି । ତେଣୁ ଏ ଦିଗରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅଞ୍ଚଳବାସୀଙ୍କ ସହ ପ୍ରଶ୍ରୟ ଅନୁଷ୍ଠାନ କର୍ମକର୍ତ୍ତା ଆଲୋଚନା କରିଛନ୍ତି ।

## ଅସହାୟ ବୃଦ୍ଧଙ୍କୁ ଜରାଶ୍ରମରେ ଆଶ୍ରୟ

ଧମା, ୨୧।୧୨ (ଡି.ଏନ.ଏ.)

ଯୁଯୁମୁରା ଅଞ୍ଚଳରୁ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରାଯାଇଛି। ବୃଦ୍ଧ ଜଣକ ବିହାର ଭୋଜପୁର ଜିଲାର ଦିବାକର ଚୌଧୁରୀ। ସେ ବୁଲାବୁଲି କରୁଥିବା ବେଳେ ପୋଲିସ ଅଧିକାରୀ ସୁନିତା ବେହେରା ଖବର ପାଇ ଜିଲା ରେଡକ୍ରସ କାର୍ଯ୍ୟକର୍ତ୍ତା ପ୍ରମିଳା ବେହେରାଙ୍କୁ ଖବର ଦେଇଥିଲେ। ଶେଷରେ ଜିଲାପାଳ ସମର୍ଥ ବର୍ମାଙ୍କ ହସ୍ତକ୍ଷେପରେ ତାଙ୍କୁ ଧମା ଥାନା ଅନ୍ତର୍ଗତ ଭଇଁରୋପାଲି ବୀର ସୁରେନ୍ଦ୍ର ସାଏ ଜରାନିବାସରେ ଥଇଥାନ କରାଯାଇଛି। ସେଠାରେ ସମ୍ପାଦକ ସତ୍ୟନାରାୟଣ ମେଣ୍ଡଲି ସମସ୍ତ ସଦସ୍ୟଙ୍କ ସହ ତାଙ୍କୁ ଗ୍ରହଣ କରି ସ୍ୱାଗତ କରିଛନ୍ତି ।

## ଧାରଣାରେ କର୍ମଚାରୀ, ଡାକ ସେବା ସମ୍ପୂର୍ଣ୍ଣ ବ୍ୟାହତ

ରେଢ଼ାଖୋଲ,୨୧।୧୨ (ଡି.ଏନ.ଏ.)

ଅଖିଳ ଭାରତୀୟ ଗ୍ରାମିଣ ଡାକ ସେବକ ସଂଘ ଆହ୍ୱାନକ୍ରମେ ରେଢ଼ାଖୋଲ ଉପ-ଡାକଘର ଅଧିନ ସମସ୍ତ ଗ୍ରାମିଣ ଡାକ ସେବକମାନେ ୧୦ଦଫା ଦାବି ନେଇ ଧର୍ମଘଟ କରିବା ସହିତ ଧାରଣାରେ ବସିଛନ୍ତି। ଗତ ୧୮ ତାରିଖଠାରୁ ଚାଲିଥିବା ଏହି ଆନ୍ଦୋଳନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ରେଢ଼ାଖୋଲ ସଂଘର ସଭାପତି ଜନ୍ମେଜୟ ପଣ୍ଡା କହିଛନ୍ତି। ତେବେ ଗ୍ରାମିଣ ଡାକ ସେବକ ସଂଘର କାର୍ଯ୍ୟବନ୍ଦ ଯୋଗୁ ଜରୁରୀ ଡାକ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଟେଲିଫୋନ ବିଲ୍, ରେଜିଷ୍ଟ୍ରି ଚିଠି, ସ୍ପିଡ୍ ପୋଷ୍ଟ ସମେତ ଜରୁରୀ ସେବା ବନ୍ଦ ହୋଇ ଯାଇଛି। ଉପ-ଡାକଘର ତାଲା ପକାଇ କାର୍ଯ୍ୟାଳୟ ସମ୍ମୁଖରେ ଡାକସେବକମାନେ ଧାରଣାରେ ବସିଥିବା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମଲେଶ ଚନ୍ଦ୍ର କମିଟିର ସମସ୍ତ ରିପୋର୍ଟକୁ ୧।୧।୨୦୧୬ ତାରିଖଠାରୁ ଲାଗୁ କରାଯାଇ ଅବସର କାଳିନ ଭତ୍ତା ପ୍ରଦାନ, ଗ୍ରାଚ୍ୟୁଟି ଓ ଜିଆଇଏସ ଦେଢ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ଅତିରିକ୍ତ ଇନକ୍ରିମେଣ୍ଟ ଲାଗୁ କରାଯିବା, କମ୍ପୋଜିଟ ଆଲାଉନ୍ସ ୫ଶହରୁ ୧୬ଶହ ଟଙ୍କାକୁ ବୃଦ୍ଧି ଓ ଗ୍ରାମିଣ ଡାକ ସେବକମାନଙ୍କ କାର୍ଯ୍ୟ କରିବାର ଅବଧି ୮ଘଣ୍ଟା କରାଯିବା ଆଦି ଦାବି କରାଯାଇଛି।



ରେଢାଖୋଲରେ ଡାକସେବକମାନେ ଉପ-ଡାକଘର ସମ୍ମୁଖରେ ଧାରଣାରେ ବସିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର ଆଗରେ ଝମକରେଇ ଗ୍ରାମର ପ୍ରଫୁଲ୍ଲ କୁଲୁଙ୍କ ପରିବାର।

## ଘର ଭାଙ୍ଗିଲା ଦନ୍ତା, କାନ୍ଥ ପଡି ଜଣେ ଆହତ

# ବାହାଘର ପାଇଁ ଥିବା ଜିନିଷପତ୍ର ଭାଙ୍ଗିଲା, ଧାନଚାଉଳ ଖାଇଲା

ରେଢ଼ାଖୋଲ,୨୧।୧୨(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡରେ ଦନ୍ତା ହାତୀର ଉପଦ୍ରବ ଦିନକୁ ଦିନ ବଢିବାରେ ଲାଗିଛି। ଗତ କିଛି ମାସର ନିରବତା ପରେ ଦନ୍ତା ହାତୀଟି ପୁଣି ଉପଦ୍ରବ ଆରମ୍ଭ କରିଛି। ବଡବାହାଳ ରେଞ୍ଜ ଅଧୀନ ତ୍ରିବଣପୁର ସେକ୍ସନର ଭତରା, ଝମକରେଇ ଗ୍ରାମରେ ଗୁରୁବାର ରାତିରେ ଉପଦ୍ରବ କରି ଘର ଭାଙ୍ଗିଛି। ରାତି ପ୍ରାୟ ୧୨ ଟା ବେଳେ ଦନ୍ତା ହାତୀ ଝମକରେଇ ଗ୍ରାମର ପ୍ରଫୁଲ୍ଲ କୁଲୁଙ୍କ ଘରର କାନ୍ଥ ଭାଙ୍ଗିଛି। ଘର ଭିତରେ ଶୋଇଥିବା ପ୍ରଫୁଲ୍ଲଙ୍କ ଉପରେ କାନ୍ଥ ପଡିବା ଯୋଗୁ ସେ ଆହତ ହୋଇଛନ୍ତି। କାନ୍ଥ ଭାଙ୍ଗି ଘର ଭିତରକୁ ହାତୀ ପଶି ଆସୁଥିବା ଦେଖି ପରିବାର ବର୍ଗଙ୍କ ସହ ସେ ଜୀବନ ଭୟରେ ପଳାଇ ଯାଇ ଅଳ୍ପକେ ରକ୍ଷା ପାଇଥିଲେ। କାନ୍ଥ ପଡିଯିବା ଯୋଗୁ ଘର ଭିତରେ ଭଉଣି ବାହାଘର ପାଇଁ ସେ ରଖିଥିବା ଘରକରଣା ସାମଗ୍ରୀ ସବୁ ଭାଙ୍ଗି ରୁଜି ଯାଇଛି। ହାତୀ ଘର ଭିତରକୁ ପଶି ଘରେ ଧାନ ଚାଉଳ ଖାଇବା ସହ ଜିନିଷପତ୍ର ମାଡିଦଳି ନଷ୍ଟ କରିଛି। ସେହିପରି ଭତରା ଗ୍ରାମର ରମ୍ଭା ଭୋଇଙ୍କ ଘର ଭାଙ୍ଗି ଦେବା ସହ ଧାନ ଚାଉଳ ଖାଇ ଦେଇଛି। ବନ ବିଭାଗକୁ ଖବର ଦେବାରୁ ତ୍ରିବଣପୁର ଫରେଷ୍ଟର ବେଣୁଧର ବେହେରା ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ଯୋଗଇ ଦିଆଯିବ ବୋଲି ରେଞ୍ଜ ଅଧିକାରୀ ଦିଲ୍ଲୀପ କୁମାର ଧଳ କହିଛନ୍ତି।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ବିଜ୍ଞାନ ମେଳା। ସ୍ଥାନ- ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ। ସମୟ- ପୂର୍ବାହ୍ନ ସାଢ଼େ ୮ଟା।
- ଲିଟିଲ୍ ମିସ୍ ସମ୍ବଲପୁର ଉଦ୍‌ଘାଟନୀ ଉତ୍ସବ। ସ୍ଥାନ- ତପସ୍ୱିନୀ ପ୍ରେକ୍ଷାଳୟ। ସମୟ- ମଧ୍ୟାହ୍ନ ୧୨ଟା।
- ପାଲା ସମ୍ମିଳନୀ। ସ୍ଥାନ- ସମଲେଶ୍ୱରୀ ମଣ୍ଡପ। ସମୟ- ସନ୍ଧ୍ୟା ୫ଟା।
- ଇନରହୁଇଲ କ୍ଲବର ଜାତୀୟ ସମ୍ମିଳନୀ। ସ୍ଥାନ- ହୋଟେଲ ଗ୍ରାଣ୍ଡ ଶିବା। ସମୟ- ସନ୍ଧ୍ୟା ସାଢ଼େ ୫ଟା।
- ଶ୍ରୀମଦ୍ ଭାଗବତ କଥାଜ୍ଞାନ ଯଜ୍ଞ। ସ୍ଥାନ- ଧନୁପାଲି ଗୋପାଳଜୀ ମଠ। ସମୟ- ଅପରାହ୍ନ ସାଢ଼େ ୩ଟା।

### ବିଜେଡି କାର୍ଯ୍ୟାଳୟରେ ଶୋକସଭା

ସମ୍ବଲପୁର, ୨୧।୧୨ (ବ୍ୟୁରୋ)

ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏମବି ପ୍ୟାରିରାଜଙ୍କ ବିୟୋଗରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଆର୍ତ୍ତତ୍ରାଣ ମିଶ୍ର, ଗୋକୁଳ ମେହେର, ଅଶୋକ ସେନାପତି, ପଦ୍ମାଳୟା ପଟ୍ଟନାୟକ, ଅନୀଲ ଗୁପ୍ତା, ପ୍ରଫୁଲ୍ଲ ଦାସ, ରାଜଲକ୍ଷ୍ମୀ ପ୍ରଧାନ, କୁନୁ ମେହେର ଓ ସୁଧାଂଶୁ ଶେଖର ମହାରଣା ପ୍ରମୁଖ ସାମିଲ ଥିଲେ ।

## ଭାତପୁରା ହାଇସ୍କୁଲର ରଜତ ଜୟନ୍ତୀ ଉଦ୍‌ଘାଟିତ

# ସୁନ୍ଦର ସମାଜ ପାଇଁ ଭାଷା, ସାହିତ୍ୟର ସୁରକ୍ଷା ଆବଶ୍ୟକ

ଜମନକିରା, ୨୧।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ଡିମିରିମୁଣ୍ଡା ପଞ୍ଚାୟତ ଅଧୀନ ଭାତପୁରା ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ)ର ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ରାଜ୍ୟସଭା ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାଷା, ସାହିତ୍ୟ ଓ ମା' ବଞ୍ଚିଲେ ସୁନ୍ଦର ସମାଜ ତିଷ୍ଠି ରହି ପାରିବ ବୋଲି ଗୁରୁତ୍ୱାରୋପ କରିଥିଲେ। ପ୍ରତି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଏ ଦିଗରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେ । ସଭାରେ ବିଶିଷ୍ଟ ସମ୍ଭକାର ତଥା ପ୍ରାଧ୍ୟାପକ ପ୍ରୀତୀଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସହରାଞ୍ଚଳ ଓ ବେସରକାରୀ ଅନୁଷ୍ଠାନରେ ୧୫ଭାଗ ଛାତ୍ର ଥିବା ବେଳେ ୮୫ଭାଗ ଛାତ୍ର ଗ୍ରାମାଞ୍ଚଳ ଓ ସରକାରୀ ସ୍କୁଲରେ ଅଧ୍ୟୟନ କରୁଛନ୍ତ। ୮୫ଭାଗ ନିର୍ଭରଶୀଳ ଅନୁଷ୍ଠାନର ବିକାଶ ଓ ମାର୍ଜିତ ହେଲେ ଦେଶର ପ୍ରଗତି ହେବ ବୋଲି କହିଥିଲେ । ସଭାରେ ଝାରସୁଗୁଡା ବିଧାୟକ ନବ କିଶୋର ଦାଶ, ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୁକାନ୍ତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା, ଭାଷା, ସଂସ୍କୃତିର ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ରତନଲାଲ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ରଜତ ଜୟନ୍ତୀ କମିଟୀର ସଭାପତି ରୁଦ୍ରନାରାୟଣ ବେହେରା, ସଂଜିତ ମହାନ୍ତି, ସରପଞ୍ଚ ରୁକ୍ମିଣୀ କିଷାନ, ସମିତିସଭ୍ୟା ପ୍ରଭାସିନୀ ଠାକୁର, ନରସିଂହ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସଭା ଆରମ୍ଭରେ ନବ ନିର୍ମିତ ମଞ୍ଚ ଓ ଶୀତଳ ପାନୀୟ ଜଳ କେନ୍ଦ୍ରକୁ ଅନୁଦାନଦାତା ବିଷ୍ଣୁପ୍ରିୟା ଦାଶ ଓ ନରସିଂହ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଗଠନରେ ସହଯୋଗ କରିଥିବା ବହୁ କାର୍ଯ୍ୟକର୍ତ୍ତାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ସଂଯୋଜନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଳାପରିଷଦର ମଳୟ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଭାରେ ସ୍କୁଲ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସରୋଜ ମହାନ୍ତି, ନିରୁପମା ବଡପଣ୍ଡା, ରାଜେନ୍ଦ୍ର କିଶୋର ପଣ୍ଡା, ସ୍ଥାନୀୟ କଲେଜ ଅଧ୍ୟକ୍ଷ ସୁବାସ ନାଏକ, ଗୁଡ୍ରାପଡା ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ, ପ୍ରଦୀପ ପୁରୋହିତ, ପ୍ରଧାନ ଶିକ୍ଷକ ରତନଲାଲ ସିଂ, ଖଗେଶ୍ୱର ନାଏକ ଓ କୈଳାସ ଗୌଡ ପ୍ରମୁଖ ଯୋଗ ଦେଇଥିଲେ।




ଭାତପୁରା ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ବିଜେଡିର ୱାର୍ଡ କମିଟି କର୍ମଶାଳା

**ରିଆମାଳ,୨୧।୧୨(ଡି.ଏନ.ଏ.):** ରିଆମାଳ ବ୍ଲକ ବୁଢ଼ାପାଳ ପଞ୍ଚାୟତ ଭାଇଭଉଣୀ ଘାଟଠାରେ ବିଜେଡିର ଜୋନ-୨ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଧୀର କୁମାର କପରଦାର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଭାପତି କପରଦାର ଦଳକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟା ନିଶାନୀ ବେହେରା, ଜିଲା ଉପସଭାପତି ଦେବେନ୍ଦ୍ର ବେହେରା, ତପନ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ବୈକୁଣ୍ଠ ପାଇକରାୟ, ଜିଲା ଉପସଭାପତି ଲିଙ୍ଗରାଜ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷେ ଆଗାମୀ ନିର୍ବାଚନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଅଞ୍ଚଳର ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ରାଧାମାଧବ ଆଶ୍ରମରେ ଛପନଭୋଗ ବ୍ୟଞ୍ଜନ

**ଅମ୍ବାଭୋନା, ୨୧।୧୨ (ଡି.ଏନ.ଏ):** ଅମ୍ବାଭୋନା ସ୍ଥିତ ଚୈତନ୍ୟ ବିହାର ରାଧାମାଧବ ଆଶ୍ରମରେ ରାଧାକୃଷ୍ଣ ଦିଅଁଙ୍କୁ ଛପନ ଭୋଗର ବ୍ୟଞ୍ଜନ ଲାଗି ହୋଇଥିଲା । ଖିରି, ଖେଚୁଡ଼ି, ରସଗଜା, ମିଠା, ଛେନାପୋଡ, ଆରିସା, କାକରା, ମଣ୍ଡା, ଜିଲାପି, ଫେଣା, ଲଡୁ ଆଦି ପିଠାପଣା ସହ ବିଭିନ୍ନ ଫଳମୂଳର ବ୍ୟଞ୍ଜନ ଦିଅଁଙ୍କୁ ଭୋଗ ଲାଗିଥିଲା । ଏହି ଅବସରରେ ରାଧାମାଧବ ଆଶ୍ରମ ପରିସରରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଓଡିଶା ଓ ଛତିଶଗଡର ସଂକୀର୍ତ୍ତନ ମଣ୍ଡଳୀ ଓ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ମଠ ମହାଧୀଶ ନରସିଂହ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଣୁଧର ମହାପାତ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

### ଟେମରୀ ହାଇସ୍କୁଲ ବାର୍ଷିକ ଉତ୍ସବ

**ପଦ୍ମପୁର, ୨୧।୧୨ (ଡି.ଏନ.ଏ):** ପାଇକମାଳ ବ୍ଲକ ଟେମରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଦୈତାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ପାଇକମାଳ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟବକ୍ତା, ଓଏସଏସଟିଏର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମସାଗର ସାହୁ, ଟେମରୀ ପଞ୍ଚାୟତର ସରପଞ୍ଚ ନିରୂପା ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଇଂଲିଶ ଶିକ୍ଷକ ମୁକ୍ତେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗଣିତ ଶିକ୍ଷକ ମଣ୍ଟୁ ଭୋଇ ବାର୍ଷିକ ବିବରଣୀ ପଠନ କରିଥିଲେ।

# ଚାଷୀ ଧାନ ଉପରେ ବେପାରୀ ଆଖି

**ବରଗଡ଼ ଅଫିସ୍,୨୧।୧୨**

ବରଗଡ଼ ଜିଲାରେ ଧାନ ସଂଗ୍ରହକୁ ଗୁରୁବାର ଦେଢ଼ମାସ ବିତିଯାଇଛି । ଏହି ଅବଧିରେ ଜିଲାରେ ଧାନ କିଣାବିକା ଚାଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚାଷୀ ସମସ୍ୟାର ଅନ୍ତ ହୋଇନାହିଁ । ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ହୋଇଥିବା ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। କ୍ଷେତ, ଖଳାରେ ରହିଥିବା ଧାନ ଭିଜିଯାଇ ଥିବାବେଳେ ମଣ୍ଡିର ଖୋଲା ଆକାଶ ତଳେ ବିକ୍ରି ନ ହୋଇ ଗଦା ହୋଇଥିବା ଧାନ ବର୍ଷାରେ ଭିଜିଯାଇଛି। ଚାଷୀ ଏଭଳି ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ବେଳେ ବେପାରୀମାନେ ଏହାକୁ ଏକ ସୁଯୋଗ କରି ନାନା ମସୁଧା ଚଳାଇଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ଅଣ୍ଡରରେଟ୍‌ରେ ଧାନ କିଣିବା ପ୍ରକ୍ରିୟା ଆରମ୍ଭ କରି ଦେଇଥିବା ସାଧାରଣରେ ଆଲୋଚନା ହୋଇଛି । ଜିଲାର ଚାଷୀମାନେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରହିଥିବାବେଳେ ପଡ଼ୋଶୀ ଛତିଶଗଡ଼ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୫୦୦ ଟଙ୍କା ଘୋଷଣା କରିଥିବାରୁ ଏଠାକାର ବେପାରୀମାନେ ଆହୁରି ସକ୍ରିୟ ହୋଇ ପଡ଼ୁଛନ୍ତି । ଏଠାରେ କେନ୍ଦ୍ର ସରକାରଙ୍କ ଘୋଷିତ ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ ଅନୁସାରେ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଏବଂ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପ୍ରତି ୧୭୭୦ ଟଙ୍କା ରହିଛି । କିନ୍ତୁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଥିବାରୁ ଚାଷୀମାନେ ସରକାରୀ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।

ଅନ୍ୟପଟେ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ଏବଂ ଉଠାଣ ଗତ କିଛିଦିନ ଧରି ଶୀଥିଳ ହୋଇପଡ଼ିଥିବାରୁ ବେପାରୀ ହାତରେ ଧାନ ବିକିଦେବାକୁ ବାଧ୍ୟ ହେଉଥିବା କେତେକ ଚାଷୀ କହିଛନ୍ତି । ମେଘୁଆ ତଥା ବର୍ଷାପାଗ ରହିଥିବାରୁ ଧାନ ସଂଗ୍ରହ ବନ୍ଦ ରହିଥିଲା ଏବଂ ବର୍ଷା ଟଳିଯିବା ପରେ ଏହି ପ୍ରକ୍ରିୟାକୁ ପୁଣି ତ୍ୱରାନ୍ୱିତ କରାଯାଇଥିବା ସହକାରୀ ଯୋଗାଣ ଅଧିକାରୀ ଡି. ସି ଭେସ୍ରା କହିଛନ୍ତି । ଗୁରୁବାର କେବଳ ବିଭିନ୍ନ ମଣ୍ଡିରୁ ୧ଲକ୍ଷ ପ୍ୟାକେଟ୍ ଧାନ ଉଠିଥିବା ସେ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଜିଲାରୁ ୩୭ଲକ୍ଷ ୫୧ହଜାର ୧୯୭ କୁଇଣ୍ଟାଲ ଧାନ ଉଠାଯାଇଛି ଏବଂ ବିଭିନ୍ନ ମଣ୍ଡିରେ ୧ଲକ୍ଷ ୨୨ହଜାର ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି ବୋଲି ସେ କହିଛନ୍ତି । ସେହିପରି ବରଗଡ଼ରୁ ଛତିଶଗଡ଼ ଧାନ ଚାଲାଣ ହେବା ଭଳି କୌଣସି ଖବର କିମ୍ବା ଅଭିଯୋଗ ତାଙ୍କ ପାଖରେ ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି କହିଛନ୍ତି ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ଖଳାରେ ଚାଷୀଙ୍କ ଧାନ ଗଦା ହୋଇ ରହିଛି ।

**ବରଗଡ଼ ଜିଲା**

- ବେପାରୀଙ୍କ ଅଭାବୀ ବିକ୍ରି ମସୁଧା
- ଛତିଶଗଡ଼ ଚାଲାଣ ପାଇଁ ଉଦ୍ୟମ
- ଦିନକରେ ଉଠିଲା ୧ଲକ୍ଷ ପ୍ୟାକେଟ୍

## କ୍ରିକେଟ: ସେମିରେ କୁଚିପାଲି

**ଘେଁସ,୨୧।୧୨(ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡା ଦିଲଖୁସ ଖେଳ ପଡିଆ ଠାରେ ଚାଲିଥିବା ନବମ ଚ୍ୟାଲେଞ୍ଜର କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସର ପ୍ରଥମ ଲିଗ୍ ମ୍ୟାଚ ଝୁନୁଙ୍ଗାପାଲି ଏବଂ ବିର୍ଜାମ, ୨ୟ ମ୍ୟାଚ୍ କୁଚିପାଲି ଓ ବୁଢିମାଲ, ୩ୟ ମ୍ୟାଚ କୁଣ୍ଡାଖାଇ ଏବଂ ବେଲମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯଥାକ୍ରମେ ଝୁନୁଙ୍ଗାପାଲି, କୁଚିପାଲି ଏବଂ ବେଲମୁଣ୍ଡା ଦଳ ବିଜୟୀ ହୋଇଥିଲେ। କୁଚିପାଲି ଏବଂ ବେଲମୁଣ୍ଡା ଦଳ ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।

## ତାବଡ଼ା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଦେବଗଡ,୨୧।୧୨(ସ୍ୱ.ପ୍ର)**

ଦେବଗଡ ଜିଲା ରିଆମାଳ ବ୍ଲକ ତାବଡା ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ତାବଡା ପଞ୍ଚାୟତ ସରପଞ୍ଚ ପାଞ୍ଜିଆ ଭୋଇ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗୋହିରା କମିଟିର ଚେୟାରମ୍ୟାନ ପର୍ଶୁରାମ ଗଡନାୟକ, ନିମାଇ ଚରଣ ନାଏକ, ପ୍ରଦୀପ ବେହେରା, ସସ୍ମିତା ଆଚାର୍ଯ୍ୟ, ସମବାୟ ସମିତିର ସଭାପତି ପ୍ରକାଶ ଆଚାର୍ଯ୍ୟ, ସମ୍ପାଦକ ନରହରି ପ୍ରଧାନ, ସହ ସମ୍ପାଦକ ମାଧବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ପ୍ରଥମ ଧାନ କିଣା ବିକାରେ ଉପସ୍ଥିତ ୪୦ଚାଷୀଙ୍କ ମଧ୍ୟରୁ ୧୫ଜଣ ଚାଷୀଙ୍କଠାରୁ ୨୮୩ କୁଇଣ୍ଟାଲ ୮୩ କି.ଗ୍ରା. ଧାନ କ୍ରୟ କରାଯାଇଛି ।



ମଣ୍ଡି ଉଦ୍‌ଘାଟନ ସମୟରେ ଉପସ୍ଥିତ ସମିତି କର୍ତ୍ତୃପକ୍ଷ ଓ ଚାଷୀ।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ଦେବଗଡ,୨୧।୧୨(ସ୍ୱ.ପ୍ର.)**

ଦେବଗଡ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜର୍ମାନୀରୁ ଆସିଥିବା ସାମାଜିକ କର୍ମୀ ସରିତା ବାରବର ଏବଂ ଫ୍ରାଙ୍କ ଏଚ୍ ବାରବର ସତନ୍ତ୍ର ଅତିଥିଭାବେ ଯୋଗଦେଇ ଆଧୁନିକ ଶିକ୍ଷା ଓ ଭାରତୀୟ ସଂସ୍କୃତି ବିଷୟରେ ବକ୍ତବ୍ୟ ରଖିଥିଲେ । ମାନବ ସମାଜ ଏକ ବିଶ୍ୱ ପରିବାର ଗଠନ ଏକମାତ୍ର ଲକ୍ଷ୍ୟ ବୋଲି ଉପସ୍ଥାପନ କରିଥିଲେ । ଏଥିରେ ଅଧକ୍ଷ ଡ.ରବି ନାରାୟଣ ବଘାର ଅଧକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ସେଠ, କଲ୍ୟାଣୀ ଶର୍ମା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ । ପଙ୍କଜ ବେହେରା, ପ୍ରଦୀପ ନାଏକ, ରାଜନ ପଟେଲ, ମାମତାରାନୀ ରାଉତ, ହେଲିନି ସେଠୀଙ୍କ ସମତେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଚିନିକଳ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ବରଗଡ଼ ଅଫିସ୍,୨୧।୧୨**

୫ଦଫା ଦାବି ନେଇ ବରଗଡ଼ ସମବାୟ ଚିନିକଳ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ କର୍ମଚାରଙ୍କ ଧାରଣା ଶୁକ୍ରବାର ୧୧ଦିନରେ ପହଞ୍ଚିଛି । ସେମାନଙ୍କ ଦାବିକୁ ବାରମ୍ବାର ଅଣଦେଖା କରାଯିବା ସହିତ ଆନ୍ଦୋଳନସ୍ଥଳକୁ ବିଭାଗୀୟ ଅଧିକାରୀମାନେ ଆଲୋଚନା ପାଇଁ ସୁଦ୍ଧା ଆସୁ ନ ଥିବା ଅଭିଯୋଗ କରି କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର କଂଗ୍ରେସ ନେତ୍ରୀ ତଥା ଅତାବିରା ଏନଏସିର ପୂର୍ବତନ ଅଧ୍ୟକ୍ଷା ସୁନୀତା ବାଗ ଧାରଣାସ୍ଥଳକୁ ପହଞ୍ଚି କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ । ସରକାର ଦାବି ନ ଶୁଣିଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବାଗ କହିଛନ୍ତି। ପ୍ରକାଶଥାଉକି, ୨୧ମାସର ବକେୟା ଦରମା ପ୍ରଦାନ, ଚିନିକଳରେ ଖାଲି ପଡ଼ିଥିବା ପଦବୀ ପୂରଣ, ଆଖୁଚାଷକୁ ପ୍ରାଥମିକତା ପୂର୍ବକ ଅତିକମ୍‌ରେ ୮କୋଟି ଟଙ୍କା ମଞ୍ଜୁର ଆଦି ଦାବି ନେଇ କର୍ମଚାରୀମାନେ ଗତ ୧୧ତାରିଖରୁ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି ।

## ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରିକୁ ବିରୋଧ

**ବାମରା, ୨୧।୧୨ (ସ୍ୱ.ପ୍ର.)**

ବାମରା ବ୍ଲକ ଗୋବିନ୍ଦପୁର ଲ୍ୟାମ୍ପ ଅନ୍ତର୍ଗତ ବାଉଁଶଲଗା ମଣ୍ଡିରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରିକୁ ଚାଷୀ ସଂଗଠନ ପକ୍ଷରୁ ବିରୋଧ କରାଯାଉଛି। ଶୁକ୍ରବାର ଦ୍ୱିତୀୟ ସପ୍ତାହରେ ମଧ ଧାନ କିଣାବିକା ହୋଇପାରି ନାହିଁ। ସମ୍ବଲପୁର ଜିଲାରେ ଚଳିତ ମାସ ୩ ତାରିଖରୁ ମାର୍କେଟ ୟାର୍ଡ ଆରମ୍ଭ ହୋଇଛି। ହେଲେ ଗୋବିନ୍ଦପୁର ଲ୍ୟାମ୍ପ ଅନ୍ତର୍ଗତ ଗୋବିନ୍ଦପୁର, ବାଉଁଶଲଗା, କୁଟାରୀମାଲ, ଉଚ୍ଚକାପାଟ ଓ ରଙ୍ଗିଆଟିକ୍ରା ମଣ୍ଡିରେ ଏ ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇପାରିନାହିଁ । ପ୍ରତ୍ୟେକ ୟାର୍ଡରେ ଆରଏମସି ଓ ଲ୍ୟାମ୍ପ ପକ୍ଷରୁ ଧାନ କିଣା ପାଇଁ କ୍ୟାମ୍ପ କରାଯାଉଛି। ହେଲେ ଜଣେ ବି ଚାଷୀ ଆସୁ ନାହାନ୍ତି। ଶୁକ୍ରବାର ବାଉଁଶଲଗାଠାରେ ଦ୍ୱିତୀୟ ମାର୍କେଟ ୟାର୍ଡ ଥିଲା। ଏଥିରେ ୪ଜଣ ସ୍ଥାନୀୟ ଚାଷୀ ପ୍ରାୟ ୯୦୦ ବସ୍ତା ଧାନ ଆଣି ଆସିଥିଲେ । ବାମରା ଅଞ୍ଚଳରେ ଚଳିତ ବର୍ଷ ମରୁଡି ପରିସ୍ଥିତି ଉପୁଜିଛି। ଏଣୁ ଅଞ୍ଚଳର ଚାଷୀମାନେ ଧାନ କିଣାବିକାରେ ଦଲାଲିକରଣ ଆଶଙ୍କା କରିଛନ୍ତି। ଏକର ପ୍ରତି ୩ କୁଇଣ୍ଟାଲ ଧାନ ବିକିବାକୁ ଚାଷୀ ନିଷ୍ପତ୍ତି ନେଇଥିଲେ । ଶୁକ୍ରବାର ବାଉଁଶଲଗାରେ ୪ଜଣ ଚାଷୀଙ୍କ ୯୦୦ ବସ୍ତା ଧାନ ୨ଟି ୧୦ ଚକିଆ ଗାଡିରେ ଲୋଡ୍ ହୋଇ ଆସିଥିଲା। ଉକ୍ତ ଚାଷୀମାନେ ବସ୍ତା ଗୁଡିକୁ ୟାର୍ଡରେ ନ ଓହ୍ଲାଇ ସିଧା ସଳଖ ନେବାକୁ ଚେଷ୍ଟା କରୁଥିଲେ। ଚାଷୀ ସଂଗଠନ ତରଫରୁ ଏହାକୁ କିନ୍ତୁ ବିରୋଧ କରାଯାଇଥିଲା । ଚାଷୀ ନେତା ଯୋଗବିହାରୀ ପରିଡାଙ୍କ କହିବା ଅନୁସାରେ ମାର୍କେଟ ୟାର୍ଡରେ ଧାନ ଅନଲୋଡ୍ ନ ହୋଇ ସିଧାସଳଖ ମଣ୍ଡିକୁ ଯାଉଥିବାରୁ ଏହା ସଂପୂର୍ଣ୍ଣ ବେଆଇନ । ଏହା ଦ୍ୱାରା ଦଲାଲିକରଣ ବୃଦ୍ଧି ପାଉଥିବା ବେଳେ ଧାନ ବସ୍ତା ପ୍ୟାକିଂ ଓ ଲୋଡିଂ ପାଇଁ ପ୍ୟାକ୍ସ ପାଉଥିବା ଟଙ୍କାରେ ମଧ ଦୁର୍ନୀତି ହେଉଛି । ଏଣୁ ପ୍ରତ୍ୟେକ ଗାଡିରୁ ଧାନ ଅନଲୋଡିଂ ପରେ ମାନ ନିର୍ଦ୍ଧାରିତ ଓ ଲୋଡିଂ ହୋଇ ନିୟମାନୁସାରେ ଯିବା କଥା । ହେଲେ ବାଉଁଶଲଗାଠାରେ ଏହାର ଖିଲାପ ଓ ଉକ୍ତ ଧାନ ଦଲାଲଙ୍କ ମାଧମରେ ଚାଲାଣ ହେଉଥିବା ଅଭିଯୋଗ କରି ଚାଷୀ ସଂଗଠନ କର୍ମକର୍ତ୍ତା ଦିଲୀପ ଛତ୍ରିଆ, ରାଜକୁମାର ପଟେଲ, ହେମାନନ୍ଦ ସା ଓ ଜଗଦୀଶ ପାଲ ପ୍ରମୁଖ ଗାଡିକୁ ଅଟକାଇଥିଲେ। ପରେ ସଂପୃକ୍ତ ୪ଜଣ ଚାଷୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କୁଚିଣ୍ଡା ଉପଜିଲାପାଳ ନିୟମାନୁସାରେ ଧାନ ଅନଲୋଡିଂ ପରେ ମାନ ନିର୍ଦ୍ଧାରଣ ପାଇଁ ପରାମର୍ଶ ଦେଇଥିଲେ । ଖବର ପାଇ କୁଚିଣ୍ଡା ଏସିଏସଓ ଦେବାଶିଷ ମହାନ୍ତି ଓ ବାମରା ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ ଚାଷୀ ସଂଗଠନ ଜିଦରେ ଅଡି ରହିଥିଲା। ଯାହାଦ୍ୱାରା ବାଉଁଶଲଗା ମଣ୍ଡିରେ ଦ୍ୱିତୀୟ ସପ୍ତାହରେ ମଧ ଧାନ କିଣାବିକା ହୋଇପାରି ନ ଥିବା ଗୋବିନ୍ଦପୁର ଲ୍ୟାମ୍ପ ଏମ୍‌ଡି ସିତାକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଅଞ୍ଚଳରେ ମରୁଡି ପରିସ୍ଥିତି ହୋଇଛି। ବର୍ତ୍ତମାନ ଧାନ ବେପାରୀ ଓ ଦଲାଲମାନେ ଏହାର ଫାଇଦା ନେଉଛନ୍ତି। ସୀମାବର୍ତ୍ତି ଜିଲା ଗୁଡିକରୁ ଧାନ ଭର୍ତ୍ତି ଗାଡି ଆଣି ମାର୍କେଟ ୟାର୍ଡ ସାହାଯ୍ୟରେ ବିକ୍ରି ପାଇଁ ଚେଷ୍ଟା କରୁଛନ୍ତି। ଏଥିରେ କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସିଧାସଳଖ ସମ୍ପୃକ୍ତି ରହୁଛି ବୋଲି ଚାଷୀ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଉଛି।

**ବାଉଁଶଲଗା ମଣ୍ଡିରେ ଅଚଳାବସ୍ଥା**

### ବାଲିଶଙ୍କରା ନକ୍ ଆଉଟ ଫୁଟବଲ

## ବାମରା ଚାମ୍ପିୟନ

**ବାଲିଶଙ୍କରା,୨୧।୧୨(ଡି.ଏନ.ଏ.)**

ବାଲିଶଙ୍କରା ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଏସପି ଦାମୋଦର ମାଝି, ବିଡିଓ ଅଭିମନ୍ୟୁ ବେହେରା, ଦିଲୀପ କୁମାର ସାଏ, ସ୍ଥାନୀୟ ସରପଞ୍ଚ ଦିନବନ୍ଧୁ ସାଏ, ମୀନତି ଦେବତା, ଷ୍ଟିଫେନ୍ ସୋରେଙ୍ଗ, ସେଣ୍ଟ୍ରାଲ ବ୍ୟାଙ୍କ ବିଏମ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇଥିଲେ । ଅତିଥିମାନେ ଖେଳାଳିମାନଙ୍କୁ ଭାଇଚାରା ଓ ଶାନ୍ତିଭାବ ରଖି ଖେଳ ପ୍ରଦର୍ଶନ କଲେ ଆଗକୁ ଯାଇପାରିବ ବୋଲି କହିଥିଲେ । ଏହି ଟୁର୍ନାମେଣ୍ଟ ଦୀର୍ଘ ତିନି ଦିନ ଧରି ଚାଲିଥିବା ବେଳେ ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ସମସ୍ତେ ନିଜ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ଖେଳ ବାମରା ଓ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା । ବାମରା ଦଳ ୪-୦ରେ ବିଜୟ ହୋଇ ଚାମ୍ପିୟନ ହୋଇଥିଲା । ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ୩୧ ହଜାର ଟଙ୍କା ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ରନର୍ସଅପ୍ ସ୍ଥାନ ଅର୍ଜନ କରିଥିବା କୁଚିଣ୍ଡା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟି ବାପୁଜୀ କ୍ଲବ ସଭାପତି ବୈରାଗୀ ତନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ ଟପ୍ପୋ ପ୍ରତ୍ୟେକ ଖେଳରେ କମେଣ୍ଟ୍ରି କରିଥିଲେ । କାର୍ଯ୍ୟକ୍ରମରେ ବାପୁଜୀ କ୍ଲବର ଟଙ୍କଧର ପଣ୍ଡା, ରଞ୍ଜିତ କୁଜୁର, ଶୁକ୍ରୁ ଓରାମ, ସନାତନ କିଶାନ, କ୍ୟାସିୟର ଶିତାରାମ ବାରୁଆ, ବିଜୟ ଏକ୍କା, ଅମିତ ତନ୍ତି, ବୁଧରାମ ଓରାମ, ଇନ୍ଦ୍ରମଣି ଦଣ୍ଡସେନା, ମାନକି ଷଣ୍ଡ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ରୋମାଞ୍ଚ ଭଇଁସାଲ, କ୍ଷେତ୍ରମଣୀ ଦେହୁରୀ, ଅଶୋକ ପଣ୍ଡା, କୁମରମଣୀ ଛତ୍ରିଆ, ନିତ୍ୟାନନ୍ଦ ମେହେର ଓ ହେମନ୍ତ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।




ଚାମ୍ପିୟନ ଟ୍ରଫି ସହ ଖେଳାଳି ଏବଂ ଅତିଥିବୃନ୍ଦ।

## ସର୍ବଭାରତୀୟ କବାଡ଼ି: ଭିଲାଇ ଚାମ୍ପିୟନ

**ଝାରବନ୍ଧ, ୨୧।୧୨ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢ଼ୋଲ ଗ୍ରାମରେ ମହାଲକ୍ଷ୍ମୀ ପୂଜା ଅବସରରେ ସର୍ବଭାରତୀୟ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତିଶଗଡ ଭିଲାଇ, ବିଳାସପୁର, ଦୁର୍ଗ, ବିଲାଇଗଡ ସମେତ ଓଡିଶାର ନୂଆପଡା, ଯାଜପୁର ଓ ଆୟୋଜକ ଦଳ ଭାବେ ବିଜାଢ଼ୋଲର ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ପୃଥକ ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ, ଝାରବନ୍ଧ ବିଡିଓ ଟିକେଶ୍ୱର ପଟେଲ, ଭୋଜରାଜ ବାଗ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ରାଜୁ ଘିବେଲା, ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ସରପଞ୍ଚ ଲାଲେଶ୍ୱରୀ ପଟେଲ, ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ନାୟକ, ଦୀପକ ପାଣିଗ୍ରାହୀ ଅତିଥି ଭାବେ ଯୋଗଦାନ କରି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଭିଲାଇ ଦଳ ବିଜେତା ହୋଇଥିବା ବେଳେ ଯାଜପୁର ଦଳ ଉପବିଜେତା ହୋଇଥିଲା । ଉମାଶଙ୍କର ସାହୁ, ମୁକେଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ବାଗ, ବେଦବ୍ୟାସ ସାହୁ, ସୁଶାନ୍ତ ପଟେଲ, ରୋହିତ ରଣା ପ୍ରମୁଖ ସହଯୋଗ କରିଥିଲେ । ଜହନ କୁମ୍ଭାର ମଞ୍ଚ ପରିଚାଳନା କରିଥିଲେ । ସେହିପରି କମଳାକାନ୍ତ ରାୟ, ଲକ୍ଷ୍ମଣ ସଗର, ଅଶୋକ ହାତୀ, ରାମଚନ୍ଦ୍ର ହାତୀ ପ୍ରମୁଖ ଲକ୍ଷ୍ମୀପୂଜା ପରିଚାଳନା କରିଥିଲେ ରମେଶ ଚନ୍ଦ୍ର ରାୟ ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଭୁବନାନନ୍ଦ ଦାଶ ଓ ବୀରେନ୍ଦ୍ର ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ବିଜୟୀ ଦଳର ଖେଳାଳିମାନେ ।

## ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଦେବଗଡ଼ ଜିଲା ଗସ୍ତ

**ଦେବଗଡ,୨୧।୧୨(ସ୍ୱ.ପ୍ର.)**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ଡି.ଭି. ସ୍ୱାମୀ ଦେବଗଡ ଜିଲା ଗସ୍ତରେ ଆସି ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏଥି ସହ ଦେବଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀର ୬ଟି ବୁଥ୍ ପରିଦର୍ଶନ କରିଥିଲେ । ଡ.ସ୍ୱାମୀ ବାରକୋଟ ବ୍ଲକ ଠିଆନାଳ ନୋଡାଲ ୟୁ.ପି. ସ୍କୁଲ ବୁଥ ନଂ. ୩୧୦, ରଜାମୁଣ୍ଡା ୟୁପି ସ୍କୁଲ ବୁଥ୍ ନଂ. ୩୧୪, ବମପରଡା ନୋଡାଲ ୟୁ.ପି. ସ୍କୁଲ ବୁଥ ନଂ. ୩୦୭ ଓ ୩୦୮, କଲା ନୋଡାଲ ୟୁ.ପି. ସ୍କୁଲ ବୁଥ ନଂ. ୨୯୭ ଏବଂ ୨୯୮ ପରିଦର୍ଶନ କରି ବୁଥସ୍ତରୀୟ ଅଧିକାରୀମାନଙ୍କ ସହିତ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ବିଭିନ୍ନ ଫର୍ମ ଉପରେ ଆଲୋଚନା କରିଥିଲେ। ବିଏଲଓ ରେଜିଷ୍ଟର ମଧ ଦେଖିଥିଲେ । ଏଥିସହିତ ଡ. ସ୍ୱାମୀ କେତେକ ଭୋଟରଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଛି କି ନାହିଁ ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । କେହିବି ଯୋଗ୍ୟ ଭୋଟର ଯେଭଳି ଭୋଟର ତାଲିକାରୁ ବାଦ୍ ନ ପଡିବେ ସେଥିପ୍ରତି ଯତ୍ନବାନ ହେବାକୁ ଇଆରଓ ଏବଂ ଏଇଆରଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରତ୍ୟେକ ଦିନ ଇଆରଓ ନେଟ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ କରିବାକୁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସମୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପ ଜିଲାପାଳ ବିମଳେନ୍ଦୁ ମିଶ୍ର, ଡେପୁଟି କଲେକ୍ଟର ବିକ୍ରାଣୀ କିସ୍‌ପଟ୍ଟା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ଜୟନ୍ତ ଦେହୁରୀ ଓ କୈବଲ୍ୟ କିଶୋର କର ପ୍ରମୁଖ ଉପସ୍ଥିତ ଥିଲେ ।



"କାହା ବିରୋଧରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗ ଆସିଲେ କ୍ୟାଥୋଲିକ୍ ଚର୍ଚ୍ଚ ଅଣଦେଖା କରିବ ନାହିଁ। ଏଭଳି ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ଆଇନର କାଠଗଡ଼ାରେ ଛିଡ଼ାକରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।"
-ପୋପ୍ ଫ୍ରାନ୍ସିସ୍

## ସଂକ୍ଷେପରେ

### ମାଟିସ୍‌ଙ୍କ ଇସ୍ତଫା



**ୱାଶିଂଟନ,୨୧।୧୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ନୀତିଗତ ମତପାର୍ଥକ୍ୟ କାରଣରୁ ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ ଇସ୍ତଫା ଦେଇଛନ୍ତି। ମାଟିସ୍ ଭାରତ-ଆମେରିକା ମଧ୍ୟରେ ଦୃଢ଼ ପ୍ରତିରକ୍ଷା ସମ୍ପର୍କ ସପକ୍ଷରେ ଥିଲେ। ସିରିଆରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଲାଗି ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସେ ବିରୋଧ କରି ଇସ୍ତଫା ଦେଇଥିବା ଜଣାପଡିଛି। ମାଟିସ୍‌ଙ୍କ ଇସ୍ତଫା ସମ୍ପର୍କରେ ଟ୍ରମ୍ପ ଘୋଷଣା କରିଛନ୍ତି। ତେବେ ସେ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି କହିଛନ୍ତି। ମାଟିସ୍ ଗୁରୁବାର ଅପରାହ୍ନରେ ହ୍ୱାଇଟ ହାଉସ୍ ଯାଇ ସିରିଆରୁ ସୈନ୍ୟ ପ୍ରତ୍ୟାହାର ନ କରିବା ଲାଗି ଶେଷ ଥର ପାଇଁ ବୁଝାଇବାକୁ ଉଦ୍ୟମ କରିଥିଲେ। ତେବେ ଟ୍ରମ୍ପ ତାଙ୍କ କଥା ନ ରଖିବାରୁ ସେ ଇସ୍ତଫା ଦେଇଥିଲେ।

### ଏଜେଏଲ୍‌ର ଆବେଦନ ଖାରଜ

**ନୂଆଦିଲ୍ଲୀ,୨୧।୧୨(ପି.ଟି.):** କଂଗ୍ରେସ ମୁଖପତ୍ର ନ୍ୟାଶନାଲ୍ ହେରାଲ୍ଡର ପ୍ରକାଶନ ସଂସ୍ଥା ଆସୋସିଏଟ୍ସ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ପରିସର ଖାଲି କରିବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀସ୍ଥିତ ନ୍ୟାଶନାଲ ହେରାଲ୍ଡର ଉକ୍ତ ଜମିକୁ ଲିଜ୍ ନିୟମର ଉଲ୍ଲଂଘନ କରାଯାଇ ପ୍ରେସ ପରିବର୍ତ୍ତେ ୧୦ ବର୍ଷ ହେଲା ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଏହାକୁ ଖାଲି କରିବା ଲାଗି କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶକୁ ଏଜେଏଲ୍ ପକ୍ଷରୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

### ଭାଜପା ରଥଯାତ୍ରା ଅଟକିଲା

**କୋଲକାତା,୨୧।୧୨ (ପି.ଟି.):** ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରାକୁ କୋଲକାତା ହାଇକୋର୍ଟର ଜଣକିଆ ଖଣ୍ଡପୀଠ ଅନୁମତି ଦେଇଥିଲା ବେଳେ ଶୁକ୍ରବାର ଡିଭିଜନ ବେଞ୍ଚ ଏହାକୁ ଖାରଜ କରିଦେଇଛନ୍ତି। ଫଳରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ଉକ୍ତ ମାମଲାର ପୁନଃ ଶୁଣାଣି କରିବା ସହ ରାଜ୍ୟ ଗୋଇନ୍ଦା ବିଭାଗ ରିପୋର୍ଟକୁ ବିଚାରକୁ ନେବା ଲାଗି ଡିଭିଜନ ବେଞ୍ଚ କହିଛି। ଭାଜପାର ପ୍ରସ୍ତାବିତ ରଥଯାତ୍ରାକୁ ଅନୁମତି ଦେବା ଲାଗି ସିଦ୍ଧାନ୍ତରେ ପହଞ୍ଚିବାର ଆବଶ୍ୟକ ତଥ୍ୟ ଅଛି କି ନାହିଁ ତାହା ଅନୁଧ୍ୟାନ କରିବାକୁ ପଡିବ ବୋଲି ଖଣ୍ଡପୀଠ କହିଥିଲେ। ରାଜ୍ୟ ସରକାର ୩୬ଟି ଗୋଇନ୍ଦା ରିପୋର୍ଟ ଦାଖଲ କରିଥିବାରୁ ଏହାକୁ ବିଚାରକୁ ନେବା ଲାଗି ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ଡିସେମ୍ବର ୭ରୁ ଭାଜପାର ରଥଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ରାଜ୍ୟ ସରକାର ଅନୁମତି ଦେଇ ନ ଥିଲେ। ଫଳରେ ଭାଜପା କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଭାଜପାର ଆବେଦନ ଶୁଣାଣି କରି ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା କରିବା ଲାଗି ଜଣକିଆ ଖଣ୍ଡପୀଠ ଗୁରୁବାର ଅନୁମତି ଦେଇଥିଲେ। ତେବେ ପଶ୍ଚିମବଙ୍ଗ ସରକାର ଏହାକୁ ମୁଖ୍ୟ ବିଚାରପତିଙ୍କ ଡିଭିଜନ ବେଞ୍ଚରେ ଚାଲେଞ୍ଜ କରିଥିଲେ।

■ କମ୍ପ୍ୟୁଟର ଜରିଆରେ ଗୁପ୍ତ ଅନୁସନ୍ଧାନ ନିର୍ଦ୍ଦେଶନାମା

# ଗୋପନୀୟତା ଅଧିକାରକୁ ଆକ୍ରମଣ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ ବଳରେ ଜନସାଧାରଣଙ୍କ ବ୍ୟକ୍ତିଗତ କମ୍ପ୍ୟୁଟର ଯାଞ୍ଚ କ୍ଷମତା ୧୦ କେନ୍ଦ୍ରୀୟ ସଂସ୍ଥାକୁ ପ୍ରଦାନ କରାଯିବା ପରେ ବିବାଦ ମୁଣ୍ଡ ଟେକିଛି। ଏହି ପ୍ରସଙ୍ଗକୁ ନେଇ ଉଭୟ ପାର୍ଲାମେଣ୍ଟ ଭିତରେ ଓ ବାହାରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଲୋକଙ୍କ କମ୍ପ୍ୟୁଟର ଯାଞ୍ଚ କରିବା ଅର୍ଥ ସେମାନଙ୍କ ଗୋପନୀୟତା ଅଧିକାର ଉପରେ ସରକାରଙ୍କ ଆକ୍ରମଣ ବୋଲି ବିରୋଧୀ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା କ୍ୟାବିନେଟ ମନ୍ତ୍ରୀମାନେ ସଫେଇ ଦେଇଛନ୍ତି। ହେଲେ ଏଭଳି କଟକଣାକୁ ଦେଶର ବୁଦ୍ଧିଜୀବୀ ମହଲ ଗ୍ରହଣ କରି ନ ପାରି କେନ୍ଦ୍ର ଉପରେ ବର୍ଷିଛନ୍ତି।

କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଲୋକଙ୍କ କମ୍ପ୍ୟୁଟର ଯାଞ୍ଚ ପାଇଁ କ୍ଷମତା ପ୍ରଦାନ ନେଇ ବିବାଦୀୟ ନିଷ୍ପତ୍ତି ଶୁକ୍ରବାର ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। କେନ୍ଦ୍ର ସରକାର ଅନ୍ୟମାନଙ୍କ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କରେ ଜାଣିବା ପାଇଁ ଚୋରା ଚେଷ୍ଟା କରୁଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏଥିସହ କମ୍ପ୍ୟୁଟରକୁ ନେଇ ଏହି ଗୁପ୍ତ ଅନୁସନ୍ଧାନ ନିର୍ଦ୍ଦେଶନାମା ନାଗରିକଙ୍କ ମୌଳିକ ଗୋପନୀୟତା ଅଧିକାରକୁ କ୍ଷୁଣ୍ଣ କରୁଥିବା ଦର୍ଶାଇ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି, ଲୋକଙ୍କ କମ୍ପ୍ୟୁଟରରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ତଥ୍ୟ ହାସଲ କରିବା ଅର୍ଥ ହେଉଛି ପ୍ରିଭେସିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟର ଅବଜ୍ଞା। କେବଳ ଏତିକି ନୁହେଁ, ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିଙ୍କ ସମେତ କେତେଜଣ ରାଜନେତାଙ୍କ ଫୋନ୍ ମଧ୍ୟ ଟ୍ୟାପିଂ କରାଯାଉଛି। ଏହା ଏକ ଅତ୍ୟନ୍ତ ଗମ୍ଭୀର ଘଟଣାକ୍ରମ।



"ଏଭଳି ପଦକ୍ଷେପ ସରକାରଙ୍କ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେ ଅସୁରକ୍ଷିତ ଏକଚ୍ଛତ୍ରବାଦୀ ଏହା କେବଳ ୧୦୦ କୋଟି ଭାରତୀୟଙ୍କୁ ତା'ର ପ୍ରମାଣ ଦେବ।"
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



"ଦେଶରେ ଜରୁରୀ ପରିସ୍ଥିତି ଜାରି କରି ରାଜନେତା ଓ ସାମ୍ବାଦିକଙ୍କୁ ଗିରଫ କରାଇଥିବା କଂଗ୍ରେସ ଏବେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କହିବା ଅନୁଚିତ।"
-ରବିଶଙ୍କର ପ୍ରସାଦ, ଆଇଟି ଏବଂ ଆଇନ ମନ୍ତ୍ରୀ

ମୋଦି ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରି ଭାରତକୁ ଏକ ସର୍ଭିଲାନ୍ସ ଷ୍ଟେଟ୍‌ରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି। କୌଣସି ଗଣତନ୍ତ୍ରରେ ଏହା ଗ୍ରହଣୀୟ ନୁହେଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଅତ୍ୟନ୍ତ ଖରାପ ଆଇନ ଭାବେ ଅଭିହିତ କରିବା ସହ ଟୁଇଟର୍‌ରେ ଏନେଇ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ସେହିପରି ସମସ୍ତ ଭାରତୀୟଙ୍କୁ ଅପରାଧୀ ଭଳି ବ୍ୟବହାର କାହିଁକି କରାଯାଉଛି ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ୨୦୧୪ ମେ'ରେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେବା ପରଠୁ ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ନାଗରିକଙ୍କ କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିବାକୁ ଯାଇ ସରକାର ସବୁ ସୀମା ଅତିକ୍ରମ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଏଭଳି କଟକଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଟୁଇଟ କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ କହିଛନ୍ତି, ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବା ପରେ ମୋଦି ସରକାର ଏଭଳି ଏକଚ୍ଛତ୍ରବାଦୀ ପଦକ୍ଷେପ ନେଇଛନ୍ତି। ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି, ଭାଜପା ଯେତେବେଳେ 'ଘର ଘର ମୋଦି' ସ୍ଲୋଗାନ ଦେଉଥିଲା ସେତେବେଳେ କେହି ବୁଝିପାରି ନ ଥିଲେ ଯେ, ମୋଦି ସରକାର କମ୍ପ୍ୟୁଟର ଯାଞ୍ଚ କରି ସମସ୍ତଙ୍କ ଘରେ ପହଞ୍ଚିବେ ବୋଲି। ସେହିପରି ସରକାରଙ୍କ କମ୍ପ୍ୟୁଟର ଯାଞ୍ଚ କ୍ଷମତା ଉପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଦାବି କରିଛନ୍ତି। ହେଲେ ସରକାର ଏହାକୁ ୨୦୦୯ ଉପା ଅମଳ ନିୟମର ପୁନରାବୃତ୍ତି ବୋଲି ସଫେଇ ଦେଇଛନ୍ତି।

■ ସୋହରାବୁଦ୍ଦିନ ଏନ୍‌କାଉଣ୍ଟର ମାମଲା

# ୨୨ ଦୋଷମୁକ୍ତ

ମୁମ୍ବାଇ,୨୧।୧୨(ପି.ଟି.)



ସୋହରାବୁଦ୍ଦିନ ଶେଖ୍    କୌସର ବାଇ

ଗ୍ୟାଙ୍ଗଷ୍ଟର ସୋହରାବୁଦ୍ଦିନ ଶେଖ୍, ତାଙ୍କ ସ୍ତ୍ରୀ କୌସର ବାଇ ଏବଂ ସହଯୋଗୀ ତୁଲ୍‌ସୀ ପ୍ରଜାପତିଙ୍କୁ ମିଥ୍ୟା ଏନ୍‌କାଉଣ୍ଟରରେ ହତ୍ୟା ଅଭିଯୋଗ ମାମଲାର ବିଚାର କରି ସ୍ୱତନ୍ତ୍ର ସିବିଆଇ କୋର୍ଟ ଶୁକ୍ରବାର ୨୧ ପୋଲିସ କର୍ମଚାରୀଙ୍କ ସମେତ ସମସ୍ତ ୨୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ସ୍ୱତନ୍ତ୍ର ସିବିଆଇ ଜଜ୍ ଏସ.ଜେ. ଶର୍ମା ରାୟ ଦେବା ଅବସରରେ କହିଥିଲେ, କୋର୍ଟ ପ୍ରମାଣ ଆଧାରରେ ନ୍ୟାୟ ପ୍ରଦାନ କରିଥାନ୍ତି। ତେବେ ହତ୍ୟା ପଛରେ ଷଡ଼ଯନ୍ତ୍ର ଏବଂ ଅଭିଯୁକ୍ତମାନଙ୍କର ଏଥିରେ କୌଣସି ଭୂମିକା ଥିବା ନେଇ ଯଥେଷ୍ଟ ପ୍ରମାଣ ଦାଖଲ କରାଯାଇପାରି ନାହିଁ। ମିଳିଥିବା ତଥ୍ୟ ପ୍ରମାଣ ଆଧାରରେ କୋର୍ଟ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ହତ୍ୟା ମାମଲା ପଛରେ ଷଡ଼ଯନ୍ତ୍ର ପ୍ରମାଣିତ ହୋଇପାରି ନାହିଁ। ସେହିପରି ୨୨ଜଣ ଅଭିଯୁକ୍ତଙ୍କର ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ମଧ୍ୟ ପ୍ରମାଣିତ ହୋଇପାରି ନାହିଁ ବୋଲି ସ୍ୱତନ୍ତ୍ର ଜଜ୍ କହିଥିଲେ। ଏହି ମାମଲାର ଅଧିକାଂଶ ଅଭିଯୁକ୍ତ ଗୁଜରାଟ ଓ ରାଜସ୍ଥାନ ପୋଲିସ ଥିଲେ, ଯେଉଁମାନେ ଏବେ ଜାମିନରେ ଅଛନ୍ତି।

୨୦୦୫ ନଭେମ୍ବର ୨୨ ତାରିଖ ରାତିରେ ସୋହରାବୁଦ୍ଦିନ, ତାଙ୍କ ସ୍ତ୍ରୀ ଓ ସହଯୋଗୀ ହାଇଦ୍ରାବାଦରୁ ଏକ ବସ୍ ଯୋଗେ ମହାରାଷ୍ଟ୍ରର ସାଙ୍ଗ୍‌ଲି ଫେରୁଥିଲା ବେଳେ ପୋଲିସ ସେମାନଙ୍କୁ ଅପହରଣ କରି ନେଇଯାଇଥିଲା। ନଭେମ୍ବର ୨୬ରେ ସୋହରାବୁଦ୍ଦିନଙ୍କୁ ଓ ତିନି ଦିନ ପରେ କୌସର ବାଇଙ୍କୁ ହତ୍ୟା କରାଯାଇଥିଲା। ଉଦୟପୁର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଥିବା ପ୍ରଜାପତିଙ୍କୁ ୨୦୦୬ ଡିସେମ୍ବର ୨୭ରେ ଗୁଜରାଟ-ରାଜସ୍ଥାନ ସୀମାରେ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ୨୨ ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣ ପୋଲିସ ହୋଇଥିଲାବେଳେ ଅନ୍ୟଜଣେ ଫାର୍ମ ହାଉସ୍ ମାଲିକ ଥିଲେ। ସୋହରାବୁଦ୍ଦିନ ଓ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପୂର୍ବରୁ ଉକ୍ତ ଫାର୍ମ ହାଉସ୍‌ରେ ଅଟକ ରଖାଯାଇଥିଲା। ପୋଲିସ କହିବା ଅନୁଯାୟୀ ସୋହରାବୁଦ୍ଦିନ ଲସ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଏବଂ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟାକରିବା ଲାଗି ଷଡଯନ୍ତ୍ର କରିଥିଲା। ସିବିଆଇ ମାମଲା ହାତକୁ ନେବା ପରେ ତତ୍କାଳୀନ ଗୁଜରାଟ ଗୃହମନ୍ତ୍ରୀ ଅମିତ ଶାହ, ସେହି ସମୟର ରାଜସ୍ଥାନ ଗୃହମନ୍ତ୍ରୀ ଗୁଲାବଚାନ୍ଦ କଟାରିଆ, ବରିଷ୍ଠ ଆଇପିଏସ୍ ଅଫିସର ଡି.ଜି. ବଞ୍ଜାରାଙ୍କ ସମେତ ୩୮ ଜଣଙ୍କୁ ଅଭିଯୁକ୍ତ କରିଥିଲା।

# ପାର୍ଲାମେଣ୍ଟରେ ମୁହାଁମୁହିଁ



ଅରୁଣ ଜେଟ୍‌ଲୀ



ଗୁଲାମ ନବୀ ଆଜାଦ

**ନୂଆଦିଲ୍ଲୀ,୨୧।୧୨(ପି.ଟି.):** କମ୍ପ୍ୟୁଟର ଯାଞ୍ଚ ନିର୍ଦ୍ଦେଶନାମାକୁ ନେଇ ଶୁକ୍ରବାର ପାର୍ଲାମେଣ୍ଟ ସରଗରମ ହୋଇଛି। ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଉଭୟ ଗୃହରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଛନ୍ତି, ଦେଶ ପ୍ରତି କେବଳ ଭାଜପା ଓ ଏହାର ସରକାରଠାରୁ ବିପଦ ରହିଛି। ୧.୩ ବିଲିୟନ୍ ଲୋକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ଆମ ଟେଲିଫୋନ ଓ କମ୍ପ୍ୟୁଟର ଯାଞ୍ଚ କରିବାକୁ ସରକାର ନିର୍ଦ୍ଦେଶ ଦେଇ ଭୁଲ କରିଛନ୍ତି। ଭାଜପା ଯେତେବେଳେ କ୍ଷମତାଚ୍ୟୁତ ହୁଏ ସେତେବେଳେ ଦେଶ ପ୍ରତି ବିପଦ ସୃଷ୍ଟି ହୋଇଥିବା ଦର୍ଶାଇ ଏଭଳି ପଦକ୍ଷେପ ନେଇଥାଏ। ବିରୋଧୀ ସଦସ୍ୟମାନେ ମଧ୍ୟ ଆଜାଦଙ୍କ ସହ ସ୍ୱର ମିଳାଇ କେନ୍ଦ୍ରର ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ବୋଲି ଅଭିହିତ କରିଥିଲେ। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର ଜବାବରେ କହିଥିଲେ, ସରକାରଙ୍କ ବିରୋଧରେ କଂଗ୍ରେସ ଭୁଲ ତଥ୍ୟ ପ୍ରଦାନ କରି ଅପପ୍ରଚାର ଚଳାଇଛି। ଜାତୀୟ ନିରାପତ୍ତା ଦୃଷ୍ଟିରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ୨୦୦୯ରେ ମଧ୍ୟ ଉପା ସରକାର ଏଭଳି କରିଥିଲା। ଉଭୟ ଶାସକ ଏବଂ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଆର୍‌ଏସ୍‌ପି ନେତା ଏନ୍.କେ. ପ୍ରେମଚନ୍ଦ୍ରନ୍ ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇବା ପରେ ବିରୋଧୀ ସଦସ୍ୟମାନେ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରିଥିଲେ। ଏହାବ୍ୟତୀତ ରାଫାଲ ଚୁକ୍ତିର ଜେପିସି ତଦନ୍ତ ଦାବି, କାବେରୀ ନଦୀରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣର ପ୍ରତିବାଦ ଓ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଆଦି ନେଇ ନିମ୍ନ ସଦନରେ ସ୍ଲୋଗାନ ଦିଆଯାଇଥିଲା। ଶେଷରେ ହୋହଲ୍ଲା ମଧ୍ୟରେ ବାଚସ୍ପତି ସୁମିତ୍ରା ମହାଜନ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

# ଜେଲ୍‌ରୁ ମୁକୁଳିଲେ ସୁଶୀଲ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

**ନୈନା ସାହାଣୀ ହତ୍ୟାକାଣ୍ଡ**



ସ୍ତ୍ରୀ ନୈନା ସାହାଣୀ ହତ୍ୟା ମାମଲାରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ପୂର୍ବତନ ଯୁବ କଂଗ୍ରେସ ନେତା ସୁଶୀଲ ଶର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମୁକ୍ତ କରିଦେଇଛନ୍ତି। ଶର୍ମା ୨୩ ବର୍ଷରୁ ଅଧିକ ସମୟ ଜେଲ୍‌ରେ କଟାଇସାରିଥିବାରୁ ତାଙ୍କୁ ମୁକ୍ତ କରିଦେବା ଲାଗି ଜଷ୍ଟିସ୍ ସିଦ୍ଧାର୍ଥ ମୃଦୁଲ ଏବଂ ସଙ୍ଗୀତା ଧିଙ୍ଗ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ରାୟ ଦେଇଛନ୍ତି। ପୁରୁଷ ବନ୍ଧୁ ସହ ସମ୍ପର୍କ ଅଭିଯୋଗରେ ନୈନାଙ୍କୁ ସୁଶୀଲ ୧୯୯୫ରେ ଗୁଳି କରି ହତ୍ୟା କରିଥିଲେ। ଏହା ପରେ ସେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଏକ ରେଷ୍ଟୁରାଣ୍ଟର ତନ୍ଦୁର ଚୁଲାରେ ପୋଡିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣା ସେତେବେଳେ ବହୁଚର୍ଚ୍ଚିତ ହୋଇଥିଲା ଏବଂ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ଲାଗି ଡିଏନ୍‌ଏ ପ୍ରମାଣ ଏବଂ ଦୁଇ ଥର ଶବ ବ୍ୟବଚ୍ଛେଦ କରିବାକୁ ପଡିଥିଲା।

## ଫୁରସତ

# ବିଲୁପ୍ତି ପଥରେ ସମୁଦ୍ର ଘୋଟକ

**ସିଡ୍‌ନୀ:** କିଛିବର୍ଷ ହେଲା ଶ୍ୱେତବର୍ଣ୍ଣର ସମୁଦ୍ର ଘୋଟକଙ୍କ ସଂଖ୍ୟା ଅତିମାତ୍ରାରେ ହ୍ରାସ ପାଇବାରେ ଲାଗିଛି। ସେଗୁଡ଼ିକର ବାସସ୍ଥଳୀ ନଷ୍ଟ ହେଉଥିବାରୁ କେତେକ ଅଞ୍ଚଳରେ ସେଗୁଡ଼ିକର ସଂଖ୍ୟା ପାଖାପାଖି ୯୦% ହ୍ରାସ ପାଇଗଲେଣି। ସିଡ୍‌ନୀ ପୋତାଶ୍ରୟ ନିକଟରେ ବିପନ୍ନ ସମୁଦ୍ରଘୋଟକ ପ୍ରଜାତିଙ୍କୁ ଦେଖିବାକୁ ମିଳିବା ପରେ ଜୀବ ବୈଜ୍ଞାନିକମାନେ ସେଗୁଡ଼ିକର ସ୍ଥିତି ବଜାୟ ରଖିବା ପାଇଁ ଉଦ୍ୟମ କରିଛନ୍ତି। ସେଠାରେ ପାଖାପାଖି ୪୦ଟି ଶ୍ୱେତ ସମୁଦ୍ରଘୋଟକ ଦେଖିବାକୁ ମିଳିଥିଲା। ବିଶ୍ୱରେ ଦୁଇଟି ପ୍ରଜାତିର ସମୁଦ୍ରଘୋଟକ ମଧ୍ୟରୁ ଏହା ଅନ୍ୟତମ। ତେବେ ଏଗୁଡିକର ସୁରକ୍ଷା ଓ ସଂରକ୍ଷଣ ପାଇଁ ବୈଜ୍ଞାନିକମାନେ ଉତ୍ସାହିତ ହୋଇ ପଡ଼ିଥିବା ଗବେଷକ ମାଇକେଲ ରିଗାନ୍ ପ୍ରକାଶ କରିଛନ୍ତି। ଅଧିକାଂଶ ସମୁଦ୍ର ଘୋଟକ ଗର୍ଭବତୀ ଅଛନ୍ତି। ଅଣ୍ଡିରା ସମୁଦ୍ରଘୋଟକ ଛୁଆ ଜନ୍ମ କରନ୍ତି।



# ୭୮ ଖବରଦାତା ହତ୍ୟାର ଶିକାର

**ଭିଏନା:** ୨୦୧୮ରେ ବିଶ୍ୱରେ ୭୮ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି। ସେମାନଙ୍କ ଉପରେ ଆକ୍ରମଣ ଯୋଗୁ ପ୍ରେସ ସ୍ୱାଧୀନତା କ୍ଷୁଣ୍ଣ ହୋଇଛି। ଖବରଦାତାଙ୍କୁ ଜେଲ୍ ପଠାଇବା ଏବଂ ଦୋଷୀ ସାବ୍ୟସ୍ତ କରିବା ଭଳି ଘଟଣାରେ ସେମାନଙ୍କର ବିଶ୍ୱସନୀୟତା ହ୍ରାସ ପାଉଛି। ଏହି ବିଷୟକୁ କେତେକ ଦେଶର ରାଷ୍ଟ୍ରମୁଖ୍ୟ ଅସ୍ୱୀକାର ଏବଂ ଅବହେଳା କରିଆସୁଥିବା ଇଣ୍ଟରନ୍ୟାଶନାଲ୍ ପ୍ରେସ୍ ଇନ୍‌ଷ୍ଟିଚ୍ୟୁଟ୍ (ଆଇପିଆଇ) ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ଭିଏନାସ୍ଥିତ 'ସମ୍ପାଦକ, ଖବରଦାତା ଏବଂ ଗଣମାଧ୍ୟମ କାର୍ଯ୍ୟନିର୍ବାହୀ ବିଶ୍ୱ ସଂଗଠନ'ର 'ଡେଥ୍ ୱାଚ୍'ରେ କୁହାଯାଇଛି ୨୦୧୮ରେ ୭୮ ଖବରଦାତାଙ୍କୁ ହତ୍ୟା କରାଯାଇଛି। ଆଇପିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବରବରା ଟ୍ରିଓନଫି କହନ୍ତି, ଯେଉଁ କେତେକ ଦେଶ ଜନତାଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଉଥିଲା ସେ ସବୁ ଦେଶ ପ୍ରେସ ଭଳି ଏକ ଗଣତାନ୍ତ୍ରିକ ଅନୁଷ୍ଠାନକୁ ଧ୍ୱଂସ କରିଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସ୍ୱାଧୀନ ସାମ୍ବାଦିକତା ପାଇଁ ଅସହିଷ୍ଣୁ ପରିବେଶ ଖବରଦାତାଙ୍କ ଜୀବନ ଓ ସ୍ୱାଧୀନତାକୁ ବିପନ୍ନ କରିବା ସହିତ ଜନସାଧାରଣଙ୍କ ଅଧିକାର ପ୍ରତି ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ପ୍ରେସ୍ ସ୍ୱାଧୀନତା ଏବଂ ଖବରଦାତାଙ୍କ ନିରାପତ୍ତା କାର୍ଯ୍ୟକ୍ରମ ଅଂଶ ସ୍ୱରୂପ ଆଇପିଆଇ ୧୯୯୭ରୁ ଖବରଦାତାଙ୍କୁ ହତ୍ୟା ଘଟଣା ଉପରେ ବାର୍ଷିକ ସମୀକ୍ଷା କରିଆସୁଛି। ୨୦୧୮ ଡେଥ୍ ୱାଚ୍ ତଥ୍ୟରେ ଦର୍ଶାଯାଇଛି, ୨୮ ରିପୋର୍ଟର ଏବଂ ସାମ୍ବାଦିକଙ୍କୁ ଉଦ୍ଦେଶ୍ୟ ରଖି ହତ୍ୟା କରାଯାଇଥିବା ବେଳେ ୧୧ ଜଣ ସଂଘର୍ଷକାଳୀନ ଖବର ସଂଗ୍ରହ କରୁଥିବା ବେଳେ ନିହତ ହୋଇଛନ୍ତି। ମେକ୍ସିକୋ ଏବଂ ଆଫଗାନିସ୍ତାନ ଖବରଦାତାଙ୍କ ପାଇଁ ବିପଜ୍ଜନକ ।




## ଇତିହାସର ଆଇନାରେ

### ଡିସେମ୍ବର ୨୨ର ପ୍ରମୁଖ ଘଟଣା

୨୦୦୧ ଡିସେମ୍ବର ୨୨ରେ ବୁର୍‌ହାନୁଦ୍ଦିନ୍ ରବାନି ଆଫଗାନିସ୍ତାନରେ ରାଷ୍ଟ୍ରପତି ହମିଦ କାର୍ଜାଇଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ। ରବାନି ୧୯୪୦ ସେପ୍ଟେମ୍ବର ୨୦ରେ ଜନ୍ମଗ୍ରହଣ କରିଥିବା ବେଳେ ୨୦୧୧ ସେପ୍ଟେମ୍ବର ୨୦ରେ ମୃତ୍ୟୁବରଣ କରିଥିଲେ। ସେ ୧୯୯୨ରୁ ୧୯୯୬ ମଧ୍ୟରେ ଇସଲାମିକ୍ ରାଷ୍ଟ୍ର ଆଫଗାନିସ୍ତାନର ରାଷ୍ଟ୍ରପତି ଥିଲେ। ରବାନି ମଧ୍ୟ ଜମାତ୍-ଇ ଇସଲାମୀ ଆଫଗାନିସ୍ତାନର ନେତା ଥିଲେ।

୧୯୯୦ ଡିସେମ୍ବର ୨୨ରେ ଲେଚ୍ ୱାଲେଶା ପୋଲାଣ୍ଡର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୪୩ ସେପ୍ଟେମ୍ବର ୨୯ରେ ଜନ୍ମଗ୍ରହଣ କରିଥିଲେ। ସେ ମଧ୍ୟ ଶ୍ରମିକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ। ୧୯୮୩ରେ ତାଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ୧୯୯୦ରୁ ୧୯୯୫ ମଧ୍ୟରେ ପୋଲାଣ୍ଡର ରାଷ୍ଟ୍ରପତି ଥିଲେ। ୱାଲେସା ଜଣେ ଇଲେକ୍ଟ୍ରିସିଆନ୍ ଭାବରେ କାର୍ଯ୍ୟ କରୁଥିବା ବେଳେ ଶ୍ରମିକ ସଂଗଠନର ନେତା ହୋଇଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୨.୧ |
| ଚାନ୍ଦବାଲି | ୨୫.୬ | ୧୩.୯ |
| କଟକ | ୨୫.୬ | ୧୨.୪ |
| ପାରାଦ୍ୱୀପ | ୨୬.୪ | ୧୪.୨ |
| ଭୁବନେଶ୍ୱର | ୨୭.୮ | ୧୩.୦ |
| ଗୋପାଳପୁର | ୨୭.୦ | ୧୬.୫ |
| ପୁରୀ | ୨୭.୨ | ୧୫.୨ |
| ଅନୁଗୋଳ | ୨୫.୭ | ୧୦.୦ |
| ବାରିପଦା | ୨୩.୬ | ୧୨.୬ |
| ଝାରସୁଗୁଡ଼ା | ୨୬.୦ | ୧୧.୦ |
| କେନ୍ଦୁଝର | ୨୩.୩ | ୧୦.୪ |
| ସମ୍ବଲପୁର | ୨୬.୪ | ୧୧.୨ |
| ସୁନ୍ଦରଗଡ଼ | ୨୪.୦ | ୧୦.୦ |
| ହୀରାକୁଦ | ୨୫.୫ | ୧୧.୬ |
| ତାଲଚେର | ୩୦.୧ | ୧୧.୮ |
| ଭବାନୀପାଟଣା | ୨୬.୦ | ୧୧.୦ |
| ବଲାଙ୍ଗୀର | ୨୬.୦ | ୧୧.୮ |
| କୋରାପୁଟ | ୨୪.୬ | ୧୨.୬ |
| ଫୁଲବାଣୀ | ୨୩.୮ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୦ | ୧୬.୨ |
| ସୋନପୁର | ୨୬.୦ | ୧୦.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଶ୍ରୀଦେବୀଙ୍କୁ ମନେପକାଇଲେ କରିଶ୍ମା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରିଶ୍ମା କପୁର କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ସ୍ମରଣକରି ଭାବପ୍ରବଣତା ପ୍ରକାଶ କରିଛନ୍ତି। ଶାହରୁଖ୍ ଖାନ୍‌ଙ୍କ ଅଭିନୀତ 'ଜିରୋ' ଶୁକ୍ରବାର ରିଲିଜ ହୋଇଛି। ଶ୍ରୀଦେବୀଙ୍କ ସହିତ ତାଙ୍କ ନିଜର ଏକ ଫଟୋକୁ କରିଶ୍ମା 'ଜିରୋ' ସେଟ୍‌ରୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, 'ସ୍କ୍ରିନ୍ ସ୍ପେସ୍ ପାଇଁ ସୁଯୋଗ ଦେଇଥିବାରୁ ଶାହରୁଖ୍ ଏବଂ ଜିରୋ ଟିମ୍‌କୁ ଧନ୍ୟବାଦ। ମୋର ସବୁ ସମୟର ପ୍ରିୟ ଶ୍ରୀଦେବୀଙ୍କୁ ମୁଁ ହରାଇଛି। ଏହି ମୁହୂର୍ତ୍ତରେ ଶ୍ରୀଦେବୀ ଥିଲେ ଖୁବ୍ ଖୁସି ହୋଇଥାଆନ୍ତେ।' ଶେଷଥର ଲାଗି ଶ୍ରୀଦେବୀ 'ଜିରୋ'ରେ ଅଭିନୟ କରିଥିଲେ। ଚଳିତବର୍ଷ ଫେବୃୟାରୀରେ ସେ ଦୁବାଇ ଗସ୍ତରେ ଥିବାବେଳେ ସୁଇମିଂ ପୁଲ୍‌ରେ ଅଚାନକ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ତାଙ୍କୁ ୫୪ବର୍ଷ ବୟସ ହୋଇଥିଲା। ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ କ୍ୟାଟ୍ରିନା କୈଫ୍ ମଧ୍ୟ ଜିରୋରେ ଅଭିନୟ କରିଛନ୍ତି। ଆନନ୍ଦ ଏଲ୍. ରାଏଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଆର. ମାଧବନ୍ ଏବଂ ଅଭୟ ଦେଓଲଙ୍କ ସମେତ ବଲିଉଡ୍‌ର ଅନେକ କଳାକାର ସ୍ଥାନ ପାଇଛନ୍ତି।



# ଯୋଗ ପୂର୍ବରୁ ବିୟୋଗ



ଦେଶରେ ବଢ଼ିବ ବାଘ ସଂଖ୍ୟା। ସାତକୋଶିଆ ହେବ ବାଘଙ୍କ ନୂଆ ସାମ୍ରାଜ୍ୟ। ଭବିଷ୍ୟତର ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୧୬ରେ ଏପରି ଯୋଜନା ରଚନା କରିଥିଲେ ରାଜ୍ୟ ଓ କେନ୍ଦ୍ର ସରକାର। ୨୦୧୭ରେ ସରକାରୀ ମୋହର ପରେ ୨୦୧୮ରେ ପ୍ରକଳ୍ପ ପରିସୀମାକୁ ୯୬୮.୩୫ ବର୍ଗ କି.ମି.କୁ ବଢ଼ାଇ ଦିଆଯାଇଥିଲା। ମଧ୍ୟପ୍ରଦେଶରୁ ୬ଟି ବାଘ ବାଘୁଣୀ ଅଣାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପରୁ ଜୁନ ୨୧ରେ ଯୁବ ମହାବଳ 'ମହାବୀର'କୁ ଅଣାଯାଇଥିଲା। ସେହି ମାସ ୨୮ରେ ବାନ୍ଧବଗଡ଼ରୁ ବାଘୁଣୀ 'ସୁନ୍ଦରୀ'କୁ ଆଣି ଏନ୍‌କ୍ଲୋଜରରେ ରଖାଯାଇଥିଲା। ଜୁଲାଇ ୬ରେ ପ୍ରଥମେ ମହାବୀର ଓ ଅଗଷ୍ଟ ୧୭ରେ ସୁନ୍ଦରୀକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା। ଯୁବ ମହାବଳ ଅଭୟାରଣ୍ୟ ମଧ୍ୟରେ ବେଶ୍ ସ୍ୱାଭାବିକ ଥିବାବେଳେ ବାଘୁଣୀ ଜନବସତି ନିକଟରେ ପଇଁତରା ମାରି ଆତଙ୍କ ସୃଷ୍ଟି କରିଥିଲା। ସେପ୍ଟେମ୍ବର ୧୨ ସକାଳେ ସୁନ୍ଦରୀ ହାତୀବାରି ଗ୍ରାମର ମହିଳା କୈଳାସ ସାଇଅଙ୍କ ଜୀବନ ନେଇଥିଲା। ପ୍ରତିବାଦରେ ଲୋକେ ପୂରା ରେଞ୍ଜରେ ଲଙ୍କାକାଣ୍ଡ ଘଟାଇଥିଲେ। ପୋଡ଼ାଜଳା କରି ପ୍ରାୟ ୫ କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ କରିଦେଇଥିଲେ। ଏହାପରେ ବାଘୁଣୀ ଅକ୍ଟୋବର ୨୧ରେ ଟାଇଁସି ଗ୍ରାମର ତ୍ରିନାଥ ସାହୁଙ୍କ ମୃତ୍ୟୁର କାରଣ ହୋଇଥିଲା। ଘଟଣାକୁ ନେଇ କଞ୍ଚରା ମୁଣ୍ଡାସାହି ଠାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପୋଲିସ ସହ ଜନତାଙ୍କ ଖଣ୍ଡଯୁଦ୍ଧ ହୋଇଥିଲା। ଦୁଇ ଦୁଇଟି ମଣିଷ ଜୀବନ ଯିବା ପରେ ବନ ବିଭାଗ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବାକୁ ଉଦ୍ୟମ କରିଥିଲା। କିଛି ଦିନର ଲୁଚକାଳି ଖେଳ ପରେ ନଭେମ୍ବର ୬ରେ ବାଘୁଣୀ ସୁନ୍ଦରୀକୁ କାବୁ କରାଯାଇ ଏନ୍‌କ୍ଲୋଜରକୁ ଫେରାଇ ଅଣାଯାଇଥିଲା। ଏହି ଆତଙ୍କର ଅବସାନ ପରେ ସାତକୋଶିଆକୁ ନେଇ ନୂଆ ସମ୍ଭାବନା ସୃଷ୍ଟିର ଆଭାସ ମିଳିଥିଲା। ମହାବୀର ଓ ପୁରୁଣା ବାଘୁଣୀ ମଧ୍ୟରେ ମିଳନ ହୋଇଥିବାରୁ ପ୍ରକଳ୍ପ ଉଦ୍ଦେଶ୍ୟ ପୂରଣର ନୂତନ କିରଣ ଜାନୁୟାରୀ ୨୦୧୯ରେ ଅଭୟାରଣ୍ୟ କୋଳରେ ପଡ଼ିବ ବୋଲି କୁହାଯାଇଥିଲା। ହେଲେ ସାତକୋଶିଆ ବାଘ ଗଣତିରେ ନୂଆ ମୁହଁ ଯୋଗ ପୂର୍ବରୁ ନଭେମ୍ବର ୧୪ରେ ମହାବୀରର ମୃତ୍ୟୁ ସଂଖ୍ୟାରେ ଏକ ବିୟୋଗ ଆଣିଦେଲା।

## ଆଶା ସୃଷ୍ଟିକଲା ଫର୍ଟିଲାଇଜର୍ସ

ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ପ୍ରତୀକ୍ଷିତ ତାଳଚେର ସାର କାରଖାନା (ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍) ପୁନରୁଦ୍ଧାରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ବିଦାୟୀ ବର୍ଷର ସବୁଠାରୁ ଉଲ୍ଲେଖନୀୟ ଘଟଣା। ଦେଶକୁ ନୂତନ ଦିଗ ଦେଖାଇବ ବୋଲି କୁହାଯାଉଥିବା ଏହି ପ୍ରକଳ୍ପରେ ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। କୋଇଲାରୁ ବାଷ୍ପୀକରଣ ମାଧ୍ୟମରେ ଏଠାରେ ବାର୍ଷିକ ୧.୨୭ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ ହେବ। ୩୬ ମାସରେ ଏହାକୁ କାର୍ଯ୍ୟକ୍ଷମ କରାଯିବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପୂରଣ ହେଲେ ତାଳଚେର ଅଞ୍ଚଳର ଚାଷୀ, ବେକାର ଯୁବତୀଯୁବକଙ୍କ ସହ ସିଧାସଳଖ ସାଢ଼େ ଚାରି ହଜାର ଲୋକ ନିଯୁକ୍ତି ପାଇପାରିବେ। ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍), କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର ଲିମିଟେଡ (ଆର୍‌ସିଏଫ୍ଏଲ୍) ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଏଫ୍‌ସିଆଇଏଲ୍)ର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ସ୍ଥାପନ ହେବ।



ଅଠର ଆଇନାରେ ଅଛି ଢେଙ୍କାନାଳ-ଅନୁଗୋଳର ଅନେକ କିଛି । ବିଦାୟୀ ବର୍ଷରେ ହୋଇଛି ଘନ ଘନ ବନ୍ଦ ପାଳନା ଦୁଇ ଦୁଇଟି ବ୍ୟାଙ୍କରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। କୋର୍ଟ ହାଜତ ଛାତ ଭାଙ୍ଗି ଛୁ ମାରିଛନ୍ତି ୪ ହତ୍ୟାକାଣ୍ଡର ଏକମାତ୍ର ଅଭିଯୁକ୍ତ ଦୁର୍ଦ୍ଦାନ୍ତ ଝସକେତନ। ତିତ୍‌ଲି ତାଣ୍ଡବ ଛାତିରେ ଛନକା ଭରିବା ପରି ଅପରାଧୀଙ୍କୁ ଆତଙ୍କିତ କରିଦେଇଛି ଅନୁଗୋଳ ପୋଲିସର ଏନ୍‌କାଉଣ୍ଟର। ଦେଶକୁ ଦିଗ୍‌ଦର୍ଶନ ଦେବାକୁ ତାଳଚେର ଫର୍ଟିଲାଇଜର୍ସ ତୟାର ହେଉଥିବା ବେଳେ ବହୁ ଚର୍ଚ୍ଚିତ ସୁନ୍ଦରୀ ଆତଙ୍କରେ ଅଥୟ ହୋଇପଡ଼ିଥିବା ଦୀର୍ଘ ବର୍ଷର ଡ୍ରିମ୍ ପ୍ରୋଜେକ୍ଟ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଆଶା ମହାବୀର ମୃତ୍ୟୁ ପରେ ମଉଳି ମଉଳି ଯାଉଛି। ବାଘ ପରି ବିଦ୍ୟୁତ୍ ଆଘାତରେ ୭ ହାତୀମୃତ୍ୟୁ ଦୁଃଖ ଯେତିକି ଉଦ୍‌ବେଗ ଆଣିଥିଲା ଯଶୋବନ୍ତଙ୍କୁ ଗୁଳି ଓ ବଳରାମପୁରରେ ଗଛ ପାଇଁ ଲଢ଼େଇ ରାଜ୍ୟ ରାଜନୀତିକୁ ସେତିକି ଖୋରାକ ଯୋଗାଇଥିଲା। ଶେଷରେ ଶେଲଟର ହୋମ୍‌ରେ ଶୋଷଣ କିନ୍ତୁ ବର୍ଷର ଶେଷଭାଗକୁ ସରଗରମ କରିଦେଇଥିଲା।

## ଏନ୍‌କାଉଣ୍ଟର

୨୦୧୮ ନଭେମ୍ବର ୧୮ ପୂର୍ବରୁ ଅନୁଗୋଳ ପୋଲିସ କେବେ ବି କୌଣସି ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି ନ ଥିଲା। ହେଲେ ସହର ସହ ଜିଲାରେ ଲୁଟେରାଙ୍କ ଆତଙ୍କକୁ ଦମନ କରିବା ପାଇଁ ପ୍ରଥମ କରି ପୋଲିସ ବନ୍ଧୁକରୁ ଗୁଳି ଚାଳନା କରିଥିଲା। ଡେରଜାଙ୍ଗ ଡ୍ୟାମ୍ ନିକଟରେ ୧୮ ତାରିଖ ରାତିରେ ହୋଇଥିବା ଏହି ପ୍ରଥମ ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ବିଲୁ ଖାଁ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ବିଲୁଙ୍କ ଅନ୍ୟତମ ସହଯୋଗୀଙ୍କୁ ମଧ୍ୟ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏହା ଅନୁଗୋଳ ପୋଲିସ ପାଇଁ ବିଦାୟୀ ବର୍ଷର ବେଶ୍ ଚର୍ଚ୍ଚିତ ଘଟଣା ଥିଲା।



## ତିତ୍‌ଲି ତାଣ୍ଡବ

ମା'ଙ୍କ ଦଶହରା ପୂଜାକୁ ଆଉ ମାତ୍ର ଦିନ କେଇଟା ଥିବା ବେଳେ ତାଣ୍ଡବ ରଚିଥିଲା ତିତ୍‌ଲି। ଏହାର ପ୍ରଭାବ ଏପରି ଥିଲା ଯେ ମାତ୍ର କେଇଘଣ୍ଟା ମଧ୍ୟରେ



ଅନୁଗୋଳ ଜିଲାରେ ମୋଟ୍ ୬୩୧ ମିଲିମିଟର ବର୍ଷା ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି କରିଥିଲା। ୫୫ନଂ. ଜାତୀୟ ରାଜପଥ ଉପରେ ପାଣି ଯୋଗୁ ଅନେକ ସ୍ଥାନରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

## ଲକ୍ଷେରେ ୭

ଅନୁଗୋଳ ପୂର୍ତ୍ତ ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ନାରାୟଣ ଦେହୁରୀଙ୍କ ପୁଅ ନରେନ୍ଦ୍ର ଦେହୁରୀଙ୍କୁ ନେଇ ଅନୁଗୋଳ ଜିଲା ବିଦାୟୀ ବର୍ଷରେ ବେଶ୍ ଗର୍ବ ଅନୁଭବ କରିଥିଲା। ମେଧାବୀ ନରେନ୍ଦ୍ର ଗତ ଅଗଷ୍ଟ ୩୦ରେ ପ୍ରକାଶିତ ଇସ୍ରୋ ପରୀକ୍ଷା ଫଳରେ ଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭ମ ସ୍ଥାନରେ ରହି ରାଜ୍ୟ ତଥା ଅନୁଗୋଳ ପାଇଁ ଗୌରବ ପାଲଟିଥିଲେ।



## ଶେଲ୍‌ଟର ହୋମ୍‌ରେ ଶୋଷଣ



ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନଶୋଷଣ, ଅକଥନୀୟ ନିର୍ଯାତନା ସାଙ୍ଗକୁ ଧର୍ମାନ୍ତରୀକରଣ। ଅନ୍ତେବାସୀ ଆଣିଥିବା ଏପରି ସଙ୍ଗିନ ଅଭିଯୋଗ ପରେ ବିବାଦରେ ଛନ୍ଦି ହୋଇ ପଡ଼ିଥିଲା ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଅନୁଷ୍ଠାନକୁ ସିଲ୍ କରିଦେଇଥିଲା ପ୍ରଶାସନ। ଅନ୍ତେବାସୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଗିରଫ ହୋଇଥିଲେ ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ ରେହମାନ, ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ। ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଏହି ଘଟଣା। ଖୋଳତାଡ଼ ବେଳେ ଏହାର ଚେର ବିଦେଶକୁ ଲମ୍ବିଥିବା ଜଣାପଡ଼ିଥିଲା। ଏପରି ସ୍ପର୍ଶକାତର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ଏହାପରେ ବେଲଟିକିରି ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ସଂସ୍ଥା ଶିଶୁଗୃହଗୁଡ଼ିକୁ ଯାଞ୍ଚ କରିଥିଲେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଟିମ୍।

## ଛାତ ଭାଙ୍ଗି ଝସକେତନ ଛୁ

ଚଳିତ ଆଇ–ଲିଗ୍ ସିଜନରେ ବାରବାଟୀ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ କରିଥିବା ଇଣ୍ଡିଆନ ଆରୋଜ ଦଳ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧–୦ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୬ତମ ମିନିଟରେ ମିଳିଥିବା ଏକ ପେନାଲ୍ଟି କିକ୍‌ର ଫାଇଦା ଉଠାଇ ଆରୋଜ ଏହି ବିଜୟ ସୂଚକ ଗୋଲ ସ୍କୋର କରିଥିଲା। ଆରୋଜ ଦଳର ସେଣ୍ଟର ମିଡଫିଲ୍ଡର ତଥା ଅଧିନାୟକ ଅମରଜିତ ସିଂ କିୟାମ ଗୋଲପୋଷ୍ଟର ନିମ୍ନ ଭାଗର କର୍ନରରେ ବଲକୁ ଭର୍ତ୍ତି କରି ଏହି ଗୋଲଟି ଦେଇଥିଲେ। ବାରବାଟୀ ଷ୍ଟାଡିୟମରେ ଏହା ଚଳିତ ଆଇ–ଲିଗ୍ ସିଜନର ଶେଷ ମ୍ୟାଚ୍। ଚଳିତ ସିଜନରେ ଆରୋଜ ମୋଟ ୨ଟି ବିଜୟ ପଏଣ୍ଟ ହାସଲ କରିଥିବା ବେଳେ ଦୁଇଟିଯାକ ବାରବାଟୀ ଷ୍ଟାଡିୟମରୁ ହିଁ ମିଳିଛି। ଇଣ୍ଡିଆନ ଆରୋଜ ଦଳ ଏଠାରେ ମୋଟ୍ ୪ଟି ମ୍ୟାଚ୍ ଖେଳିଛି। ଗତ ନଭେମ୍ବର ୫ ତାରିଖରେ ଆରୋଜ ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳିବା ସହ ୧–୦ ଗୋଲରେ ସିଲଂ ଲାଜଂକୁ ପରାସ୍ତ କରିଥିଲା। ୯ ତାରିଖରେ ପରବର୍ତ୍ତୀ ମ୍ୟାଚ୍‌ରେ ୦–୨ ଗୋଲରେ ମୋହନବାଗାନଠାରୁ ହାରିଥିଲା। ଚଳିତ ମାସ ୧୪ ତାରିଖରେ ଆରୋଜ ଓ ଆଇଜଲ ଏଫସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ବିଜୟୀ ହୋଇଛି। ଆରୋଜ ମୋଟ୍ ୮ଟି ମ୍ୟାଚ୍ ଖେଳି ୨ ବିଜୟ, ଗୋଟିଏ ଡ୍ର ଓ ୫ ପରାଜୟ ସହ ୭ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି।



ଇଣ୍ଡିଆନ୍ ଆରୋଜ୍ ଓ ଗୋକୁଳମ କେରଳ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଫିଫା ବିଶ୍ୱକପ୍ ଦର୍ଶକ ୩.୫ ବିଲିୟନ

ଜୁରିଚ୍, ୨୧।୧୨ (ଏପି)

୨୦୧୮ ଫୁଟ୍‌ବଲ ବିଶ୍ୱକପ୍ ୩.୫ ବିଲିୟନ ଲୋକ ଦେଖିଛନ୍ତି। ଫ୍ରାନ୍ସ–କ୍ରୋଏସିଆ ଫାଇନାଲକୁ ୧.୧୨ ବିଲିୟନ ଅତିକମ୍‌ରେ ୧ ମିନିଟ୍ ପାଇଁ ଦେଖିଛନ୍ତି। ବିଶ୍ୱ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟବଲ ଆସୋସିଏଶନ୍ସ (ଫିଫା) ତରଫରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଅଧିକାଂଶ ଡିଜିଟାଲ ଡିଭାଇସ୍ ଜରିଆରେ ଦେଖିଛନ୍ତି। ଏହାଛଡ଼ା ଟେଲିଭିଜନ, ସର୍ବସାଧାରଣ ସ୍ଥାନରେ ବଡ଼ ବଡ଼ ସ୍କ୍ରିନ୍, ବାର୍ ଏବଂ ରେସ୍ତୋରାଁରେ ମଧ୍ୟ ଦର୍ଶକ ଉପଭୋଗ କରିଛନ୍ତି। ରୁଷିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୬୪ଟି ଗେମ୍ ଖେଳାଯାଇଥିଲ। ବିଶ୍ୱବ୍ୟାପୀ ଟିଭି ଜରିଆରେ ଗେମ୍ ପିଛା ୧୯୧ ନିୟୁତ ଲୋକ ଉପଭୋଗ କରିଛନ୍ତି। ସେ ତୁଳନାରେ ବ୍ରାଜିଲରେ ଅନୁଷ୍ଠିତ ୨୦୧୪ ସଂସ୍କରଣରେ ଦର୍ଶକ ସଂଖ୍ୟା ୧୮୭ ନିୟୁତ ରହିଥିଲା। ଫିଫା ତରଫରୁ ହୋଇଥିବା ଗବେଷଣାରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଚାରିବର୍ଷ ତୁଳନାରେ ରୁଷିଆ ବିଶ୍ୱକପ୍‌କୁ ଦର୍ଶକମାନେ ଅଧିକ ସମୟ ଧରି ଦେଖିଛନ୍ତି।

# ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ରୀମାଲକ୍ଷ୍ମୀ, ସୁଶ୍ରୀ

କଟକ ଅଫିସ,୨୧।୧୨

ଆନ୍ଧ୍ରପ୍ରଦେଶ ବିଜୟୱାଡା ସ୍ଥିତ ମୁଲାପଡୁଠାରେ ଆସନ୍ତା ଜାନୁୟାରୀ ୩ ତାରିଖରୁ ସିନିୟର ମହିଳା କ୍ରିକେଟ ଚ୍ୟାଲେଞ୍ଜର ଟ୍ରଫି ଆରମ୍ଭ ହେବ । ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ୨ଜଣ ଖେଳାଳି ସାମିଲ ହୋଇଛନ୍ତି । ଇଣ୍ଡିଆ ବ୍ଲୁ ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ଓ ଇଣ୍ଡିଆ ଗ୍ରୀନ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରତିନିଧିତ୍ୱ କରିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି । ପେସ ବୋଲର ରୀମାଲକ୍ଷ୍ମୀ ଓ ଅଲରାଉଣ୍ଡର ସୁଶ୍ରୀ ରାଜ୍ୟ ମହିଳା କ୍ରିକେଟର ଜଣେ ଜଣେ ପ୍ରତିଭାବାନ ଖେଳାଳି। ଉଭୟ ପୂର୍ବରୁ ଭାରତ–ଏ ଦଳରୁ ଖେଳିବାର ମଧ୍ୟ ସୁଯୋଗ ପାଇଛନ୍ତି ।



ରୀମାଲକ୍ଷ୍ମୀ ଏକ୍କା



ସୁଶ୍ରୀ ଦିବ୍ୟଦର୍ଶିନୀ

# ବିଶ୍ୱକପ୍ ପୂର୍ବରୁ ଫର୍ମ ଫେରିପାଇବା ଲକ୍ଷ୍ୟରେ ସ୍ମିଥ୍

ସିଡ୍‌ନୀ,୨୧।୧୨(ପି.ଟି.)

ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଫର୍ମ ଫେରିପାଇବାକୁ ଲକ୍ଷ୍ୟ ରଖିଛନ୍ତି ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଷ୍ଟିଭ ସ୍ମିଥ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଦଳରେ ପୁଣି ନିଜ ସ୍ଥାନ ହାସଲ କରିବେ। ''ବର୍ତ୍ତମାନ ଦିନିକିଆ ମ୍ୟାଚ୍ ଟି୨୦ର ବଡ଼ ଫର୍ମାଟ୍ ଭଳି ଖେଳାଯାଉଛି। ଏଣୁ ମୁଁ ଟି୨୦ କ୍ରିକେଟ ଖେଳି ନିଜକୁ ପ୍ରସ୍ତୁତ କରିବି। କ୍ରିକେଟର ଛୋଟିଆ ଫର୍ମାଟରେ ଆଇପିଏଲ ହେଉଛି ବିଶ୍ୱର ଶ୍ରେଷ୍ଠ ଟୁର୍ନାମେଣ୍ଟ। ପ୍ରଥମେ ପାକିସ୍ତାନ ଲିଗ୍ ଓ ପରେ ଆଇପିଏଲରେ ଖେଳିବି। ଏହା ଦ୍ୱାରା ମୋତେ ଆବଶ୍ୟକ ମ୍ୟାଚ୍ ଖେଳିବାକୁ ମିଳିବ। ବାଂଲାଦେଶ ପ୍ରିମିୟର ଲିଗ୍‌ରେ ମୋର ଖେଳିବାର ଥିଲା। ମାତ୍ର ସେଠାରେ କେଉଁ କାରଣରୁ ବାରଣ କରାଗଲା ମୋତେ ଜଣା ନାହିଁ'' ବୋଲି ସ୍ମିଥ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ବାସନ୍ଦ ହେବା ପରେ ସ୍ମିଥ୍ ପ୍ରଥମ ଥର ଲାଗି ସାମ୍ବାଦିକ ସମ୍ମିଳନୀ ଡକାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରୁ ୯ ମାସ ହେଲା ବାସନ୍ଦ ହୋଇଥିଲେ ମଧ୍ୟ ସେ ବିଭିନ୍ନ ଲିଗ୍‌ରେ ଖେଳୁଛନ୍ତି। ଆଇପିଏଲର ପରବର୍ତ୍ତୀ ସଂସ୍କରଣ ଲାଗି କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ମାତ୍ର ଏହା ଏପ୍ରିଲ ରୁ ମେ' ମଧ୍ୟରେ ଖେଳାଯାଇପାରେ। ଏହାର ତୁରନ୍ତ ପରେ ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ଖେଳାଯିବ।

**ସର୍ବଭାରତୀୟ ର୍ୟାଙ୍କିଙ୍ଗ୍ ଟେନିସ୍**

# ଫାଇନାଲରେ ଅଂଶୁ

ଭୁବନେଶ୍ୱର, ୨୧।୧୨(କ୍ରୀଡ଼ା ପ୍ରତିନିଧି)

ପୁରୀରେ ଚାଲିଥିବା ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସେ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀଙ୍କୁ ୬–୦, ୬–୧ ସେଟ୍‌ରେ ପରାସ୍ତ କରିଛନ୍ତି। ତେଲେଙ୍ଗାନାର ଲଙ୍କା ସୁନୀଥ ରେଡ୍ଡୀଙ୍କ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଚିନ୍ମୟ ପ୍ରଧାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ସୁନୀଥ ପ୍ରଥମ ସେମିଫାଇନାଲରେ ହରିୟାଣାର ଓମିନ୍ଦର ବୈସୋୟାଙ୍କଠାରୁ ୦–୬, ୨–୬ ସେଟ୍‌ରେ ହାରି ଯାଇଛନ୍ତି। ଅଂଶୁ ଓ ବୈସୋୟାଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପୁରୁଷ ଡବଲ୍ସରେ କିନ୍ତୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ରାଜସ୍ଥାନର ଅଭିଭୀର ସିଂ ଶେଖାୱତଙ୍କୁ ସାଥିକରି ଖେଳୁଥିବା ଅଂଶୁ ପ୍ରଥମ ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶର ବାଜ୍‌ଜି ଶିବା ଆଡ୍ଡରୁ ଓ ତେଲେଙ୍ଗାନାର ସାଜିଦ୍ ଉର୍ ରହମାନ ଯୋଡ଼ିଙ୍କଠାରୁ ୫–୭, ୪–୬ ସେଟ୍‌ରେ ହାରି ଯାଇଛନ୍ତି। ସେହିପରି ଓଡ଼ିଶାର ଅମୃତଜୟ ମହାନ୍ତି ଓ ଅଭିଷେକ ମହାପାତ୍ର ଯୋଡ଼ି ଦ୍ୱିତୀୟ ସେମିଫାଇନାଲରେ ପଶ୍ଚିମବଙ୍ଗ ଯୋଡ଼ି ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀ ଓ ରୋହିତ ରାମପୁରିଆଙ୍କ ନିକଟରୁ ୨–୬, ୩–୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଶନିବାର ସକାଳ ୧୦ଟାରେ ପୁରୁଷ ଡବଲ୍ସ ଏବଂ ୧୧ଟା ୪୫ରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ଶୁକ୍ରବାର ସେମିଫାଇନାଲ ଅବସରରେ ଅଂଶୁ କୁମାର ଭୂୟାଁ।


**BERHAMPUR MUNICIPAL CORPORATION**

**TENDER CALL NOTICE** No.381-C

NIB No.20678/XVIII.E6.29/18 Dt.20.12.18

| | | |
|---|---|---|
| 1 | Procurement Officer - Publisher / Officer Inviting the Tender / Bids (OIT) | The Commissioner Berhampur Municipal Corporation |
| 2 | Name of the works | Electrical Works |
| 3 | Nos. of works | 2 Nos. |
| 4 | Period of availability of the bid documents / tenders | From 15.00 hrs of Dt.21.12.18 to 17.00 hrs of Dt.28.12.18 |
| 5 | Last date & time for submission of the sealed envelopes containing the EMD, Cost of the bid documents, ABS (if reqd.), documents as asked for to fulfill the eligibility criteria of the bidders for each work as per DTCN | 17.00 hrs. of Dt.29.12.18 |
| 6 | Date & time of opening of the bids | 11.30 hrs. onwards on Dt.31.12.18 |

Further details can be seen in the notice board.

Sd./- Commissioner
13035/11/0170/1819 Berhampur Municipal Corporation

**PARADIP PORT TRUST**

**Corrigendum-I to E-Tender Call Notice No.EM/MM/P/IOHP-26/2018/1811 TDR215, Dt. 17.11.2018 for Supply of Suspension Electro Magnet.** The due date of submission of Tender & opening of EMD Bid is hereby further extended as below. (1) Last Date of submission of tender upto 5.00 PM of Dt. 07.01.2019. (2) Opening of EMD Bid at 3.30 PM of Dt. 09.01.2019. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

Sd/-
Sr. Dy. Materials Manager

PPT/PR/541/18-19 Dt. 21.12.2018

ODISHA HYDRO POWER CORPORATION LIMITED.
**BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051**
Phones; 06861-232581 (O)/ 232641 (R), FAX - 06861-232541, E mail- <unit.head_balimela@yahoo.com>

**Bid Identification No. 6393** **Dated. 20.12.2018**

No.CAD-1151: Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at **https://tendersodisha.gov.in** by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Group | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| A | Supply and fixing of paver block at open area of Valve House including repair work | 16,16,431/- | 16200/- | 6000/- + GST @ 18% = 7080/- | 120 days |
| B | Replacement of GCI sheet by new metal roofing sheet of General store | 7,89,965/- | 7900/- | 4000/- + GST @ 18% = 4720/- | 60 days |

Date & Time of availability of bid document in the portal: **From 11.00 Hrs of 24.12.2018 to 04.01.2019 (up to 16.00 Hrs)**
The date & Time of opening of the bid: **12.30 Hrs onwards of 05.01.2019** (Only Technical bid)
Further details can be seen from the e-procurement portal **https://tendersodisha.gov.in**.
04019/11/0088/1819 Sd./- SENIOR GENERAL MANAGER

ଓଡ଼ିଶା ସରକାର
**କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
(ଭୂ–ଅର୍ଜନ ବିଭାଗ)

**ଘୋଷଣା**

**No. (SPLLAORLY)-LAA-KPD-16/2018/933** **Dtd.: 9.11.18**

No.: XX-20: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R ACT, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– ଗୁଆଲସିଂ, ଥାନା– କେନ୍ଦ୍ରାପଡ଼ା ନଂ.୧୧୦, ତହସିଲ– ଡେରାବିଶ୍, ଜିଲ୍ଲା– କେନ୍ଦ୍ରାପଡ଼ାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ହରିଦାସପୁର–ପାରାଦ୍ୱୀପ ନୂତନ ପ୍ରଶସ୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, ୨୦୧୩)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୪୦୦୩୮/ରା.ବି.ପ୍ର. ତା୨୫।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉ ଅଛି ଯେ, ମୌଜା– ଗୁଆଲସିଂ, ଥାନା– କେନ୍ଦ୍ରାପଡ଼ା ନଂ. ୧୧୦, ତହସିଲ– ଡେରାବିଶ୍, ଜିଲ୍ଲା– କେନ୍ଦ୍ରାପଡ଼ାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପ ରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendrapara.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ହରିଦାସପୁର–ପାରାଦ୍ୱୀପ ନୂତନ ପ୍ରଶସ୍ଥ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା– କେନ୍ଦ୍ରାପଡ଼ା, ତହସିଲ– ଡେରାବିଶ୍**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁଆଲସିଂ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୩୪୦ | ଏ.୧.୪୨୦ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା– କେନ୍ଦ୍ରାପଡ଼ା, ତହସିଲ– ଡେରାବିଶ୍**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁଆଲସିଂ | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ – ୧୦।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦ୍ରାପଡ଼ା

**ଭୂମି ଅନୁସୂଚୀ**
**ମୌଜା– ଗୁଆଲସିଂ, ଥାନା– କେନ୍ଦ୍ରାପଡ଼ା, ଥାନା ନଂ.– ୧୧୦, ତହସିଲ– ଡେରାବିଶ୍, ଜିଲ୍ଲା– କେନ୍ଦ୍ରାପଡ଼ା**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୯୮ | ୩୫୮୫ | ୧.୦୦୦ | ୦.୮୪୦ | ଶାରଦ ଜଳ ଦୋଫସଲ–୨ | ନଳିନୀକାନ୍ତ ସାହୁ, ପ୍ରମୋଦ କୁମାର ସାହୁ, ସରୋଜକାନ୍ତ ସାହୁ, ଶରତକାନ୍ତ ସାହୁ, ଶଶୀକାନ୍ତ ସାହୁ, କମଳାକାନ୍ତ ସାହୁ, ମଞ୍ଜୁଲତା ସାହୁ, ପି.– ଘନଶ୍ୟାମ ସାହୁ, ଜା: ତେଲି, ସା: ଭ୍ରମରଦିଆପାଟଣା |
| | ୩୫୮୫/ ୪୩୯୩ | ୧.୦୨୦ | ୦.୩୮୦ | ଘରବାରି | |
| ୧୦୦୧ | ୩୩୮୦ | ୦.୧୯୦ | ୦.୧୯୦ | ଘରବାରି | ପ୍ରଶାନ୍ତ କୁମାର ରାଉତ, ପି.– ନୃସିଂହ ଚରଣ ରାଉତ, ଜା: ଖଣ୍ଡାୟତ, ସା: କଂସାର, ହାଲ: ନିଜଗାଁ |
| ୭୨୮ | ୨୨୩୦ | ୦.୧୩୦ | ୦.୦୧୦ | ଶାରଦ–୨ | ଜନାର୍ଦ୍ଦନ ବେହେରା, ପି.– ପଦନ ବେହେରା, ଜା: କୁମ୍ଭାର, ସା: ନିଜଗାଁ |
| | | ମୋଟ | ୧.୪୨୦ | | |

ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ
24040/14/0023/1819 ହରିଦାସପୁର–ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା



> ମେଲବୋର୍ନର ପରିବେଶ ଯାହା କହୁଛି, ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଖେଳାଇଲେ ଭାରତ ଉପକୃତ ହେବ ।
> – ମାଇକେଲ ହସି, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ

> ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ମୁଁ ଅଭ୍ୟାସ ମ୍ୟାଚ ଖେଳିନାହିଁ ସତ, ହେଲେ ଏନେଇ ମୁଁ ଆଦୌ ଚିନ୍ତିତ ନୁହେଁ ।
> – ଅମ୍ବାତି ରାୟୁଡୁ, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ନଳିନୀକାନ୍ତ ମହାନ୍ତି ସ୍ମାରକୀ କ୍ରିକେଟ ଆରମ୍ଭ

କଟକ ଅଫିସ,୨୧।୧୨-ତୃତୀୟ ନଳିନୀକାନ୍ତ ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ସ୍ଥାନୀୟ ଦି ଲ' କଲେଜ ଖେଳପଡିଆରେ ଆରମ୍ଭ ହୋଇଛି। ଅଧକ୍ଷ ଏସ୍.କେ. ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସହରର ପ୍ରମୁଖ ୧୨ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଛନ୍ତି। ତେବେ ଗତ ଦୁଇବର୍ଷର ଫାଇନାଲିଷ୍ଟ ଦଳ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବା ସୁଯୋଗ ପାଇବେ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ମା' ମଙ୍ଗଳା କ୍ଲବ, ଲ' ଲାୟନ୍ସ ଓ ବ୍ଲୁ ମୁନ୍ ବିଜୟୀ ହୋଇଛନ୍ତି ।

### ଓସ୍କାର କପ୍ କ୍ରିକେଟ: ସେମିରେ ପାରାମାଉଣ୍ଟ



ଭୁବନେଶ୍ୱର,୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)- ଓସ୍କାର ଖେଳପଡ଼ିଆରେ ଚାଲିଥିବା ୧୦ମ ନିରୋଜ ସ୍ମାରକୀ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ପାରାମାଉଣ୍ଟ କ୍ଲବ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ କ୍ଲବ ୧୦୦ ରନ୍‌ରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ଧାର୍ଯ୍ୟ ୨୦ ଓଭରରେ ଦୁଇ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ମହନ୍ତ ୬୦ ରନ୍ କରିଥିଲେ। ବୋଲିଂରେ ରାମେଶ୍ୱର ତରଫରୁ ପ୍ରତୀକ ସ୍ୱାଇଁ ଏକମାତ୍ର ସଫଳତା ପାଇଥିଲେ। ପରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ମାତ୍ର ୪୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ପ୍ରତ୍ୟୁଷ ପ୍ରକାଶ ସାହୁ ୪ ଓ ଯୋଗେଶ ସିଂ ୩ଟି ଉଇକେଟ ନେଇଥିଲେ। ବିଜୟୀ ଦଳ ଲାଗି ସର୍ବାଧିକ ଉଇକେଟ ନେଇଥିବା ପ୍ରତ୍ୟୁଷ ପ୍ରକାଶ ସାହୁଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟବସାୟୀ ସଙ୍କେତ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ।

### ରାଜୀବ ମେହେଟାଙ୍କୁ ନୂଆ ନିଯୁକ୍ତି



ନୂଆଦିଲ୍ଲୀ, ୨୧।୧୨ (ପି.ଟି.): ଫେନ୍ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଫଏଆଇ) ସଭାପତି ରାଜୀବ ମେହେଟା ସାଉଥ୍ ଏସିଆନ ଫେନ୍‌ସିଂ ଫେଡେରେଶନ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ଏଫ୍‌ଏଆଇ ସାଧାରଣ ସମ୍ପାଦକ ବଶିର ଅହମ୍ମଦ ଖାଁ ମଧ ଫେଡେରେଶନର ଅନୁରୂପ ପଦବୀରେ ଅଧିଷ୍ଠିତ ହେବେ। ମେହେଟା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସାଧାରଣ ସମ୍ପାଦକ ଅଛନ୍ତି। ସେ ଓ ଖାଁ ନିକଟରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ସାଫ୍ ବୈଠକରେ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ମେହେଟା ସୂଚନା ଦେଇଥିଲେ ଯେ ଆସନ୍ତା ବର୍ଷ ଅଗଷ୍ଟରେ ନେପାଳରେ ହେବାକୁଥିବା ସାଉଥ୍ ଏସିଆନ ଗେମ୍ସ ପାଇଁ ଇଭେଣ୍ଟ ତାଲିକାରେ ଫେନ୍‌ସିଂକୁ ସାମିଲ କରାଯାଇଛି। ଏହାଛଡ଼ା ଏଣିକି ପ୍ରତିବର୍ଷ ସାଉଥ ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହାର ପ୍ରଥମ ସଂସ୍କରଣ ୨୦୧୯ରେ ଚଣ୍ଡିଗଡ଼ରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ପ୍ରୋ ବ୍ୟାଡ୍‌ମିଣ୍ଟନ ଲିଗ୍ ଆଜିଠାରୁ

ମୁମ୍ବାଇ,୨୧।୧୨(ପି.ଟି.)

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରୋ ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ)ର ଚତୁର୍ଥ ସଂସ୍କରଣ। ଟାଇଟଲ ପାଇଁ ୯ଟି ଦଳ ତଥା ଫ୍ରାଞ୍ଚାଇଜ୍ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ସ୍ପେନ୍‌ର କାରୋଲିନା ମାରିନଙ୍କ ସହ ରିଓ ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ, କିଦାମ୍ବୀ ଶ୍ରୀକାନ୍ତଙ୍କ ସମେତ ବିଶ୍ୱର କେତେକ ଆଗଧାଡିର ତାରକା ଖେଳାଳି ଏହି ହାଇପ୍ରୋଫାଇଲ ଲିଗ୍‌ରେ ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଏହି ଲିଗ୍‌ରେ ୧୭ଟି ଦେଶର ୯୦ ଖେଳାଳି ଅଂଶଗ୍ରହଣ କରିବେ। ଜାନୁୟାରୀ ୧୩ ତାରିଖରେ ଶେଷହେବାକୁ ଥିବା ଏହି ଲିଗ୍‌ରେ ଭାରତର ଶ୍ରୀକାନ୍ତ, ଏଚ୍.ଏସ୍. ପ୍ରଣୟ ଓ ସାଇନା ନେହ୍ୱାଲଙ୍କ ସମେତ କୋରିଆର ଲି ୟଙ୍ଗ୍ ଡାଏ, ଡେନ୍‌ମାର୍କର ଭିକ୍ଟର ଆକ୍ସେଲସେନଙ୍କ ଭଳି ଖେଳାଳି ନିଜର ଭାଗ୍ୟ ପରୀକ୍ଷା କରିବେ।

ମୋଟ୍ ୬ କୋଟି ଟଙ୍କାର ପୁରସ୍କାର ପାଇଁ ୯ଟି ଦଳ ଯଥା ଦିଲ୍ଲୀ ଡାସର୍ସ, ଅହମ୍ମଦାବାଦ ସ୍ମାଶ୍ ମାଷ୍ଟର୍ସ, ଅୱଧ୍ ୱାରିୟର୍ସ, ବେଙ୍ଗାଲୁରୁ ରାପ୍ଟର୍ସ, ମୁମ୍ବାଇ ରକେଟ୍ସ, ହାଇଦ୍ରାବାଦ ହଣ୍ଟର୍ସ, ଚେନ୍ନାଇ ସ୍ମାସର୍ସ, ନର୍ଥ ଇଷ୍ଟର୍ନ ୱାରିୟର୍ସ ଓ ପଦାର୍ପଣ କରିବାକୁ ଥିବା ପୁନେ ୭ ଏସେସ୍ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଲିଗ୍‌ର ଚାମ୍ପିୟନ ଦଳ ୩ କୋଟି ଟଙ୍କା ପୁରସ୍କାର ହାସଲ କରିବ। ସେହିପରି ରନର୍ସଅପ ଦଳ ଦେଢ଼କୋଟି, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିବାକୁଥିବା ଦଳ ପ୍ରତ୍ୟେକ ୭୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପାଇବେ।



ପ୍ରୋ ବ୍ୟାଡ୍‌ମିଣ୍ଟନ ଲିଗ୍ ଟ୍ରଫି ଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦଳର ଅଧିନାୟକ।

ଲିଗ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ସ୍ଥାନୀୟ ୱର୍ଲି ଇନ୍‌ଡୋର ଷ୍ଟାଡିୟମରେ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ସେମିଫାଇନାଲ ଓ ଫାଇନାଲ ରାଉଣ୍ଡ ବେଙ୍ଗାଲୁରୁରେ ଆୟୋଜନ ହେବ।

ମୁଁ ଏଥର ହାଇଦ୍ରାବାଦ ହଣ୍ଟର୍ସ ତରଫରୁ ପ୍ରତିନିଧିତ୍ୱ କରିବି ଏବଂ ଭଲ ପ୍ରଦର୍ଶନ କରି ଦଳକୁ ଜିତାଇବାକୁ ଚେଷ୍ଟା କରିବି ବୋଲି ସିନ୍ଧୁ କହିଛନ୍ତି। ସିନ୍ଧୁ ଗତ ଶୁକ୍ରବାର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିୟନ ହୋଇ ତାଙ୍କର ପ୍ରଥମ ମହିଳା ସିଙ୍ଗଲ୍ସ ମେଜର ଟାଇଟଲ ଜିତିଥିଲେ। ବିଶ୍ୱର ଶ୍ରେଷ୍ଠ ତଥା ଆଗଧାଡିର ଖେଳାଳିମାନେ ପିବିଏଲରେ ଅଂଶଗ୍ରହଣ କରୁଛନ୍ତି, ଏହା ଏକ ବଡ଼ କଥା। ଏହା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଶୁଭଙ୍କର ବୋଲି ସାଇନା କହିଛନ୍ତି। ମୁଁ ଏଥର ନର୍ଥ ଇଷ୍ଟର୍ନ ୱାରିୟର୍ସ ତରଫରୁ ଖେଳିବି। ଆମେ ଭଲ ଖେଳିବୁ ବୋଲି ସାଇନା ଆଶା ପ୍ରକାଶ କରିଛନ୍ତି। ସାଥୀ ପୁରୁଷ ଖେଳାଳି ପାରୁପଲ୍ଲୀ କାଶ୍ୟପଙ୍କୁ ବିବାହ କରିବା ପରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ପ୍ରଥମଥର ପାଇଁ କୌଣସି ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି। କାଶ୍ୟପ ଚେନ୍ନାଇ ସ୍ମାସର୍ସ ତରଫରୁ ଏହି ଲିଗ୍‌ରେ ଅବତୀର୍ଣ୍ଣ ହେବେ। ସେହିପରି ନୂଆ ଦଳ ପୁନେର ଅଧିନାୟିକା ନିଯୁକ୍ତ ହୋଇଥିବା କାରୋଲିନା ମାରିନ ମଧ ବ୍ୟକ୍ତିଗତ ତଥା ଦଳୀୟ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି। ମାରିନ୍ ଓ ସିନ୍ଧୁଙ୍କ ସମ୍ଭାବ୍ୟ ମୁକାବିଲା ନେଇ ବେଶ୍ କ୍ରେଜ୍ ସୃଷ୍ଟି ହୋଇଛି। ପୁନେ ଦଳରେ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ, ଡବଲ୍ସ ସ୍ପେଶାଲିଷ୍ଟ ମାଥିଆସ ବୋଏ, ଅଜୟ ଜୟରାମ ଓ ପ୍ରଜକ୍ତା ସାୱନ୍ତ ସାମିଲ ହୋଇଛନ୍ତି। ଲିଗ୍‌ରେ ଚାଇନା ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିବ। ୩ ଚାଇନା ଖେଳାଳିଙ୍କ ସମେତ ଭାରତୀୟ ଜୁନିୟର ଖେଳାଳିମାନେ ମଧ ଏହି ଲିଗ୍‌ରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି।

**ଭାଗନେବେ ୯ ଦଳ**

| ଦଳ | ଅଧିନାୟକ |
|---|---|
| ହାଇଦ୍ରାବାଦ ହଣ୍ଟର୍ସ | ପି.ଭି. ସିନ୍ଧୁ |
| ମୁମ୍ବାଇ ରକେଟ୍ସ | ଲି ୟଙ୍ଗ ଡାଏ |
| ନର୍ଥ ଇଷ୍ଟର୍ନ ୱାରିୟର୍ସ | ସାଇନା ନେହ୍ୱାଲ |
| ପୁନେ ୭ ଏସେସ୍ | କାରୋଲିନା ମାରିନ |
| ଚେନ୍ନାଇ ସ୍ମାସର୍ସ | ସଙ୍ଗ୍ ଜି ହ୍ୟୁନ୍ |
| ଅହମ୍ମଦାବାଦ ମାଷ୍ଟର୍ସ | ଭିକ୍ଟର ଆକ୍ସେଲସେନ |
| ଅୱଧ ୱାରିୟର୍ସ | ସନ ୱାନ ହୋ |
| ବେଙ୍ଗାଲୁରୁ ରାପ୍ଟର୍ସ | କିଦାମ୍ବୀ ଶ୍ରୀକାନ୍ତ |
| ଦିଲ୍ଲୀ ଡାସର୍ସ | ଏଚ୍‌ଏସ୍ ପ୍ରଣୟ |

### ରାୟଗଡ଼ାର ରୋମାଞ୍ଚକ ବିଜୟ

କଟକ ଅଫିସ,୨୧।୧୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍ ନାଲକୋ କପ୍‌ର ଦ୍ୱିତୀୟ ୩ୟ ଖେଳ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକର ମ୍ୟାଚ୍‌ରେ ରାୟଗଡ଼ା ୪୧-୪୦ ପଏଣ୍ଟରେ ଏମ୍‌ୱାଇସିକୁ ହରାଇଦେଇଛି। ଖେଳାଯାଇଥିବା ଅନ୍ୟ ପୁରୁଷ ବର୍ଗର ମ୍ୟାଚ୍‌ଗୁଡ଼ିକରେ ବିଏସ୍‌ଏନ୍‌ଏଲ ୭୦-୫୧ ପଏଣ୍ଟରେ ସୁପ୍ରିମକୁ, ଆରଏସ୍‌ପି ୪୪-୨୦ ପଏଣ୍ଟରେ ଗଜପତିକୁ, ରୋଭର୍ସ ୫୭-୩୭ ପଏଣ୍ଟରେ ପୁରୀକୁ, ଏସ୍‌ସିଏସସି ୪୯-୨୯ ପଏଣ୍ଟରେ ଏଣ୍ଟରଟେନରକୁ, କିଟ୍ ୪୧-୩୨ ପଏଣ୍ଟରେ ସମ୍ବଲପୁରକୁ ପରାସ୍ତ କରିଛି। ମହିଳା ବର୍ଗର ମ୍ୟାଚ୍‌ରେ କେନ୍ଦୁଝର ୨୮-୮ ପଏଣ୍ଟରେ ଜଗତ୍‌ସିଂହପୁରକୁ, କେଡ଼ିବିଏ ୧୯-୫ ପଏଣ୍ଟରେ ସୁପ୍ରିମକୁ, ସିଡ଼ିଏଏ ୩୩-୨୬ ପଏଣ୍ଟରେ ସୁପ୍ରିମକୁ ହରାଇଛି ।

### 'ଭାରତ ଏବେ ବି ସିରିଜ୍ ଜିତିପାରିବ'

କୋଲକାତା,୨୧।୧୨(ପି.ଟି.)

ଭାରତୀୟ ଦଳକୁ ଦ୍ୱିତୀୟ ଟେଷ୍ଟରେ ପରାସ୍ତ କରିଥିବାରୁ ଘରୋଇ ଅଷ୍ଟ୍ରେଲିଆ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। କିନ୍ତୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଏବେ ବି ଜିତିପାରିବ ବୋଲି ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କହିଛନ୍ତି। ପର୍ଥଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୧୪୬ ରନ୍‌ରେ ଭାରତକୁ ହରାଇ ସିରିଜ୍‌କୁ ୧-୧ରେ ବରାବର ସ୍ଥିତିକୁ ଆଣିଛି।

# ପର୍ଥ ପିଚ୍ ସାଧାରଣ: ଆଇସିସି

ମେଲବୋର୍ନ,୨୧।୧୨(ପି.ଟି.)

ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ନୂଆ ପର୍ଥ ଷ୍ଟାଡିୟମର ପିଚ୍ ଆଭରେଜ ବା ନିହାତି ସାଧାରଣ ବୋଲି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ତରଫରୁ ସ୍ପଷ୍ଟ କରାଯାଇଛି। ରିପୋର୍ଟ ଅନୁସାରେ ଏହି ପିଚ୍ ସାଧାରଣ ତଥା ମଧ୍ୟମଧରଣର ବୋଲି ଆଇସିସି ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ କହିଛନ୍ତି। ଏ ସଂକ୍ରାନ୍ତରେ କ୍ରିକେଟ ଅଷ୍ଟ୍ରେଲିଆ ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ପିଚ୍‌ରେ ଭାରତ ବୃହତ୍ ୧୪୬ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଫଳରେ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନସ୍ତରରେ ପହଞ୍ଚିଛି।

ମ୍ୟାଚ୍ ଅବସରରେ ପର୍ଥର ଏହି ନୂଆ ପିଚ୍‌ରେ ବଲ୍ ଅନଇଭିନ ବାଉନ୍ସ ବା ଠିକ୍ ଭାବେ ବାଉନ୍ସ କରୁ ନ ଥିଲା। ଯାହା ଫଳରେ କେତେଜଣ ବ୍ୟାଟ୍ସମ୍ୟାନ ଅସ୍ୱାଭାବିକ୍ ଭାବେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେବେଠାରୁ ପିଚ୍‌ର ମାନ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

ଉଲ୍ଲେଖଥାଉ କି, ଆଇସିସି ବର୍ଷ ଆରମ୍ଭରେ ଟେଷ୍ଟ ଖେଳାଯାଉଥିବା ପିଚ୍‌ଗୁଡିକର ମାନ ନିର୍ଦ୍ଧାରଣ କରି ରେଟିଂ ସିଷ୍ଟମ ଲାଗୁ କରିଥିଲା। ଏଥିରେ ପିଚ୍ ଗୁଡିକୁ ଅତି ଭଲ, ଭଲ, ସାଧାରଣ ଓ ନିମ୍ନ ଓ ଅତି ନିମ୍ନ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଉଥିଲା। ତେବେ ପ୍ରଥମ ଟେଷ୍ଟ ଖେଳାଯାଇଥିବା ଆଡିଲେଡ୍ ପିଚ୍‌କୁ ଅତି ଭଲ ବୋଲି ୱେବ୍‌ସାଇଟ୍‌ରେ କୁହାଯାଇଛି। ସେହିପରି ଏମ୍‌ସିଜି ପିଚ୍‌ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଗତ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଏହି ପିଚ୍ ମଧ ନମ୍ନ ମାନର ବୋଲି ମଦୁଗଲେ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଚଳିତ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍‌ରେ ମଦୁଗଲେ ମ୍ୟାଚ୍ ରେଫରି ଦାୟିତ୍ୱରେ ରହିଛନ୍ତି। ତେବେ ସିରିଜରେ ମେଲବୋର୍ନ ଓ ସିଡନୀରେ ଖେଳାଯିବାକୁ ଥିବା ବାକି ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ଜମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ରେଫରି ଦାୟିତ୍ୱରେ ରହିବେ।

# ଓଡ଼ିଶା-ଜମ୍ମୁ କଶ୍ମୀର ମ୍ୟାଚ୍ ଆଜିଠାରୁ

**ରଣଜୀ ଟ୍ରଫି**

କଟକ ଅଫିସ,୨୧।୧୨

ଜମ୍ମୁସ୍ଥିତ ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଶନିବାରଠାରୁ ଓଡ଼ିଶା-ଜମ୍ମୁ କଶ୍ମୀର ରଣଜୀ ମ୍ୟାଚ୍ ଆରମ୍ଭ ହେବ। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଉଭୟ ଦଳ ୬ଟି ଲେଖାଏ ମ୍ୟାଚ୍ ଖେଳି ୨ଟି ବିଜୟ, ୩ଟି ପରାଜୟ ଓ ଗୋଟିଏ ଡ୍ର ବଳରେ ୧୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ରନ୍‌ରେଟ ଭିତ୍ତିରେ ଜମ୍ମୁ କଶ୍ମୀର ୭ମ ଏବଂ ଓଡ଼ିଶା ୮ମ ସ୍ଥାନରେ ରହିଛି। ଏଣୁ ଶନିବାରଠାରୁ ଆରମ୍ଭ ହେଉଥିବା ମ୍ୟାଚ୍ ଉଭୟ ଦଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ପରଭେଜ ରସୁଲଙ୍କ ନେତୃତ୍ୱାଧୀନ ଜମ୍ମୁ କଶ୍ମୀର ଚଳିତ ସିଜନ୍‌ର ଅନ୍ତିମ ମ୍ୟାଚ୍ ଶକ୍ତିଶାଳୀ ହରିୟାଣା ବିପକ୍ଷରେ ଖେଳିଥିବା ବେଳେ ମ୍ୟାଚ୍‌କୁ ୧୩୦ ରନ୍‌ରେ ଜିତିଛି। ହରିୟାଣାର ଘରୋଇ ମାଟିରେ ଜମ୍ମୁ ଓ କଶ୍ମୀର ପେସ୍ ବୋଲରମାନେ ଚମତ୍କାର ବୋଲିଂ କରି ଦଳକୁ ବିଜୟୀ କରାଇଥିଲେ। ଅନ୍ୟପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଗତ ମ୍ୟାଚ୍‌ରେ ୩୫ ରନ୍‌ରେ ରାଜସ୍ଥାନଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ଟିର ରୋମାଞ୍ଚକ ପରିସମାପ୍ତି ଘଟିଥିଲା। ଏଥିରେ ଓଡ଼ିଶାର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ଦଳରେ ସୁଯୋଗ ପାଇଥିବା ନବାଗତ ଦେବାଶିଷ ସାମନ୍ତରାୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପେସ୍ ବୋଲର ବସନ୍ତ ମହାନ୍ତି ପ୍ରଥମ ଇନିଂସ୍‌ରେ ୬ଟି ଓ ଦ୍ୱିତୀୟ ଇନିଂସ୍‌ରେ ୫ଟି ଉଇକେଟ ଦଖଲ କରିଥିଲେ। ଚଳିତ ସିଜନରେ ଦମଦାର ଫର୍ମରେ ଥିବା ଶୁଭ୍ରାଂଶୁ ସେନାପତି ଏଯାବତ ୬ଟି ମ୍ୟାଚ୍‌ରୁ ୫୧୩ ରନ୍ ସଂଗ୍ରହ କରିସାରିଲେଣି। ଅନ୍ୟପକ୍ଷରେ ୫ଟି ମ୍ୟାଚ୍ ଖେଳି ୩୧ଟି ଉଇକେଟ ନେବା ସହ ବସନ୍ତ ଶ୍ରେଷ୍ଠ ୧୦ଜଣ ବୋଲରଙ୍କ ମଧ୍ୟରେ ରହିଛନ୍ତି। ତେବେ ଓଡ଼ିଶା ଏବେବି ଓପନିଂ ଯୋଡ଼ି ବିଫଳତାକୁ ନେଇ ଚିନ୍ତାରେ ରହିଛି। ଓପନିଂ ଯୋଡ଼ିରେ ପରିବର୍ତ୍ତନ ଅଣାଯାଇଥିଲେ ମଧ ଦଳ ଓପନିଂ ଭାଗୀଦାରିରେ ଅଧିକ ରନ ସଂଗ୍ରହ କରିବାରେ ବିଫଳ ହେଉଛି । ଓଡ଼ିଶାର ଅପରିବର୍ତ୍ତିତ ଦଳ ଜମ୍ମୁ ଯାତ୍ରା କରିଛି ।

# ପ୍ରଗତିକୁ ହରାଇଲା ରାମେଶ୍ୱର ସ୍ପୋର୍ଟିଂ

ଭୁବନେଶ୍ୱର, ୨୧।୧୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍(୧୬ ବର୍ଷରୁ କମ୍)ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୪୨ ରନରେ ଆୟୋଜକ ପ୍ରଗତୀ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୧୮୦ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ସର୍ବାଧିକ ୬୭ ଓ ତନ୍ମୟ ବିଶ୍ୱାଳ ୩୩ ରନ ସ୍କୋର କରିଥିଲେ। ପ୍ରଗତି ପକ୍ଷରୁ ସାର୍ଥକ କୁମାର ୨ଟି ଓ ଆୟୁଷ ସୂତାର ଗୋଟିଏ ଉଇକେଟ ନେଇଥିଲେ। ୧୮୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ପ୍ରଗତି ସ୍ପୋର୍ଟିଂ ପୂରା ୪୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା। ରାମେଶ୍ୱର ପକ୍ଷରୁ ତନ୍ମୟ ବିଶ୍ୱାଳ ଓ ଆଶୁତୋଷ ସାହୁ ୩ଟି ଲେଖାଏ ଉଇକେଟ ନେଇ ପ୍ରଗତିର ରନ ହାରରେ ଅଙ୍କୁଶ ଲଗାଇଥିଲେ। ଟୁକୁନା ସାହୁ ଅତିଥିଭାବେ ଯୋଗଦେଇ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ରାମେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଆଶୁତୋଷ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଭାରତୀୟ ଦିନିକିଆ, ଟି୨୦ ମହିଳା ଦଳ ଘୋଷିତ

# ମିଥାଲି, ହରମନପ୍ରୀତ୍‌ଙ୍କୁ ନେତୃତ୍ୱ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଆସନ୍ତା ମାସରେ ନ୍ୟୁଜିଲାଣ୍ଡରେ ଆରମ୍ଭ ହେବାକୁ ଥିବା ମ୍ୟାଚ୍ ପାଇଁ ଶୁକ୍ରବାର ଭାରତୀୟ ଦିନିକିଆ ଓ ଟି୨୦ ମହିଳା ଦଳ ଘୋଷିତ ହୋଇଛି। ଦିନିକିଆରେ ଅଭିଜ୍ଞା ମିଥାଲି ରାଜ ଓ ଟି୨୦ରେ ହରମନପ୍ରୀତଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଖରାପ ଫର୍ମ ଦେଇ ଗତିକରୁଥିବା ବେଦା କ୍ରିଷ୍ଣମୂର୍ତ୍ତିଙ୍କୁ ଏହି ଦୁଇ ଦଳରୁ ବାଦ ଦିଆଯାଇଛି।

ଏହି ଗସ୍ତରେ ଭାରତ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବ। ଜାନୁୟାରୀ ୨୪ରୁ ଦିନିକିଆ ସିରିଜ ଆରମ୍ଭ ହେବ। ଏହି ସିରିଜ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ ହେବ।

ଟି୨୦ ବିଶ୍ୱକପ୍‌ରେ ଭାରତ ଭଲ ଆରମ୍ଭ କରିଥିଲେ ମଧ ବିବାଦୀୟ ଢଙ୍ଗରେ ଭାରତ ସେମିଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ସେମିଫାଇନାଲ ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ ମିଥାଲିଙ୍କୁ ବାଦ୍ ଦେବା ଫଳରେ ବିବାଦ ସୃଷ୍ଟି ହୋଇଥିଲା। ଏହା ପରେ ଭାରତ ତା'ର ପ୍ରଥମ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ମହିଳା ଦଳର ନୂଆ କୋଚ୍ ଡବ୍ଲ୍ୟୁ.ଭି. ରମଣ ନିଯୁକ୍ତି ପାଇବା ପରେ ଏହି ଦୁଇଟି ଫର୍ମାଟ ପାଇଁ ୧୫ଜଣିଆ ଦଳ ଘୋଷଣା କରାଯାଇଛି।



ମିଥାଲି ରାଜ



ହରମନପ୍ରୀତ କୌର

କୋଚ୍ ପଦ ଦୌଡରେ ଗ୍ୟାରି କର୍ଷ୍ଟେନ ସବୁଠାରୁ ଆଗରେ ଥିଲେ ମଧ ସେ ଆଇପିଏଲ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କୋଚ୍ ପଦ ଛାଡିବାକୁ ନାରାଜ ଥିଲେ। ତେଣେ କୋଚ୍ ରମେଶ ପାୱାରଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ ତାରିଖରେ ଶେଷ ହୋଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋଚ୍ ପଦ ପାଇଁ ନୂଆ ଆବେଦନ ଆହ୍ୱାନ କରିଥିଲା।

ଚୟନ କମିଟି ମୁଖ୍ୟ ହେମଲତା କାଲା ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଓ କାର୍ଯ୍ୟକାରୀ ସଚିବ ଅମିତାଭ ଚୌଧୁରୀଙ୍କ ଉପସ୍ଥିତିରେ ଏହି ଦୁଇ ଦଳ ଘୋଷଣା କରିଥିଲେ। ଖରାପ ଫର୍ମ ପାଇଁ ବେଦାଙ୍କୁ ଦଳରୁ ବାଦ ଦିଆଯାଇଛି ଓ ତାଙ୍କ ବଦଳରେ ଦିନିକିଆ ଦଳରେ ମୋନା ମେଶରାମଙ୍କୁ ସାମିଲ କରାଯାଇଛି ବୋଲି ହେମଲତା କହିଛନ୍ତି। ସେହିପରି ଟି୨୦ ଦଳରେ ଆହତ ପୂଜା ବସ୍ତ୍ରକାରଙ୍କ ବଦଳରେ ଶିଖା ପାଣ୍ଡେଙ୍କୁ ଖେଳିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି ଓ ବେଦାଙ୍କ ବଦଳରେ ନବାଗତା ପ୍ରିୟା ପୁନିଆଙ୍କୁ ସାମିଲ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଦିନିକିଆ ଦଳ: ମିଥାଲି ରାଜ (ଅଧିନାୟକ), ପୁନମ ରାଉତ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ କୌର, ଦୀପ୍ତି ଶର୍ମା, ତାନ୍ୟା ଭାଟିଆ (ଉଇକେଟ କିପର), ମୋନା ମେଶ୍ରାମ, ଏକତା ବିସ୍ତ, ମାନସୀ ଜୋଷୀ, ଦାୟାଲାନ ହେମଲାତା, ପୁନମ ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଝୁଲଣ ଗୋସ୍ୱାମୀ ଓ ଶିଖା ପାଣ୍ଡେ।

ଟି୨୦ ଦଳ: ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ମିଥାଲି ରାଜ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ଅନୁଜା ପାଟିଲ, ଦୟାଲାନ ହେମଲତା, ମାନସୀ ଜୋଷୀ, ଶିଖା ପାଣ୍ଡେ, ତାନ୍ୟା ଭାଟିଆ (ଉଇକେଟ କିପର), ପୁନମ ଯାଦବ, ଏକତା ବିଷ୍ଟ, ରାଧା ଯାଦବ, ଅରୁନ୍ଧତୀ ରେଡ୍ଡୀ ଓ ପ୍ରିୟା ପୁନିଆ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୨୨/୨୦୧୮ Sambalpur, Saturday, December 22/ 2018


## ସଂକ୍ଷେପରେ



### ବରିଷ୍ଠ ବିଜେଡି ନେତା ଏମ୍‌ବି ପ୍ୟାରିରାଜ୍‌ଙ୍କ ପରଲୋକ

**ରେଙ୍ଗାଲି,୨୧।୧୨(ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍‌ର ବରିଷ୍ଠ ବିଜେଡି ନେତା ଏମ୍‌ବି ପ୍ୟାରିରାଜଙ୍କ ଶୁକ୍ରବାର ଭୋରରୁ ଗଣେଶନଗରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛିମାସ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ପୂର୍ବାହ୍ନରେ ରେଙ୍ଗାଲି ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏହି ଖବର ଜଣାପଡିବା ପରେ ଝାରସୁଗୁଡା, ସମ୍ବଲପୁର ସହ ଆଖପାଖ ଅଞ୍ଚଳରୁ ବହୁ ଦଳୀୟ ନେତା ଓ କର୍ମୀମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ପୂର୍ବତନ ଏମ୍‌ପି ରବି ପାଣି, ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଧାୟକ ରମେଶ ପଟୁଆ, ଜିଲା ସଭାପତି ପ୍ରମୋଦ ରଥ, ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ପୂର୍ବତନ ବିଧାୟକ ଦୁର୍ଯ୍ୟାଧନ ଗର୍ଡିଆ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ପ୍ରମୁଖ ପ୍ୟାରିରାଜ୍‌ଙ୍କ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ୧୯୫୭ ଏପ୍ରିଲ ୧୪ରେ ଏମବି ପ୍ୟାରିରାଜଙ୍କ ଜନ୍ମ। ସେ ପ୍ରଥମେ କମ୍ୟୁନିଷ୍ଟ ଦଳରେ ଯୋଗଦେଇ ରାଜନୀତିରେ ପ୍ରବେଶ କରିଥିଲେ। ୨୦୦୯ରେ ରେଙ୍ଗାଲି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜୟ ବରଣ କରିଥିଲେ। ଏହାପରେ ସେ ବିଜେଡିରେ ଯୋଗଦେଇଥିଲେ ।

# କଟନୀଛଟନୀର ପ୍ରତିବାଦ କରି ମାଡ଼ ଖାଇଲେ ଚାଷୀ

**ବରଗଡ଼ ଅଫିସ୍,୨୧।୧୨**

ଧାନ ସଂଗ୍ରହ ପ୍ରକ୍ରିୟାରେ କଟନୀଛଟନୀ କରାଗଲେ ମିଲର୍ସ ଗିରଫ ହେବେ । ଜିଲା ପ୍ରଶାସନକୁ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ନେଇ ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ପୂର୍ବରୁ ଏଭଳି ଦୃଢ଼ୋକ୍ତି କରିଛନ୍ତି । କିନ୍ତୁ କେବଳ କଟନୀଛଟନୀ ନୁହେଁ, କଟନୀଛଟନୀର ପ୍ରତିବାଦ କରିବାରୁ ଚାଷୀଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସତ୍ତ୍ୱେ ଜଣେ ବ୍ୟବସାୟୀ ଖସିଯିବା ପାଇଁ ଚଳାଇଥିବା ମସୁଧା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣା ବରଗଡ଼ ସଦର ଥାନା ପୋଲିସ ପାଖରେ ପହଞ୍ଚିଛି । ମାତ୍ର ଏଥିରେ ପ୍ୟାଚ୍‌ଅପ୍ ମାରିବା ପାଇଁ ଉଦ୍ୟମ ଚାଲିଥିବା ଆଲୋଚନା ହେଉଛି । ଏ ନେଇ ବରଗଡ଼ ସଦର ଥାନା ଆଇଆଇସି ମମତା ନାୟକଙ୍କୁ ପଚାରିବାରୁ ଉଭୟ ଗୋଷ୍ଠୀ ଥାନାକୁ ଆସିଛନ୍ତି । ମାତ୍ର ଖବର ଲେଖାହେବା ସୁଦ୍ଧା(ରାତ୍ରି ୮ଟା ପର୍ଯ୍ୟନ୍ତ)) ଥାନାରେ ସେ ନେଇ କେହି ଲିଖିତ ଏତଲା ଦେଇ ନ ଥିବା ସେ କହିଥିଲେ ।

ବରଗଡ଼ ସଦର ଥାନା ଅନ୍ତର୍ଗତ ବେହେରା ଅଞ୍ଚଳର ଜଣେ ଚାଷୀ ସ୍ଥାନୀୟ ଏକ ମଣ୍ଡିକୁ ଟ୍ରାକ୍ଟର ଯୋଗେ ଧାନ ଆଣିଥିଲେ । ସେଠାରେ କାଗଜାତ୍ ହେବା ପରେ ସେହି ଟ୍ରାକ୍ଟରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ପାଖକୁ ନେଇଥିଲେ । ତେବେ ବ୍ୟବସାୟୀଙ୍କ ପାଖକୁ ପହଞ୍ଚିବା ପରେ ସେହି ଧାନର ଗୁଣମାନ ଠିକ୍ ନାହିଁ ଏବଂ ପକେଟ୍ ପ୍ରତି ୫/୭ କିଗ୍ରା ଲେଖାଏଁ କଟାଯିବ ବୋଲି ବ୍ୟବସାୟୀ ଜଣକ ସମ୍ପୃକ୍ତ ଚାଷୀଙ୍କୁ କହିଥିଲେ । ଚାଷୀ ଜଣକ ତାର ପ୍ରତିବାଦ କରିଥିଲେ । ଏହାପରେ ସମ୍ପୃକ୍ତ ବ୍ୟବସାୟୀ ଏବଂ ତାଙ୍କ ସହଯୋଗୀ ମାରପିଟ୍ କରିବାରୁ ଉକ୍ତ ଚାଷୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି । ଘଟଣାଟି ପ୍ରଘଟ ହେବା ପରେ ଅଞ୍ଚଳର ଚାଷୀମାନେ ସଙ୍ଗଠିତ ହୋଇ ସ୍ଥାନୀୟ ସଦର ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ । ଏହାପରେ ସମ୍ପୃକ୍ତ ବ୍ୟବସାୟୀ ଏବଂ ତାଙ୍କ କିଛି ସହଯୋଗୀ ମଧ୍ୟ ଥାନାକୁ ଆସିଥିଲେ । ନିଜର ହକ୍ ଦାବି କରୁଥିବାବେଳେ ଚାଷୀଙ୍କୁ ମାଡ଼ ମାରିଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସମ୍ପୃକ୍ତ ଚାଷୀ ବିରୋଧରେ ପାଲଟା ଅଭିଯୋଗର ଭୟ ଦେଖାଇ ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ଚାଲିଥିବା ଏଠାରେ ଆଲୋଚନା ହେଉଛି ।

### ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ଖାଲିପଡ଼ିବା ମାମଲା

# ସତ୍ୟପାଠ ଦାଖଲ କଲେ ସରକାର

**କଟକ ଅଫିସ,୨୧।୧୨–** ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ସରକାରଙ୍କ ପକ୍ଷରୁ ଶୁକ୍ରବାର ସତ୍ୟପାଠ ଆକାରରେ ଜବାବ ଦାଖଲ କରାଯାଇଛି। ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କ ନାମ ଚୟନ କରାଯାଇଛି। କେବଳ ରାଜ୍ୟପାଳଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି ବୋଲି ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେଉଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୧କୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ଆଜିଠୁ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

**ଅମରପାଲି, ୨୧।୧୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କସ୍ଥିତ ହାଇସ୍କୁଲ ପଡିଆରେ ଶନିବାରଠାରୁ ୨୩ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ଆରମ୍ଭ ହେବ। ସ୍ଥାନୀୟ ଜୟଜଗନ୍ନାଥ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କ୍ରିକେଟ ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ବଛା ବଛା ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଆୟୋଜକ ଜୟ୍ ଜଗନ୍ନାଥ ସ୍ପୋର୍ଟ କ୍ଲବ ଲୁତୁରପଙ୍କ ସମେତ ଏସଡିସିଏ ସୋନପୁର, ବିବି ସ୍ପୋର୍ଟିଂ ରାୟପୁର (ଛତିଶଗଡ), ଜାଗୃତି ଏକାଡେମୀ ଭୁବନେଶ୍ୱର, କରିମ ଏକାଡେମୀ ନାଗପୁର, ଆରୱାଇସିସି ରାଉରକେଲା, ଆରସିସି କଟକ, ସୋରସା ରାଞ୍ଚି, ସୁପରକିଙ୍ଗ ଜାମସେଦପୁର ଟାଟା ପ୍ରମୁଖ ଦଳ ଅଂଶ ଗ୍ରହଣ କରୁଛନ୍ତି । ଶନିବାର ଉଦଘାଟନୀ ମ୍ୟାଚ ଲୁତୁରପଙ୍କ ଓ ସୋନପୁର ମଧରେ ହେବ। ୨୩ତାରିଖରେ ପ୍ରଥମ ମ୍ୟାଚର ବିଜେତା ଓ ରାୟପୁର ମଧରେ ହେବ । ୨୪ ତାରିଖରେ ଭୁବନେଶ୍ୱର ଓ ନାଗପୁର ମଧରେ ହେବ । ୨୫ ତାରିଖରେ ୨୩ତାରିଖ ବିଜତେ। ଓ ୨୪ ତାରିଖର ବିଜେତା ମଧରେ ପ୍ରଥମ ସେମିଫାଇନାଲ ହେବ। ୨୬ ତାରିଖରେ ରାଉରକେଲା ଓ କଟକ ମଧରେ ହେବ । ୨୭ ତାରିଖରେ ରାଞ୍ଚି ଓ ଟାଟା ମଧରେ ହେବାକୁ ଥିବା ବେଳେ ୨୮ ତାରିଖରେ ୨୬ ଓ ୨୭ ତାରିଖର ବିଜେତା ମଧରେ ହେବ । ୨୯ ତାରିଖରେ ଫାଇନାଲ ମ୍ୟାଚ ହେବ।



### ପେଥାଇର ପ୍ରଭାବ, ଚିନ୍ତାରେ ଚାଷୀ

**ସିଂଘିଯୁବା,୨୧।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ବର୍ତ୍ତମାନ ସୁଦ୍ଧା ୩୩ ପ୍ରତିଶତ ଚାଷୀଙ୍କ ଧାନ ଅମଳ ଏବଂ ବିକ୍ରି ହୋଇନାହିଁ। ଏହିଭଳି ପରିସ୍ଥିତିରେ ପେଥାଇ ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ସୋମବାର ଓ ମଙ୍ଗଳବାର ବ୍ଲକର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ହୋଇଥିଲା। ଫଳରେ କଟା ହୋଇଥିବା ଧାନ ଓଦା ହୋଇଯାଇଥିବାବେଳେ ଚାଷ ଜମିରେ ପାଣି ଜମି ରହିଛି। ଫଳରେ ଧାନ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ଚାଷୀ ଜମିରୁ ଧାନ ସଂଗ୍ରହ କରିବା ନେଇ ଅଡୁଆରେ ପଡିଛି। ଅନ୍ୟପକ୍ଷେ ବିନିକା କୃଷି ବିଭାଗ ପକ୍ଷରୁ ସିଂଘିଯୁବା, ଭଣ୍ଡାର ଏବଂ ବାବୁପାଲି ପଞ୍ଚାୟତରେ ବୃଷ୍ଟିପାତ ଜନିତ କ୍ଷୟକ୍ଷତିର ଆକଳନ କରାଯାଇଛି। ବିନିକା ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ହେମନ୍ତ ଭୋଇ କହନ୍ତି, ବିଭାଗ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଜଣାଇ ଦିଆଯିବ। କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

କେବିକେ ମୁଖ୍ୟ ପ୍ରଶାସକଙ୍କ ସୁବର୍ଣ୍ଣପୁର ଗସ୍ତ

# କ୍ଷେତ୍ରୀୟ ଅନୁଧ୍ୟାନ, ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ସୋନପୁର,୨୧।୧୨(ନି.ପ୍ର.)**

କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ତିନିଦିନିଆ ସୁବର୍ଣ୍ଣପୁର ଜିଲା ଗସ୍ତ କରି ଶୁକ୍ରବାର ଫେରିଛନ୍ତି। ଠାକୁର ସକଳେ ବାଇଗଣଝୁରିଠାରେ ନିର୍ମାଣାଧିନ ଓମ୍‌ଫେଡ ଦୁଗ୍ଧ ପ୍ରୋସେସିଂ ପ୍ଲାଣ୍ଟ କାର୍ଯ୍ୟ ବୁଲି ଦେଖିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିନୟ ଭୂଷଣ ପାତ୍ରୋ ଓ ଓମ୍‌ଫେଡର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ପରେ କେବିକେ ପ୍ରଶାସକ ସୋନପୁର ବ୍ଲକର ବିଶିମୁଣ୍ଡା ପ୍ୟାକ୍ସଠାରେ ଧାନ କ୍ରୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଚାଷୀଙ୍କ ସହିତ ଆଲୋଚନା କରି ସରକାରଙ୍କ ଧାନକ୍ରୟ ବ୍ୟବସ୍ଥାରେ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଶୁକ୍ରବାର ଏହି ପ୍ୟାକ୍ସରେ ୨୨ଜଣ ଚାଷୀଙ୍କଠାରୁ ୯୦୩ କୁଇଣ୍ଟାଲ ଧାନ କିଣାଯାଇଥିଲା।



କେବିକେ ପ୍ରଶାସକ ବିଶିମୁଣ୍ଡା ଧାନ ମଣ୍ଡି ପରିଦର୍ଶନ କରୁଛନ୍ତି।

ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା, ଉପନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଦାମୋଦର ରାଉତ, ସମବାୟ ସମିତି ଉପନିବନ୍ଧକ ଭୀମସେନ ସାହୁ, ସହକାରୀ ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି, ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତା ଓ ପ୍ୟାକ୍ସ ସମ୍ପାଦକ ଯଦୁନନ୍ଦନ ଓତା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଠାକୁର ତରଭା ବ୍ଲକର କୁମୁଣ୍ଡେ-ବିଲେଇସର୍ଡା ରାସ୍ତାର ସୁକତେଲ ନଦୀ ଉପରେ ନିର୍ମିତ ହାଇଲେଭେଲ ବ୍ରିଜ୍ କାର୍ଯ୍ୟ ବୁଲି ଦେଖିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୧୯୭.୫୧ ଲକ୍ଷ ଟଙ୍କାରେ ୩୩୯ ମିଟର ଲମ୍ବ ବିଶିଷ୍ଟ ବ୍ରିଜ୍ ନିର୍ମାଣ ହୋଇଛି। ପରେ କେବିକେ ସ୍ୱତନ୍ତ୍ର ଅନୁଦାନରେ ନିର୍ମିତ ତରଭା-ପାଣିମୁରା-ଚିରଗୁଣମୁହାଣ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ତଦାରଖ କରି ସନ୍ତୋଷ ପ୍ରକାଶ କରିଥିଲେ। ୩.୫୪ କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତା ପାଇଁ ୧୬୬.୭୨ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା ଉପସ୍ଥିତ ରହି କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ପ୍ରଶାସକ ଠାକୁର ଜିଲାର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଉଲୁଣ୍ଡା, ୨୧।୧୨(ଡି.ଏନ.ଏ)**

ଉଲୁଣ୍ଡା ବ୍ଲକ କାଦୋଦର କ୍ଲଷ୍ଟର ବୀରସିଂହପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବଂଶୀଧର ଭୋଇଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଶାଲ ଭୋଇ, ସନତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା, ପରିଷ୍କାର ପରିଚ୍ଛନ୍ନତା ଓ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମନ ପଧାନ, ସମୀର ଜଗଦଲା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅଙ୍କଦୌଡ, ଅଖାଦୌଡ, ସଂଗୀତ, ଚିତ୍ରାଙ୍କନ, ଗଳ୍ପକଥନ, ବାଟି ଚାମଚ ପ୍ରଭୃତି ପ୍ରତିଯୋଗୀତାର ଆୟୋଜନ କରାଯାଇ ଅମ୍ବରୀଶ କର୍ଣ୍ଣ, ଭାଗ୍ୟସିନୀ ମେହେର, ପ୍ରତିମା ମହାକୁର, ପୂର୍ଣ୍ଣିମା ପଧାନ, ପ୍ରଦୀପ ପଧାନ, ଅଙ୍କିତା ପଧାନ ଓ ଅର୍ଚ୍ଚିତା ପଧାନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ସେମିରେ ସୋନପୁର ରୟାଲ ସ୍ପୋର୍ଟିଂ

**ସୋନପୁର,୨୧।୧୨(ନି.ପ୍ର.)**

ସୋନପୁର ରୟାଲ ପଡିଆଠାରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି। ପୁଲ ବି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମ୍ବଲପୁର ଓ ରୟାଲ ସ୍ପୋର୍ଟିଂ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ରୟାଲ ସ୍ପୋର୍ଟିଂ ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସୋନପୁରର ଦେବେନ୍ଦ୍ର ବାଗ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦେବାଶିଷ କାଲସାଇ ବେଷ୍ଟ ଗୋଲକିପର, ଅମର ଲାକ୍ରା ବେଷ୍ଟ ମିଡଫିଲ୍ଡର ଓ ଅମିତ ମହାକୁଡଙ୍କୁ ବେଷ୍ଟ ଡିଫେଣ୍ଡରଭାବେ ପୁରସ୍କୃତ କରାଯାଇଥିଲା। ରାଜେଶ ଥନାପତି, ସଞ୍ଜୟ ସାହୁ, ସୁଦାମ ଜଗଦଲା ଓ ବାବୁଲାଲ ସାହୁ ଖେଳ ପରିଚାଳନା କରିଥିଲେ। ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରୟାଲ ସ୍ପୋର୍ଟିଂ କ୍ଲବ ତଥା ଜନମୁରା ପଞ୍ଚାୟତର ସରପଞ୍ଚ ଅରବିନ୍ଦ ବାରିକ୍, ଡିଏସପି ହେମସାଗର ନନ୍ଦ, ଯୁବ କଂଗ୍ରେସ ନେତା ରାଜେନ୍ଦ୍ର ସାହୁ, ସରୋଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାକେଶ ନାଗ ମଞ୍ଚ ସଂଯୋଜନା କରିଥିଲେ। ପୀତବାସ ଭୋଇ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ରୟାଲ ସ୍ପୋର୍ଟିଂ କ୍ଲବର ରାଜୀବ ପଟ୍ଟନାୟକ, ଗଣେଷ ବାରିକ, ସୁରଜ ବାଗ, ସବ୍ୟ ମିଶ୍ର, ଶିଶିର ମହାନ୍ତି ଓ ଅନିଲ ମହାରଣା ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ଶନିବାର ଗୋଲ୍ଡେନ କ୍ଲବ ଆଠମଲ୍ଲିକ ଓ ସୋନପୁର ରୟାଲ ସ୍ପୋର୍ଟିଂ ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

## ପୂର୍ଣ୍ଣିମା, ସୁନେଲି ବାଳିକା, ସୌମ୍ୟ,ଆଲୋକ ବାଳକ ବିଭାଗ ଚାମ୍ପିୟନ

**ବୀରମହାରାଜପୁର, ୨୧।୧୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ରଥପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରାୟ ୩ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠର ବାଳିକା ଓ ବାଳକ ବିଭାଗ ପାଇଁ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗର ବରିଷ୍ଠ ବର୍ଗରେ ପୂର୍ଣ୍ଣିମା ପଧାନ ଓ କନିଷ୍ଠ ବର୍ଗରେ ସୁନେଲି ଜଗଦଲା ତଥା ବାଳକ ବିଭାଗର ବରିଷ୍ଠ ବର୍ଗରେ ସୌମ୍ୟ ରଞ୍ଜନ ସେଠୀ ଓ କନିଷ୍ଠ ବର୍ଗରେ ଆଲୋକ ରଞ୍ଜନ ଦେରିହା ସର୍ବାଧିକ ପଏଣ୍ଟ ହାସଲ କରି ଚଳିତ ଶିକ୍ଷାବର୍ଷର କ୍ରୀଡା ଚାମ୍ପିୟନ ହୋଇଛନ୍ତି। ସକାଳେ ଛାତ୍ରୀଛାତ୍ରମାନେ ନିକଟବର୍ତ୍ତୀ ଭଙ୍ଗାମୁଣ୍ଡା ରାଧାକୃଷ୍ଣ ମଠରୁ ଏକ ଶୋଭାଯାତ୍ରାରେ ମଶାଲ ଆଣି କ୍ରୀଡାଙ୍ଗନରେ ସ୍ଥାପନ କରିବା ପରେ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ ଚୋପଦାର ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସେହିପରି ପ୍ରତିଯୋଗିତା ଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। ଏଥିରେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ, ଉଲୁଣ୍ଡା ଓଏଭି ଅଧକ୍ଷ ରମଣି ରଞ୍ଜନ ସାହୁ ଏବଂ ପିଟିଏ ସଭାପତି ଯୁଗଳ କିଶୋର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷ କେଦାର ନାଥ ଚୌଧୁରୀ ପୌରୋହିତ୍ୟ କରିଥିବା ବେଳେ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ।



ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

### ତରଭା ଗୀତା ଜୟନ୍ତୀ ସମ୍ପନ୍ନ

**ତରଭା, ୨୦।୧୨(ଡି.ଏନ.ଏ.)**

ତରଭାଠାରେ ହିନ୍ଦୁ ସଂସ୍କୃତି ସୁରକ୍ଷା ମଞ୍ଚ ତରଫରୁ ଗୀତା ଜୟନ୍ତୀ ମହାସମାରୋହ ଗୁରୁବାର ସମ୍ପନ୍ନ ହୋଇଯାଇଛି। ସଭାପତି ରାମନାରାୟଣ ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୀତା ରଥ ତରଭା ନୀଳକଣ୍ଠେଶ୍ୱର ମନ୍ଦିରରୁ ବାହାରିଥିଲା । ସଂକୀର୍ତ୍ତନ ଦଳ, ଚଳନ୍ତି ଯଜ୍ଞ, ଗୀତା ରଥ ସହ ଏକ ସୁସଜ୍ଜିତ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ରଥ ନଗର ପରିକ୍ରମା କରିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଜନସାଧାରଣ ତାଙ୍କ ଘର ଆଗରେ କଳସ ସ୍ଥାପନ କରି ରଥକୁ ପୂଜାର୍ଚ୍ଚନା କରିଥିଲେ । ଗୀତା ଜୟନ୍ତୀ ଦିନ ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଦେଇ ତରଭା ସହରରେ ସମ୍ପୂର୍ଣ୍ଣ ଭାବରେ ମାଛ ବଜାର ଓ କଂସେଇଖାନା ସବୁ ବନ୍ଦ ରହିଥିଲା ।

ସେଲ୍‌ଟର ହୋମ ଯୌନଶୋଷଣ ମାମଲା

## ମହିଳା କଂଗ୍ରେସର ବିକ୍ଷୋଭ

**ସୋନପୁର,୨୧।୧୨(ନି.ପ୍ର.)**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ସ୍ଥିତ ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର(ସେଲ୍‌ଟର ହୋମ) ଯୌନଶୋଷଣ ମାମଲାକୁ ନେଇ ଶୁକ୍ରବାର ସୁବର୍ଣ୍ଣପୁରରେ ମହିଳା କଂଗ୍ରେସ ବିକ୍ଷୋଭ କରିଛି। ଜିଲା ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଗ୍‌ଙ୍କ ନେତୃତ୍ୱରେ ମହିଳା କଂଗ୍ରେସର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାର ବିରୋଧି ନାରା ଦେଇଥିଲେ। ଉକ୍ତ ଘଟଣାରେ ସିବିଆଇ ତଦନ୍ତ ସହ ଅନ୍ତେବାସୀଙ୍କୁ ଅସଦାଚରଣରେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଇସ୍ତଫା ଦାବି କରିଥିଲେ। ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର ହୋତା, ନରଦେବ ଭୋଇ, ଅହଲ୍ୟା ବାଘ, ଜୀରା ବାଗ, କବିତା ବାଘ, କୁନ୍ତି ମହାନନ୍ଦ, ରାକ୍ଷୀ ବାଗ, ଉର୍ମିଳା ବାଗ, ସନ୍ତୋଷିନୀ ବାଗ, ମାଧବ କୁମ୍ଭାର, ବରୁଣ ସୁନା, ବନ୍ଧ ବିହାରୀ ନାଏକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ସୁବର୍ଣ୍ଣପୁରରେ ବ୍ୟାଙ୍କ ୟୁନିୟନ ଧର୍ମଘଟ

**ସୋନପୁର,୨୧।୧୨(ନି.ପ୍ର.)**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର୍ସ ୟୁନିୟନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଥିଲା। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାରେ ପ୍ରାୟ ୩୪ଜଣ ବ୍ୟାଙ୍କ ଅଫିସର୍ସମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଜିଲା ସଦର ମହକୁମା ସମେତ ବିନିକା, ଡୁଙ୍ଗୁରିପାଲି, ତରଭା, ବୀରମହାରାଜପୁର ଆଦି ଅଞ୍ଚଳରେ ଥିବା ୨୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବନ୍ଦ ରହିଥିଲା। ଦରମା ବୃଦ୍ଧି ତଥା ଅନ୍ୟାନ୍ୟ ଦାବି ନେଇ ଅଲ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ(ଏଆଇବିଓସି) ଆହ୍ୱାନକ୍ରମେ ସ୍ଥାନୀୟ ଅଫିସର୍ସ ୟୁନିୟନ ପକ୍ଷରୁ ହରେକୃଷ୍ଣ ବେହେରା, ସଞ୍ଜୟ କୁମାର ମିଶ୍ର, ଶୁଭଶ୍ରୀ ପାଣିଗ୍ରାହୀ, ଜିତେନ୍ଦ୍ର ସାହୁ, ଅଜୟ କୁମାର ପାଢୀ, ଚନ୍ଦନ ସୁବାଶିଷ ସେଠୀ, ଜସ୍ମିନ ଖୁସବୁ କୁଜୁର, ଲୋକନାଥ ମାରାଣ୍ଡି ଓ ସ୍ନେହାଶିଷ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବ୍ୟାଙ୍କ ଅଫିସର୍ସ ମାନେ ବିକ୍ଷୋଭ କରୁଛନ୍ତି ।

# ପେଥାଇ କ୍ଷୟକ୍ଷତିକୁ ନେଇ ତେଜିଲା ରାଜନୀତି

## ଭାଜପାର ତହସିଲ ଘେରାଉ,କଂଗ୍ରେସ ଦେଲା ଦାବିପତ୍ର

**ବୀରମହାରାଜପୁର, ୨୧।୧୨ (ଡି.ଏନ୍.ଏ.)**

ଲଘୁଚାପ ଜନିତ ବର୍ଷା ପେଥାଇ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ବ୍ୟାପକ ଫସଲହାନୀ ହୋଇଛି। ଏହି ପ୍ରସଙ୍ଗକୁ କେନ୍ଦ୍ରକରି ବିରୋଧି କଂଗ୍ରେସ ଓ ଭାଜପା ଦ୍ୱାରା ଆନ୍ଦୋଳନ ଆରମ୍ଭ ହୋଇଯାଇଛି। କ୍ଷତିପୂରଣ ଦାବି ପାଇଁ ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କାରାଯାଇଥିଲା। ୫ଦଫା ସମ୍ବଳିତ ଉକ୍ତ ଦାବିପତ୍ରରେ କୃଷିରଣ ଛାଡ ସହ ବିନାସୁଧରେ ଚାଷୀଙ୍କୁ କୃଷି ଋଣ ପ୍ରଦାନ, ଲଘୁଚାପଜନିତ ବର୍ଷା କ୍ଷୟକ୍ଷତିର ଠିକ୍ ଆକଳନ ଏବଂ ସହାୟତା ପ୍ରଦାନ, ଧାନ ଓ କପା ମଣ୍ଡିରେ କଟିନି ଛଟନିକୁ ବନ୍ଦ କରାଯିବା, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ସର୍ବନିମ୍ନ ୨୯୩୦ ଟଙ୍କା ଧାର୍ଯ୍ୟ କରାଯିବା ଏବଂ ଚାଷୀଙ୍କୁ ବୋନସ ପ୍ରଦାନ ପ୍ରମୁଖ ଦାବି ଅନ୍ତର୍ଭୁକ୍ତ। ଦଳ ପକ୍ଷରୁ ପୂର୍ବତନ ସୋନପୁର ବିଧାୟକ ବିନୋଦ ପାତ୍ର, ପିସିସି ସଭ୍ୟ ରାଜଗୋପାଳ ପାଣିଗ୍ରାହି, ଡିସିସି ସମ୍ପାଦକ ବସନ୍ତ ମହାକୁଡ, ଶତ୍ରୁଘ୍ନ ମେହେର, ବିଦ୍ୟାଧର ଖୁର୍ଦ୍ଦିଆ ଓ ଗରିବ ଦଣ୍ଡସେନା ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏହି ଦାବୀପତ୍ର ପ୍ରଦାନ କରିଥିଲେ।

ସେହିଭଳି ଶୁକ୍ରବାର ଉକ୍ତ ଚାଷୀ ପ୍ରସଙ୍ଗ ନେଇ ଭାଜପା ତରଫରୁ ତହସିଲ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା ଓ କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଆର୍ଶୟ ମହାନନ୍ଦଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଶତାଧିକ ଚାଷୀ ସାମିଲ ଥିଲେ। ଧାନ ଅମଳ ସମୟରେ ଅଦିନିଆ ବର୍ଷା ବ୍ୟାପକ ଫସଲହାନୀ ଘଟାଇଥିବା ଅଭିଯୋଗ ଆଣି ଆନ୍ଦୋଳନକାରୀ ଗଜା ହୋଇଥିବା ଧାନପେଟାକୁ ରଖି ଧାରଣାରେ ବସିଥିଲେ। କ୍ଷତିପୂରଣ ପାଇଁ ସାତଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ଓ ଇନ୍‌ପୁଟ୍ ସବ୍‌ସିଡି ଯୋଗାଇ ଦେବାକୁ ଭାଜପା କାର୍ଯ୍ୟକର୍ତ୍ତାମାନେ ଦାବି କରିଥିଲେ। ଏନେଇ ଦଳ ପକ୍ଷରୁ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନରେ ଭାଜପା ଜିଲା ଉପସଭାପତି ସତ୍ୟବ୍ରତ ମିଶ୍ର, ଆଇଟିସେଲ୍ ପ୍ରମୁଖ ସୁମନ୍ତ ଜଗଦଲା, ଶ୍ରମିକସେଲ୍ ପ୍ରମୁଖ ଭୋଲାଚରଣ ବାଘ, ପୂର୍ବତନ ମଣ୍ଡଳ ସଭାପତି ରାଧାଚରଣ ମେହେର, ମଣ୍ଡଳ ସାଧାରଣ ସମ୍ପାଦକ ଶିବ ନାରାୟଣ ପଣ୍ଡା, ସୁରୁବାବୁ ସାହୁ, ଭୀଷ୍ମଦେବ ଅମାତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚାଷୀଙ୍କୁ ନ୍ୟାୟ ନ ମିଳିଲେ ପ୍ରଶାସନକୁ ଅଚଳ କରାଯିବ ବୋଲି ଏହି ନେତାମାନେ ଚେତାବନୀ ଦେଇଛନ୍ତି।



ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭିଜା ଧାନପେଟା ରଖି ଭାଜପା କାର୍ଯ୍ୟକର୍ତ୍ତା ଧାରଣା ଦେଉଛନ୍ତି।



### ଓଏଏସ୍ ପରୀକ୍ଷାରେ ୫୬ ନଂ. ର୍‍ୟାଙ୍କରେ ମନୀଷା

**ସିଂଘିଯୁବା,୨୧।୧୨(ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ବିନିକା ଏନଏସି ଜୁହ୍ନାପଡାର କ୍ଷୀରବାଇ ଅଗ୍ରୱାଲ ଓ ଫୁଲଚାନ୍ଦ ଅଗ୍ରୱାଲଙ୍କର ଝିଅ ମନୀଷା ସଦ୍ୟ ପ୍ରକାଶିତ ଓଏସ୍ ପରୀକ୍ଷାରେ ୫୬ ନଂ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମନିଷା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଯୁକ୍ତତିନି ଅଧ୍ୟୟନ କରିଥିଲେ । ପରେ ମନୀଷା ଭୁବନେଶ୍ୱର ଲିକ୍ଷାସ୍ କୋଚିଙ୍ଗ କେନ୍ଦ୍ରରେ ଓଏସ୍ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଚଳାଇ ଥିଲେ। ସଫଳତା ପଛରେ ତାଙ୍କ ମା' ବାପା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଶୀର୍ବାଦ ସହ ନିଜର ଅକ୍ଲାନ୍ତ ପରିଶ୍ରମ ରହିଥିବା କହିଛନ୍ତି ମନୀଷା। ଏହି ସଫଳତା ପାଇଁ ତାଙ୍କ ପାଖକୁ ଏବେ ଶୁଭେଚ୍ଛାର ସୁଅ ଛୁଟୁଛି।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ରାଧାମାଧବ ଆଶ୍ରମରେ ଛପନଭୋଗ ବ୍ୟଞ୍ଜନ

**ଅମ୍ବାଭୋନା, ୨୧।୧୨ (ଡି.ଏନ.ଏ):** ଅମ୍ବାଭୋନା ସ୍ଥିତ ଚୈତନ୍ୟ ବିହାର ରାଧାମାଧବ ଆଶ୍ରମରେ ରାଧାକୃଷ୍ଣ ଦିଅଁଙ୍କୁ ଛପନ ଭୋଗର ବ୍ୟଞ୍ଜନ ଲାଗି ହୋଇଥିଲା । ଖିରି, ଖେଚୁଡି, ରସଗଜା, ମିଠା, ଛେନାପୋଡ, ଆରିସା, କାକରା, ମଣ୍ଡା, ଜିଲାପି, ଫେଣା, ଲଡୁ ଆଦି ପିଠାପଣା ସହ ବିଭିନ୍ନ ଫଳମୂଳର ବ୍ୟଞ୍ଜନ ଦିଅଁଙ୍କୁ ଭୋଗ ଲାଗିଥିଲା । ଏହି ଅବସରରେ ରାଧାମାଧବ ଆଶ୍ରମ ପରିସରରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଓଡିଶା ଓ ଛତିଶଗଡର ସଂକୀର୍ତ୍ତନ ମଣ୍ଡଳୀ ଓ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ମଠ ମହାଧୀଶ ନରସିଂହ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଣୁଧର ମହାପାତ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ସୁଶୀଲ କୁମାର ଦାଶ ପୂଜକ ଥିଲେ ।

### ଟେମରୀ ହାଇସ୍କୁଲ ବାର୍ଷିକ ଉତ୍ସବ

**ପଦ୍ମପୁର, ୨୧।୧୨ (ଡି.ଏନ.ଏ):** ପାଇକମାଲ ବ୍ଲକ ଟେମରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଦୈତାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ପାଇକମାଲ ବିଇଓ ଚୂଡାମଣି ବାରିକ ମୁଖ୍ୟବକ୍ତା, ଓଏସଏସଟିଏର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମସାଗର ସାହୁ, ଟେମରୀ ପଞ୍ଚାୟତର ସରପଞ୍ଚ ନିରୂପା ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଇଂଲିଶ ଶିକ୍ଷକ ମୁକ୍ତେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗଣିତ ଶିକ୍ଷକ ମଣ୍ଟୁ ଭୋଇ ବାର୍ଷିକ ବିବରଣୀ ପଠନ କରିଥିଲେ । ସଂସ୍କୃତ ଶିକ୍ଷକ ଲମ୍ବୋଦର ଶତପଥି ମଞ୍ଚ ପରିଚାଳନା ଓ କ୍ରୀଡା ଶିକ୍ଷକ ଶାରଦା କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରିକେଟ: ସେମିରେ କୁଚିପାଲି

**ଘେଁସ, ୨୧।୧୨(ଡି.ଏନ.ଏ):** ବରଗଡ ଜିଲା ମେଲଛାମୁଣ୍ଡା ଦିଲଖୁସ ଖେଳ ପଡିଆ ଠାରେ ଚାଲିଥିବା ନବମ ଚ୍ୟାଲେଞ୍ଜର କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସର ପ୍ରଥମ ଲିଗ୍ ମ୍ୟାଚ ଝୁନୁଙ୍ଗାପାଲି ଏବଂ ବିର୍ଜାମ, ୨ୟ ମ୍ୟାଚ୍ କୁଚିପାଲି ଓ ବୁଢିମାଲ, ୩ୟ ମ୍ୟାଚ କୁଣ୍ଡାଖାଇ ଏବଂ ବେଲମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯଥାକ୍ରମେ ଝୁନୁଙ୍ଗାପାଲି, କୁଚିପାଲି ଏବଂ ବେଲମୁଣ୍ଡା ଦଳ ବିଜୟୀ ହୋଇଥିଲେ। କୁଚିପାଲି ଏବଂ ବେଲମୁଣ୍ଡା ଦଳ ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କୁଚିପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୨୧ ରନର ବିଜୟ ଲକ୍ଷ୍ୟ ରଖିଥିଲା। ଜବାବରେ ବେଲମୁଣ୍ଡା ଦଳ ୪୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁଚିପାଲି ଦଳ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଏହି ଅବସରରେ ବଲିଉଡ ଷ୍ଟାର ସତ୍ୟଜିତ ପଣ୍ଡା ମୁଖ୍ୟ ଅତିଥି, ଦିନମଣି ଗଡତିଆ, ଅମୀୟ ଆଚାର୍ଯ୍ୟ, ଆନନ୍ଦ ବନଛୋର, ଆନନ୍ଦ ମହାନନ୍ଦ ପ୍ରମୁଖ ନିମନ୍ତ୍ରୀତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଚାଷୀ ଧାନ ଉପରେ ବେପାରୀ ଆଖି

**ବରଗଡ଼ ଅଫିସ୍,୨୧।୧୨**

ବରଗଡ଼ ଜିଲାରେ ଧାନ ସଂଗ୍ରହକୁ ଗୁରୁବାର ଦେଢ଼ମାସ ବିତିଯାଇଛି । ଏହି ଅବଧିରେ ଜିଲାରେ ଧାନ କିଣାବିକା ଚାଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚାଷୀ ସମସ୍ୟାର ଅନ୍ତ ହୋଇନାହିଁ । ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ହୋଇଥିବା ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। କ୍ଷେତ, ଖଳାରେ ରହିଥିବା ଧାନ ଭିଜିଯାଇ ଥିବାବେଳେ ମଣ୍ଡିର ଖୋଲା ଆକାଶ ତଳେ ବିକ୍ରି ନ ହୋଇ ଗଦା ହୋଇଥିବା ଧାନ ବର୍ଷାରେ ଭିଜିଯାଇଛି। ଚାଷୀ ଏଭଳି ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ବେଳେ ବେପାରୀମାନେ ଏହାକୁ ଏକ ସୁଯୋଗ କରି ନାନା ମସୁଧା ଚଳାଇଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ଅଣ୍ଡରରେଟ୍‌ରେ ଧାନ କିଣିବା ପ୍ରକ୍ରିୟା ଆରମ୍ଭ କରି ଦେଇଥିବା ସାଧାରଣରେ ଆଲୋଚନା ହୋଇଛି । ଜିଲାର ଚାଷୀମାନେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରହିଥିବାବେଳେ ପଡ଼ୋଶୀ ଛତିଶଗଡ଼ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୫୦୦ ଟଙ୍କା ଘୋଷଣା କରିଥିବାରୁ ଏଠାକାର ବେପାରୀମାନେ ଆହୁରି ସକ୍ରିୟ ହୋଇ ପଡ଼ୁଛନ୍ତି । ଏଠାରେ କେନ୍ଦ୍ର ସରକାରଙ୍କ ଘୋଷିତ ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ ଅନୁସାରେ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଏବଂ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପ୍ରତି ୧୭୭୦ ଟଙ୍କା ରହିଛି । କିନ୍ତୁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଥିବାରୁ ଚାଷୀମାନେ ସରକାରୀ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।

ଅନ୍ୟପଟେ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ଏବଂ ଉଠାଣ ଗତ କିଛିଦିନ ଧରି ଶୀଥିଳ ହୋଇପଡ଼ିଥିବାରୁ ବେପାରୀ ହାତରେ ଧାନ ବିକିଦେବାକୁ ବାଧ୍ୟ ହେଉଥିବା କେତେକ ଚାଷୀ କହିଛନ୍ତି । ମେଘୁଆ ତଥା ବର୍ଷାପାଗ ରହିଥିବାରୁ ଧାନ ସଂଗ୍ରହ ବନ୍ଦ ରହିଥିଲା ଏବଂ ବର୍ଷା ଚାଲିଯିବା ପରେ ଏହି ପ୍ରକ୍ରିୟାକୁ ପୁଣି ତ୍ୱରାନ୍ୱିତ କରାଯାଇଥିବା ସହକାରୀ ଯୋଗାଣ ଅଧିକାରୀ ଡି. ସି ଭେସ୍ରା କହିଛନ୍ତି । ଗୁରୁବାର କେବଳ ବିଭିନ୍ନ ମଣ୍ଡିରୁ ୧ଲକ୍ଷ ପ୍ୟାକେଟ୍ ଧାନ ଉଠିଥିବା ସେ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଜିଲାରୁ ୩୭ଲକ୍ଷ ୫୧ହଜାର ୧୯୭ କୁଇଣ୍ଟାଲ ଧାନ ଉଠାଯାଇଛି ଏବଂ ବିଭିନ୍ନ ମଣ୍ଡିରେ ୧ଲକ୍ଷ ୨୨ହଜାର ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି ବୋଲି ସେ କହିଛନ୍ତି । ସେହିପରି ବରଗଡ଼ରୁ ଛତିଶଗଡ଼ ଧାନ ଚାଲାଣ ହେବା ଭଳି କୌଣସି ଖବର କିମ୍ବା ଅଭିଯୋଗ ତାଙ୍କ ପାଖରେ ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି କହିଛନ୍ତି ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ଖଳାରେ ଚାଷୀଙ୍କ ଧାନ ଗଦା ହୋଇ ରହିଛି ।

**ବରଗଡ଼ ଜିଲା**

- ବେପାରୀଙ୍କ ଅଭାବୀ ବିକ୍ରି ମସୁଧା
- ଛତିଶଗଡ଼ ଚାଲାଣ ପାଇଁ ଉଦ୍ୟମ
- ଦିନକରେ ଉଠିଲା ୧ଲକ୍ଷ ପ୍ୟାକେଟ୍

### ଡାକ୍ତର ନିଯୁକ୍ତି ଦାବି ପୂରଣ ହୋଇନି

# ତୃତୀୟ ଦିନରେ ଧାରଣା ଜାରି

**ବରପାଲି, ୨୧।୧୨ (ଡି.ଏନ.ଏ)**

ବରପାଲି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତିଦାବିରେ ସ୍ଥାନୀୟ ଗାଡି ମାଲିକ ଓ ଡ୍ରାଇଭର ସଂଘ ଆନୁକୂଲ୍ୟରେ ଚାଲିଥିବା ଧାରଣା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ତୃତୀୟ ଦିନ ପାଇଁ ସଂଘର କର୍ମକର୍ତ୍ତାମାନେ ସମସ୍ତ ସରକାରୀ ଅଫିସକୁ ବନ୍ଦ କରିଛନ୍ତି । ଉତ୍ତେଜନା ଆଶଙ୍କା କରି ସ୍ଥାନୀୟ ତହସିଲ ଅଫିସ ଓ ଏନଏସି ଅଫିସ ସମ୍ମୁଖରେ ପୋଲିସ ମୁତୟନ ରହିଛନ୍ତି । ସୂଚନାଯୋଗ୍ୟ, ବରପାଲି ଡାକ୍ତରଖାନାରେ ନିୟମିତ ଡାକ୍ତର ନାହାନ୍ତି । ଏହି ଡାକ୍ତରଖାନାକୁ ଡେପୁଟେସନରେ ଡାକ୍ତର ଆଣି ରୋଗୀ ସେବା କରାଯାଉଛି । ସ୍ତ୍ରୀ ଓ ପ୍ରସୂତୀ, ଶିଶୁ ଓ ଶଲ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତର ଏଠାରେ ନାହାନ୍ତି । ବିଭିନ୍ନ ସମୟରେ ବିଜେପୁର ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ରାଜନୈତିକ ଦଳର ନେତା ବିଧାୟକ ନିର୍ବାଚିତ ହୋଇ ମନ୍ତ୍ରୀ ପଦ ପାଇଥିଲେ ମଧ୍ଯ ଡାକ୍ତର ସମସ୍ୟା ପ୍ରତି ସେମାନେ ଆଖି ବୁଜିଦେଇଛନ୍ତି । ୨ବର୍ଷ ହେଲା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ନିଯୁକ୍ତି ପାଇଁ ବିଜେପୁର ଉପନିର୍ବାଚନ ବେଳେ ଏମ୍‌ପି, ମନ୍ତ୍ରୀ ଓ ଏମଏଲଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମାତ୍ର ଏଯାଏ ତାହା ବିଫଳ ହୋଇଛି । ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ଜିଲା ପ୍ରଶାସନ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।



ବରଗଡ଼ ଜିଲା ବରପାଲି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବିରେ ଆନ୍ଦୋଳନକାରୀମାନେ ଏନଏସି ଅଫିସ୍‌କୁ ବନ୍ଦ କରିଛନ୍ତି ।

# ଲୋକସେବା ଅଧିକାର ଅଧିନିୟମ ଉପରେ କର୍ମଶାଳା

**ପାଇକମାଲ, ୨୧।୧୨ (ଡି.ଏନ.ଏ)**

ପାଇକମାଲ ବ୍ଲକ ମିଟିଂ ହଲ୍ ପରିସରରେ ଲୋକସେବା ଅଧିକାର ଅଧିନିୟମ ଉପରେ ଏକ କର୍ମଶାଳା ଡେପୁଟି କଲେକ୍ଟର ଦଶରଥ ଭୋଇଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଅଧକ୍ଷ ଅଲତାବ ମହମ୍ମଦ, ବିଡିଓ ସଦାଶିବ ନାୟକ, ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲ, ଜିଲା ପରିଷଦ ସଭ୍ୟ ରମଳା ଲୁହାର, ବିଜୟ କୁମାର ସ୍ୱାଇଁ, ବିନୋଦ ବିହାରୀ ବିଶ୍ୱାଳ, ପୁଷ୍ପାଞ୍ଜଳି ଭୋଇ, ଅଭିମନ୍ୟୁ ବରିହା, ଭୀଷ୍ମଦେବ ସାହୁ, ଭୀଷ୍ମଦେବ ଡନସନା, ଘନଶ୍ୟାମ ଭୋଇ, ଧବଳେଶ୍ୱର ସାହୁ ପ୍ରମୁଖ ଜନପ୍ରତିନିଧି ଯୋଗଦାନ କରିଥିଲେ। ତାଲିମଦାତା ଭାବେ ରାକେଶ କୁମାର ନାୟକ ଓ ଶ୍ରୀକାନ୍ତ ତ୍ରିପାଠୀ ଯୋଗଦେଇ ଲୋକସେବା ଅଧିକାର ଓ ବିଭିନ୍ନ ନିୟମ ଉପରେ ବିସ୍ତୃତ ଆଲୋକପାତ କରିଥିଲେ ।



ଲୋକସେବା ଅଧିକାର ଉପରେ ପ୍ରଶିକ୍ଷଣ ଦିଆଯାଉଛି ।

# ଖେଳପଡ଼ିଆ ଦାବିରେ ଧାରଣା



ତହସିଲ ଅଫିସ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

**ବରଗଡ଼ ଅଫିସ୍,୨୧।୧୨**

ବରଗଡ଼ ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଖେଳପଡ଼ିଆ ପାଇଁ ଜମି ଯୋଗାଇ ଦେବାକୁ ଦାବି ହୋଇଛି । ଏହି ଦାବି ନେଇ ପୂର୍ବରୁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ଶୁକ୍ରବାର ଗ୍ରାମବାସୀ ବରଗଡ଼ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଧାରଣାସ୍ଥଳକୁ ଆସି ତହସିଲଦାର ସବ୍ୟସାଚୀ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ । ଖେଳ ପଡ଼ିଆ ପାଇଁ ଜମି ଚିହ୍ନଟ ସହିତ ତାହା ଯୋଗାଇ ଦେବାକୁ ତହସିଲଦାର ପଣ୍ଡା ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ସୂଚନାଯୋଗ୍ୟ, ଗୋବିନ୍ଦପୁରରେ ଏପର୍ଯ୍ୟନ୍ତ ଖେଳ ପଡ଼ିଆଟିଏ ନାହିଁ । ଅନ୍ୟପଟେ ଏଠାରେ ରହିଥିବା ପ୍ରାୟ ୭୦/୮୦ ଏକର ସରକାରୀ ଜମିକୁ କେତେକ ଲୋକ ଜବରଦଖଲ କରି ରଖିଛନ୍ତି। ଖେଳ ପଡ଼ିଆ ନ ଥିବାରୁ ସ୍ଥାନୀୟ ଯୁବତୀ, ଯୁବକ, ଛାତ୍ରୀଛାତ୍ର କୌଣସି ଖେଳକୁଦ କରି ପାରୁନାହାନ୍ତି । ଏ ନେଇ ଗତ ୬ମାସ ତଳେ ଗ୍ରାମବାସୀ ଲିଖିତ ଭାବେ ସ୍ଥାନୀୟ ତହସିଲଦାରଙ୍କୁ ଜଣାଇଥିଲେ । ମାତ୍ର କିଛି ପଦକ୍ଷେପ ନିଆଯାଇ ନ ଥିଲା । ଫଳରେ ସେମାନେ ଧାରଣାକୁ ଓହ୍ଲାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି । ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ନେତୃତ୍ୱରେ ଗ୍ରାମର ଯୁବକମାନେ ଧାରଣାରେ ସାମିଲ ହୋଇଥିଲେ ।

# ଚିନିକଳ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ବରଗଡ଼ ଅଫିସ୍,୨୧।୧୨**

୫ଦଫା ଦାବି ନେଇ ବରଗଡ଼ ସମବାୟ ଚିନିକଳ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ କର୍ମଚାରଙ୍କ ଧାରଣା ଶୁକ୍ରବାର ୧୧ଦିନରେ ପହଞ୍ଚିଛି । ସେମାନଙ୍କ ଦାବିକୁ ବାରମ୍ବାର ଅଣଦେଖା କରାଯିବା ସହିତ ଆନ୍ଦୋଳନସ୍ଥଳକୁ ବିଭାଗୀୟ ଅଧିକାରୀମାନେ ଆଲୋଚନା ପାଇଁ ସୁଦ୍ଧା ଆସୁ ନ ଥିବା ଅଭିଯୋଗ କରି କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର କଂଗ୍ରେସ ନେତ୍ରୀ ତଥା ଅତାବିରା ଏନଏସିର ପୂର୍ବତନ ଅଧ୍ୟକ୍ଷା ସୁନୀତା ବାଗ ଧାରଣାସ୍ଥଳକୁ ପହଞ୍ଚି କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ । ସରକାର ଦାବି ନ ଶୁଣିଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବାଗ କହିଛନ୍ତି। ପ୍ରକାଶଥାଉକି, ୨୧ମାସର ବକେୟା ଦରମା ପ୍ରଦାନ, ଚିନିକଳରେ ଖାଲି ପଡ଼ିଥିବା ପଦବୀ ପୂରଣ, ଆଖୁଚାଷକୁ ପ୍ରାଥମିକତା ପୂର୍ବକ ଅତିକମ୍‌ରେ ୮କୋଟି ଟଙ୍କା ମଞ୍ଜୁର ଆଦି ଦାବି ନେଇ କର୍ମଚାରୀମାନେ ଗତ ୧୧ତାରିଖରୁ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି ।

# ମୁଇଁ ଦିୱାନା, ତୁଇଁ ଦିୱାନୀର ମ୍ୟୁଜିକ ରିଲିଜ

**ବରଗଡ଼ ଅଫିସ୍,୨୧।୧୨**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ସମ୍ବଲପୁରୀ ଚଳଚ୍ଚିତ୍ର ମୁଇଁ ଦିୱାନା ତୁଇଁ ଦିୱାନୀର ଅଡ଼ିଓ ରିଲିଜ ହୋଇଯାଇଛି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ନବ ମହନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଇଂ ଦେବବ୍ରତ ମିଶ୍ର, କିଶୋର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସମ୍ବଲପୁରୀ ସିନେମାର ମ୍ୟୁଜିକ୍ ରିଲିଜ କରିଥଲେ। ପ୍ରେମ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ନବ ମହନ୍ତମ ସଙ୍ଗୀତ ସଂଯୋଜନା କରିଥିବାବେଳେ ଜିତେନ୍ଦ୍ର ପ୍ରଧାନ ଏବଂ ରତନ ପୂଜାରୀ ଗୀତ ରଚନା କରିଛନ୍ତି । ସେହିପରି ବିଶିଷ୍ଟ ଗାୟକ ହ୍ୟୁମାନ ସାଗର, ଅସୀମା ପଣ୍ଡା, ନବ ମହନ୍ତମ, ମାଧବ, ସଞ୍ଜୁ ଏବଂ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି । ଅଭିନେତା ପୃଥ୍ୱୀରାଜ ନାୟକ, ପ୍ରଦୀପ ଦେବତା, ଅଶ୍ୱିନୀ ପଣ୍ଡା, ଅଶୋକ ବେହେରା, ଶ୍ୟାମ କୁମାର, ଋଷି କୁମାର, ନିଶା, ଦୀପିକା, ପ୍ରିୟଙ୍କା, ସତ୍ୟ ପଣ୍ଡା, ବିନ୍ଦୁ, ଅନ୍ନପୂର୍ଣ୍ଣା, ଅଞ୍ଜୁ ମହନ୍ତମ ଏବଂ ଗାୟତ୍ରୀଙ୍କ ସମେତ ବହୁ କଳାକାର ଏଥିରେ ଅଭିନୟ କରିଛନ୍ତି । ଆସନ୍ତା ଜାନୁୟାରୀ ୪ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଛି ।

# ବ୍ୟବସାୟ ବିକାଶ ଯୋଜନାରେ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୨୧।୧୨**

ବରଗଡ଼ସ୍ଥିତ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ତରଫରୁ ବରଗଡ଼ ସର୍କଲ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀଙ୍କ ପାଇଁ ଶୁକ୍ରବାର ଦୁଇଦିନିଆଁ ବ୍ୟବସାୟ ବିକାଶ ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଅନୁଷ୍ଠାନର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଡିଆରସିଏସ୍ ଦିବାକର ଭୋଇ, ଏସଡ଼ିସିସି ବ୍ୟାଙ୍କର ସିଇଓ ଗୁରୁକୃଷ୍ଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ସୁଜିତ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଥମିକ କୃଷି ସମବାୟ ସମିତିର ୩୦ଜଣ କର୍ମଚାରୀଙ୍କୁ ବ୍ୟବସାୟିକ ବିକାଶ ଯୋଜନା ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟବସାୟକୁ କିଭଳି ଯୋଜନାଭୁକ୍ତ, ସୁବ୍ୟବସ୍ଥିତ, ସୁପରିକଳ୍ପିତ ଓ ବିକଶିତ କରାଯାଇ ପାରିବ, ସେ ନେଇ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା ।

# ଟୁପାପଡ଼ାରେ ମହାଲକ୍ଷ୍ମୀ ମହୋତ୍ସବ

**ସରଣ୍ଡା,୨୧।୧୨(ଡ଼ି.ଏନ୍.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଟୁପାପଡ଼ା ଗ୍ରାମରେ ମାର୍ଗଶୀର ମାସ ମାଣବସା ଶେଷ ଗୁରୁବାର ୪୨ତମ ମହାଲକ୍ଷ୍ମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟା ବିଳାସିନୀ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭାଜପା ଜିଲା ଉପସଭାପତି ଉର୍କୁଲୁ ତାଣ୍ଡୀ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟା ପାର୍ବତୀ ଭୋଇ, ସୁଷମା ଭୋଇଙ୍କ ପ୍ରତିନିଧି ମନୋରଞ୍ଜନ ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ୍, ଜିଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ସେଠ୍, ଜିଲା ସମ୍ପାଦିକା କେ. ସରସ୍ୱତୀ, ଯଶୋବନ୍ତ ରନବିଡ଼ା, କାର୍ତ୍ତିକ ସାଏଁତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଲକ୍ଷ୍ମୀପୂଜାର ପ୍ରତିଷ୍ଠାତା ବୟୋଜ୍ୟେଷ୍ଠ କୃଷ୍ଣଚନ୍ଦ୍ର ମେହେର ଓ ପ୍ରସନ୍ନ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଯୁଧିଷ୍ଠିର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କେ. ସରସ୍ୱତୀ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମବାସୀ ତଥା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା ।



ଟୁପାପଡ଼ାଠାରେ ମହାଲକ୍ଷ୍ମୀ ମହୋତ୍ସବରେ ମଞ୍ଚାସୀନ ଅତିଥି ।

# ସର୍ବଭାରତୀୟ କବାଡ଼ି: ଭିଲାଇ ଚାମ୍ପିୟନ

**ଝାରବନ୍ଧ, ୨୧।୧୨ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢ଼ୋଲ ଗ୍ରାମରେ ମହାଲକ୍ଷ୍ମୀ ପୂଜା ଅବସରରେ ସର୍ବଭାରତୀୟ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତିଶଗଡ ଭିଲାଇ, ବିଳାସପୁର, ଦୁର୍ଗ, ବିଲାଇଗଡ ସମେତ ଓଡିଶାର ନୂଆପଡା, ଯାଜପୁର ଓ ଆୟୋଜକ ଦଳ ଭାବେ ବିଜାଢ଼ୋଲର ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ପୃଥକ ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ, ଝାରବନ୍ଧ ବିଡିଓ ଟିକେଶ୍ୱର ପଟେଲ, ଭୋଜରାଜ ବାଗ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ରାଜୁ ଘିବେଲା, ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ସରପଞ୍ଚ ଲାଲେଶ୍ୱରୀ ପଟେଲ, ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ନାୟକ, ଦୀପକ ପାଣିଗ୍ରାହୀ ଅତିଥି ଭାବେ ଯୋଗଦାନ କରି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଭିଲାଇ ଦଳ ବିଜେତା ହୋଇଥିବା ବେଳେ ଯାଜପୁର ଦଳ ଉପବିଜେତା ହୋଇଥିଲା । ଉମାଶଙ୍କର ସାହୁ, ମୁକେଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ବାଗ, ବେଦବ୍ୟାସ ସାହୁ, ସୁଶାନ୍ତ ପଟେଲ, ରୋହିତ ରଣା ପ୍ରମୁଖ ସହଯୋଗ କରିଥିଲେ । ଜହନ କୁମ୍ଭାର ମଞ୍ଚ ପରିଚାଳନା କରିଥିଲେ । ସେହିପରି କମଳାକାନ୍ତ ରାୟ, ଲକ୍ଷ୍ମଣ ସଗର, ଅଶୋକ ହାତୀ, ରାମଚନ୍ଦ୍ର ହାତୀ ପ୍ରମୁଖ ଲକ୍ଷ୍ମୀପୂଜା ପରିଚାଳନା କରିଥିଲେ ରମେଶ ଚନ୍ଦ୍ର ରାୟ ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଭୁବନାନନ୍ଦ ଦାଶ ଓ ବୀରେନ୍ଦ୍ର ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ବିଜୟୀ ଦଳର ଖେଳାଳିମାନେ ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ପ୍ରସ୍ତୁତି

**ବୌଦ୍ଧ,୨୧।୧୨(ସ୍ୱ.ପ୍ର):** ବୌଦ୍ଧ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଜୁଲିୟସ ସିଜର ମହାକୁଳଙ୍କ ନେତୃତ୍ୱରେ ଏହି ବୈଠକରେ ଆସନ୍ତା ଜାନୁୟାରୀ ୧୨ ଓ ୧୩ ତାରିଖ ଦୁଇଦିନ ଧରି ସହରର ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ସ୍ଥିର କରାଯାଇଥିଲା । ଏହି ବୈଠକରେ ସଂଘର ସମ୍ପାଦକ ହୃଦାନନ୍ଦ ମିଶ୍ର, ଅର୍ଗାନାଇଜର ସମ୍ପାଦକ ସୁନ୍ଦର ପ୍ରକାଶ, ସଦସ୍ୟ ପ୍ରଦୋଷ ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ନିର୍ମାଣ ଶ୍ରମିକଙ୍କୁ କାର୍ଡ଼ ବଣ୍ଟନ

**ବରଗଡ଼ ଅଫିସ୍,୨୧।୧୨:** ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ଗୁରୁବାର ନିର୍ମାଣାଧୀନ ଶ୍ରମିକଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ବରଗଡ଼ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାଷ ଚନ୍ଦ୍ର ଧଳ, ଜୁଡ଼ିସିଆଲ ପ୍ରୋବେଶନ ଅଫିସର ନିରୋଜ ସାହୁ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ଆଇନଗତ ଅଧିକାର, କାର୍ଯ୍ୟ ଉପରେ ଅବଗତ କରାଇଥିଲେ । ଶିବିରରେ ପ୍ରାୟ ଶହେ ଜଣ ନିର୍ମାଣାଧୀନ ଶ୍ରମିକ ଯୋଗ ଦେଇଥିଲେ ଏବଂ ୫୦ଜଣ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପଞ୍ଜୀକରଣ କାର୍ଡ଼ ବଣ୍ଟନ କରାଯାଇଥିଲା ।

■ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମରୁଡ଼ି

# ସୁଆସ୍ତିଅ ସେବାରୁ ବଂଚିତ ଅଂଚଲବାସୀ

**ବିଜେପୁର, ୨୧।୧୨ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ ସରକାର ଲୁକ୍‌କୁ ସୁଲଭ ସୁଆସତିଅ ସେବା ଯୁଗେଇଦେବାର ଲାଗି ଭିନେ ଭିନେ ଯୋଜ୍‌ନାରେ କୋଟି କୋଟି ଟଁକା ସାରୁଛନ୍। ଯନ୍ତ୍ରପାତି, ଉଷୋକସା ଯୁଗେଇ ଦେଉଛନ୍। ହେଲେ ବହୁତ୍ ଜାଗାରେ ଡାକ୍ତର ଅଭାବଟା ଲୁକ୍‌କର ଲାଗି ମୁଡ଼ଦୁଖାର କାରନ୍ ସାଜିଛେ। ଏନ୍ତା ଗୁଟେ ଉଦାହରନ ଦେଖିବାକେ ମିଳିଛେ ବିଜେପୁର ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଇ ଡାକ୍ତରଖାନା ଉପରେ ବିଜେପୁର ବ୍ଲକ୍‌ର ୨୩ ପଁଚେତ, ବିଜେପୁର ଏନଏସି ସମେତ ବ୍ଲକ୍ ସୀମାନାର ଗାଇସଲେଟ, ସୋହେଲା, ବରପାଲି ବ୍ଲକ୍‌ର ଶହ ଶହ ରୁଗୀ ନିରଭର କୁଛନ୍। ଇ ଡାକ୍ତରଖାନାରେ ରୁଗୀକର ଲାଗି ୧୬ ଶଯ୍ୟାର ସୁବିଧା ଥିଲାବେଲେ ପାଁଚ୍ ୟୁନିଟର ଗୁଟେ ରକ୍ତ ଭଣ୍ଡାର ବି ଚାଲୁରହିଛେ। ହେଲେ ସବୁଠାନୁ ଦୁଖର କଥା ହେଲା ଇ ଡକ୍ତରଖାନାରେ ୫ ଝନ୍ ଡାକ୍ତର ଜାଗାରେ ଏହେଦେ ଝନେ ଡାକ୍ତର ସବୁକଥା ବୁଝୁଛନ୍। ଇଠାନେ ଥିବାର ମୁଖିଆ ଚିକିତ୍ସାଧିକାର ଡା.ରାଧେଶ୍ୟାମ ଅଗ୍ରୱାଲଙ୍କର ବଦ୍‌ଲ ହେଇ ବିଜେପୁରରୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକେ ବଦଲି ହେଇଛେ। ସେନ୍ତା ଡା.ସନ୍ଦୀପ ବାରିକଙ୍କୁ ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଡେପୁଟେନରେ ପଠାଯାଇଛେ। ଇଆଡେ ଡା.ଅଗ୍ରୱାଲ ଶନିବାର ଦିନ ରିଲିଫ ହେଇଥିବାର ଜନାଯାଇଛେ। ଏନ୍ତାଥି ଡା.ଶାନ୍ତନୁ କୁମାର ସାହୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସବୁପରକାର ଦାଇତିଅ ତୁଲଉଛନ୍। ଇଥିରୁ ଫଟିକ ବୁଝାପଡୁଛେ ଯେ ଝନେ ଡକ୍ତର ରୁଗୀକୁ କେତେ ସେବା ଯୁଗେଇ ପାରୁଥିବେ। ଇ ଡାକ୍ତରଖାନାକେ ଆର ଝନେ ଡାକ୍ତରକର ବଦଲି ହେଇଛେ ବଲି ଶୁନାଯାଉଥିଲେ ବି ଆଏଜ୍‌ତକ୍ ସେ କାଯ୍‌ରେ ଯୋଗ୍ ନାଇଁଦେଇ। ଏନ୍ତାଥି ଅଂଚଲର ଗରିବ୍‌ଦୁଖି ରୁଗୀମାନେ ବରଗଡ଼, ବରପାଲି, ବୁର୍ଲା ଯାଇ ହଜାର ହଜାର ଟଁକା ସାରୁଛନ୍। ଇଥିରଲାଗି ଅଂଚଲବାସୀକର ଭିତରେ ଗୁଟେ ଅସନ୍‌ତୋଷର ବାତାବରନ ଦେଖା ଦେଇଛେ।

**ଇମାନେ ଯାହା କହିଛନ୍**

"ଡାକ୍ତର ସମସିଆ ନେଇ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କର ସଂଗେ ମୁଇଁ କଥା ହେଇଛେଁ। ବହୁତ୍ ଜଲ୍‌ଦି ଇତାର ସମାଧାନ କରାହେବା। ଡା.ବାରିକଙ୍କର ଜାଗାରେ ଡା.ଦୋରାକୁଁ ଇନକେ ବଦଲି ହେଇଛେ, ହେଲେ ସେ କାମ୍‌ରେ ନୁହେ ଯୋଗ୍‌ଦିଅନ। ସେଥିରଲାଗି ତାହାକୁ ବାରବାର ଅନୁରୋଧ କରୁଛେଁ।
-ରୀତା ସାହୁ, ବିଧାୟିକା

"ଆମର ଜିଲାନୁଁ ୯ ଝନ୍ ଡାକ୍ତରକୁଁ ବାହାର ଜିଲାକେ ବଦଲି ହେଇଛେ। ତାର ବଦଲା ୫ ଝନ୍ ଡାକ୍ତର ବାହାର ଜିଲାରୁ ଆମର ଜିଲାକେ ବଦଲି ହେଇ ଆସିଛନ୍। ଡାକ୍ତର ପଦବି ଖାଲି ପଡ଼ିଥିବାର ବାବ୍‌ଦେ ସରକାରକୁଁ ଜନେଇ ଦିଆଯାଇଛେ। ବହୁତ୍ ଜଲ୍‌ଦି ସମସିଆର ସମାଧାନ ହେବା।
-ଡା.ତୁଲବତୀ ସାହୁ, ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ

# ଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା



ଲକ୍ଷ୍ମୀପୂଜା ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

**ଘଣ୍ଟାପଡା, ୨୧।୧୨ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନ କୋଡିବାହାଲ ଟିକ୍ରାପଡାର ମାଁ ମାହେଶ୍ୱରୀ ଜୟଲକ୍ଷ୍ମୀ ନାଟ୍ୟ ସଂଘ ପକ୍ଷରୁ ନାମଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ମାଁ ଲକ୍ଷ୍ମୀଙ୍କ ପୂଜାନୋତ୍ସବ ପରେ ଗ୍ରାମର ଉପାସକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ସମଲେଶ୍ୱରୀ ନାଳରୁ ଜଳପୂର୍ଣ୍ଣ କଳସ ଆଣିଥିଲେ। ସେମାନେ ପୂଜା ମଣ୍ଡପରେ କଳସ ସ୍ଥାପନ କରିବା ପରେ ଶୁକ୍ରବାର ନାମଯଜ୍ଞ ଆରମ୍ଭ ହୋଇଛି । ଏହା ତିନି ଦିନଧରି ଚାଲିବ ବୋଲି ପୂଜା କମିଟି ସମ୍ପାଦକ ତ୍ରିନାଥ ମହାକୁର କହିଛନ୍ତି । ୧୬ ପ୍ରହର ନାମଯଜ୍ଞରେ ପାଣ୍ଡବ ନାଏକ ଓ ତାଙ୍କ ସ୍ତ୍ରୀ କଏଁତି ନାଏକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଯଜ୍ଞାଚାର୍ଯ୍ୟ ଭାବେ ଶ୍ରୀକାନ୍ତ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି । ପୂଜା କମିଟି ସଭାପତି ଭାଗିରଥି ନାଏକ, ବରିଷ୍ଠ ନାଗରିକ ଗୌତମ ନାଏକଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ।

# ମନମୁଣ୍ଡା ବାଇପାସ୍ : ମାସେ ମଧ୍ୟରେ ଜମି ଅଧିଗ୍ରହଣ

**ମନମୁଣ୍ଡା, ୨୧।୧୨ (ଡି.ଏନ.ଏ)**

ମନମୁଣ୍ଡା ବାଇପାସ ଜମି ଅଧିଗ୍ରହଣ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ସହ ପୁନଃ କାର୍ଯ୍ୟାରମ୍ଭ ପ୍ରତିଶ୍ରୁତି ଦେବା ପରେ ୨୪ ଘଣ୍ଟିଆ ମନମୁଣ୍ଡା ବନ୍ଦ ଅଧାରୁ ପ୍ରତ୍ୟାହୃତ ହୋଇଛି । ବନ୍ଦ ଯୋଗୁ ଶତାଧିକ ଯାନବାହନ ଦେଉଳି, ବାସୁଦେପାଲି, ଗାନ୍ଧୀଛକଠାରେ ଅଟକି ରହିଥିଲା । କଣ୍ଟାମାଳ ବିଧାୟକ ମହୀଧର ରଣା, ଏଡିଏମ ରମାକାନ୍ତ ସେଠୀ, ତହସିଲଦାର ବନ୍ଦନା ଖଟୁଆ, ଏସ୍‌ଡିପିଓ ଏସ୍ ଟିଗା, ଆଇଆଇସି ସୁବାଷ ଚନ୍ଦ୍ର ରାୟଗୁରୁ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ସେମାନେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲେଶଚନା କରିବା ପରେ ଏକମାସ ମଧ୍ୟରେ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ କରାଯିବା ସହ ଅଧାପନ୍ତରିଆ କାମ ପୁନଃ ଆରମ୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଅପରାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଜିଲା କଂଗ୍ରେସ ସଭାପତି ସୁଧୀର ମହାକୁଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ମନମୁଣ୍ଡା ଭାଜପା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଜିଲା କେକେଡି ସଭାପତି ସୁବେଦାର ଲଳିତ କୁମାର ସାହୁ, ବରିଷ୍ଠ ବିଜେଡି ନେତା ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଏହି ବନ୍ଦରେ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ନରୋତ୍ତମ ମେହେର, ବୌଦ୍ଧ ପିପି ଯୋଗେଶ ପ୍ରସାଦ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।






ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ବୌଦ୍ଧ ଜିଲା ମନମୁଣ୍ଡାଠାରେ ୨୪ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି (ବାମ) । ଜମି ଅଧିଗ୍ରହଣ ଓ ବାଇପାସ୍ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ବୌଦ୍ଧ ଜିଲା ଓକିଲ ସଂଘର ବାର୍ଷିକ ବୈଠକ

# ତାରେଣୀ ସଭାପତି, ଅଶୋକ ସମ୍ପାଦକ



ତାରେଣୀ କୁମାର ମହାପାତ୍ର



ଅଶୋକ କୁମାର ମିଶ୍ର

**ବୌଦ୍ଧ,୨୧।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଓକିଲ ସଂଘର ବାର୍ଷିକ ବୈଠକ ଶୁକ୍ରବାର ଜିଲା ଓକିଲ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅଶୋକ କୁମାର ମିଶ୍ର ସଂଘର ବିବରଣୀ ପାଠ କରିବା ସହ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ପରେ ୨୦୧୯ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ପାଇଁ ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ଓ ଷଷ୍ଠ ଥର ପାଇଁ ସମ୍ପାଦକ ଭାବେ ଅଶୋକ କୁମାର ମିଶ୍ର, ଉପସଭାପତି ଅଶୋକ କୁମାର ସାହୁ, ସହ ସମ୍ପାଦକ ଆଶୁତୋଷ ସାହୁଙ୍କୁ ମନୋନୀତ କରାଯାଇଥିଲା । ଏହସହ କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ପଣ୍ଡା, ଅଚ୍ୟୁତାନନ୍ଦ ମିଶ୍ର, ଓମ୍‌ପ୍ରକାଶ ମିଶ୍ର, ଧ୍ରୁବଣୀ କୁମାର ଦେହୁରୀ, ନାରାୟଣ ପ୍ରସାଦ ପରିଜା, ନଳିନୀ କୁମାର କର୍ଣ୍ଣ, ସୁଧିର କର୍ଣ୍ଣ, ବନ ବିହାରୀ ପଟ୍ଟନାୟକ, ଚିତ୍ତରଞ୍ଜନ ପାଣିଗ୍ରହୀ, ନବ କୁମାର ମିଶ୍ର, ଅଙ୍କିତା ଶତପଥି ଏବଂ ୱେଲଫେୟାର ସଂଯୋଜକ ଭାବେ ସୁରେଶ ଚନ୍ଦ୍ର ମେହେର ଓ ଲାଇବ୍ରେରିଆନ ଭାବେ ବିଶ୍ୱମୋହନ ଶତପଥିଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନାଲ ଏସ୍‌ଡିଓ ଅଫିସ୍ ସମ୍ମୁଖରେ ହରତାଳ

**ସରଣ୍ଡା/ଜାମଟିକ୍ରା, ୨୧।୧୨(ଡ଼ି.ଏନ୍.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ସ୍ଥିତ କେନାଲ ଏସଡ଼ିଓ ଅଫିସ ସାମ୍ନାରେ ବରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ହରତାଲ କରାଯାଇଥିଲା। ବେକାର ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ କରିବା ଓ ସମ୍ପ୍ରତି ରାଜ୍ୟରେ ଚାଲିଥିବା ପିସି କାରବାର ବିରୋଧରେ ଏହି ହରତାଲ କରାଯାଇଥିଲା। ଜିଲା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଯୁବମୋର୍ଚ୍ଚା ସମ୍ପାଦକ ଜୟଦେବ ଏହି କାର୍ଯ୍ୟକ୍ରମରେ ଅତାବିରା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ଅମିତ ପଣ୍ଡା, ଜିଲା ଉପ ସଭାପତି ଯୁଧିଷ୍ଠିର ମେହେର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଏଥିରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମିଳନ ସେଠ୍, ରବିନ୍ଦ୍ର ନାୟକ, ବିପିନ ଭୋସାଗର, ଜୟନ୍ତ ହୋତା, ମନାପଡ଼ା ସରପଞ୍ଚ ଦୀପକ ପ୍ରଧାନ, ପୂର୍ବତନ ସରପଞ୍ଚ ବଳରାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ନିରୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କେନାଲ ଏସ୍‌ଡ଼ିଓ ଅଫିସ ସାମ୍ନାରେ ହରତାଲ ଚାଲିଛି ।

# ଲୋକ ମହୋତ୍ସବ ଉଦ୍‌ଯାପିତ




ଗଡ଼ଜାତ ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୨୧।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁରଠାରେ ଚାଲିଥିବା ଦ୍ୱିତୀୟ ରାଜ୍ୟ ସ୍ତରୀୟ ଗଡଜାତ ଲୋକ ମହୋତ୍ସବ- ୨୦୧୮ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ଜୟ କୁମାର ମିଶ୍ର, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଗଡଜାତ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଗାଇଗୋରିଆ, ସରପଞ୍ଚ ସୁବର୍ଣ୍ଣ ମଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବରେ ଖବରଦାତା ହିମାଂଶୁ ସାହୁ, ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗବେଷକ ସତ୍ୟଜିତ ପଣ୍ଡା, ଶିଶୁ କଳାକାର ଅସ୍ମିତ ମିଶ୍ର ଓ ଚିକିତ୍ସକ ବଳରାମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ଗଡଜାତ ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟ, ବୌଦ୍ଧ ପ୍ରଣାମ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା ।

## ସମସ୍ୟା ସମାଧାନ ପାଇଁ ଚାଷୀ ଏକତା

**ସରଣ୍ଡା,୨୧।୧୨(ଡ଼ି.ଏନ୍.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡାଠାରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ ଦିଗରେ ସରକାରଙ୍କୁ ଘେରିବାକୁ ଯୋଜନା କରି ଚାଷୀ ଏକତା ବଢ଼ିବାରେ ଲାଗିଛି । ଚାଷୀ ଯୁବ ନେତା ବିରେନ କରଙ୍କ ନେତୃତ୍ୱରେ ଶୁକ୍ରବାର କୁଲୁଣ୍ଡା ଗ୍ରାମରେ ଏକ ଚାଷୀ ସମାବେଶ କରାଯାଇଥିଲା । ଏଥିରେ କୁଲୁଣ୍ଡା ଗ୍ରାମପଞ୍ଚାୟତ ସମେତ ଆଖପାଖର ୫ଟି ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିଲେ । ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷିଋଣ ଛାଡ଼, ବୀମା ବିଭ୍ରାଟ, ପନିପରିବା ମୂଲ୍ୟ ଠିକ୍ କରିବା, କୀଟନାଶକ ମୂଲ୍ୟରେ ସମାନତା ଆଦି ଦାବି ନେଇ ଆଲୋଚନା କରାଯାଇଥିଲା । ଏହି ଦାବିଗୁଡ଼ିକ ଉପରେ ସରକାର ନିଷ୍ପତ୍ତି ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିରେନ୍ଦ୍ର କର ପ୍ରକାଶ କରିଛନ୍ତି । ବ୍ଲକର ସମସ୍ତ ପଞ୍ଚାୟତର ଚାଷୀମାନଙ୍କୁ ଏକଜୁଟ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ।

# ହାରମାନିଛେ ବଏସ, ଦିବ୍ୟାଙ୍ଗ ହେଲେ ବି ସକ୍ଷମ

**ଅତାବିରା, ୨୧।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ ଇଚ୍ଛାପୁର ଗାଁର ମୂଳବାସି ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ କୁମ୍ଭାର(୬୫)। ପୁଓ ସନ୍ତୋଷ କୁମ୍ଭାର ତାକର କୁଟୁମ ସଂଗେ ଇଚ୍ଛାପୁରରେ ଗୁଟେ ଭଂଗା ଦଦ୍‌ରା କୁରିଆରେ ରହୁଛନ୍। ସେନ୍ତା ଦିବ୍ୟାଙ୍ଗ ଇନ୍ଦ୍ରଜିତ ଆର ତାକର ମାଏକିନା ଦୂଟୀ ସମ୍ବଲପୁର ଜିଲା ରେମେଡ ଛକ ଗୋପାଳପାଲି ଛକରେ ଖୁଲା ଆକାଶ ତଲେ ଜୀବନ୍ ବିତଉଛନ୍। ସେଠାନେ ଦୁଇ ବୁଢ଼ାବୁଢ଼ୀକୁ ରାଶନ କାର୍ଡରେ ମାସିକ ୧୦ କେ.ଜି. ଚାଉଲ ମିଳୁଥିବାର ଜନାଯାଇଛେ। ଆଏଜ୍‌ତକ୍ ତାହାକୁ ସମ୍ବଲପୁର କି ବରଗଡ଼ ଜିଲା ନିଜର ଗାଁ ମାନପୁରରେ ସରକାରୀ ଯୋଜ୍‌ନାରେ ଘରଖଁଡେ ନୁହେମିଲେ। ଇନ୍ଦ୍ରଜିତ ନିଜର ଗାଁରୁ ସମ୍ବଲପୁର ଗଲା ବେଲେ ଗୋଡ଼ଭଗା-ତୁରୁମ ରାସ୍‌ତାରେ ତାହାକୁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ସେ ଇନ୍ଦ୍ରଜିତକୁଁ ପଚରାଲାରୁ ତାକର ଦୁଖ୍ ବଖାନିଥିଲେ। ଦିନ୍‌ଥିଲା ଇନ୍ଦ୍ରଜିତ ସମ୍ବଲପୁର ସହରରେ ରିକ୍‌ସା ବାହି କୁଟୁମ ପୁଷୁଥିଲେ। ସେ କମାନିରୁ ଛୁଆକୁ ଦୁଇଅଖର ପାଠ୍ ବି ପଢ଼େଇଛନ୍। ହେଲେ ଆଏଜ୍‌କେ ୧୭ ବଛର ତଲେ ସେ ରାସ୍‌ତାରେ ଚାଲି ଚାଲି ଯାଉଥିଲା ବେଲେ ଦୁରଘଟନାର ଶିକାର ହେଇଥିଲେ। ସେଥିରେ ତାକର ଗୁଟେ ହାତ୍ ଆର ଗୋଡ଼୍ ଅଚଲ ହେଇଗଲା। ସେଦିନ୍‌ଠାନୁ ସେ ଦିବ୍ୟାଙ୍ଗ ପାଲଟିଗଲେ। ରାଶନ କାର୍ଡରେ ମିଳୁଥିବାର ୧୦ କେ.ଜି. ଚାଉଲ ବୁଢ଼ାବୁଢ଼ିକୁ ଚଲବାରେ ନିହଁଟ ହେଉଛେ। ଯେନ୍‌ଥିରଲାଗି ବୁରୁଧ ଦିବ୍ୟାଙ୍ଗ ଇନ୍ଦ୍ରଜିତ ଗୁଟେ ହାତେ ନିଜର ତିନଚକିଆ ସାଇକେଲ ଚଲେଇ ଗାଁଗାଁ ଯାଇ ଭିଖ୍‌ମାଗୁଛନ୍ ଆର କୁଟୁମ ପୁଷୁଛନ୍। ସବୁଦିନ ସମାନ ନାଇଁଯାଏ, ଯେନ୍‌ଦିନ ଭିଖ୍‌ମଗା ବଁଦ୍ ହେସି ସେ ଦିନ ବୁଢ଼ାବୁଢ଼ୀ ଉପାସେ ରହେସୁଁ। ସମ୍ବଲପୁର ଗୋପାଳପାଲିରୁ ନିଜର ତିନଚକିଆ ସାଇକେଲରେ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ହେଇ ଗୋଡ଼ଭଗା-ତୁରୁମ-ସୋନପୁର ରାଜପଥ ଦେଇ ନିଜର ଗାଁ ଇଚ୍ଛାପୁରକେ ଯାଏସିଁ। ୬୫ କି.ମି. ସାଇକେଲ ଚଲେଇ ୩ ଦିନ୍ ଉତାରୁ ନିଜର ଗାଁ ଇଚ୍ଛାପୁରେ ପୁହୁଁଚିସିଁ ବଲି ଇନ୍ଦ୍ରଜିତ କହିଥିଲେ। ଗାଁରେ ୨୧ ଦିନ୍ ରହେଲା ଉତାରୁ ଶୁକୁରବାର ଫେନ୍ ବୁରୁଧ୍ ଦିବ୍ୟାଙ୍ଗ ନିଜର ସାଇକେଲରେ ସମ୍ବଲପୁର ମୁହାଁ ହେଇଛନ୍। ଗଲା ବେଲେ ଯେନ୍ ଜାଗାରେ ରାଏତ୍ ହେବା ସେଠାନେ ରହିଯିମି, ଏନ୍‌ଥେଇ ରଏବାର ତକ୍ ସମ୍ବଲପୁରେ ପୁହୁଁଚିମି ବଲି ସେ କହିଥିଲେ। ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ ବଏସ୍‌ର ଛାପ୍‌ରେ ଦବି ନାଇଁପାଇ କରି ସମାଜଲାଗି ଗୁଟେ ଉଦାହରନ୍ ସାଜିଛନ୍। ହେଲେ ସରକାରୀ ଯୋଜ୍‌ନା ଯେ ଗରିବ୍ ଦୁଖିକୁ ଉପହାସ କରୁଛେ ଇ ଘଟ୍‌ନାରୁ ଫଟିକ୍ ବାରି ହେଉଛେ। ଇ ବୁରୁଧ୍ ଦିବ୍ୟାଙ୍ଗ ଉପରେ ଦୁରୁଷ୍ଟି ଦେଇ ସମ୍ବଲପୁର ଆର ବରଗଡ଼ ଜିଲା ପରଶାସନ ସବୁପରକାର ସରହାକରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ନାଁଇଁ ହେଲେ କେତେବେଲେ ଖରା, ବର୍ଷା, ଶୀତ କାକରରେ ଇ ବୁଢ଼ାବୁଢ଼ୀକର ଜୀବନ୍ ପଲେଇଯିବା କେହି ଯାନି ନାଇଁପାରନ୍।



ଦିବ୍ୟାଙ୍ଗ ଇନ୍ଦ୍ରଜିତ ତିନଚକିଆ ସାଇକେଲରେ ଯାଉଛନ୍।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବା
- ଗୁରୁ ନାନକ



## ସଂକ୍ଷେପରେ



### ଲକ୍ଷ୍ମୀପୁରାଣ ନାଟକ ଉଦ୍‌ଯାପିତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ହାଟପଦା ପଡାଠାରେ ମାର୍ଗଶିର ମାସରେ ଚାଲିଥିବା ଲକ୍ଷ୍ମୀପୁରାଣ ନାଟକ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୁଣା କାଳିଆ ଏହି ପରମ୍ପରାକୁ ଏବେକାର ଯୁବପିଢି ଅପଣାଇ ନିଷ୍ଠା ଓ ଭକ୍ତି ସହ ୪ପାଳି ନାଟକ ପ୍ରଦର୍ଶନ କରିବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସ୍ଥାନୀୟ ଲକ୍ଷ୍ମୀପୁରାଣ ନାଟକ କମିଟି ସଭାପତି ନଜରୁଲ୍ଲା ଖାନ, ସମ୍ପାଦକ ନରେନ୍ଦ୍ର ପରିଡା, କୋଷାଧ୍ୟକ୍ଷ ପର୍ଶୁରାମ ପଧାନଙ୍କ ପରିଚାଳନାରେ ବିରକିଶୋର ହେର୍ଣ୍ଡା(ନାରଦ), ଜଗତରାମ ଧରୁଆ(ପରାଶର), ସୁଦାମ ମେହେର(ହରି), ଦୀନବନ୍ଧୁ ବେଜ(ବଳରାମ), ମନୋଜ ହେର୍ଣ୍ଡା(ଜଗନ୍ନାଥ), ଅଜିତ ବେହେରା(ବରୁଣ), ଧରମ ପଧାନ, ଜଗତରାଜ ଧରୁଆ, ସନ୍ତୋଷ ପୋଢ, ରାଜୁ ବେହେରା, ସୁରେନ୍ଦ୍ର ରଣା, ନାଜିର ଖାନ, ନାରାୟଣ ହେର୍ଣ୍ଡା, ଲବ ରଣାଙ୍କ ସମେତ ବହୁ କଳାକାର ବିଭିନ୍ନ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ।

### ପୋଲିସ ଚଢାଉ , ୪ ଗିରଫ

**ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ବେଲପଡା ବ୍ଲକ ଗମ୍ଭାରୀ ଗାଁ ରେ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ଚଢାଉ କରି ୪ଜୁଆଡି ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫ଶହ ୭୦ ଟଙ୍କା ଓ ଘୁଡୁଘଡୁ ପଟି ଜବତ କରାଯାଇଛି। ଗିରଫ ଜୁଆଡିମାନେ ହେଲେ ପାଟଣାଗଡର ହରେଶ ଡୁମନିଆ, ତାଲପଦରର ଖିରସାଗର ପୁଟେଲ, ଗମ୍ଭାରୀର ସଙ୍କର ଗଡତିଆ ଏବଂ ତୀର୍ଥ ପାଣ୍ଡେ। । ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା( ନଂ. ୧୬୧ /୧୮) ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରଛନ୍ତି। ଗମ୍ଭାରୀ ଲକ୍ଷ୍ମୀ ପୂଜା ଅବସରରେ କେତେକ ଜୁଆ ଖେଳ ଚଳାଇଥିବା ନେଇ ଖବର ପାଇ ଖପ୍ରାଖୋଲ ପୋଲିସ ଏହି ଚଢାଉ କରିଥିଲା।

### ଯୋଗୀସର୍ଡାରେ ଗୀତାପାଠ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ଗୀତାଜୟନ୍ତୀ ଉପଲକ୍ଷେ ଗୀତାପାଠ ଶୁକ୍ରବାର କରାଯାଇଛି। ବ୍ରହ୍ମ ସମାଜ ସମ୍ପାଦକ ନନ୍ଦୁଲାଲ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ୟାମପ୍ରସାଦ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଗୀତାପାଠ କରିଥିଲେ। ଗୀତାପାଠରେ ଯଜ୍ଞାଚାର୍ଯ୍ୟ ଭାବେ ମୋହନ ମିଶ୍ର ଓ କର୍ତ୍ତା ସାନନ୍ଦ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ସମସ୍ତ ବ୍ରହ୍ମ ସମାଜ ସଦସ୍ୟ ଗୀତାପାଠ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ଆଜି କ'ଣ କେଉଁଠି**

- ଆଜିଠାରୁ ୩୪ତମ ଓଡିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ (ଓସ୍ରୁ)ର ଦୁଇଦିନିଆ ସମ୍ମିଳନୀ। ସ୍ଥାନ- ହୋଟେଲ ଭଗବତୀ, ବଲାଙ୍ଗୀର

# ପେଥାଇ କ୍ଷତିପୂରଣ ଦାବିରେ ଚାଷୀଙ୍କ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୧।୧୨**

- କୃଷିଋଣ ଛାଡ୍, ଧାନ କିଣା କୋହଳ ଦାବି
- ଫସଲ ବୀମା କ୍ଷତିପୂରଣ ତୁରନ୍ତ ଦିଆଯାଉ
- ଧାନ ଏମ୍‌ଏସ୍‌ପି ୩ ହଜାର ଟଙ୍କା କରିବାକୁ ଦାବି
- ପନିପରିବା ମଣ୍ଡି ଖୋଲିବା ଦାବି ଜଣାଇଲେ
- ୭୦ ପ୍ରତିଶତ କଟା ଧାନ ଭିଜିଯାଇଥିବା ଅଭିଯୋଗ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଭିଜିଲା ଧାନ ଧରି ବକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପେଥାଇ ବର୍ଷାରେ ବଲାଙ୍ଗୀର ଜିଲାରେ ନାହିଁ ନ ଥିବା ଫସଲ କ୍ଷୟକ୍ଷତି ହୋଇଛି। ଜିଲାର ପ୍ରାୟ ୭୦ ପ୍ରତିଶତ କଟା ଧାନ ବର୍ଷାରେ ଭିଜିଯାଇଛି । ଏଭଳି ସ୍ଥିତିରେ ଜିଲାର ଚାଷୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ କୁଶମେଲ ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଶୁକ୍ରବାର ବିରାଟ ପଟୁଆରରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଜିଲା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଜିଲାରେ ଚଳିତବର୍ଷ ମରୁଡି, ଚକଡା ଉପଦ୍ରବ ଓ ପେଥାଇ ପ୍ରଭାବ ଦେଖାଦେଇଥିବାରୁ ତୁରନ୍ତ ଚାଷୀଙ୍କ ସମସ୍ତ କୃଷିଋଣ ଛାଡ କରିବା ସହ ଭିଜିଯାଇଥିବା ଧାନକୁ ଚାଷୀଠାରୁ କିଣିନେବାକୁ ଦାବି କରିଥିଲେ । ଏଫ୍‌ଏକ୍ୟୁମାନକୁ କୋହଳ କରି ଚାଷୀଙ୍କ ଠୁ ଧାନ କିଣିବା ଓ ଧାନ ସର୍ବନିମ୍ନ ସହାୟକ ମୂଲ (ଏମ୍‌ଏସପି)କୁ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା କରିବାକୁ ଦାବି କରିଥିଲେ । କୁଶମେଲ ଗ୍ରାମ ପଞ୍ଚାୟତ କୃଷକ ସଂଘ ସଭାପତି ରାଜକିଶୋର ତ୍ରିପାଠୀ ଓ ସମ୍ପାଦକ ଶାନ୍ତନୁ କୁମାର ସିଂଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଚାଲିଥିବାରୁ ଦୀର୍ଘ ୧୯ଦିନ ହେଲା ଜିଲାପାଳ କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା ଯୋଗଦେଇ ତୁରନ୍ତ କୃଷିଋଣ ଛାଡ କରିବାକୁ ଦାବି କରିଥିଲେ । ଚଳିତବର୍ଷ ଜିଲାର ଚାଷୀ ମରୁଡିଜନିତ କ୍ଷତି, ଚକଡା ଉପଦ୍ରବ ଓ ପେଥାଇ ବର୍ଷାର ମାଡ ସହି ଏକରକମ ନିଃସ୍ୱ ହୋଇଯାଇଛନ୍ତି ବୋଲି କହିଥିଲେ । ଜିଲାର ଚାଷୀଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରିବାକୁ ହେଲେ ତୁରନ୍ତ ସମସ୍ତ କୃଷିଋଣ ଛାଡ କରିବା, ଧାନର ଏଫ୍‌ଏକ୍ୟୁ ମାନକୁ କୋହଳ କରି ଚାଷୀଙ୍କଠାରୁ ସମସ୍ତ ଧାନ କିଣି ନେବାକୁ ସେ ଦାବି କରିଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ ହେବାକୁ ମାତ୍ର ଗୋଟିଏ ଦିନ ନିର୍ଦ୍ଧାରଣ କରାଯାଇଥିବାରୁ ଜିଲାର ସହସ୍ରାଧିକ ଚାଷୀ ବୀମାଭୁକ୍ତ ହୋଇପାରି ନ ଥିବା ସେ ଅଭିଯୋଗ କରିଥିଲେ। ଏହାସହିତ ଜିଲାପାଳ ତୁରନ୍ତ ପେଥାଇ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। କୁଶମେଲ ଅଞ୍ଚଳରେ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଅଭିଯୋଗ କରି ଏଠାରେ ତୁରନ୍ତ ପନିପରିବା ମଣ୍ଡି ଖୋଲିବାକୁ ସେ ଦାବି କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା କରିବାକୁ ଦାବି କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କୁଶମେଲ ଗ୍ରାମପଞ୍ଚାୟତର ଚାଷୀ କସ୍ତୁଭ ସାହୁ, ଭକ୍ତବନ୍ଧୁ ସାହୁ, କରୁଣାକର ତ୍ରିପାଠୀ, ଶିବପ୍ରସାଦ ସିଂ, ଶଙ୍କର୍ଷଣ ସିଂ, ଅନନ୍ତ ବିଶ୍ୱାଳ, ସୁରେନ୍ଦ୍ର ପାତ୍ର, ମାଞ୍ଜନ ମିଶ୍ର, ସୁରଜିତ ସିଂ, ଦିଲୀପ ସିଂ, ସଦାଶିବ ବିଶ୍ୱାଳ, କାନ୍ତ ବିଶ୍ୱାଳ, ଭାଗବତ ପଧାନ, ଗୋବିନ୍ଦ ପଧାନ, ପ୍ରସନ୍ନ ତ୍ରିପାଠୀ ଓ ଅନ୍ୟମାନେ ଯୋଗଦାନ କରିଥିଲେ । ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ନଦେଲେ ଚାଷୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଥିଲେ।



କିଶୋରୀ ବାଳିକାମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

### କିଶୋରୀ ବାଳିକାଙ୍କୁ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ

**ଲାଠୋର, ୨୧।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ମମତା ଏଚଆଇଏମସି ସଂସ୍ଥା ନୂଆଦିଲ୍ଲୀଙ୍କ ଜରିଆରେ କିଶୋରୀ ବାଳିକାମାନଙ୍କୁ ନେଇ ଏକ ଦୁଇଦିନିଆ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟଙ୍କପାଣି, କରୁଆଁଝର, ଲାଠୋର, ମାଲପଡା, ବେନ୍ଦେର, ସାହାଜପାଣି ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗ୍ରାମର ୩୦ କିଶୋରି ବାଳିକାଙ୍କୁ ନେଇ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ ପ୍ରଦାନ କରାଯାଇଛି। ସମ୍ପୃକ୍ତ ବାଳିକାମାନେ ତାଲିମ ଗ୍ରହଣ କରି ଗ୍ରାମର ବାଳିକାମାନଙ୍କୁ ମଧ୍ୟ ସଚେତନ କରାଇବେ। ତାଲିମଦାତାଭାବେ ବିଜୟ କୁମାର ମଲ୍ଲିକ ଏବଂ ମମତା ପାଣିଗ୍ରାହୀ ଯୋଗଦେଇଥିଲେ। ତାଙ୍କୁ ସହଯୋଗ କରିଥିଲେ ଖିରମୋହନ ସଗଡିଆ, ବ୍ଲକ କୋଅର୍ଡିନେଟର ଚକ୍ରଧର ଦାଶ।

ପ୍ରଥମ ଶ୍ରେଣୀରୁ ତୁରନ୍ତ ପାଶ୍-ଫେଲ ପୁନଃ ପ୍ରଚଳନ ଦାବି

# କଲେକ୍ଟୋରେଟ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର ଅଫିସ, ୨୧।୧୨**

ପ୍ରଥମ ଶ୍ରେଣୀରୁ ପାଶ୍-ଫେଲ ବ୍ୟବସ୍ଥାର ପୁନଃ ପ୍ରଚଳନ କରାଯିବା ଦାବିନେଇ ଛାତ୍ର ସଂଗଠନ ଅଲ୍‌ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ୟୁନିୟନ(ଏଆଇଡିଏସ୍‌ଓ) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଦିବସ ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷାନୁଷ୍ଠାନଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଣ୍ଠି ଯୋଗାଇ ଦେବା, ଫି ବୃଦ୍ଧି ବନ୍ଦ କରିବା, ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ତୁରନ୍ତ ବନ୍ଦ କରିବା ସହ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ରକ୍ଷା କରିବା ଦାବି ନେଇ ବିକ୍ଷୋଭେ ପ୍ରଦର୍ଶନ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଶିକ୍ଷାମାରଣ ନୀତି ଫଳରେ ପ୍ରାଥମିକ ଓ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ସଂଗଠନ ଅଭିଯୋଗ କରିଥିଲା । ଦେଶକୁ ରକ୍ଷା କରିବାକୁ ହେଲେ ଦେଶର ଶିକ୍ଷାବ୍ୟବସ୍ଥାକୁ ପ୍ରଥମେ ରକ୍ଷା କରିବାକୁ ହେବ ବୋଲି ଛାତ୍ରନେତାମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ୫ ଦଫା ଦାବିପତ୍ର କେନ୍ଦ୍ରମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ବଲାଙ୍ଗୀର ଜିଲା କମିଟି ସଭାପତି ସୁନୀଲ ଭୋଇ, ଉପସଭାପତି କୁଶପୃଷ୍ଟି ବାଗ, ଅଫିସ ସମ୍ପାଦକ ଲକ୍ଷ୍ମୀଧର ସାମଲ, ବିକାଶ ଜେନା, ରାଜିନ୍ଦ୍ର ରଣା, ମମତା ନାଏକ, ଯୋଗେନ୍ଦ୍ର ଭୋଇ, ଖୁସିରାମ ସୁନା, ଶ୍ରୀକାନ୍ତ ମହାକୁର, ନମିତା ସୁନା, ମୁକେଶ ସ୍ୱାଇଁ ସାମିଲ ହୋଇଥିଲେ।

### ପୁଷ୍ଟିଦିବସରେ ଏଚ୍‌ଆଇଭି, ସିଫିଲିସ୍ ଟେଷ୍ଟ

**ବଲାଙ୍ଗୀର ଅଫିସ, ୨୧।୧୨**

ବଲାଙ୍ଗୀର ଜିଲାରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପୁଷ୍ଟି ଦିବସ ପାଳନ ଅବସରରେ ଶୁକ୍ରବାର ଏଛ୍‌ଆଇଭି ଓ ସିଫିଲିସ୍ ଟେଷ୍ଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଅରିନ୍ଦମ ଡାକୁଆ ଅନୁଷ୍ଠାନିକ ଭାବେ ଉଦ୍‌ଘଟନ କରିଥିଲେ । କନ୍ଧପାଲିପଡାଠାରେ ଅନୁଷ୍ଠିତ ସହରାଞ୍ଚଳ ପିଏଚ୍‌ସିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିଏମ୍‌ଓ ଜ୍ଞାନବ୍ରତ ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଇନ୍ଦିରା ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଶ୍ୱଜିତ୍ ଯୋଷୀ, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଡାପୁସୁ ଡିପିଏମ୍ ରାଜେନ୍ଦ୍ର ମହାରାଣା, ଦୁଲାଲ କୁମାର, ରାମାନୁଜ ପଣ୍ଡା, ତୃପ୍ତୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗର୍ଭଧାରଣର ପ୍ରଥମ ୩ ମାସ ମଧ୍ୟରେ ଗର୍ଭବତୀ ମହିଳାଙ୍କ ଏଚ୍‌ଆଇଭି ଓ ସିଫିଲିସ୍ ପରୀକ୍ଷା କରାଇବା ଓ ଶିଶୁକୁ ସଂକ୍ରମଣରୁ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଥିଲା।

# ଖଳାରେ ଧାନ ଗଜା ହେଲା

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ୩ଦିନର ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଖରିଫ ଅମଳ ବ୍ୟାପକ କ୍ଷତି ହୋଇଛି । ଦୁଇଦିନ ଧରି ବ୍ଲକର କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ପାଇଁ ପୃଥକ ଭାବେ ପ୍ରାଥମିକ ତଦନ୍ତ ସରିଛି । ୧୪୫୫ ହେକ୍ଟର ଚାଷ ଜମିରେ କଟା ହୋଇ ପଡିଥିବା ଧାନ ପେଟା ବର୍ଷାରେ ଭିଜି ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଅପରପକ୍ଷରେ ଖଳା କିମ୍ବା ଅନ୍ୟ ସ୍ଥାନରେ ଥିବା ବସ୍ତାଧାନ ଭିଜି ଗଜା ହୋଇଥିବା ଚିତ୍ର ହସ୍ତଗତ ହୋଇଛି। ଧାନଗଜା ସମ୍ପର୍କରେ କୃଷି ବିଭାଗର ତଥ୍ୟ ହସ୍ତଗତ ହୋଇନାହିଁ। ଶନିବାରଠାରୁ ପ୍ରତ୍ୟେକ ଚାଷୀ ପରିବାର ପାଖକୁ ଯାଇ ତଦନ୍ତ କରାଯିବ ଓ ସପ୍ତାହକ ପରେ ଇନପୁଟ ସବସିଡି ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କୃଷି ବିଭାଗ ଅଧିକାରୀ କହିଛନ୍ତି।

ଲୋଇସିଂହା ବ୍ଲକରେ ୧୦ ହଜାର ୬୫୦ ହେକ୍ଟର ଖରଫ ଧାନ ଚାଷ କରାଯାଇଥିଲା। ୪ହଜାର ହେକ୍ଟରେ

**ପେଥାଇ ପ୍ରଭାବ**



ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଚାଷୀଙ୍କ ଅମଳ ଧାନ ବସ୍ତା ଭିଜି ଗଜା ହୋଇଛି।

ରୁଆ ବେଉଷଣ ଓ ବାକି ଜମିରେ ଖରୁଡି, ବତୁରି ପାଗ ଧାନ ବୁଣି ଚାଷୀ ଚାଷ କରିଥିଲେ । ବିଳମ୍ବିତ ବର୍ଷା ଯୋଗୁ ବ୍ଲକରେ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷ କାମ ସରିଥିଲା। ଆଗୁଆ ଚାଷ ହୋଇଥିବା ଜମିରେ ପ୍ରାୟତଃ ଅମଳ ଧାନ କଟା ସରିଥିଲା। ଏଥିରୁ କେତେକାଂଶ ଚାଷୀ ଧାନ ମଡାଇ ଘରେ ଓ ଖଳାରେ ସଂରକ୍ଷିତ ରଖିଥିବାବେଳେ ଆଉ କେତେକାଂଶ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତ ସଦର ଗ୍ରାମର ଖଳାରେ ଥିବା ସଂରକ୍ଷିତ ଧାନବସ୍ତା ଭିଜିନଷ୍ଟ ହୋଇଯାଇଛି । ଭିଜିଥିବା ଧାନବସ୍ତାରେ ଗଜା ବାହାରିଥିବା ଦୃଶ୍ୟ ସିଂଘାଣିମୁଣ୍ଡା ଗ୍ରାମର ସରୋଜ ବେହେରା ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରମିକ ଅଭାବ ତଥା ବିଳମ୍ବିତ ଚାଷ ଯୋଗୁ କେତେକାଂଶ ଜମିରେ ଧାନ କଟା ହୋଇ ପେଟା ସବୁ ପଡିଥିଲା । ରବିବାର ସନ୍ଧ୍ୟାରୁ ମଙ୍ଗଳବାର ମଧ୍ୟାହ୍ନ ପର୍ଯ୍ୟନ୍ତ ହୋଇଥିବା ଅଦିନିଆ ବର୍ଷାରେ ଜମିରେ ଏ ସବୁ ଜମିର ପେଟା ଧାନବୁଡି ରହିଥିଲା । ବର୍ଷାରେ ଚାଷୀମାନେ ନିରୁପାୟ ହୋଇଯାଇଥିଲେ। ଏହି ଜମିର ଧାନସବୁର କି ଅବସ୍ଥା ହୋଇଥିବ ତାହା ସହଜେ ଅନୁମେୟ। ଏବେ ଖରା ହେବା ପରେ ଚାଷୀମାନେ ଜମିରୁ ଧାନ ପେଟା ସଉଁଟି ଆଡି କିମ୍ବା ଢିପ ସ୍ଥାନକୁ ଆଣିବାରେ ଲାଗିପଡିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ କହିଛନ୍ତି ପ୍ରାଥମିକ ତଦନ୍ତରେ ୧୪୫୫ ହେକ୍ଟର ଜମିରେ ଧାନପେଟା ପଡିଥିବା ହସ୍ତଗତ ହୋଇଛି। ଧାନବସ୍ତାରେ ଗଜା ହେବା ଆମ ନିକଟରେ କୌଣସି ଅଭିଯୋଗ ନାହିଁ।

# ରାଜ୍ୟସ୍ତରୀୟ ମହିଳା ଫୁଟବଲ: ଫାଇନାଲରେ ସମ୍ବଲପୁର

**ସଇଁତଲା, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିସକେଲାଠାରେ ଚାଲିଥିବା ମା' ଘଣ୍ଟାଶୁଣୀ ଅଲ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ଖେଳରେ ବିଜୟୀ ହୋଇ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୧-୦ ଗୋଲରେ ଝାରସୁଗୁଡ଼ାକୁ ହରାଇ ବିଜୟୀ ହୋଇଥିଲା । ବିନୋଦ ବିହାରୀ ବେହେରା, ଜିତେନ୍ଦ୍ର ଜାଲ, ରାଜେଶ ପୋଢ଼, ଡ଼ମ ବଗର୍ତ୍ତୀ ଓ ରାଜୁ ସାହୁ ଖେଳ ପରିଚାଳନା କରିଥିବାବେଳେ ପୁରନ୍ଦର ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ଶିସକେଲା ଟାଇଗର ଜିନ୍ଦା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ବଲାଙ୍ଗୀର ଜିଲା ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ ମୁଖ୍ୟ ଅତିଥି, ଶିସକେଲା ସରପଞ୍ଚ ଉମାକାନ୍ତ ରଣା, ବେଲଗାଁ ସମିତି ସଭ୍ୟ ଦୀପକ ଅଗ୍ରୱାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କ୍ଲବ ସଭାପତି ଟିଙ୍କୁ ରଣା, ସମ୍ପାଦକ ପପୁ ରଣା, ଅଜିତ ହାତୀ, ଟିକେଶ୍ୱର ବେହେରା, ଗୁଣନିଧି ମାଝୀ, ବିଶିକେଶନ ରଣା, ବବଲୁ ବେହେରା, ପିଣ୍ଟୁ ରଣା, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

# ସେମିଫାଇନାଲ ରାଉଣ୍ଡ ଅପ ଚୂଡାନ୍ତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ଲୋଇସିଂହା ଷ୍ଟାଡିୟମଠାରେ ୟଙ୍ଗୟୁଥ ସଂସ୍ଥା ପକ୍ଷରୁ ୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବରଗଡ, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାଜିତ କରି ସେମିଫାଇନାଲ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ଉପଦେଷ୍ଟା ବୁଲୁ ବାଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ଏଆଇସିସି ସଭ୍ୟା ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସରପଞ୍ଚ ଗଣେଶ ସାହୁ, ନବ କିଶୋର ନାଏକ, ଓମପ୍ରକାଶ କୁମ୍ଭାର ଏବଂ ଅଜୟ ବାଲି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଅରବିନ୍ଦ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ।



୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଖେଳାଳିଙ୍କ ସହ ଅତିଥିମାନେ।

# ହାତୀ ଘଉଡ଼ାଇବାରେ ବନ ବିଭାଗ ନାକେଦମ

**ଦେଓଗାଁ,୨୧।୧୨ଡି.ଏନ.ଏ)**

**ଦେଓଗାଁ ବ୍ଲକ**

- ଦିନସାରା ଗୋଟିଏ ସ୍ଥାନରେ ଅଟକି ରହିଲେ ହାତୀପଲ
- ରାତିରେ ଦିନପାଲି ଗାଁ ପାଖକୁ ଗଲେ
- ଭୟରେ ଖେତକୁ ଯାଉ ନାହାନ୍ତି ଚାଷୀ
- ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପ୍ରୟାସ ଜାରି ରହିଛି: ବନ ବିଭାଗ

ବଲାଙ୍ଗୀର ଜିଲା ଦେଓଗାଁରେ ଶୁକ୍ରବାର ହାତୀ ଉପଦ୍ରବରେ ଲେକେ ଆତଙ୍କିତ ହୋଇଛନ୍ତି । ସକାଳରୁ କିଛି ଲୋକେ ୭ ବଡ ଓ ୫ଟି ଛୋଟ ହାତୀ ରେଳଧାରଣା ପାରିହେଉଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ଉଦ୍ୟମ ଆରମ୍ଭ କରିଥିଲେ। ହେଲେ ଲୋକଙ୍କ ଭିଡବୃଦ୍ଧି ଯୋଗୁଁ ହାତୀପଲ ସେହି ଗୋଟିଏ ସ୍ଥାନରେ ଦିନତମାମ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ତେବେ ରାତି ୯ଟା ବେଳକୁ ସେମାନେ ଦିନପାଲି ଗାଁ ମୁଣ୍ଡରେ ଥିବା ବରଗଛ ମୂଳରେ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀପଲ ଘଉଡାଇବାକୁ କର୍ମଚାରୀଙ୍କୁ ସେଠାକୁ ପଠାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ଖବର ଅନୁସାରେ ଏହି ହାତୀପଲ ଭୀମପାହାଡ ଅଞ୍ଚଳରୁ ଉପରଝର ଦେଇ ଶିରାବାହାଲକୁ ଆସିଥିଲେ। ସେଠାରୁ ସକାଳୁ ରେଳଧାରଣା ପାରହୋଇ ଦେଓଗାଁ ସାଗରପାଲି କଲୋନୀ ଓ ମାଁ ଷ୍ଟୋନ କ୍ରଶର ନିକଟକୁ ଆସିବା ବେଳେ ଲୋକଙ୍କ ଭିଡ ଜମିବା ଦେଖି ସେଠାରେ ଥିବା ଗଛ ଓ ବୁଦା ଘେରରେ ଅଟକି ରହିଛନ୍ତି। ଏହି ହାତୀଙ୍କ ଉପଦ୍ରବ ଯୋଗୁଁ ଶିରାବାହାଲର କେତେକ ଚାଷୀଙ୍କ ଧାନଚ ଓ ପନିପରିବାଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ କୁନ୍ଦେଇମାଲ, କୁକୁରଖାଇ, ଭୀମପାହାଡ ତଥା ଉପରଝର, ଫଟାମୁଣ୍ଡା ଅଞ୍ଚଳରେ ଚାଷୀଙ୍କ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିହୋଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସାଗରପାଲି କଲୋନୀପଡାଠାରୁ ଆରମ୍ଭ କରି ଘୁଚିପାଲି, ରାଏପାଲି, ଶିରାବାହାଲ, ଝାରମୁଣ୍ଡା ଆଦି ଅଞ୍ଚଳରେ ଲୋକେ ଆତଙ୍କିତ ଆବସ୍ଥାରେ ରହିଛନ୍ତି । ହାତୀ ଆତଙ୍କ ଖବର ପରେ କେହି ପାଖ ଜଙ୍ଗଲ ଏପରିକି ଚାଷୀ ନିଜ ଚାଷ ଜମିକୁ ମଧ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି । ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଫରେଷ୍ଟର ବାବୁଲାଲ ଦାଶ, ଗୁଡଭେଲା ଫରେଷ୍ଟର ଚିତ୍ତ ଖମାରୀ, କୁଡାସିଂହା ଫରେଷ୍ଟର ସୁଦାମ ଚରଣ ମିଶ୍ର, ସଇଁନ୍ତଲା ଫରେଷ୍ଟର ଆର.କେ. ହରପାଲ ଓ ବଲାଙ୍ଗୀର ଏପିଆର ଟିମ ତଥା ଦେଓଗାଁ ଓ ସଇଁନ୍ତଲାର ସମସ୍ତ ବନକର୍ମଚାରୀ ହାତୀ ଘଉଡାଇବା ପାଇଁ ଦିନତମାମ ଉଦ୍ୟମ ଜାରି ରଖିଛନ୍ତି । ତେବେ ଚାରିପଟେ ଦେଖଣାହାରୀଙ୍କ ଭିଡ ଯୋଗୁଁ ହାତୀପଲ ଗଛଙ୍କ ଘେରରୁ ବାହାରକୁ ବାହାରି ନ ଥିଲେ। ବନ ବିଭାଗ ଉକ୍ତ ସ୍ଥାନରେ କ୍ୟାମ୍ପ କରିଥିଲା। ଘଟଣାସ୍ଥଳରେ ବନବିଭାଗର ଏସିଏଫ ବି.ସି. ରାଉଳ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ମତ ଲୋଡିବାରୁ ବନବିଭାଗ କର୍ମଚାରୀ ମାନେ ସକାଳ ପ୍ରାୟ ୬ଟାରୁ ହାତୀପଲକୁ ଉଡାଇବାରେ ନିୟୋଜିତ ରହିଛନ୍ତି। ଲୋକଙ୍କ ଯେପରି କୌଣସି କ୍ଷତି ନ ହେବ ଓ ହାତୀମାନେ ସୁରକ୍ଷିତ ସ୍ଥାନକୁ ଯିବେ ସେ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ଜୀବନଟା କେବଳ କେତେଗୁଡ଼ିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।
- ମାର୍କ ଟ୍ୱେନ



## ସଂକ୍ଷେପରେ

### ସରକାରୀ ଯୋଜନା ନେଇ ଜନସଚେତନତା

**ଦେଓଗାଁ,୨୧।୧୨ଡି.ଏନ.ଏ):** ଦେଓଗାଁ ବ୍ଲକ ସଦର ଗ୍ରାମ ପଞ୍ଚାୟତରେ ଶୁକ୍ରବାର ୭ବରିଷ୍ଠ କଳାକାରଙ୍କୁ କଳାକାର ଭତ୍ତା ସହ ୫୬ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ଇଓ ହେମନ୍ତ ବିଭାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନିତ ଅତିଥି ସରପଞ୍ଚ ନିନା ଛତ୍ରୀୟା, ସମିତିସଭ୍ୟ ଜନ୍ମେଜୟ ସାହୁ, ସହକାରୀ ଯନ୍ତ୍ରୀ ଅକ୍ଷୟ ବେହେରା, ପର୍ଯ୍ୟବେକ୍ଷକଭାବେ ବିଡିଓ ଶଙ୍କର ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନା ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଜିପିଓ ନିଳକଣ୍ଠ କାଲସାଏ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ହାତିସରା, ଗାଇବାହାଲ, ଉଡାର ଓ ସିଙ୍କୁଆଁ ପଞ୍ଚାୟତ ମାନଙ୍କରେ ମଧ ତଦୃପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ଧାନ ବୋଝେଇ ଟ୍ରକ ଓଲଟିଲା

**ଦେଓଗାଁ, ୨୧।୧୨ଡି.ଏନ.ଏ.):** ବରଗଡ-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସାଗରପାଲି ନିକଟସ୍ଥ ଏଗାର ମାଇଲଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଧାନ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି। ଧାନବସ୍ତାଗୁଡିକୁ ଅନ୍ୟ ଏକ ଟ୍ରକରେ ଲୋଡ କରି ମିଲକୁ ନିଆଯାଇଛି। ପ୍ରକାଶ ଯେ, ପଟୁଆପାଲି ଧାନମଣ୍ଡିରୁ ଗୁରୁବାର ସନ୍ଧ୍ୟାରେ ଟ୍ରକ ନଂ(ସିଜି ୦୬ ବି ୨୨୮୮)ରେ ଧାନବସ୍ତା ବୋଝେଇ ହୋଇ ଟିଟିଲାଗଡ ସାବିତ୍ରୀ ରାଇସ୍ ମିଲକୁ ଆସୁଥିଲା। କୌଣସି କାରଣରୁ ଭାରସାମ୍ୟ ହରାଇ ଟ୍ରକଟି ରାଜପଥ କଡକୁ ପଶିଯାଇ ଓଲଟି ପଡିଥିଲା। ବିଭାଗୀୟ ଅବହେଳା ଯୋଗୁଁ ପୁରୁଣା ଟ୍ରକମାନଙ୍କରେ ଆବଶ୍ୟକତାରୁ ଅଧିକ ମାଲ ବୋଝେଇ ହେଉଥିବାରୁ ଏଭଳି ଦୂର୍ଘଟଣା ଘଟୁଛି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୁଣା ମାଲ ବୋଝେଇ ଭାରୀଯାନମାନଙ୍କର ସ୍ୱତନ୍ତ୍ର ଭାବେ ଯାଞ୍ଚ ହେବା ଦରକାର ବୋଲି ମତପ୍ରକାଶ ପାଇଛି।

### ଆତ୍ମରକ୍ଷା ତାଲିମ ଶିବିର

**ଲାଠୋର, ୨୧।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପ୍ରଶନ୍ନ କୁମାର ଦାଶଙ୍କ ଅଧକ୍ଷତାରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥିଭାବେ ଲାଠୋର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୌମ୍ୟରଞ୍ଜନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ବାରିକ, କପିଳ ସୁନା, ପ୍ରକାଶ ଚନ୍ଦ୍ର ବେହେରା, ପାର୍ଥବ ଭୁଏ, ରମେଶ ଚନ୍ଦ୍ର ପୁରୋହିତ ଉପସସ୍ଥିତ ଥିଲେ। ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିଲା।





ଦେଓଗାଁ ସାଗରପାଲି କଲୋନୀ ନିକଟସ୍ଥ ଏକ ବୁଦାମୂଳରେ ହାତୀମାନେ ଅଟକି ରହିଛନ୍ତି (ବାମ)। ହାତୀ ଘଉଡାଇବା ପାଇଁ ବନ ବିଭାଗ ପ୍ରୟାସ ଚଳାଇଛି।

# ହାତୀ ଘଉଡ଼ାଇବାରେ ବନ ବିଭାଗ ନାକେଦମ

**ଦେଓଗାଁ,୨୧।୧୨ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁରେ ଶୁକ୍ରବାର ହାତୀ ଉପଦ୍ରବରେ ଲେକେ ଆତଙ୍କିତ ହୋଇଛନ୍ତି। ସକାଳରୁ କିଛି ଲୋକେ ୭ ବଡ ଓ ୫ଟି ଛୋଟ ହାତୀ ରେଳଧାରଣା ପାରିହେଉଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ଉଦ୍ୟମ ଆରମ୍ଭ କରିଥିଲେ। ହେଲେ ଲୋକଙ୍କ ଭିଡବୃଦ୍ଧି ଯୋଗୁଁ ହାତୀପଲ ସେହି ଗୋଟିଏ ସ୍ଥାନରେ ଦିନତମାମ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ତେବେ ରାତି ୯ଟା ବେଳକୁ ସେମାନେ ଦିନପାଲି ଗାଁ ମୁଣ୍ଡରେ ଥିବା ବରଗଛ ମୂଳରେ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀପଲ ଘଉଡାଇବାକୁ କର୍ମଚାରୀଙ୍କୁ ସେଠାକୁ ପଠାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ଖବର ଅନୁସାରେ ଏହି ହାତୀପଲ ଭୀମପାହାଡ ଅଞ୍ଚଳରୁ ଉପରଝର ଦେଇ ଶିରାବାହାଲକୁ ଆସିଥିଲେ। ସେଠାରୁ ସକାଳୁ ରେଳଧାରଣା ପାରହୋଇ ଦେଓଗାଁ ସାଗରପାଲି କଲୋନୀ ଓ ମାଁ ଷ୍ଟୋନ କ୍ରଶର ନିକଟକୁ ଆସିବା ବେଳେ ଲୋକଙ୍କ ଭିଡ ଜମିବା ଦେଖି ସେଠାରେ ଥିବା ଗଛ ଓ ବୁଦା ଘେରରେ ଅଟକି ରହିଛନ୍ତି। ଏହି ହାତୀଙ୍କ ଉପଦ୍ରବ ଯୋଗୁଁ ଶିରାବାହାଲର କେତେକ ଚାଷୀଙ୍କ ଧାନଚ ଓ ପନିପରିବାଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ କୁନ୍ଦେଇମାଲ, କୁକୁରଖାଇ, ଭୀମପାହାଡ ତଥା ଉପରଝର, ଫଟାମୁଣ୍ଡା ଅଞ୍ଚଳରେ ଚାଷୀଙ୍କ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିହୋଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସାଗରପାଲି କଲୋନୀପଡାଠାରୁ ଆରମ୍ଭ କରି ଘୁଟିପାଲି, ରାଏପାଲି, ଶିରାବାହାଲ, ଝାରମୁଣ୍ଡା ଆଦି ଅଞ୍ଚଳରେ ଲୋକେ ଆତଙ୍କିତ ଆବସ୍ଥାରେ ରହିଛନ୍ତି। ହାତୀ ଆତଙ୍କ ଖବର ପରେ କେହି ପାଖ ଜଙ୍ଗଲ ଏପରିକି ଚାଷୀ ନିଜ ଚାଷ ଜମିକୁ ମଧ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି। ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଫରେଷ୍ଟର ବାବୁଲାଲ ଦାଶ, ଗୁଡଭେଲା ଫରେଷ୍ଟର ଚିତ୍ତ ଖମାରୀ, କୁଡାସିଂହା ଫରେଷ୍ଟର ସୁଦାମ ଚରଣ ମିଶ୍ର, ସଇଁତଲା ଫରେଷ୍ଟର ଆର.କେ. ହରପାଲ ଓ ବଲାଙ୍ଗୀର ଏପିଆର ଟିମ ତଥା ଦେଓଗାଁ ଓ ସଇଁତଲାର ସମସ୍ତ ବନକର୍ମଚାରୀ ହାତୀ ଘଉଡାଇବା ପାଇଁ ଦିନତମାମ ଉଦ୍ୟମ ଜାରି ରଖିଛନ୍ତି। ତେବେ ଚାରିପଟେ ଦେଖଣାହାରୀଙ୍କ ଭିଡ ଯୋଗୁଁ ହାତୀପଲ ଗଛଙ୍କ ଘେରରୁ ବାହାରକୁ ବାହାରି ନ ଥିଲେ। ବନ ବିଭାଗ ଉକ୍ତ ସ୍ଥାନରେ କ୍ୟାମ୍ପ କରିଥିଲା। ଘଟଣାସ୍ଥଳରେ ବନବିଭାଗର ଏସିଏଫ ବି.ସି. ରାଉଳ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ମତ ଲୋଡିବାରୁ ବନବିଭାଗ କର୍ମଚାରୀ ମାନେ ସକାଳ ପ୍ରାୟ ୬ଟାରୁ ହାତୀପଲକୁ ଉଡାଇବାରେ ନିୟୋଜିତ ରହିଛନ୍ତି। ଲୋକଙ୍କ ଯେପରି କୌଣସି କ୍ଷତି ନ ହେବ ଓ ହାତୀମାନେ ସୁରକ୍ଷିତ ସ୍ଥାନକୁ ଯିବେ ସେ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

**ଦେଓଗାଁ ବ୍ଲକ**

- ଦିନସାରା ଗୋଟିଏ ସ୍ଥାନରେ ଅଟକି ରହିଲେ ହାତୀପଲ
- ରାତିରେ ଦିନପାଲି ଗାଁ ପାଖକୁ ଗଲେ
- ଭୟରେ ଖେତକୁ ଯାଉ ନାହାନ୍ତି ଚାଷୀ
- ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପ୍ରୟାସ ଜାରି ରହିଛି: ବନ ବିଭାଗ

## ରାଜ୍ୟସ୍ତରୀୟ ମହିଳା ଫୁଟବଲ: ଫାଇନାଲରେ ସମ୍ବଲପୁର

**ସଇଁତଲା, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିସକେଲାଠାରେ ଚାଲିଥିବା ମା' ଘଣ୍ଟାଶୁଣୀ ଅଲ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ଖେଳରେ ବିଜୟୀ ହୋଇ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୧-୦ ଗୋଲରେ ଝାରସୁଗୁଡ଼ାକୁ ହରାଇ ବିଜୟୀ ହୋଇଥିଲା। ବିନୋଦ ବିହାରୀ ବେହେରା, ଜିତେନ୍ଦ୍ର ଜାଲ, ରାଜେଶ ପୋଢ଼, ଡ଼ମ ବଗର୍ତ୍ତୀ ଓ ରାଜୁ ସାହୁ ଖେଳ ପରିଚାଳନା କରିଥିବାବେଳେ ପୁରନ୍ଦର ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଶିସକେଲା ଟାଇଗର ଜିନ୍ଦା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ବଲାଙ୍ଗୀର ଜିଲା ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ ମୁଖ୍ୟ ଅତିଥି, ଶିସକେଲା ସରପଞ୍ଚ ଉମାକାନ୍ତ ରଣା, ବେଲଗାଁ ସମିତି ସଭ୍ୟ ଦୀପକ ଅଗ୍ରୱାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସଭାପତି ଟିଙ୍କୁ ରଣା, ସମ୍ପାଦକ ପପୁ ରଣା, ଅଜିତ ହାତୀ, ଟିକେଶ୍ୱର ବେହେରା, ଗୁଣନିଧି ମାଝୀ, ବିଶିକେଶନ ରଣା, ବବଲୁ ବେହେରା, ପିଣ୍ଟୁ ରଣା, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଗର୍ଭାବସ୍ଥାରେ ଏଚ୍ଆଇଭି ପରୀକ୍ଷା କରିବାକୁ ଗୁରୁତ୍ୱ

**ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ)**

ଖପ୍ରାଖୋଲ ଅଙ୍ଗନଓାଡି କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗ୍ରାମ୍ୟ ସ୍ୱାସ୍ଥ୍ୟ ପୃଷ୍ଟି ଦିବସ ଅବସରରେ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ପ୍ରହଲାଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ତରଣି ସୁନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଲଚନ୍ଦ୍ର ଛତ୍ରିଆ, ଏବିଇଓ ମିନକେତନ ବରିହା, ଆୟୁଷ ଡାକ୍ତର ଅଂଶୁପା ଭୋଇ, ଏନସିଡିସି ମୀତାରାଣି ଦାଶ ପ୍ରମୁଖ ଯୋଗଦେଇ ଏଚଆଇଭି ଓ ସିଫିଲିସ ସଂକ୍ରମଣଠାରୁ ଗର୍ଭବତୀ ମହିଳାମାନେ କିଭଳି ସୁରକ୍ଷିତ ରହିପାରିବେ ସେ ନେଇ ଆଲୋକପାତ କରିଥିଲେ। ଗର୍ଭାବସ୍ଥାରେ ମହିଳାମାନେ ଏଚଆଇଭି ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଙ୍ଗନବାଡି, ଆଶା, ସ୍ୱାସ୍ଥ୍ୟ କର୍ମୀ ଓ ବହୁ ଗର୍ଭବତୀ ମହିଳା ଉପସ୍ଥିତ ଥିଲେ।



ଖପ୍ରାଖୋଲ ଅଙ୍ଗନୱାଡି କେନ୍ଦ୍ରରେ ଏଚ୍ଆଇଭି ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ବଙ୍ଗୋମୁଣ୍ଡା, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଶୋଭେନ୍ଦ୍ର କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇତିହାସ ବିଭାଗର ମୁଖ୍ୟ ସୀତାରାମ ପାଣିଗ୍ରାହୀ, ଶିକ୍ଷା ବିଭାଗର ମୁଖ୍ୟ ଆଲୋକ କୁମାର ରଥ, ଇଂଲିଶ ବିଭାଗର ମୁଖ୍ୟ ନଟବର ବେହେରା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜରେ ଘଟୁଥିବା ଅସାମାଜିକ କାର୍ଯ୍ୟର କିପରି ଛାତ୍ରୀମାନେ ମୁକାବିଲା କରିବେ ତାହା ଉପରେ ବକ୍ତାମାନେ କହିଥିଲେ। ଶିବିର ପରିଚାଳନାରେ ଜୟନ୍ତୀ ଖୁଣ୍ଟିଆ, ସୁରେଶ୍ୱରୀ ବାଗ, ଅଧାପକ ଭାସ୍କର ମେହେର, ଡିଲେଶ୍ୱର ନିଆଲ, କିରାଣୀ ଭୁଷଣ ମେହେର, ଚୟ ପ୍ରକାଶ ମେହେର, ଦେବରାଜ ମେହେର, କ୍ଷୀରସିନ୍ଧୁ ରଣା, ବନିତା ସାହୁ, ମଧୁମିତା ମେହେର, ତେଜେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷିକା ଦାୟିତ୍ୱରେ ରହିଥିଲେ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟର ସୁଶ୍ରୀ ଯଜ୍ଞସେନୀ ମାଝୀ ଓ ପଲ୍ଲବୀ ସାଗର। ଖେଳ ଶିକ୍ଷକ ଜୟପ୍ରକାଶ ସାହୁଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଶିଶୁ ମହୋତ୍ସବର କବିତା ଆବୃତ୍ତି କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

■ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦ୍ଯାପିତ

## ୧୨ ବିଦ୍ୟାଳୟର ୮୬ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରା ପଦର ପଞ୍ଚାୟତ ହାଇସ୍କୁଲଠାରେ ଓଷ୍ଟା ତରଫରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଷ୍ଟାର ଜିଲା ସମ୍ପାଦକ କୁଶଧ୍ୱଜ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖପ୍ରାଖୋଲ ହାଇସ୍କୁଲ ପ୍ରଧାନଶିକ୍ଷକ ସାରଙ୍ଗଧର ଠାକୁର, ମହରାପଦର ସରପଞ୍ଚ ନୀଳିମା ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୧୨ଟି ବିଦ୍ୟାଳୟର ୮୬ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ଗଳ୍ପ ଲିଖନ, କବିତା ଲିଖନ, ନାଚ, ଗୀତ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, ଏକକ ଅଭିନୟ ଏବଂ କବିତା ଆବୃତି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ଓଷ୍ଟା ବ୍ଲକ ସଭାପତି ନବକିଶୋର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନା, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ସମ୍ମାନିତ ଅତିଥିଭାବେ ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ ପ୍ରମୁଖ ଯୋଗଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିବା ଜଣାଯାଇଛି। କାର୍ଯ୍ୟକ୍ରମକୁ ଓଷ୍ଟା ବ୍ଲକ ସମ୍ପାଦକ ଅଜୟ ଭୋଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଦାଶ, ଅଞ୍ଜନା ଜେନା, ରମେଶ ସାହୁ, ଗୋପାଳ ବେହେରା, ରମେଶ ମହାନ୍ତି, ଗୌରାଙ୍ଗ ଦାଶ, ସମ୍ପିତ ଭୋଇ, ନରହରି ବଳ, ଭୁବନେଶ୍ୱର ପୃଷ୍ଟି ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ମିର୍ଦ୍ଧାପାଲିରେ ପିଠା ପ୍ରସ୍ତୁତି ନେଇ ଯୁକ୍ତିତର୍କ

**ବଲାଙ୍ଗୀର ଅଫିସ, ୨୧।୧୨**

ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚିକଲବାହାଲ, ଖୁଣ୍ଟପାଲି, ମାୟାବର୍ହା ଓ ମିର୍ଦ୍ଧାପାଲି ଗ୍ରାମପଞ୍ଚାୟତରେ ଗୁରୁବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ସଦର ବ୍ଲକ୍ ଅଧକ୍ଷ ଗୋଲାପ ବାଗ, ଉପାଧକ୍ଷ ଯଶୋବନ୍ତୀ ବଘାର, ଜିଲା ପରିଷଦ ସଭ୍ୟ ସତ୍ୟ ନାରାୟଣ ଭୋଇ, ବିଡିଓ ପ୍ରଭାତ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନୱାଡି, ଏସଏଚ୍‌ଜି ମହିଳା ସଦସ୍ୟା ଓ ଜନସାଧାରଣ ଯୋଗଦାନ କରିଥିଲେ। ତେବେ ମିର୍ଦ୍ଧାପାଲିଠାରେ ପିଠା ତିଆରି କରିବା ନେଇ ଏସଏଚ୍‌ଜି ମହିଳା ସଦସ୍ୟାଙ୍କ ଭିତରେ ଅସନ୍ତୋଷ ଦେଖାଦେଇଥିଲା। ପିଠା ତିଆରି ନେଇ ବ୍ଲକ୍ ଅଫିସରୁ ଦୁଇଟି ଏସଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଥିବା କୁହାଯାଇଥିଲେ ମଧ ଅଙ୍ଗନୱାଡି କର୍ମୀମାନେ ଏହି ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁରେ ଥିବା ଏସଏଚଜିକୁ ପିଠା କରିବାକୁ କୁଆଡେ କହିଦେଇଥିଲେ। ଫଳରେ ୨୨ରୁ ଊର୍ଦ୍ଧ୍ୱ ଏସଏଚ୍‌ଜି ସଦସ୍ୟାମାନେ ପିଠା ପ୍ରସ୍ତୁତ କରି କାର୍ଯ୍ୟକ୍ରମକୁ ଆଣିଥିଲେ। ବ୍ଲକ୍ ତରଫରୁ ଦୁଇଟି ଏସଏଚ୍‌ଜିକୁ ପିଠା ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିଲା ଓ ସେମାନଙ୍କୁ କେବଳ ପିଠା ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ମିଳିବ ବୋଲି ପ୍ରଚାର ହେବା ପରେ ସେଠାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ହେବା ସହ କାର୍ଯ୍ୟକ୍ରମରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସମସ୍ତ ଏସଏଚ୍‌ଜିକୁ କିଛି ଆର୍ଥିକ ସହାୟତା ଦେଇ ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ପରିସ୍ଥିତି ଶାନ୍ତ ପଡି ନ ଥିଲା ଓ ବହୁ ଏସଏଚ୍‌ଜି ମହିଳା ଅସନ୍ତୋଷ ପ୍ରକାଶ କରି ଫେରିଥିବା ଜଣାପଡିଥିଲା। ଏଠାରେ ପିଠା କାର୍ଯ୍ୟକ୍ରମର ଏଭଳି ସ୍ଥିତି ଚର୍ଚ୍ଚାର ବିଷୟ ହୋଇଛି।

# ଅବ୍ୟବସ୍ଥାରେ ୯୦ବର୍ଷର ପୁରୁଣା ହାଟ

**ଲାଠୋର,୨୧।୧୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରଠାରେ ଥିବା ୯୦ବର୍ଷର ପୁରୁଣା ସାପ୍ତାହିକ ହାଟ ଏବେ ନାନା ଅବ୍ୟବସ୍ଥା ମଧଦେଇ ଗତି କରୁଛି। ଏଠାରେ ସପ୍ତାହକୁ ଦୁଇଦିନ ହାଟ ବସିଥାଏ। ଗୋରୁ ହାଟ କେବଳ ବୁଧବାର ବସୁଥିବା ବେଳେ କୃଷି ହାଟ ବୁଧ ଓ ରବିବାର ଦୁଇଦିନ ବସିଥାଏ। ହେଲେ ଏଠାକାର ଅବସ୍ଥା ଯେପରି ଅବସ୍ଥାରେ ଅଛି ସେଥିରେ ଉଭୟ ବ୍ୟବସାୟୀ ଓ ଗ୍ରାହକ ଉଭୟେ ଅସୁବିଧାରେ ପଡୁଛନ୍ତି। କଂକ୍ରିଟୀକରଣ ଓ ପିଣ୍ଡି ହୋଇ ନ ଥିବାରୁ ହାଟକୁ ଆସୁଥିବା ବ୍ୟପାରୀମାନେ ତଳେ ବସି ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି। ବର୍ଷା ହେଲେ କଥା ସରିଲା। ପାଣି ଜମି କାରବାରରେ ବାଧା ଉପୁଜେ। କ୍ରୟ କରିବାକୁ ଆସୁଥିବା ଲୋକେ ବି ହଟହଟା ହୋଇଥାନ୍ତି। ସେହିପରି ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଗ୍ରାହକ ଓ ବେପାରୀ ଉଭୟେ ହଇରାଣରେ ପଡିଥାନ୍ତି। ଗ୍ରୀଷ୍ମଦିନେ ଅବସ୍ଥା ସଂଘାତିକ ହୋଇଥାଏ। ସବୁଠାରୁ ବଡ ସମସ୍ୟା ହେଲା ହାଟ କିମ୍ବା ଏହାର ଆଖପାଖରେ ଗୋଟିଏ ବି ହେଲେ ଶୌଚାଳୟ ନାହିଁ। ପୁରୁଷ ଲୋକେ ଖୋଲା ସ୍ଥାନରେ ପରିସ୍ରା କରୁଥିବା ବେଳେ ମହିଳାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛନ୍ତି। ଏ ସବୁ ସମସ୍ୟା ସହ ହାଟ ପାଇଁ ଉଦ୍ଦିଷ୍ଟ ସ୍ଥାନ ଅତି ସଂକୀର୍ଣ୍ଣ ଅବସ୍ଥାରେ ରହିଛି। ଯେତିକି ବି ସ୍ଥାନ ଅଛି ସେଥିରୁ ଅଧା ରେଲୱର ହୋଇଥିବା ବେଳେ ଅନ୍ୟ ଅଂଶ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବା କୁହାଯାଉଛି। ସର୍ବୋପରି ହାଟଘର ନ ଥିବାରୁ ବର୍ଷା ପବନ ହେଲେ ହାଟକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଲାଠୋର ଗଡଜାତ ଅଞ୍ଚଳ ଥିବାବେଳେ ୧୯୨୮ ଏପ୍ରିଲ ୧ ତାରିଖରେ ଗ୍ରାମର ସ୍ୱର୍ଗତ ଶିବ ପ୍ରସାଦ ନାଏକ, ରାଜେନ୍ଦ୍ର ପ୍ରସାଦ ପୁରୋହିତ, ମୁନିରାମ ବାଗ, କେଶ ସୁନା, ଅର୍ଜୁନ ମେହେର, ଋଷି ମେହେର, ଲକ୍ଷ୍ମଣ ମେହେର, ଶୁକୃ ଭଇଁଷାଲ, ଗଜାନନ ଶର୍ମାଙ୍କ ଉଦ୍ୟମକ୍ରମେ ଜଗନ୍ନାଥ ମନ୍ଦିର ପ୍ରଙ୍ଗଣରେ ପ୍ରଥମ ହାଟ ବସିଥିଲା। ଉକ୍ତ ହାଟକୁ ୧୯୪୮ମସିହା ଏପ୍ରିଲ ୧ତାରିଖ ଗ୍ରାମର ଦୁର୍ଗାମଣ୍ଡପ ପ୍ରାଙ୍ଗଣକୁ ଆଣି ସ୍ଥାପନ କରାଯାଇଛି। ପ୍ରଥମରୁ ସପ୍ତାହର ରବିବାର ଏବଂ ବୁଧବାର କୃଷି ହାଟ ହେଉଥିଲା। ପରେ ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ଋଷି ନାଏକଙ୍କ ଉଦ୍ୟମରେ ୧୯୭୪ ଜାନୁୟାରୀ ୯ ତାରିଖ ବୁଧବାର ଦିନ କୃଷି ହାଟ ସହ ଗୋରୁ ହାଟ ଆରମ୍ଭ କରାଗଲା। ସରା ପଶ୍ଚିମ ଓଡିଶାରେ ଏହି ହାଟର ନାଁ ରହିଛି। ପ୍ରଥମରୁ ଆଜି ଯାଏଁ ଏହି ସାପ୍ତାହିକ କୃଷି ଏବଂ ଗୋରୁ ହାଟ ପଞ୍ଚାୟତ ହାତରେ ନ୍ୟସ୍ତ ରହିଛି। ବର୍ତ୍ତମାନ ଏହି ହାଟରୁ ବାର୍ଷିକ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଟିକସ ଆକାରରେ ପଞ୍ଚାୟତ ତହବିଲକୁ ଆସୁଛି। ହେଲେ କର୍ତ୍ତୃପକ୍ଷ ହାଟର ଉନ୍ନତୀକରଣ ଦିଗରେ କୌଣସି ପ୍ରକାର ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଥିଲା ଭଳି ମନେ ହେଉନାହିଁ। ଏ ନେଇ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ କହିଛନ୍ତି ଯେ, ହାଟ ସମସ୍ୟା ନେଇ ପ୍ରଶାସନକୁ ଅବଗତ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ୟାର ଦୂରୀକରଣ କରାଯିବ। ସେହିପରି ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ କହିଛନ୍ତି ଯେ, ପଞ୍ଚାୟତ ଉକ୍ତ ସମସ୍ୟାଗୁଡିକର ସମସ୍ୟା ସମାଧାନ କରିବା କଥା। ତଥାପି ବ୍ଲକ ପ୍ରଶାସନ ଉକ୍ତ ସମସ୍ୟାଗୁଡିକର ସମାଧାନ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବ।



- ପିଣ୍ଡି ନାହିଁ, ତଳେ ବସି ବିକୁଛନ୍ତି ବ୍ୟବସାୟୀ
- ବର୍ଷା ହେଲେ ହାଟରେ ଜମୁଛି ପାଣି
- ପାନୀୟ ଜଳର ବ୍ୟବସ୍ଥା ନାହିଁ
- ଶୌଚାଳୟ ନ ଥିବାରୁ ଭୁଶୁଡୁଛି ପରିମଳ ବ୍ୟବସ୍ଥା
- ବ୍ୟବସାୟୀଙ୍କ ଜୀବିକା ଉପରେ ପ୍ରଭାବ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ନିଜ ମନକୁ ଅଜ୍ଞାନରୁ ମୁକ୍ତ କର ଏବଂ ସତ୍ୟକୁ ଖୋଜିବା ପାଇଁ ଜିଜ୍ଞାସୁ ହୁଅ।
- ବୁଦ୍ଧଦେବ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

ଲହୁଣୀପଡା,୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ କରୁଆଧରଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସ୍ୱୟମ୍ଭା ପଞ୍ଚାୟତ ଟୋପାଡିହି ଗ୍ରାମର ମାସି ପ୍ରକାଶ ମୁଣ୍ଡା (୩୬) ତାଙ୍କ ସ୍ତ୍ରୀ ହେଲେନ (୩୫), ଝିଅ ନିରାନ୍ତି (୨)ଙ୍କୁ ବାଇକ୍ (ନଂ.ଓଡି୧୪-୨୫୮୨) ଯୋଗେ ବିମଳଗଡ ଷ୍ଟେଟ ବ୍ୟାଙ୍କକୁ ଆସୁଥିଲେ। ଚୋରଧରା ପଞ୍ଚାୟତ ଗଗନାପୋଷ ଗ୍ରାମର ସେଗେନ ଭେଙ୍ଗରା ବାଇକ୍ ଯୋଗେ ଜାମୁଡିହି ଯାଉଥିବା ବେଳେ ୨୧୫ ନମ୍ବର ଜାତୀୟ ରାଜପଥ କରୁଆଧରଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ୪ ଜଣ ରାସ୍ତା ଉପରେ ଛିଟିକି ପଡି ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ମାସି ପ୍ରକାଶ ଓ ସେଗେନ ଗୁରୁତର ଆହତ ହୋଇଥିଲେ । ୪ ଜଣ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଲହଣୀପଡା ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ମାସି ପ୍ରକାଶଙ୍କ ମୃତ୍ୟୁ ଘଟିଥିବା ବେଳେ ସେଗେନ ଭେଙ୍ଗରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

### ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପଦକ୍ଷେପ

# ସର୍ବୋଦୟ ପରିଷଦରୁ ୭ ଶିଶୁ ଉଦ୍ଧାର

ନୂଆପଡା ଅଫିସ,୨୧।୧୨

ନୂଆପଡା ଜିଲା ସଦର ମହକୁମାରେ ସ୍ଥାନୀୟ ସର୍ବୋଦୟ ପରିଷଦରୁ ବେଆଇନ ଭାବେ ରଖାଯାଇଥିବା ୭ଜଣ ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା ବିଭାଗ ଉଦ୍ଧାର କରିଛି। ସେମାନଙ୍କୁ ସ୍ଥାନୀୟ ଗୁରୁକୁଳ ଆଶ୍ରମରେ ରଖାଯାଇଥିବା ପ୍ରକାଶ। ଏମାନଙ୍କ ମଧ୍ୟରୁ ଦୁଇ ଜଣ ଛତିଶଗଡର ହୋଇଥିବାବେଳେ ବାକି ୫ଜଣ ଜିଲାର ବିଭିନ୍ନ ବ୍ଲକର ବୋଲି ଜଣାପଡିଛି। ଏମାନେ ଏଠାରେ ରହୁଥିବାବେଳେ ସ୍ଥାନୀୟ ବିଦ୍ୟାଳୟରେ ପାଠ ପଢୁଥିଲେ ।

ପ୍ରକାଶ ଯେ, ସର୍ବୋଦୟରେ ବେଆଇନ ଭାବେ ୭ଜଣ ଶିଶୁଙ୍କୁ ରଖାଯାଇଥିବା ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ସକାଳେ ଚଢାଉ କରିଥିଲା । ସେଠାରୁ ୭ଜଣଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କୁ ପ୍ରଥମେ ଜଲା ଶିଶୁ କଲ୍ୟାଣ ସମିତିରେ ହାଜର କରାଯିବା ପରେ ସ୍ଥାନୀୟ ଆମସେନା ଗୁରୁକୁଳରେ ରଖାଯାଇଥିବାବେଳେ ଆହୁରି କେତେଜଣଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇଥିବା ଶିଶୁ ସୁରକ୍ଷା ଅଧିକାରୀ ରଥ ପ୍ରକାଶ କରିଛନ୍ତି । ଏଥିରେ ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ରମେଶ ଭୋଇ, ସଦସ୍ୟ କୁମୁଦ ହୋତା, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହା ଉପରେ ସର୍ବୋଦୟ ପରିଷଦ ମୁଖ୍ୟ ପାର୍ବତୀ ମଲ୍ଲିକଙ୍କୁ ପଚାରିବାରେ ଆଜିକୁ ୨୮ବର୍ଷ ଧରି ଏହା ଚାଲିଛି। ଆଜିକୁ ୩/୪ବର୍ଷ ଧରି ସରକାରୀ ଅନୁଦାନ ମିଳୁ ନ ଥିବାରୁ ଏଥିରେ ପିଲା ସଂଖ୍ୟା କମ କରି ଦେଇଛୁ । ଏ ସମ୍ପର୍କରେ ବିଭିନ୍ନ ସମୟରେ ବିଭାଗକୁ ଜଣାଇଦେଇଛୁ। ଏହାକୁ ବହୁ ସରକାରୀ ଏବଂ ବେସରକାରୀ ବଦାନ୍ୟ ବ୍ୟକ୍ତିମାନଙ୍କ ସହାୟତାରୁ ପିଲାମାନଙ୍କୁ ରଖିଥିଲୁ । ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଅଧିକାରୀମାନେ ନେଇଥିବା ପ୍ରକାଶ କରିଛନ୍ତି।



ଜିଲା ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ଉଦ୍ଧାର କରାଯାଇଥିବା ଶିଶୁମାନେ ।

### ଧର୍ମଗଡ଼ ମହିଳା ଡିଗ୍ରୀ କଲେଜ

# ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

ଧର୍ମଗଡ,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ମହିଳା ଡିଗ୍ରୀ କଲେଜରେ ଗତ ଦୁଇ ସପ୍ତାହ ଧରି ଚାଲିଥିବା ଆତ୍ମସୁରକ୍ଷା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧକ୍ଷ୍ୟା ମୂର୍ତ୍ତି ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଦିବସରେ ଧର୍ମଗଡ ଏନଏସି ଅଧକ୍ଷ୍ୟା ସୁଶ୍ରୀ ହୀରା ବାଗ ଯୋଗଦେଇ ଆତ୍ମସୁରକ୍ଷାର ମହତ୍ୱ ସମ୍ପର୍କରେ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ଜୁନିୟର କଲେଜର ଅଧକ୍ଷ୍ୟା ପ୍ରିୟମ୍ବଦା ଚାନ୍ଦ ଯୋଗଦେଇଥିବା ବେଳେ ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସରୋଜ ମେହେର, ପଦ୍ମାଳୟା ଦଣ୍ଡସେନା, ଜୟନ୍ତୀ କୁମାରୀ ମୁଦୁଲି, ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ଗୌତମୀ ନାଏକ ଓ ବିନୁ ନାଏକ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କଲେଜ ପିଇଟି ସୋଦନ ନାଏକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ହିମାଂଶୁ ସା, ଜୟସେନ ପଟେଲ, କୁନୁ ପ୍ରଧାନି, ଫୁଲ ଦେଇ ପ୍ରମୁଖ ସହଯୋଗ କରିଥିଲେ ।




ଆତ୍ମସୁରକ୍ଷା ଶିବିର ଉଦ୍‌ଯାପନୀରେ ଅତିଥିଙ୍କ ସହ ଛାତ୍ରୀମାନେ ।

### ୩ ବାଇକ୍ ମଧ୍ୟରେ ଧକ୍କା: ୬ ଆହତ

ବଡଗାଁ,୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ମହାବୀର ଛକ ନିକଟରେ ଶୁକ୍ରବାର ଅପରାହ୍ନ ୨ଟାରେ ୩ ବାଇକ ମଧ୍ୟରେ ଧକ୍କା ହୋଇ ୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ପରମା ଖଡିଆ (୧୧), ଡୁଡୁଙ୍ଗପଡାର ଦିନେଶ ଇନ୍ଦୁଆର (୨୧), ଆସବିନ, ବେହେରାମାଲ ଗ୍ରାମର ସଞ୍ଜିତ ନାଏକ (୨୨), ବାଲିପୋଷ ଗ୍ରାମର ସୁନୀଲ ମିଞ୍ଜ, ପ୍ରଶାନ୍ତ ଜୟପୁରିଆ । ସୂଚନାନୁଯାଇ, ଚଳନାମୁଣ୍ଡା ପଡାର ଗଳି ରାସ୍ତାରୁ ଏସଏଚ-୧୦କୁ ଏମାନଙ୍କ ମଧ୍ୟରେ ଏକ ବାଇକ ଚାଳକ ହଠାତ୍ ଆସିଯିବାରୁ ବଡଗାଁ ପଟକୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା । ଏହି ସମୟରେ ପଛପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ମଧ୍ୟ ପିଟି ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ନିର୍ବାଚନ ସଭା

ଭବାନୀପାଟଣା,୨୧।୧୨(ଡି.ଏନ.ଏ.)

ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ଡିଭିଜନସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇ ଆଗାମୀ ବର୍ଷ ପାଇଁ ନିର୍ବାଚନ ହୋଇଥିଲା। ନିର୍ବାଚନୀରେ ପଦ୍ମନାଭ ପାଢି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ସଂଘ ଉପସଭାପତି ଖଗପତି ସାହା, ଦାନିଏଲ ବାଗ, ଚିତ୍ତରଞ୍ଜନ ପଣ୍ଡା, ସୁଦର୍ଶନ ଚଲାନ, ଦୁର୍ଗାମାଧବ ପଣ୍ଡା, ଭବାନୀଶଙ୍କର ସାହୁ, ରମେଶଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରରମ୍ଭରେ ୨୦୧୮ରେ ଅକାଳ ବିୟୋଗ କରିଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆଗାମୀ ୨୦୧୯ ପାଇଁ ସାଙ୍ଗଠନିକ ନିର୍ବାଚନ ହୋଇଥିଲା। ବିଦ୍ୟୁତ ଶ୍ରମିକ କର୍ମଚାରୀ କଳାହାଣ୍ଡି ଶାଖାର ପୂର୍ବ ଓ ପଶ୍ଚିମ ଡିଭିଜନ ସମ୍ପାଦକ ରୂପେ ଭବାନୀଶଙ୍କର ସାହୁ ଓ ରମେଶଚନ୍ଦ୍ର ପଣ୍ଡା ମନୋନିତ ହୋଇଥିଲେ । ଯୁଗ୍ମ ସମ୍ପାଦକ ଭାବରେ ନିଗମାନନ୍ଦ ଦାସ ଓ ଅଜୟ କୁମାର ସିଂ ନିର୍ବାଚିତ ହୋଇଥିଲେ। ଉକ୍ତ ସଭାରେ ସଙ୍ଗଠନକୁ ସୁଦୃଢ କରିବା ପାଇଁ ସମସ୍ତ ସଭ୍ୟ ଏକତା ରକ୍ଷା କରି କାର୍ଯ୍ୟ କରିବାକୁ ଅତିଥିମାନେ ଅହ୍ୱାନ ଦେଇଥିଲେ । ଶ୍ରମିକଙ୍କ ସମସ୍ୟା ବିଶେଷ କରି ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, ଖାଲି ପଡିଥିବା ପଦବୀଗୁଡିକ ଶୀଘ୍ର ପୂରଣ କରିବା ଦାବି ଉପରେ ଆଲୋଚନା ହୋଇଥିଲା। ଆଗାମୀ ୨୫ ରୁ୨୭ ୩ ଦିନ ଧରି ଭୁବନେଶ୍ୱରଠାରେ ହେବାକୁ ଥିବା ବାର୍ଷିକ ଅଧିବେଶନରେ ବହୁ ସଂଖ୍ୟାରେ ବିଦ୍ୟୁତ ବିଭାଗ ଶ୍ରମିକମାନେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। ସଭାବରେ ଶ୍ରମିକ ନେତା ଭାବେ ପରମେଶ୍ୱର ବେହେରା, ଅଖିଳ କୁମାର ପାଣିଗ୍ରାହୀ, ଶରତଚନ୍ଦ୍ର ଜେନା, ମନୋଜ କୁମାର ସାହୁ, ରୋମାଞ୍ଚଳ ପ୍ରଧାନ, ବିଷ୍ଣୁଚରଣ ସେଠୀ, ସୁବ୍ରତ କୁମାର ସାହୁ, ନରେନ୍ଦ୍ର ଦାଡା, ଏମ୍.ଏସ୍.ଭି. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ସଭାରେ ପଶ୍ଚିମାଞ୍ଚଳ ବିଦ୍ୟୁତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିଭୁତି ଭୂଷଣ ବିଦ୍ଧାଣି ପର୍ଯ୍ୟବେକ୍ଷକ ଭାବରେ ଯୋଗଦେଇଥିଲେ।



ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ଡିଭିଜନସ୍ତରୀୟ ସମାବେଶରେ ମଞ୍ଚାସୀନ ଅତିଥି ।

### ମା' ଗ୍ରାମଶ୍ରୀ କ୍ରିକେଟ ଟୁର୍ନାମେଣ୍ଟ

# ରଜନାକୁ ହରାଇ ବିଶିବାହାଲ ଚାମ୍ପିୟନ



ଉଦ୍‌ଯାପନରେ ଖେଳାଳିଙ୍କ ଅତିଥିବୃନ୍ଦ।

ନୂଆପଡା ଅଫିସ,୨୧।୧୨

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ଖେଳପଡିଆରେ ଚାଲିଥିବା ୫ମ ମା' ଗ୍ରାମଶ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ଆୟୋଜକ ରଜନା ଟିମକୁ ହରାଇ ବିଶିବାହାଲ ଦଳ ଚାମ୍ପିୟନ ହୋଇଛି। ଗତ ୧୨ ତାରିଖଠାରୁ ଚାଲିଥିବା ଟୁର୍ନାମେଣ୍ଟରେ ମୋଟ ୧୬ଟି ଟିମ ଭାଗ ନେଇଥିଲେ। ଶେଷରେ ଶୁକ୍ରବାର ଦିନ ରଜନା ଏବଂ ବିଶିବାହାଲ ଦଳ ମଦ୍ୟରେ ଫାଇନାଲ ଖେଳ ହୋଇଥିଲା । ରଜନା ଟିମ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ କରିଥିଲା । ଏହାର ଜବାବରେ ବିଶିବାହାଲ ଦଳ ୧୪.୨ ବଲରେ ୮ ଉଇକେଟ ହରାଇ ନିର୍ଦ୍ଧାରିତ ରନ କରି ମ୍ୟାଚ ଜିଣିଥିଲେ। ଚାମ୍ପିୟନ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ ମା' ଗ୍ରାମଶ୍ରୀ କ୍ଲବ ସଭାପତି ଗୋଲାପ ସଗରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁନ୍ଦର ଚିନ୍ଦା ମୁଖ୍ୟଅତିଥି, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜ ବିଶେଷ ଅତିଥି, ଘନଶ୍ୟାମ ଭୋଇ, ପୂର୍ବତନ ସରପଞ୍ଚ ମଧୁ ସଗରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ପରମେଶ୍ୱର ହାତୀ, ଭୋପାଲ ହାତୀ, ଲେଖଚାନ୍ଦ ସଗରିଆ, ସିଆରାମ ହାତୀ, ମୋହନ ହାତୀ, ତୁଳସୀରାମ ସଗରିଆ, ଅକବର ମାଝି, ଭରତ ସଗରିଆ, ଭାଗତ ସଗରିଆ, ରଥୁରାମ ସଗରିଆ ପ୍ରମୁଖ ସହଯୋଗ କରିଥିଲେ।

# ୟଙ୍ଗବ୍ଲଡ୍ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ

କେସିଙ୍ଗା,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ୟଙ୍ଗବ୍ଲଡ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ଗୁରୁବାର ରାତ୍ରିରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ନିଳମାଧବ ପଣ୍ଡା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ମୁଖ୍ୟବକ୍ତା ଭାବେ ଟିଟିଲାଗଡ ଡିଏଭଳି କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସମେତ ଅନୁଷ୍ଠାନର ଅଧକ୍ଷ ରାମ କୁମାର ଜୈନ ପ୍ରମୁଖ ଅତିଥି ଶିକ୍ଷାର ବିକାଶ, ଆଧୁନିକ ପ୍ରଣାଳୀରେ କମ୍ପ୍ୟୁଟର ଶିକ୍ଷା ଆଦି ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜେତା ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ ।




କେସିଙ୍ଗା ୟଙ୍ଗବ୍ଲଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ ।

# ପେଥାଇ ଉତାରୁ କଳାହାଣ୍ଡି ଜିଲାରେ ହାଡ଼ଭଂଗା ଶୀତ୍

ଭବାନୀପାଟଣା,୨୧।୧୨(ଡି.ଏନ.ଏ.)

ସରା ରାଏଜ୍ ଏହେଦେ ଶୀତରେ ଥରୁଛେ। ୨୨ ତାରିଖ୍ ବେଲକେ ଭବାନୀପାଟଣା ସହର ସମେତ ଜିଲାରେ ହାଡ଼ଭଂଗା ଶୀତ ହେବା ବଲି ପାନିପାଗ ବିଭାଗ ଆକଲନ୍ କରିଛେ। ଦିନାକେତେ ହେଲା ମେଘୁଆ ପାଗ୍‌ଟା ରାସ୍‌ତା ତରେ ବାସ କରୁଥିବାର ଲୋକ୍ ଆର ଥୁ.ରାମପୁର, ଲାଞ୍ଜିଗଡ଼, ମ.ରାମପୁର, କୋକସରା, ଗୋଲାମୁଣ୍ଡା ଲେଖେଁ ପାହାଡିଆ ଅଂଚଲରେ ରହୁଥିବାର ଲୁକ୍‌କର ଉପରେ ବଡ଼ଭାରି ପରଭାବ ପକେଇଛେ। ଦିନବେଲାର ତାପମାନ ୮ରୁ ୧୦ ଡିଗ୍ରୀ ତକ୍ କମ୍‌ବାର ଲାଗି ଲୋକ୍ ଶୀତରେ ଥରୁଛନ୍। ମେଘୁଆପାଗ ଗଲେ ଶୀତଟା ଆହୁରି ବଢ଼ବା ବଲି ପାଣିପାଗ ବିଭାଗ ଅନମାନ କରିଛେ। ଶୀତ ଲହରି ସଂଗେ ଭବାନୀପାଟଣା ସହରକେ କୁହିଡି ସଖାଲୁ ସଖାଲୁ ଢ଼ାପିକରି ରଖୁଛେ। ବର୍ଷା ଉତାରୁ ଭବାନୀପାଟଣା ସହର ସମେତ ଜିଲାର ଅନେକ ଜାଗାରେ ତାପମାନ କମ୍‌ବାରେ ଲାଗିଛେ। ଆଜି କଳାହାଣ୍ଡି ଜିଲାର ତାପମାନ ୧୦ ଡିଗ୍ରୀରେ ପୁହୁଁଚିଥିବାର ଜନାଯାଇଛେ। ପେଥାଇ ପରଭାବରେ ହେଇଥିବାର ବର୍ଷା ପରେ ପରେ ଭବାନୀପାଟଣା ସହର ସମେତ ଭିନେ ଭିନେ ଜାଗାରେ କୁହୁଡି ଦେଖିବାକେ ମିଲୁଛେ। ଏହେଦେ ଶୀତର ପରକୋପରେ ବୁଢ଼ାବୁଢ଼ୀ, ରୁଗୀ, ବାସହରା ଲୋକ୍, ରାସ୍‌ତା ତରେ, ବସଷ୍ଟାଣ୍ଡରେ ରହୁଥିବାର ଲୁକ୍‌କର ଅବସ୍‌ତା ନାଇଁ କହେବାରଟା ଭଲ। ଭବାନୀପାଟଣା ସହରର ଭିନେ ଭିନେ ଜାଗାରେ ଲୋକ୍ ଶୀତ୍ ଦାଉରୁ ରକ୍ଷା ପାଏବାର ଲାଗି କାଠ୍ ଜାଳି ଅଁତ୍‌ରା ତାପୁଛନ୍। ସେନ୍‌ତା ପାହାଡ଼ ପରବତ, ଝାର ଜଂଗଲ ଘେରା ଥୁ.ରାମପୁର, ଲାଞ୍ଜିଗଡ଼ ଲେଖେ ଅଂଚଲମାନକେ ଲୋକ୍ ବଡ଼ ବଡ଼ କାଠ୍ ଗଁଡ଼ିରେ ନିଆଁ ଲଗେଇ ଶୀତ୍ ଦାଉରୁ ରକ୍ଷା ପାଏବାର ଚେଷ୍‌ଟା କରୁଥିବାର ଦେଖିବାକେ ମିଲୁଛେ। ହାଡ଼ଭଂଗା ଶୀତ ସଂଗେ କାକର ଶୀତର ପରକୋପଟାକେ ଦୁଇଗୁନା କରିଦେଉଛେ। ଯେନ୍‌ଥିରଲାଗି ଭବାନୀପାଟଣା ସହରରେ ଏହେଦେ ଶୀତ ବସ୍‌ତରର ବିକ୍‌ରିବଟା ବି ଜୋର ଧରିଛେ।



ଭବାନୀପାଟଣା ସହରରେ ଶୀତ୍ ଲାଗି ଲୋକ୍ ନିଆଁ ଜାଳି ତାପୁଛନ୍।

# ତରବୋଡ ଧନୁଯାତ୍ରା, ଅକ୍ରୁରଙ୍କୁ ଗୋପପୁର ପ୍ରେରଣ

ତରବୋଡ,୨୧।୧୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ତରବୋଡଠାରେ ଚାଲିଥିବା ଧନାଯାତ୍ରା ମହୋତ୍ସବରେ ଗୁରୁବାର ଶ୍ରୀକୃଷ୍ଣ କାଳୀୟ ଦଳନ କରିଥିବା ବେଳେ ମହାରାଜ କଂସ ସ୍ୱର୍ଗପୁରୀ ଆକ୍ରମଣ କରି ଇନ୍ଦ୍ର ଦେବତାଙ୍କୁ ବନ୍ଦି କରିଛନ୍ତି। କୃଷ୍ଣ ବଳରାମଙ୍କୁ ହତ୍ୟା କରିବାର ସମସ୍ତ ଯୋଜନା ବିଫଳ ହେବା ପରେ କଂସ ପାତ୍ରମନ୍ତ୍ରୀଙ୍କ ସହ ମନ୍ତ୍ରଣା କରି ଧନୁଯାତ୍ରା ଆୟୋଜନ କରିଛନ୍ତି । ଏଥିସହିତ କୃଷ୍ଣ ବଳରାମଙ୍କୁ ଧନୁଯାତ୍ରାରେ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରାଯାଇଛି । ଗୋପପୁରର ଗୋପିମାନେ ମଥୁରାକୁ ଦହି ବିକି ଯାଇଛନ୍ତି । ଗୁରୁବାର ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ମୁଖ୍ୟଅତିଥି ଭାବେ କଂସ ଦରବାରରେ ଉପସ୍ଥିତ ହୋଇଥିବା ବେଳେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ମାଝି, ସଞ୍ଜୀବ କୁମାର ପାଣିଗ୍ରାହୀ, ଡୋଳାମଣୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# କଳାହାଣ୍ଡିରୁ ବ୍ୟାପକ ଧାନ ଚାଲାଣ ଆଶଙ୍କା

ଭବାନୀପାଟଣା,୨୧।୧୨(ଡି.ଏନ.ଏ.)

## ଛତିଶଗଡ଼ରେ ଧାନର ଦର ବୃଦ୍ଧି

ଛତିଶଗଡରେ କଂଗ୍ରେସ ସରକାର ଗଠନ ହେବା ପରେ ତୁରନ୍ତ କୃଷି ଋଣ ଛାଡ ସହ ଧାନର କୁଇଣ୍ଟାଲ ପିଛା ୨୫ ଶହ ଟଙ୍କା ଘୋଷଣା କରି ଦେଇଛନ୍ତି। ଫଳରେ ଓଡିଶାର ଦରଠାରୁ ସେଠାକର ଦର ପ୍ରାୟ ୭ ଶହ ଟଙ୍କା ଅଧିକ । ଫଳରେ ଏବେ ଛତିଶଗଡକୁ ଧାନ ଚାଲାଣ କରିବା ପାଇଁ ଦଲାଲମାନେ ସକ୍ରିୟ ହେବାର ଆଶଙ୍କା ରହିଛି। ଆଉ ବର୍ତ୍ତମାନ ସୀମାନ୍ତରେ ଥିବା ସବୁ ତନଖି ଫାଟକ ଉଚ୍ଛେଦନ ହୋଇଯାଇଥିବାରୁ ଦଲାଲଙ୍କୁ ଏହା ବିଶେଷ ଭାବେ ସୁହାଇବ ବୋଲି କୁହାଯାଉଛି। ଜିଲାର ଧର୍ମଗଡ ବ୍ଲକରୁ ଛତିଶଗଡକୁ ସଂଯୋଗ କରୁଥିବା ସେ ରାସ୍ତାରେ ଚାଲଣ ହେବା ଆଶଙ୍କା ଦେଖାଦେଇଛି। କମ ଦରରେ ଦରରେ ଧାନ କିଣି ଦଲାଲମାନେ ଛତିଶଗଡରେ ବିକ୍ରି କରିବା ଏକ ସୁଯୋଗ ସୃଷ୍ଟି ହୋଇଛି। ପୁଣି ଉଭୟ ରାଜ୍ୟ ମଧ୍ୟରେ ଦରକୁ ନେଇ ଏତେ ପ୍ରଭେଦ ସୃଷ୍ଟି ହୋଇଛି ଯେ ଓଡିଶାର ମଣ୍ଡିରେ ବିକ୍ରି କରି ନିର୍ଦ୍ଧାରିତ ଏମ୍‌ଏସ୍‌ପି ଦରରେ ଟଙ୍କା ପାଉଥିବା ଚାଷୀ ବି ଏଣିକି ଛତିଶଗଡ ମୁହାଁ ହେବା ଆଶଙ୍କା ଦେଖାଦେଲାଣି। ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଉଛି ଯେ କଳାହାଣ୍ଡି ଜିଲାର ଭବାନୀପାଟଣା ଉପଖଣ୍ଡର ଅନେକ ବ୍ଲକ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ମଣ୍ଡି ବ୍ୟବସ୍ଥା ବି ଆଦୌ ଶୃଙ୍ଖଳିତ ନୁହେଁ। ଏହି ଧାନ ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନିଆ ନ ଗଲେ ପରିସ୍ଥିତି ସଙ୍ଗୀନ ହେବା ଏକପ୍ରକାର ଥୟ ବୋଲି ଚାଷୀ ସଙ୍ଗଠନ ମହଲରେ ମତପ୍ରକାଶ ପାଇଛି। ପୁଣି ଛତିଶଗଡ ସରକାର ପ୍ରଥମେ କୃଷି ଋଣ ଛାଡ ପରେ ଧାନରେ ବୋନସ ଦେଉଛନ୍ତି। ହେଲେ ଓଡିଶାରେ ଏହି ବ୍ୟବସ୍ଥା ଲାଗୁ ହୋଇନାହିଁ। କଳାହାଣ୍ଡି ଜିଲା ଛତିଶଗଡ ସୀମାକୁ ଲାଗି ରହିଥିବାରୁ ଏଠିକାର ଚାଷୀ ଅଧିକ ଲାଭ ଆଶରେ ଛତିଶଗଡମୁହାଁ ହେଉଥିବା ଲକ୍ଷ୍ୟ କରାଯାଇଛି। ଜିଲାରେ ମଣ୍ଡିରେ କଟନି ଛଟନି ଓ ଧାନ ମାନକୁ ନେଇ ଚାଷୀ ହଇରାଣ ହେଉଥିବାରୁ ଚାଷୀ ଦଲାଲମାନଙ୍କୁ ହାତକୁ ଟେକିଦେଉଛି। ଯାହା ଛତିଶଗଡକୁ ଚାଲିଯାଉଛି। ଏଥର ସହାୟକ ମୂଲ୍ୟଠାରୁ ପ୍ରାୟ ୬୫୦ ଟଙ୍କା ଅଧିକ ଥିବାରୁ ଚାଷୀମାନେ ସେପଟେ ମନ ବଳେଇଲେଣି। ଜିଲାର ଧର୍ମଗଡ ସବଡିଭିଜନ ପାଖରେ ଥିବାରୁ ଚୋରାରେ ଧାନ ଚାଲାଣ ହେଉଥିଲା। ଏବେ ଭବାନୀପାଟଣା ସବଡିଭିଜନରୁ ମଧ ଯିବ ବୋଲି ଚାଷୀମାନେ ପ୍ରକାଶ କରୁଛନ୍ତି। ଜିଲାରେ ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ଆସିଛି। ଏଣୁ ବହୁତ ଧାନ ରୋଚାରେ ବାହାରକୁ ଚାଲି ଯାଇଥାଏ। ଏବେ ଛତିଶଗଡର ପ୍ରଭାବ ଏଠି ବି ପଡିପାରେ ବୋଲି କୃଷି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ଯେଉଁ ଲୋକ ସକଳ କର୍ମ ପରମାତ୍ମାଙ୍କଠାରେ ସମର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରନ୍ତି, ପଦ୍ମପତ୍ର ଯେପରି ଜଳ ଦ୍ୱାରା ଲିପ୍ତ ହୁଅନ୍ତି ନାହିଁ ସେମାନେ ସେହିପରି ପାପ ଦ୍ୱାରା ଲିପ୍ତ ହୁଅନ୍ତି ନାହିଁ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ



### ଭୋଇପଡାରେ ଅଷ୍ଟ ପ୍ରହର ନାମଯଜ୍ଞ

କର୍ଲାମୁଣ୍ଡା,୨୧।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ଭୋଇପଡାଠାରେ ଲକ୍ଷ୍ମୀପୂଜା ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଗୁରୁବାର ପଡାବାସୀ ଉତେଇନଦୀଠାରୁ କଳସ ଯାତ୍ରା ହେବା ପରେ ଶୁକ୍ରବାର ନାମାରମ୍ଭ ହୋଇଯାଇଛି। ଏଥିରେ ଯଜ୍ଞ କର୍ତ୍ତା ଭାବେ ସୁନ୍ଦର ପୋଡ ଓ ନାଞ୍ଜୋ ପୋଡ ପୂଜାକ ଭାବେ ଚିତ୍ରସେନ ଦାସ ରହିଛନ୍ତି। ପରିଚାଳନା କମିଟି ସଭାପତି ମୁରଲୀ ପୋଡ, ସମ୍ପାଦକ ନୀଳାମ୍ବର ପୋଡ ରହିଛନ୍ତି।

### କ୍ଷତ୍ରିୟ ପାଇକା ସମାଜର ବୈଠକ

ଭବାନୀପାଟଣା,୨୧।୧୨(ଡି.ଏନ.ଏ.) ଭବାନୀପାଟଣା ସହରସ୍ଥିତ ତାରିଣୀମନ୍ଦିର ପଡାଠାରେ କ୍ଷତ୍ରୀୟ ପାଇକ ସମାଜ ଭବାନୀପାଟଣା ପଲ୍ଲୀର ଏକ ବୈଠକ ଶୁକ୍ରବାର ଉପକୁଳପତି ଭୈରବ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବ ସମ୍ପାଦକ ଉଦୟଭାନୁ ପାତ୍ରଙ୍କ ବିୟୋଗରେ ଏକ ମିନିଟ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପାତ୍ର ଦଶବର୍ଷ ଧରି କ୍ଷତ୍ରୀୟ ପାଇକ ସମାଜ ଭବାନୀପାଟଣା ପଲ୍ଲୀର ସମ୍ପାଦକ ଭାବେ କାର୍ଯ୍ୟକରି ଆସୁଥିଲେ। ବୈଠକରେ ପୂର୍ବତନ ଉପକୁଳପତି ଭବାନୀଶଙ୍କର ବାଣୁଆ, ଭବାନୀପାଟଣା ସଭାପତି କୃଷ୍ଣଚନ୍ଦ୍ର ପତ୍ର, କାଳୀପ୍ରସାଦ ଧଙ୍ଗଡାମାଝି, ଗଗନ ନାଏକ, ହେମନ୍ତ ରାୟ, ନବୀନ କୁଅଁର, ନକୁଳ ଧଙ୍ଗଡାମାଝୀ, ଭୀମସେନ ବିଶି, ମନୋଜ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା କୃଷକ ମୋର୍ଚ୍ଚାର ତରାପୁର, ବସୁଲ ମଣ୍ଡି ଘେରାଉ

ଧର୍ମଗଡ,୨୧।୧୨(ଡି.ଏନ.ଏ.) ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ନିଷ୍ପତ୍ତିକ୍ରମେ କଳାହାଣ୍ଡି ଜିଲା କୃଷକ ମୋର୍ଚ୍ଚା ତରଫରୁ ବସୁଲ ଓ ତରାପୁର ମଣ୍ଡି ଘେରାଉ କରାଯାଇଥିଲା । ମଣ୍ଡିରେ ଭିତ୍ତିଭୂମୀର ଅଭାବ, ମିଲର୍ସ ରାଜ ଆଦି ସମସ୍ୟାକୁ ନେଇ ଜିଲା କୃଷକ ମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୀବାଜୀ ମହାନ୍ତିଙ୍କ ସମେତ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଅପ୍ରେସ ସ୍ୱାଇ, ମଣ୍ଡଳ ସଭାପତି ସରୋଜ ଶବର, ଜୟଶଙ୍କର ମୁଣ୍ଡ, ଯଶୋବନ୍ତ ପଣ୍ଡା, ବବୃବାହାନ ନାଏକ, ତ୍ରିନାଥ ଶବର, ଦୁର୍ଗାପ୍ରସାଦ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ । ମଣ୍ଡି ଅବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନ କରିବା ସହ ମୁଖ୍ୟମନ୍ତ୍ରୀ ଓ ସମବାୟ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ ।

# ଧର୍ମଗଡ ଜିଲା ଗଠନ ଦାବି ଜୋର ଧରିଲା

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଧର୍ମଗଡ,୨୧।୧୨(ଡି.ଏନ.ଏ.)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ଜିଲା ଘୋଷଣା ଦାବି ନେଇ ଆନ୍ଦୋଳନ ଦାନା ବାନ୍ଧୁଥିବା ବେଳେ ଧର୍ମଗଡରେ ମଧ୍ୟ ଜିଲା ଗଠନ ଦାବି ଏବେ ଜୋର ଧରିଛି । ଶୁକ୍ରବାର ଏହା ଆନ୍ଦୋଳନ ରୂପ ନେଇଥିବା ବେଳେ ଏହାକୁ ସମସ୍ତେ ସମର୍ଥନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ମିଳନ କୁମାର ଝାଙ୍କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଦାବି ପ୍ରତି ଅଣଦେଖା କଲେ ଆଗାମୀ ଦିନରେ ଏହା ଭୟଙ୍କର ଆନ୍ଦୋଳନ ହେବ ବୋଲି କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି । ଧର୍ମଗଡ ଜିଲା ଗଠନ କ୍ରିୟାନୁଷ୍ଠନ କମିଟି ଅଧକ୍ଷ୍ୟ ତୁଷାର ରଞ୍ଜନ ପାଟ୍ଟଯୋଷୀଙ୍କ ନେତୃତ୍ୱରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ ଜନପ୍ରତିନିଧି, ନେତା, ସାଧାରଣ ଜନତା ସମସ୍ତେ ଯୋଗଦେଇ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି। କ୍ରିୟାନୁଷ୍ଠାନ କମିଟି ଡାକରାରେ ବିଭିନ୍ନ ବ୍ଲକରୁ ଆସିଥିବା ଲୋକେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ଉପଜିଲାପାଳଙ୍କ ଅଫିସ ଆଗରେ ଏକ ସଭା ଆୟୋଜନ କରିଥିଲେ। ସଭାରେ ଜିଲା ଦାବି ଗଠନ ସମ୍ପର୍କରେ ସମସ୍ତେ ନିଜର ମତାମତ ଉପସ୍ଥାପନ କରିଥିଲେ। ଧର୍ମଗଡ ଉପଖଣ୍ଡରେ ୬ଟି ବ୍ଲକ ଥିବା ବେଳେ ଏହାର ଜନସଂଖ୍ୟା ରହିଛି ପ୍ରାୟ ୧୦ ଲକ୍ଷ । ଏହାର ଭୌଗଳିକ ପରିସୀମା ରହିଛି ୪ ହଜାର ୩ ଶହ ବର୍ଗ କିଲୋମିଟର । ଯାହାକି ନୂତନ ଭାବେ ଗଠନ ହୋଇ ସାରିଥିବା ଜିଲାଠାରୁ ମଧ୍ୟ ଯଥେଷ୍ଟ ବଡ । ସେହିପରି ୧୩ଟି ବ୍ଲକକୁ ନେଇ ଗଠିତ କଳାହାଣ୍ଡି ଜିଲାର ଭୌଗଳିକ ଦୃଷ୍ଟି କୋଣରୁ ଦେଖିଲେ ଜିଲା ପ୍ରଶାସନ ଠିକ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି । ଫଳରେ ପ୍ରକୃତ ବିକାଶ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ତେଣୁ ସ୍ୱତନ୍ତ୍ର ଜିଲା ଗଠନ ହେଲେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ମତପ୍ରକାଶ ପାଇଛି । ଧର୍ମଗଡ ଉପଖଣ୍ଡ ଏକ ହରିଜନ ଆଦିବାସୀ ବହୁଳ ଅଞ୍ଚଳ । ଯାହାକି ସମଗ୍ର ଉପଖଣ୍ଡର ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ଏଠାରେ ହରିଜନ ଓ ଆଦିବାସୀ ସଂଖ୍ୟା ରହିଛି ।





ଧର୍ମଗଡ଼କୁ ଜିଲା ଗଠନ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷର ସହରରେ ଶୋଭାଯାତ୍ରା କରାଯାଉଛି ।

ଅପରପକ୍ଷରେ ଧର୍ମଗଡ ଉପଖଣ୍ଡରେ ଜିଲାର ଦୁଇଟି ପ୍ରମୁଖ ନଦୀ ଓ ହାତୀ ନଦୀ ପ୍ରବାହିତ ହେଉଛି । ଏହି ଉପଖଣ୍ଡ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମଧ୍ୟ ଭରପୁର ରହିଛି । ସେହିପରି ଧର୍ମଗଡ ଉପଖଣ୍ଡରେ ବହୁମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ମଧ୍ୟ ରହିଛି । ଇନ୍ଦ୍ରାବାତୀ କେନାଲ ପାଣି ସାହାଯ୍ୟରେ ଆଜି ଏଠାକାର ଚାଷୀ ଉଭୟ ରବି ଏବଂ ଖରିଫ ଚାଷ କରି ନିଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିପାରିଛନ୍ତି । କଳାହାଣ୍ଡି ଜିଲାକୁ ରାଜ୍ୟରେ ବରଗଡ ପରେ ଦ୍ୱିତୀୟ ଜିଲା ଭାବରେ ଅଧିକା ଧାନ ଉତ୍ପାଦନ ଜିଲା ଭାବରେ ପରିଗଣିତ କରାଯାଇଥିବା ବେଳେ ଏହି ଧାନ ଉତ୍ପାଦନ ଧର୍ମଗଡ ଉପଖଣ୍ଡରୁ ହିଁ ହୋଇଥାଏ। ଏହି ସବୁ ଦୃଷ୍ଟିକୋଣରୁ ଏହି ଉପଖଣ୍ଡକୁ ଜିଲାର ମାନ୍ୟତା ଗୁରୁତ୍ୱପୂର୍ଣ୍ଣ ବହନ କରୁଛି ବୋଲି ସମସ୍ତେ ଦାବି କରିଥିଲେ। ଏହି ଦାବିକୁ ସମର୍ଥନ ଜଣାଇ ଜଗନ୍ନାଥ ସେବା ସମିତି ଅଧକ୍ଷ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସମ୍ପାଦକ ବୈଦ୍ୟନାଥ ବେହେରା, ଉପସଭାପତି ତଥା ଭାଜପା ନେତା ଲକ୍ଷ୍ମିକାନ୍ତ ବାଗ, ଭାଜପା ଜିଲା ଉପାଧକ୍ଷ୍ୟ ରବୀନ୍ଦ୍ର ପାଟ୍ଟଯୋଷୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ବଦ୍ରିନାଥ ପଟ୍ଟନାୟକ, କଂଗ୍ରେସ ନେତା ଦିଗାମ୍ବର ଦୁରିଆ,କୋକସରାରୁ କୋକସରା ବ୍ଲକ ଅଧକ୍ଷା ଶବ୍ୟାରାଣୀ ବାଗ,ଶିବ ପ୍ରସାଦ ପ୍ରଧାନି, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ୍ୟ ଦୁଲେଶ୍ୱର ନାଏକ, ଜୁନାଗଡରୁ ହିମାଂଶୁ ବରାଡ, ପ୍ରଶାନ୍ତ ପାଟ୍ଟଯୋଷୀ, ଭାଗୀରଥି ପାଟ୍ଟଯୋଷୀ, ଧର୍ମଗଡ ଏନଏସି ଉପାଧକ୍ଷ୍ୟ ଅଶୋକ ମହାନ୍ତି, ସନ୍ତୋଷ ପାତ୍ର, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସୁବାଷଳ ପାଣିଗ୍ରାହୀ, ସୁମନ୍ତ ପଣ୍ଡାଙ୍କ ଅନେକ ଲୋକ ଉପସ୍ଥିତ ଥିଲେ । ଏହି ଦାବିକୁ ସ୍ଥାନୀୟ ପଞ୍ଚାୟତ କଲେଜ ଛାତ୍ର ସଂଘ, ସିଟି ସ୍କୁଲ ଛାତ୍ର ସଂଘ ମଧ୍ୟ ସମର୍ଥନ କରିଥିଲା ।

### କିରାନା ଦୋକାନରୁ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଭବାନୀପାଟଣା,୨୧।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଶିବ ମନ୍ଦିର ଲାଇନରେ ଥିବା ଏକ କମ୍ପ୍ଲେକ୍ସର ଏକ କିରାନା ଦୋକାନରୁ ସୋମବାର ରାତିରେ ତାଲା କାଟି ୫୧ ହଜାର ଟଙ୍କାର ସିଗାରେଟ ଓ ସାବୁନ ଓ ୫ ହଜାର ଟଙ୍କା ଚୋରି ହୋଇଥିଲା । ଏ ନେଇ ନର୍ଲା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୭ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ୪ ଜଣ ନାବାଳକ ଥିବାରୁ ସେମାନଙ୍କୁ ଗୁରୁବାର ଜୁଭେନାଇଲ ଜଷ୍ଟିସ ବୋର୍ଡ ଆଗରେ ହାଜର କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ନର୍ଲା ଥାନା ଅଧିକାରୀ ଏସ୍‌ଆଇ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଜୟପ୍ରକାଶ ପରିଡା, ଏଏସ୍‌ଆଇ ଗୌରୀ ଦାସ୍, ଧବଳେଶ୍ୱର ସୁନାନୀ ପ୍ରମୁଖ ତଦନ୍ତ କରି ଦୋକାନ ପାଖରୁ ଦୁଇଜଣ ପିଲାକୁ ସନ୍ଦେହରେ ଧରି ଥାନାକୁ ଆଣି ପଚାରାଉଚୁରା କରିଥିଲେ। ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ଚୋରି ଘଟଣାରେ ନର୍ଲାର ୭ ଜଣ ପିଲାଙ୍କୁ ଥାନାକୁ ଅଣାଯାଇଥିଲା। ସେମାନଙ୍କ ସୂଚନାକୁ ଆଧାର କରି ପୋଲିସ ନର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଛପଟେ ଗୋଟିଏ ସ୍ଥାନରେ ରଖିଥିବା ଚୋରି ଜିନିଷ ଉଦ୍ଧାର କରିବା ଦୋକାନୀଙ୍କୁ ଫେରାଇ ଦେଇଥିଲେ।

## ଅଭିଯୁକ୍ତ ଶିକ୍ଷକଙ୍କ ଗିରଫ ଦାବି: ପ୍ରତିବାଦ ସଭା, କୁଶପୁତ୍ତଳିକା ଦାହ

ଭବାନୀପାଟଣା,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ସିରିମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଜଣେ ନବମ ଶ୍ରେଣୀର ଆଦିବାସୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଳକୃଷ୍ଣ ମହାପାତ୍ର ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାନାନ୍ତର ଏବଂ ପରବର୍ତ୍ତି ସମୟରେ ଜିଲା ଶିକ୍ଷାଧିକାରୀ ନିଲମ୍ବନ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ ଦାବିରେ କଳାହାଣ୍ଡି ବହୁଜନ ଜାଗରଣ ମଞ୍ଚ ପକ୍ଷରୁ ଭବାନୀପାଟଣା ସହରସ୍ଥିତ ଗାନ୍ଧୀଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ସୁରେଶ ମାଝି, ଅଗଷ୍ଟ ନାଏକ, ହରିଜନ କଲ୍ୟାଣ ସମିତି ସଭାପତି ସୁଗ୍ରୀବ ଦୀପ, ସଚେତନ ନାଗରିକ ମଞ୍ଚର ଆବାହକ ସତ୍ୟ ମାହାର, ଏସସିଏସଟି ଓବିସି ଓ ସଂଖ୍ୟାଲଘୁ ମିଳିତ ମଞ୍ଚର ରାଜ୍ୟ ସଂଯୋଜକ ସତ୍ୟବାଦୀ ନାଏକ, ପ୍ରମୋଦ ନାଏକ, ଆଦିବାସୀ ସଂଘ ଉପସଭାପତି ଜଏନ ଶବର, ମହିଳା ସଭାନେତ୍ରୀ ପ୍ରେମା ମାଝୀ, ରୁକସାନା ବେଗମ,ବଂଶୀ ନାଏକ, ଲୋଚନ ଭୋଇ, ସୁରେନ୍ଦ୍ର ମାଝି, ମୁସି ମାଝୀ ପ୍ରମୁଖ ଉଦବୋଧନ ଦେଇଥିଲେ। ପରେ ଅଭିଯୁକ୍ତ ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।





ଅଭିଯୁକ୍ତ ଶିକ୍ଷକଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

### ଦ୍ୱିତୀୟ ପରେ ପ୍ରଥମ ସ୍ତ୍ରୀ ଜୀବନ ହାରିଲେ, ସ୍ୱାମୀ ଗୁରୁତର

ଲାଞ୍ଜିଗଡ଼,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ମାଟିଖଲା ଗାଁର ଲାକସା ମାଝି ପରିବାରରେ ସପ୍ତାହେ ତଳେ ଲାକସାଙ୍କ ଦ୍ୱିତୀୟ ସ୍ତ୍ରୀ ତିଳ ବିଷ ପିଇ ଜୀବନ ହାରିଥିବାବେଳେ ଗତ ଗୁରୁବାର ଅପରାହ୍ନରେ ପ୍ରଥମ ସ୍ତ୍ରୀ ମଧ ଜୀବନ ହାରିଛନ୍ତି । ନିକଟସ୍ଥ ଡଙ୍ଗାଜୋର ସାପ୍ତାହିକ ବଜାରରେ ଲାକସା ଓ ତାଙ୍କ ପ୍ରଥମ ସ୍ତ୍ରୀ ଦୁତା ମାଝି ବିଷ ପିଇ ଛଟପଟ ହେଉଥିବା ବେଳେ ଉଦ୍ଧାର କରାଯାଇଛି। ପରେ ବିଶ୍ୱନାଥପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦୁତାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଭାବେ ଲାକସା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡିଛି । ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ଲାକସାଙ୍କ ଦ୍ୱିତୀୟ ସ୍ତ୍ରୀ ତିଳ ମାଝି ବିଷପିଇ ଜୀବନ ହାରିଥିଲା। ଏହି ଦୁଃଖରେ ମ୍ରିୟମାଣ ଲାକସା ଓ ଦୁତା ବୁଧବାର ଡଙ୍ଗାଜୋର ବଜାରକୁ ଯାଇଥିବାବେଳେ ସେଠାରୁ ଆଉ ଫେରି ନ ଥିଲେ। ଗୁରୁବାର ସେମାନେ ଛଟପଟ ହେଉଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ସେଠାରେ ଦୁତାଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ମୋଟେର ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଟଙ୍କା ହଡପ ଘଟଣା

## ବ୍ୟାଙ୍କ ମ୍ୟାନେଜର, କ୍ୟାଶିୟର ଗିରଫ

କୋକସରା,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ମୋଟେରଠାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖର ପରିଚାଳକ ପ୍ରବିନ ରଞ୍ଜନ ଠାକୁର ଓ କ୍ୟାଶିୟର ଲଲିତ ଶବର ଚଞ୍ଚକତା କରି ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୨୩ ଲକ୍ଷ ୩୦ ହଜାର ୧୮୦ ଟଙ୍କା ହଡପ କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହା ପରେ ପୋଲିସ ଦୁଇ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ମୋଟେର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖ ମ୍ୟାନେଜର ପ୍ରବିନ କୁମାର ଠାକୁର ଗତ ୨ ମାସ ତଳେ ମୋଟେର ଶାଖାରେ ମ୍ୟାନେଜର ଭାବେ ଯୋଗଦେଇଥିଲେ। ତେବେ ସେ ଗତ ୧୦।୧୨।୨୦୧୮ ରିଖଠାରୁ ନିଜ ନାମରେ ଥିବା ଆକଉଣ୍ଟ ନଂ. ୮୪୦୩୦୦୬୮୩୫୫ ଖାତାରେ ଡିପୋଜିଟ ଦେଖାଇ ନିଜ ଏକାଉଣ୍ଟରୁ ଏନଇଏଫଟି ଜରିଆରେ ୧୭।୧୨।୨୦୧୮ ରିଖ ସୁଦ୍ଧା ୮ଟି ଆକାଉଣ୍ଟରେ ୧୩ଟି ପର୍ଯ୍ୟାୟରେ ୧ କୋଟି ୨୩ ଲକ୍ଷ ୩୦ ହଜାର ୧୮୦ ଟଙ୍କା ଟ୍ରାନ୍ସଫର କରିଥିବା ଜଣାପଡିଥିଲା । ଏ ନେଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଭବାନୀପାଟଣା ଆଞ୍ଚଳିକ ଶାଖା ପରିଚାଳକ ଅଶିମ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରି ଏକ ବଡ ଧରଣର ଜାଲିଆତି ହୋଇଥିବା ଜାଣିପାରି ମୋଟେର ଶାଖ ମ୍ୟାନେଜର ପ୍ରବିନ ରନ ଠାକୁର ଓ କ୍ୟାଶିୟର ଲଲିତ ଶବରଙ୍କ ନାମରେ କୋକସାର ଥାନାରେ ଗତ ବୁଧବାରରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ କୋକସରା ପୋଲିସ ତଦନ୍ତ ଆରମ୍ଭ କରିଥିଲେ । ୨ ବ୍ୟାଙ୍କ କର୍ମଚାରୀଙ୍କୁ ଥାନାକୁ ଆଣି ଅଟକ ରଖିବା ପଚାରାଉଚୁରା କରିବା ପରେ ଜଣାପଡିଲା ଯେ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ଜଣକ କୌଣସି ଏକ କମ୍ପାନୀର ପ୍ରଲୋଭନରେ ବଶବର୍ତ୍ତୀ ହୋଇ କୋଟିପତି ହେବା ଆଶାରେ ବ୍ୟାଙ୍କର ଟଙ୍କାକୁ ବିଭିନ୍ନ କମ୍ପାନୀ ଆକାଉଣ୍ଟଗୁଡିକରେ ପର୍ଯ୍ୟାୟ କ୍ରମେ ଏନଇଏଫଟି ଟ୍ରାନ୍ସଫର କରିଥିଲେ । ଏଥିରେ ବ୍ୟାଙ୍କର କ୍ୟାଶିୟର ଲଲିତ ଶବରଙ୍କ ସମ୍ପୃକ୍ତି ଥିବା ମଧ ପୋଲିସ ତଦନ୍ତ ସମୟରେ ଜଣାପଡିଛି । ପୋଲିସ ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରିବା ସହ ୨ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରିଛି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୨୨୧/୧୮) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।









ଗିରଫ ବ୍ୟାଙ୍କ ମ୍ୟାନେଜର ଓ କ୍ୟାଶିୟର।

## ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ: ତୁଲାପଡ଼ା ଚାମ୍ପିୟନ

କର୍ଲାମୁଣ୍ଡା,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁର୍ଶୁଲା ହରଗୌରୀ ଯୁବକ ସଂଘ ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣାଙ୍କ ସହାୟତାରେ ୯ ତାରିଖଠାରୁ ଚାଲିଥିବା ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଟାଇଛି । ଫାଇନାଲ ମ୍ୟାଚ ତୁଲାପଡା ଓ କୁର୍ଶୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁଲାପଡା ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଖେଳକୁ ପଦ୍ମନାଭ ବନଛୋର, ସିର୍ଦ୍ଧାଥ ଜାନୀ, ପ୍ରଫୁଲ ବଡମାଲି ପରିଚାଳନା କରିଥିଲେ । ହରଗୌରୀ ଯୁବକ ସଂଘ ସଭାପତି ଡିଙ୍ଗର ବନଛୋର, ସମ୍ପାଦକ ଯୁଗଳ କିଶୋର ନାଗ, ସାଂସ୍କୃତିକ ସମ୍ପାଦକ କେଶବ ନନ୍ଦ, ନେହେରୁ ଯୁବକ ସଂଘର ସ୍ୱେଚ୍ଛାସେବୀ ଡୁଳେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ମ.ରାମପୁର ତହସିଲଦାର ମୁନେନ୍ଦ୍ର ହୋନାଗା, ସମ୍ମାନିତ ଅତିଥି ଭବାନୀପାଟଣା ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜିକା ପ୍ରିୟଙ୍କା ଶଙ୍କର ଓ ନେହେରୁ ଯୁବ କେନ୍ଦ୍ର ଲେଖାପାଳ ଦୁତିଆ ବନଛୋର, ହରଗୌରୀ ମହାବିଦ୍ୟାଳୟ ଅଧାପକ ସୁବୋଧ ଶତପଥୀ, ନାରୀନେତ୍ରୀ ତଥା ସାମାଜିକ କର୍ମୀ ଯାଜ୍ଞସେନୀ ଜାନୀ ପ୍ରମୁଖ ଯୋଗଦେଇ ଖେଳ ଜରିଆରେ ଯୁବ ଶକ୍ତିକୁ ଏକଜୁଟ କରାଯାଇ ପାରିବ ବୋଲି ମତ ପୋଷଣ କରିଥିଲେ। ଚାମ୍ପିୟନ ତୁଲାପଡା ଦଳକୁ ଟ୍ରଫି ସହ ନଗଦ ୩ ହଜାର ଟଙ୍କା ଓ କୁର୍ଶୁଲା ଦଳକୁ ଟ୍ରଫି ସହ ନଗଦ ୨ ହଜାର ଟଙ୍କା ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳର ଖେଳାଳିଙ୍କ ସହିତ ଅତିଥି।

### ବର୍ଷାରେ ମଣ୍ଡି ରାସ୍ତା ଶୋଚନୀୟ

## ରାସ୍ତାରେ ଚାଲିଛି ବୁଡିଦର ମଣ୍ଡି

ଜୁନାଗଡ,୨୧।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ଧାନ ମଣ୍ଡି ଏବେ ରାସ୍ତାରେ ଚାଲିଥିବା ଦେଖିବାକୁ ମିଳିଛି। ଗତ ୩ଦିନ ତଳେ ହୋଇଥିବା ବର୍ଷାରେ ମଣ୍ଡି ରାସ୍ତା ଶୋଚନୀୟ ହୋଇପଡିବାରୁ ଟ୍ରକଗୁଡିକ ମଣ୍ଡିକୁ ଯାଇ ପାରି ନ ଥିଲା। ଫଳରେ ଗୁରୁବାରଠାରୁ ମଣ୍ଡି ନିକଟରେ ଥିବା ମୁଖ୍ୟ ରାସ୍ତାରେ ମଣ୍ଡି କାମ ଚାଲିଛି। ସେହିପରି ଅଫିସ କାମ ମଧ ରାସ୍ତାରେ ଚାଲିଥିବା ଦେଖିବାକୁ ମିଳିଛି। ଏହା ମୁଖ୍ୟ ରାସ୍ତା ଓ ଚାରିଛକ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ଯାତାୟାତାରେ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ବିନା କଟନି ଛଟନିରେ ଚାଷୀଙ୍କ ଧାନ ଉଠାଣ କରିବା ପାଇଁ ମିଲର୍ସଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ଜଣେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ କଗ୍ରାରୁ ଉର୍ଦ୍ଧ୍ୱ ଧାନ କଟନି କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମିଲର୍ସ ଏଠାରେ ବେଖାତିର କରୁଥିବା ଜଣାପଡିଛି। ଏହି ମଣ୍ଡି ଉପରେ ବୁଡିଦର ଓ ବାଙ୍କପଲାସ ପଞ୍ଚାୟତର ୧୬ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡିରେ ୪୯ଜଣ ଚାଷୀଙ୍କ ୨୨ ଶହ କୁଇଣ୍ଟାଲ ୬୩ କିଗ୍ରା ଧାନ ଉଠାଣ କରାଯାଇଥିବା ଜଣାପଡିଛି। ସେହିପରି ଏଠାରେ ଧାନ ଉଠାଣ କରିବା ପାଇଁ ମା’ ଲଙ୍କେଶ୍ୱରୀ ରାଇସ ମିଲ ଛୋରିଆଗଡ, ନୀଳକଣ୍ଠ ଉଦ୍ୟଗ କୋଲିଗାଁ, ଓମ୍ ରାମ ରାଇସ ମିଲ ଜୁନାଗଡ, ଆରବିଏଫ୍‌ଏନ ଚାରବାହାଲ, ଆରକେ ଉଦ୍ୟଗ ସୁକନାଭଟା, ରବିନ ଫୁଡ ବନମାଳୀପୁର, ରାକେଶ ଟ୍ରେଡସ୍ କୋଦୋଭଟା, ବାଲାଜୀ ରାଇସ ମିଲ ବୁଡିଦର, ତ୍ରିପୁରା ଫୁଡ ପ୍ରଡକ୍ଟ ବେଲଗୁଡା, ଶ୍ୟାମଜୀ ଫୁଡ ବ୍ରାହ୍ମଣୀଗୁଡା ଆଦି ରହିଛନ୍ତି। ଏ ନେଇ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଚୁଡୁଙ୍କୁ ପଚାରିବାରୁ ମଣ୍ଡି ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ବୁଡିଦର ମଣ୍ଡି ରାସ୍ତାରେ ଚାଲିଛି।

**ଜୁନାଗଡ଼ ବ୍ଲକ**

- ୫ କି.ଗ୍ରା.ରୁ ଊର୍ଦ୍ଧ୍ୱ କଟନିରେ ଉଠୁଛି ଧାନ
- ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମିଲର୍ସଙ୍କ ବେଖାତିର



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବା
- ଗୁରୁ ନାନକ



## ସଂକ୍ଷେପରେ



### ଲକ୍ଷ୍ମୀପୁରାଣ ନାଟକ ଉଦ୍‌ଯାପିତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ହାଟପଦା ପଡାଠାରେ ମାର୍ଗଶିର ମାସରେ ଚାଲିଥିବା ଲକ୍ଷ୍ମୀପୁରାଣ ନାଟକ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୁଣା କାଳିଆ ଏହି ପରମ୍ପରାକୁ ଏବେକାର ଯୁବପିଢି ଅପଣାଇ ନିଷ୍ଠା ଓ ଭକ୍ତି ସହ ୪ପାଳି ନାଟକ ପ୍ରଦର୍ଶନ କରିବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସ୍ଥାନୀୟ ଲକ୍ଷ୍ମୀପୁରାଣ ନାଟକ କମିଟି ସଭାପତି ନଜରୁଲ୍ଲା ଖାନ, ସମ୍ପାଦକ ନରେନ୍ଦ୍ର ପରିଡା, କୋଷାଧ୍ୟକ୍ଷ ପର୍ଶୁରାମ ପଧାନଙ୍କ ପରିଚାଳନାରେ ବିରକିଶୋର ହେର୍ଣ୍ଣା(ନାରଦ), ଜଗତରାମ ଧରୁଆ(ପରାଶର), ସୁଦାମ ମେହେର(ହରି), ଦୀନବନ୍ଧୁ ବେଜ(ବଳରାମ), ମନୋଜ ହେର୍ଣ୍ଣା(ଜଗନ୍ନାଥ), ଅଜିତ ବେହେରା(ବରୁଣ), ଧରମ ପଧାନ, ଜଗତରାଜ ଧରୁଆ, ସନ୍ତୋଷ ପୋଢ, ରାଜୁ ବେହେରା, ସୁରେନ୍ଦ୍ର ରଣା, ନାଜିର ଖାନ, ନାରାୟଣ ହେର୍ଣ୍ଣା, ଲବ ରଣାଙ୍କ ସମେତ ବହୁ କଳାକାର ବିଭିନ୍ନ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ।

### ପୋଲିସ ଚଢାଉ , ୪ ଗିରଫ

**ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ବେଲପଡା ବ୍ଲକ ଗମ୍ଭାରୀ ଗାଁ ରେ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ଚଢାଉ କରି ୪ଜୁଆଡି ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫ଶହ ୭୦ ଟଙ୍କା ଓ ଘୁଡୁଘଡୁ ପଟି ଜବତ କରାଯାଇଛି। ଗିରଫ ଜୁଆଡିମାନେ ହେଲେ ପାଟଣାଗଡର ହରେଶ ଡୁମନିଆ, ତାଲପଦରର ଖିରସାଗର ପୁଟେଲ, ଗମ୍ଭାରୀର ସଙ୍କର ଗଡତିଆ ଏବଂ ତୀର୍ଥ ପାଣ୍ଡେ। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା( ନଂ. ୧୬୧ /୧୮) ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରଛନ୍ତି। ଗମ୍ଭାରୀ ଲକ୍ଷ୍ମୀ ପୂଜା ଅବସରରେ କେତେକ ଜୁଆ ଖେଳ ଚଳାଇଥିବା ନେଇ ଖବର ପାଇ ଖପ୍ରାଖୋଲ ପୋଲିସ ଏହି ଚଢାଉ କରିଥିଲା।

### ଯୋଗୀସର୍ଡାରେ ଗୀତାପାଠ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ଗୀତାଜୟନ୍ତୀ ଉପଲକ୍ଷେ ଗୀତାପାଠ ଶୁକ୍ରବାର କରାଯାଇଛି। ବ୍ରହ୍ମ ସମାଜ ସମ୍ପାଦକ ନନ୍ଦୁଲାଲ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ୟାମପ୍ରସାଦ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଗୀତାପାଠ କରିଥିଲେ। ଗୀତାପାଠର ଯଜ୍ଞାଚାର୍ଯ୍ୟ ଭାବେ ମୋହନ ମିଶ୍ର ଓ କର୍ତ୍ତା ସାନନ୍ଦ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ସମସ୍ତ ବ୍ରହ୍ମ ସମାଜ ସଦସ୍ୟ ଗୀତାପାଠ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ଆଜି କ'ଣ କେଉଁଠି**

- ଆଜିଠାରୁ ୩୪ତମ ଓଡିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ (ଓସ୍ରୁ)ର ଦୁଇଦିନିଆ ସମ୍ମିଳନୀ।
  ସ୍ଥାନ- ହୋଟେଲ ଭଗବତୀ, ବଲାଙ୍ଗୀର

# ପେଥାଇ କ୍ଷତିପୂରଣ ଦାବିରେ ଚାଷୀଙ୍କ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୧।୧୨**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଭିଜିଲା ଧାନ ଧରି ବକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- କୃଷିଋଣ ଛାଡ୍, ଧାନ କିଣା କୋହଳ ଦାବି
- ଫସଲ ବୀମା କ୍ଷତିପୂରଣ ତୁରନ୍ତ ଦିଆଯାଉ
- ଧାନ ଏମ୍‌ଏସ୍‌ପି ୩ ହଜାର ଟଙ୍କା କରିବାକୁ ଦାବି
- ପନିପରିବା ମଣ୍ଡି ଖୋଲିବା ଦାବି ଜଣାଇଲେ
- ୭୦ ପ୍ରତିଶତ କଟା ଧାନ ଭିଜିଯାଇଥିବା ଅଭିଯୋଗ

ପେଥାଇ ବର୍ଷାରେ ବଲାଙ୍ଗୀର ଜିଲାରେ ନାହିଁ ନ ଥିବା ଫସଲ କ୍ଷୟକ୍ଷତି ହୋଇଛି। ଜିଲାର ପ୍ରାୟ ୭୦ ପ୍ରତିଶତ କଟା ଧାନ ବର୍ଷାରେ ଭିଜିଯାଇଛି । ଏଭଳି ସ୍ଥିତିରେ ଜିଲାର ଚାଷୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ କୁଶମେଲ ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଶୁକ୍ରବାର ବିରାଟ ପଟୁଆରରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଜିଲା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଜିଲାରେ ଚଳିତବର୍ଷ ମରୁଡି, ଚକଡା ଉପଦ୍ରବ ଓ ପେଥାଇ ପ୍ରଭାବ ଦେଖାଦେଇଥିବାରୁ ତୁରନ୍ତ ଚାଷୀଙ୍କ ସମସ୍ତ କୃଷିଋଣ ଛାଡ କରିବା ସହ ଭିଜିଯାଇଥିବା ଧାନକୁ ଚାଷୀଠାରୁ କିଣିନେବାକୁ ଦାବି କରିଥିଲେ । ଏଫ୍‌ଏକ୍ୟୁମାନକୁ କୋହଳ କରି ଚାଷୀଙ୍କ ଠୁ ଧାନ କିଣିବା ଓ ଧାନ ସର୍ବନିମ୍ନ ସହାୟକ ମୂଲ (ଏମ୍‌ଏସପି)କୁ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା କରିବାକୁ ଦାବି କରିଥିଲେ। କୁଶମେଲ ଗ୍ରାମ ପଞ୍ଚାୟତ କୃଷକ ସଂଘ ସଭାପତି ରାଜକିଶୋର ତ୍ରିପାଠୀ ଓ ସମ୍ପାଦକ ଶାନ୍ତନୁ କୁମାର ସିଂଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଚାଲିଥିବାରୁ ଦୀର୍ଘ ୧୯ଦିନ ହେଲା ଜିଲାପାଳ କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା ଯୋଗଦେଇ ତୁରନ୍ତ କୃଷିଋଣ ଛାଡ କରିବାକୁ ଦାବି କରିଥିଲେ । ଚଳିତବର୍ଷ ଜିଲାର ଚାଷୀ ମରୁଡିଜନିତ କ୍ଷତି, ଚକଡା ଉପଦ୍ରବ ଓ ପେଥାଇ ବର୍ଷାର ମାଡ ସହି ଏକରକମ ନିଃସ୍ୱ ହୋଇଯାଇଛନ୍ତି ବୋଲି କହିଥିଲେ । ଜିଲାର ଚାଷୀଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରିବାକୁ ହେଲେ ତୁରନ୍ତ ସମସ୍ତ କୃଷିଋଣ ଛାଡ କରିବା, ଧାନର ଏଫ୍‌ଏକ୍ୟୁ ମାନକୁ କୋହଳ କରି ଚାଷୀଙ୍କଠାରୁ ସମସ୍ତ ଧାନ କିଣି ନେବାକୁ ସେ ଦାବି କରିଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ ହେବାକୁ ମାତ୍ର ଗୋଟିଏ ଦିନ ନିର୍ଦ୍ଧାରଣ କରାଯାଇଥିବାରୁ ଜିଲାର ସହସ୍ରାଧିକ ଚାଷୀ ବୀମାଭୁକ୍ତ ହୋଇପାରି ନ ଥିବା ସେ ଅଭିଯୋଗ କରିଥିଲେ। ଏହାସହିତ ଜିଲାପାଳ ତୁରନ୍ତ ପେଥାଇ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ । କୁଶମେଲ ଅଞ୍ଚଳରେ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଅଭିଯୋଗ କରି ଏଠାରେ ତୁରନ୍ତ ପନିପରିବା ମଣ୍ଡି ଖୋଲିବାକୁ ସେ ଦାବି କରିଥିଲେ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା କରିବାକୁ ଦାବି କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କୁଶମେଲ ଗ୍ରାମପଞ୍ଚାୟତର ଚାଷୀ କସ୍ତୁଭ ସାହୁ, ଭକ୍ତବନ୍ଧୁ ସାହୁ, କରୁଣାକର ତ୍ରିପାଠୀ, ଶିବପ୍ରସାଦ ସିଂ, ଶଙ୍କର୍ଷଣ ସିଂ, ଅନନ୍ତ ବିଶ୍ୱାଳ, ସୁରେନ୍ଦ୍ର ପାତ୍ର, ମାଞ୍ଚନ ମିଶ୍ର, ସୁରଜିତ ସିଂ, ଦିଲୀପ ସିଂ, ସଦାଶିବ ବିଶ୍ୱାଳ, କାନ୍ତ ବିଶ୍ୱାଳ, ଭାଗବତ ପଧାନ, ଗୋବିନ୍ଦ ପଧାନ, ପ୍ରସନ୍ନ ତ୍ରିପାଠୀ ଓ ଅନ୍ୟମାନେ ଯୋଗଦାନ କରିଥିଲେ । ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ନଦେଲେ ଚାଷୀ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଥିଲେ।



କିଶୋରୀ ବାଳିକାମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

## କିଶୋରୀ ବାଳିକାଙ୍କୁ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ

**ଲାଠୋର, ୨୧।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ମମତା ଏଚଆଇଏମସି ସଂସ୍ଥା ନୂଆଦିଲ୍ଲୀଙ୍କ ଜରିଆରେ କିଶୋରୀ ବାଳିକାମାନଙ୍କୁ ନେଇ ଏକ ଦୁଇଦିନିଆ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟଙ୍କପାଣି, କରୁଆଁଝର, ଲାଠୋର, ମାଲପଡା, ବେନ୍ଦେର, ସାହାଜପାଣି ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗ୍ରାମର ୩୦ କିଶୋରି ବାଳିକାଙ୍କୁ ନେଇ ସ୍ୱାସ୍ଥ୍ୟଗତ ଦକ୍ଷତା ତାଲିମ ପ୍ରଦାନ କରାଯାଇଛି। ସମ୍ପୃକ୍ତ ବାଳିକାମାନେ ତାଲିମ ଗ୍ରହଣ କରି ଗ୍ରାମର ବାଳିକାମାନଙ୍କୁ ମଧ୍ୟ ସଚେତନ କରାଇବେ। ତାଲିମଦାତାଭାବେ ବିଜୟ କୁମାର ମଲ୍ଲିକ ଏବଂ ମମତା ପାଣିଗ୍ରାହୀ ଯୋଗଦେଇଥିଲେ। ତାଙ୍କୁ ସହଯୋଗ କରିଥିଲେ ଖିରମୋହନ ସଗଡିଆ, ବ୍ଲକ କୋଅର୍ଡିନେଟର ଚକ୍ରଧର ଦାଶ।

ପ୍ରଥମ ଶ୍ରେଣୀରୁ ତୁରନ୍ତ ପାଶ୍-ଫେଲ ପୁନଃ ପ୍ରଚଳନ ଦାବି

## କଲେକ୍ଟୋରେଟ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର ଅଫିସ, ୨୧।୧୨**

ପ୍ରଥମ ଶ୍ରେଣୀରୁ ପାଶ୍‌-ଫେଲ ବ୍ୟବସ୍ଥାର ପୁନଃ ପ୍ରଚଳନ କରାଯିବା ଦାବିନେଇ ଛାତ୍ର ସଂଗଠନ ଅଲ୍‌ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ୟୁନିୟନ(ଏଆଇଡିଏସ୍‌ଓ) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଦିବସ ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷାନୁଷ୍ଠାନଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଣ୍ଠି ଯୋଗାଇ ଦେବା, ଫି୍ ବୃଦ୍ଧି ବନ୍ଦ କରିବା, ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ତୁରନ୍ତ ବନ୍ଦ କରିବା ସହ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ରକ୍ଷା କରିବା ଦାବି ନେଇ ବିକ୍ଷୋଭେ ପ୍ରଦର୍ଶନ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଶିକ୍ଷାମାରଣ ନୀତି ଫଳରେ ପ୍ରାଥମିକ ଓ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ସଂଗଠନ ଅଭିଯୋଗ କରିଥିଲା । ଦେଶକୁ ରକ୍ଷା କରିବାକୁ ହେଲେ ଦେଶର ଶିକ୍ଷାବ୍ୟବସ୍ଥାକୁ ପ୍ରଥମେ ରକ୍ଷା କରିବାକୁ ହେବ ବୋଲି ଛାତ୍ରନେତାମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ୫ ଦଫା ଦାବିପତ୍ର କେନ୍ଦ୍ରମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ବଲାଙ୍ଗୀର ଜିଲା କମିଟି ସଭାପତି ସୁନୀଲ ଭୋଇ, ଉପସଭାପତି କୁଶପୃଷ୍ଟି ବାଗ, ଅଫିସ ସମ୍ପାଦକ ଲକ୍ଷ୍ମୀଧର ସାମଲ, ବିକାଶ ଜେନା, ରାଜିନ୍ଦ୍ର ରଣା, ମମତା ନାଏକ, ଯୋଗେନ୍ଦ୍ର ଭୋଇ, ଖୁସିରାମ ସୁନା, ଶ୍ରୀକାନ୍ତ ମହାକୁର, ନମିତା ସୁନା, ମୁକେଶ ସ୍ୱାଇଁ ସାମିଲ ହୋଇଥିଲେ।

## ପୁଷ୍ଟିଦିବସରେ ଏଚ୍‌ଆଇଭି, ସିଫିଲିସ୍ ଟେଷ୍ଟ

**ବଲାଙ୍ଗୀର ଅଫିସ, ୨୧।୧୨**

ବଲାଙ୍ଗୀର ଜିଲାରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପୁଷ୍ଟି ଦିବସ ପାଳନ ଅବସରରେ ଶୁକ୍ରବାର ଏଚ୍ଆଇଭି ଓ ସିଫିଲିସ୍ ଟେଷ୍ଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଅରିନ୍ଦମ ଡାକୁଆ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କନ୍ଧପାଲିପଡାଠାରେ ଅନୁଷ୍ଠିତ ସହରାଞ୍ଚଳ ପିଏଚ୍‌ସିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିଏମ୍‌ଓ ଜ୍ଞାନବ୍ରତ ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଇନ୍ଦିରା ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଶ୍ୱଜିତ୍ ଯୋଷୀ, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଡାପୁସୁ ଡିପିଏମ୍ ରାଜେନ୍ଦ୍ର ମହାରାଣା, ଦୁଲାଲ କୁମାର, ରାମାନୁଜ ପଣ୍ଡା, ତୃପ୍ତୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଗର୍ଭଧାରଣର ପ୍ରଥମ ୩ ମାସ ମଧ୍ୟରେ ଗର୍ଭବତୀ ମହିଳାଙ୍କ ଏଚ୍ଆଇଭି ଓ ସିଫିଲିସ୍ ପରୀକ୍ଷା କରାଇବା ଓ ଶିଶୁକୁ ସଂକ୍ରମଣରୁ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଥିଲା।

# ଖଳାରେ ଧାନ ଗଜା ହେଲା

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

**ପେଥାଇ ପ୍ରଭାବ**



ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଚାଷୀଙ୍କ ଅମଳ ଧାନ ବସ୍ତା ଭିଜି ଗଜା ହୋଇଛି।

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ୩ଦିନର ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଖରିଫ ଅମଳ ବ୍ୟାପକ କ୍ଷତି ହୋଇଛି । ଦୁଇଦିନ ଧରି ବ୍ଲକର କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ପାଇଁ ପୃଥକ ଭାବେ ପ୍ରାଥମିକ ତଦନ୍ତ ସରିଛି । ୧୪୫୫ ହେକ୍ଟର ଚାଷ ଜମିରେ କଟା ହୋଇ ପଡିଥିବା ଧାନ ପେଟା ବର୍ଷାରେ ଭିଜି ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଅପରପକ୍ଷରେ ଖଳା କିମ୍ବା ଅନ୍ୟ ସ୍ଥାନରେ ଥିବା ବସ୍ତାଧାନ ଭିଜି ଗଜା ହୋଇଥିବା ଚିତ୍ର ହସ୍ତଗତ ହୋଇଛି। ଧାନଗଜା ସମ୍ପର୍କରେ କୃଷି ବିଭାଗର ତଥ୍ୟ ହସ୍ତଗତ ହୋଇନାହିଁ। ଶନିବାରଠାରୁ ପ୍ରତ୍ୟେକ ଚାଷୀ ପରିବାର ପାଖକୁ ଯାଇ ତଦନ୍ତ କରାଯିବ ଓ ସପ୍ତାହକ ପରେ ଇନପୁଟ ସବସିଡି ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କୃଷି ବିଭାଗ ଅଧିକାରୀ କହିଛନ୍ତି।

ଲୋଇସିଂହା ବ୍ଲକରେ ୧୦ ହଜାର ୬୫୦ ହେକ୍ଟର ଖରଫ ଧାନ ଚାଷ କରାଯାଇଥିଲା। ୪ହଜାର ହେକ୍ଟରେ ରୁଆ ବେଉଷଣ ଓ ବାକି ଜମିରେ ଖରୁଡି, ବତୁରି ପାଗ ଧାନ ବୁଣି ଚାଷୀ ଚାଷ କରିଥିଲେ। ବିଳମ୍ବିତ ବର୍ଷା ଯୋଗୁ ବ୍ଲକରେ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷ କାମ ସରିଥିଲା। ଆଗୁଆ ଚାଷ ହୋଇଥିବା ଜମିରେ ପ୍ରାୟତଃ ଅମଳ ଧାନ କଟା ସରିଥିଲା। ଏଥିରୁ କେତେକାଂଶ ଚାଷୀ ଧାନ ମଡାଇ ଘରେ ଓ ଖଳାରେ ସଂରକ୍ଷିତ ରଖିଥିବାବେଳେ ଆଉ କେତେକାଂଶ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତ ସଦର ଗ୍ରାମର ଖଳାରେ ଥିବା ସଂରକ୍ଷିତ ଧାନବସ୍ତା ଭିଜିନଷ୍ଟ ହୋଇଯାଇଛି । ଭିଜିଥିବା ଧାନବସ୍ତାରେ ଗଜା ବାହାରିଥିବା ଦୃଶ୍ୟ ସିଂଘାଣିମୁଣ୍ଡା ଗ୍ରାମର ସରୋଜ ବେହେରା ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରମିକ ଅଭାବ ତଥା ବିଳମ୍ବିତ ଚାଷ ଯୋଗୁ କେତେକାଂଶ ଜମିରେ ଧାନ କଟା ହୋଇ ପେଟା ସବୁ ପଡିଥିଲା। ରବିବାର ସନ୍ଧ୍ୟାରୁ ମଙ୍ଗଳବାର ମଧ୍ୟାହ୍ନ ପର୍ଯ୍ୟନ୍ତ ହୋଇଥିବା ଅଦିନିଆ ବର୍ଷାରେ ଜମିରେ ଏ ସବୁ ଜମିର ପେଟା ଧାନବୁଡି ରହିଥିଲା । ବର୍ଷାରେ ଚାଷୀମାନେ ନିରୁପାୟ ହୋଇଯାଇଥିଲେ। ଏହି ଜମିର ଧାନସବୁର କି ଅବସ୍ଥା ହୋଇଥିବ ତାହା ସହଜେ ଅନୁମେୟ। ଏବେ ଖରା ହେବା ପରେ ଚାଷୀମାନେ ଜମିରୁ ଧାନ ପେଟା ସଉଁଟି ଆଡି କିମ୍ବା ଢିପ ସ୍ଥାନକୁ ଆଣିବାରେ ଲାଗିପଡିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ କହିଛନ୍ତି ପ୍ରାଥମିକ ତଦନ୍ତରେ ୧୪୫୫ ହେକ୍ଟର ଜମିରେ ଧାନପେଟା ପଡିଥିବା ହସ୍ତଗତ ହୋଇଛି। ଧାନବସ୍ତାରେ ଗଜା ହେବା ଆମ ନିକଟରେ କୌଣସି ଅଭିଯୋଗ ନାହିଁ।

# ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଗ୍ରାମସଭା

**ଟିକ୍ରାପଡା,୨୧।୧୨(ଡି.ଏନ.ଏ.)**




ଟିକ୍ରାପଡାଠାରେ ଅନୁଷ୍ଠିତ ଗ୍ରାମ ସଭାରେ ମଞ୍ଚାସୀନ ଅତିଥି।

ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ସମ୍ପର୍କିତ ଏକ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ନାଏବ ସରପଞ୍ଚ ଗୁଲ୍ଲଭ ଭୋଇ ସଭାରେ ଅଧକ୍ଷତା କରିଥିଲେ। ସ୍ୱେଡ ସଙ୍ଗଠନ ଦ୍ୱାରା କରାଯାଇଥିବା ସାମାଜିକ ସମୀକ୍ଷାର ଫଳାଫଳ ଉପରେ ଅଲୋଚନା କରାଯାଇଥିଲା। ଏନଏଫଏସଏ ୨୦୧୩ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ସେବା, ଟିପିଡିଏସ ଯୋଜନା ତଥା ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏବିଡିଓ ପ୍ରଦୀପ୍ତ ପଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଭୋଇ, ପିଇଓ ଜନାର୍ଦ୍ଦନ ଯୋଶୀ, ଯୋଗାଣ ସହାଇକା ସ୍ୱାଗତିକା ଦେଓ, ଝିଙ୍କିଝୁରି ସରପଞ୍ଚ ବଜରଙ୍ଗଲାଲ ଜୈନ, ସାମାଜିକ କର୍ମୀ ଗୌରଚନ୍ଦ୍ର ରାଜପଲିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱେଡ ତରଫରୁ ଆରମ୍ଭ କରାଯାଇଥିବା ଲୋକ ସହାୟତା ସୂଚନା କେନ୍ଦ୍ର ମଧ୍ୟମରେ ପେନସନ, ପିଡିଏସ ସମ୍ବନ୍ଧୀୟ ଅଭିଯୋଗ ଦାଖଲ କରିଥିଲେ। ଗ୍ରାମସଭାର ନିଷ୍ପତ୍ତିକ୍ରମେ ଅଭିଯୋଗ ସବୁକୁ ସରକାରଙ୍କ ଉଦ୍ଦେଶ୍ୟରେ ପଠାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା।

ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

## ସେମିଫାଇନାଲ ରାଉଣ୍ଡ ଅପ ଚୂଡାନ୍ତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ଲୋଇସିଂହା ଷ୍ଟାଡିୟମଠାରେ ୟଙ୍ଗୟୁଥ ସଂସ୍ଥା ପକ୍ଷରୁ ୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବରଗଡ, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାଜିତ କରି ସେମିଫାଇନାଲ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ଉପଦେଷ୍ଟା ବୁଲୁ ବାଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ଏଆଇସିସି ସଭ୍ୟା ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସରପଞ୍ଚ ଗଣେଶ ସାହୁ, ନବ କିଶୋର ନାଏକ, ଓମପ୍ରକାଶ କୁମାର ଏବଂ ଅଜୟ ବାଲି ପ୍ରମୁଖ ସମମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଅରବିନ୍ଦ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ।



୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଖେଳାଳିଙ୍କ ସହ ଅତିଥିମାନେ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

# ୧୯ ଦିନରେ ପହଞ୍ଚିଲା ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୧।୧୨**




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ୧୯ତମ ଦିନରେ ଦିଆଯାଇଥିବା ଧାରଣା।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିକୁ ନେଇ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୧୯ତମ ଦିନରେ ପହଞ୍ଚିଛି । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ଶୁକ୍ରବାର ଜିଲା ବଲାଙ୍ଗୀର ହାଟପଦାପଡାସ୍ଥିତ ମୈତ୍ରୀ ମହଲ ଓ ମା' ଖୁଦୁରୁକୁଣି ମହିଳା କ୍ଲବ୍ ସଦସ୍ୟା, ସଦସ୍ୟ, କୁଶମେଲ ଗ୍ରାମପଞ୍ଚାୟତ କୃଷକ ସଂଘର ଶତାଧିକ ଚାଷୀ ଯୋଗଦାନ କରିଥିଲେ । ମୈତ୍ରୀ ମହଲର ମୁଖ୍ୟ ଉଦ୍ୟୋକ୍ତା ଗିରିଧାରୀ ପତିଙ୍କ ନେତୃତ୍ୱରେ ବହୁ ସଦସ୍ୟ ଧାରଣାସ୍ଥଳକୁ ଆସି ଧାରଣା ଦେଇଥିଲେ । ସେଠାରେ ଗିରିଧାରି ପତି, ଆଦ୍ୟଶଙ୍କର ମିଶ୍ର, ଅମଳି ନାଥ, ସମ୍ପଦ ଜେନା, ବାଦୁ ଜେନା, ସୁରେନ୍ଦ୍ର ମିଶ୍ର, ଜିତୁ ମୁନି, ରବୀନ୍ଦ୍ର ଜେନା, ବିବେକାନନ୍ଦ ନାଥ, ହରିଶଙ୍କର ମିଶ୍ର, ସାମନ୍ତ ପାତ୍ର, ମିଲୁ ସାହୁ, ସିଦ୍ଧାନ୍ତ ଶତପଥି, ନନ୍ଦକିଶୋର ସାହୁ, ଗୋବିନ୍ଦ ରାଉତ୍ ବକ୍ତବ୍ୟ ରଖିଥିଲେ। କୁଶମେଲ କୃଷକ ସଂଘ ସଭାପତି ରାଜକିଶୋର ତ୍ରିପାଠୀ, କସ୍ତୁଭ ସାହୁ, ଦେବରାଜ ସେଠ୍ ଓ ଅନ୍ୟ ଚାଷୀମାନେ ବକ୍ତବ୍ୟ ଦେଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ଓ ରାଜ୍ୟ ସରକାର ତୁରନ୍ତ ଏଦିଗରେ ଘୋଷଣା କରିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥି, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ଆଡଭୋକେଟ୍ ସରୋଜ ଗୁପ୍ତା, ରତନ ମହାରଣା, ସତ୍ୟ ନାଏକ, ଓଙ୍କାର ନାୟକ, ସୁଧାଂଶୁ ଦେଓ, ମାନଭଞ୍ଜନ ବେରିହା, ଅସିତ ଷଡଙ୍ଗୀ, ଦେବାଶିଷ ବିଶ୍ୱାଳ, ସମାଜକର୍ମୀ ବିକ୍ରମାନନ୍ଦ ବହିଦାର, ବୃନ୍ଦାବନ ରାଉଳ, ତୋଳାମଣି ପ୍ରଧାନ ଓ ଅନ୍ୟମାନେ ଧାରଣାରେ ବସି ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ଦୋହରାଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଡିସେମ୍ବର, ୨୦୧୮



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।

- ଚରଣ ସିଂ



## ସଂକ୍ଷେପରେ

### ଯୁବ ନେତାଙ୍କୁ ନୂତନ ଦାୟିତ୍ୱ

**ରାଉରକେଲା ଅଫିସ,୨୧। ୧୨-** ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ କୋଅର୍ଡିନେଟର ଭାବେ ଯୁବ ନେତା ଆଶିଷ ଲାକ୍ରାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀଦିନରେ ସେ ଦଳକୁ ସଂଗଠିତ କରି ଲୋକାଭିମୁଖୀ କାର୍ଯ୍ୟରେ ସହଯୋଗ କରିବେ ବୋଲି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

### ରାଉରକେଲା କଲେଜରେ ଛାତ୍ର ଅଶାନ୍ତି

**ରାଉରକେଲା ଅଫିସ,୨୧।୧୨-** ଜଣେ ଅଧାପକଙ୍କ ମନମୁଖି କାର୍ଯ୍ୟକୁ ନେଇ ସେକ୍ଟର-୪ ରାଉରକେଲା କନିଷ୍ଠ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତ ଦେଖାଦେଇଛି। ବେଆଇନ ଅର୍ଥ ଆଦାୟ, ଛାତ୍ରୀଙ୍କୁ ଶାଢ଼ି ପିନ୍ଧିବାକୁ ବାଧ କରିବା ଭଳି ଏକାଧିକ ଅଭିଯୋଗ ନେଇ ଶୁକ୍ରବାର କେତେଜଣ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଧାପକଙ୍କ ନାମରେ ବିଭିନ୍ନ ସମୟରେ ଏଭଳି ଅଭିଯୋଗ ହୋଇ ଆସୁଥିବା ବେଳେ ଅଧକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏନେଇ ମହାବିଦ୍ୟାଳୟ ଅଧକ୍ଷ ସୁବାସ କାରୁଆଙ୍କୁ ପଚାରିବାରୁ ଏହାକୁ ଅସ୍ୱୀକାର କରିଥିଲେ।

### ରେଳବାଇ ହାଇସ୍କୁଲ ବର୍ଦ୍ଧିତ ଫି ଛାଡ଼

**ରାଉରକେଲା ଅଫିସ,୨୧।୧୨-** ବନ୍ଧମୁଣ୍ଡା ରେଳବାଇ ହାଇସ୍କୁଲ ଫି ବାବଦକୁ ବଢ଼ା ଯାଇଥିବା ୩ହଜାର ଟଙ୍କା ଉପରେ ରୋକ ଲଗାଇଛନ୍ତି ଦକ୍ଷିଣ ପୂର୍ବ ରେଳବାଇ ଜିଏମ୍। ଏହି ପଦକ୍ଷେପକୁ ଭାଜପା ସମେତ ବିଦ୍ୟାଳୟ ଅଭିଭାବକ ସଂଘ ସ୍ୱାଗତ କରିଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ୩ହଜାର ଫି ବୃଦ୍ଧି କରିବାରୁ ଅଭିଭାବକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଭାଜପା ନେତୃତ୍ୱରେ ଏକ ପଦଯାତ୍ରା କରାଯାଇ ବିଭାଗୀୟ ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଏଆର୍‌ଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଘଟଣାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ହସ୍ତକ୍ଷେପ ପରେ ବର୍ଦ୍ଧିତ ଫିକୁ ସ୍ଥଗିତ ରଖାଯାଇଛି। ଏନେଇ ଅଭିଭାବକ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଓରାମ, ବିଭାଗୀୟ ଜିଏମଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ନିଜ ମାଟିରେ ଅଲୋଡ଼ା ଆଦିବାସୀ, ମିଳୁନି ଜମି ପଟ୍ଟା

# ତହସିଲଦାରଙ୍କ ନିକଟରେ ସମୂହ ଆବେଦନ

**ରାଉରକେଲା ଅଫିସ,୨୧।୧**

ଲାଠିକଟା ବ୍ଲକ ଅଧୀନ ଜଙ୍ଗଲ ପରିବେଷ୍ଟିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କୁ ଜମି ପଟ୍ଟା ମିଳୁନାହିଁ। ଜଙ୍ଗଲ ଓ ଅନାବାଦି କିଷମ ଜମିରେ ଘରବାଡି କରି ରହୁଥିବା ଆଦିବାସୀ ପରିବାର ଲୋକଙ୍କୁ ସରକାର ଜମି ଅଧିକାର ଦେବାକୁ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯାଇ ନ ଥିବା ମୂଳବାସୀ ଆଦିବାସୀ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଗୁରୁବାର ଅପରାହ୍ନରେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଲାଠିକଟା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଖ ଚର୍ଚ୍ଚ ନିକଟରୁ ଆନ୍ଦୋଳକାରୀମାନ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଏହି ଅବସରରେ ଆଦିବାସୀମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ଦାବି କରିଥିଲେ।




ଜମି ପଟ୍ଟା ପ୍ରଦାନ ଦାବି ନେଇ ବିଧାୟକ ଜର୍ଜ ତିର୍କୀଙ୍କ ସହ ଆଦିବାସୀମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜମି ଓ ଜଙ୍ଗଲ ଉପରେ ଆଦିବାସୀଙ୍କ ସ୍ୱତଃ ଆଇନଗତ ଅଧିକାର ରହିଥିବା ବେଳେ ଏହାକୁ ସରକାର ଅଣଦେଖା କରୁଥିବା ଅଭିଯୋଗ କରାଯାଇଥିଲା। ବନାଞ୍ଚଳରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ଆଦିବାସୀ ପରିବାର ଲୋକଙ୍କୁ ଜମି ଅଧିକାର ପ୍ରଦାନ କରାଯାଉ ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଅନ୍ୟପକ୍ଷେ ସରକାର ବିଭିନ୍ନ ଯୋଜନା ଘୋଷଣା କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା ପ୍ରତିଫଳିତ ହେଉ ନ ଥିବା ଆଦିବାସୀ ନେତା ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ନିରୀହ ଆଦିବାସୀ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। କେତେବେଳେ କର୍ତ୍ତୃପକ୍ଷ ସର୍ଭେ ଆଳରେ ସମୟ ଗଡାଇ ଚାଲୁଥିବାବେଳେ ବିଭିନ୍ନ ଆଳ ଦେଖାଇ ପଟ୍ଟା ପ୍ରଦାନ କରୁ ନାହାଁନ୍ତି। ଏପରି ଅବସ୍ଥାରେ ନିଜ ମାଟିରେ ଅଲୋଡା ଆଦିବାସୀ ପରିବାର ବହୁ ହଇରାଣ ହେଉଥିବା ଅଭିଯୋଗ କରାଯାଇଥିଲା। ବିଧାୟକ ତିର୍କୀ କହିଥିଲେ, ସାମ୍ବିଧାନିକ ବିଧି ବ୍ୟବସ୍ଥା ଓ ସରକାରଙ୍କ ଘୋଷଣା ଅନୁସାରେ ନିର୍ବାଚନ ପୂର୍ବରୁ ତୁରନ୍ତ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉ। ଅନ୍ୟପକ୍ଷେ ସରକାର ଆଦିବାସୀଙ୍କ କ୍ରୋଧର ଶିକାର ହେବେ। ଏହି ଅବସରରେ ଉପସ୍ଥିତ ଶତାଧିକ ଆଦିବାସୀ ପରିବାର ପଟ୍ଟା ପାଇବାକୁ ବିଭାଗୀୟ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିଥିଲେ। ଏଥିରେ ଲେଥା ତିର୍କୀ, ସିପ୍ରିୟାନ ୱିଲିୟମ କିରୋ, ଦିଲ୍ଲୀପ ଲେହେରୀ, ଭୁରୁଙ୍ଗା ତିର୍କୀ, ବୁଧନାଥ ଖାଲକୋ, ଗୋପୀନାଥ ରଣା, ଅଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧିମଣ୍ଡଳୀ

**ରାଉରକେଲା ଅଫିସ,୨୧।୧୨**

ବନ୍ଧମୁଣ୍ଡା ବି ସେକ୍ଟର ଗାନ୍ଧୀ ନଗର ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ଘରୁ ବହାରୁଥିବା ବର୍ଜ୍ୟ ଜଳ ସହ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ଫଳରେ ପାଣି ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଭାଜପା ନେତା ଧୀରେନ ସେନାପତି ଅଭିଯୋଗ କରିଛନ୍ତି। ଏନେଇ ସେନାପତିଙ୍କ ନେତୃତ୍ୱରେ ଶୁକ୍ରବାର ଏକ ପ୍ରତିନିଧିମଣ୍ଡଳୀ ଉଦିତନଗରଠାରେ ଥିବା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସସସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରି କହିଥିଲେ ଯେ, କଲୋନୀରେ ପାଣି ନିଷ୍କାସନ ନେଇ ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହାର ଦୁର୍ଦ୍ଦଶା ଜନସାଧାରଣଙ୍କୁ ଭୋଗିବାକୁ ପଡୁଛି। ବର୍ଜ୍ୟ ଜଳ ରାସ୍ତାରେ ବହୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ମୁଖ୍ୟ ରାସ୍ତା ପାର୍ଶ୍ୱ ଡ୍ରେନ ସଫା କରାଯାଉ ନ ଥିବାରୁ ଏହା ପୋତି ହୋଇଗଲାଣି। ଏପରି କି ଅଜିଆ ଆବର୍ଜନା ଯୋଗୁ ମଶା ବଂଶ ବୃଦ୍ଧି ପାଉଛି। ଡ୍ରେନ ସଫା କରିବା ସହ ତୁରନ୍ତ ମରାମତି କରିବାକୁ ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ପର୍ଯ୍ୟାୟ କ୍ରମେ ସମସ୍ୟାର ସମାଧାନ କରାଯିବ ବୋଲି ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧିମଣ୍ଡଳୀ ସୂଚନା ଦେଇଛନ୍ତି। ଏଥିରେ ପୂର୍ବତନ କାଉନସିଲର ପ୍ରମିଳା ସୋନା, ନିର୍ମଳା ବିଶ୍ୱାଳ, ସୁମିତ୍ରା ମିଞ୍ଜ, ଘରିମା ଲଡା, ଉଷା ଦେବୀ, ଏମ୍ ସନ୍ତୋଷୀ, ରୀନା ଦାସ, ନୀତୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ ଆସୋସିଏଶନ ନିର୍ବାଚନ

# ମତଦାନ ଶେଷ, ଆଜି ଫଳାଫଳ ଘୋଷଣା

**ରାଉରକେଲା ଅଫିସ,୨୧।୧୨**

ରାଉରକେଲା ଓକିଲ ସଂଘ ନିର୍ବାଚନ ନେଇ ଶୁକ୍ରବାର ମତଦାନ ଶେଷ ହୋଇଛି। ଏଥିରେ ମୋଟ ୭୭୦ ମତଦାତାଙ୍କ ମଧ୍ୟରୁ ୬୪୨ଜଣ ମତଦାନ କରିଛନ୍ତି। ଶନିବାର ସକାଳ ୧୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଜାରି ରହିଥିଲା। ଏନେଇ କୋର୍ଟ ପରିସରରେ ଉତ୍ସାହ ଲାଗି ରହିଥିଲା। ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ସଭାପତି ପଦ ପାଇଁ ରମେଶ ବଳ ଓ ପ୍ରଦୀପ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ସାଧାରଣ ସମ୍ପାଦକ ପାଇଁ ଅକ୍ଷୟ ସାହୁ ଓ ରାଜକିଶୋର ପ୍ରଧାନ, ଉପସଭାପତି ପାଇଁ ୫ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ସମ୍ପାଦକ ପଦବୀ ପାଇଁ ୨ ଜଣ, ସହକାରୀ ସ୍ୱତନ୍ତ୍ର ସମ୍ପାଦକ ପାଇଁ ୩ଜଣ, କୋଷାଧକ୍ଷ ପଦ ପାଇଁ ଉପେନ୍ଦ୍ର ବଘାର ଓ ଶ୍ରୀନିବାସ ପଣ୍ଡାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।



ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ନେଇ ରାଉରକେଲା ବାରଆସୋଏଶନ ପରିସରରେ ମତଦାନ କରାଯାଉଛି।

## ବିପିଏଲ୍ ପରିବାରକୁ ମିଳୁନି ଏଲ୍ଇଡି ବଲ୍ବ

**କିର୍ମିରା,୨୧।୧୨ (ଡି.ଏନ.ଏ)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଭିମଯୋର ପଞ୍ଚାୟତର ଶତାଧିକ ବିପିଏଲ ପରିବାର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଏଲ୍ଇଡି ବଲବ୍ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଗତ ମାସରେ ଭିମଯୋର ପଞ୍ଚାୟତରେ ଏଲ୍ଇଡି ବଲବ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ବିପିଏଲ ପରିବାରକୁ ୨ଟି ଏଲ୍ଇଡି ପ୍ରଦାନ କରାଯାଇଛି। ତେବେ ନୂତନ ଭାବେ ରାଶନକାର୍ଡ ପାଇଥିବା ପରିବାରକୁ ଏଥିରୁ ବଞ୍ଚିତ କରାଯାଇଛି। ଏନେଇ ଅଧିକାରୀ ଜଣକ କହିଛନ୍ତି, ନୂତନ କାର୍ଡଧାରୀଙ୍କ ପାଇଁ ବଲବ୍ ଆସି ନ ଥିବାରୁ ଦିଆଯାଇ ନାହିଁ। ଅନ୍ୟପକ୍ଷେ ଉପଭୋକ୍ତାମାନଙ୍କୁ ପାତରଅନ୍ତର କରାଯାଉଥିବା ନେଇ ଅସନ୍ତୋଷ ଦେଖାଦେଇଛି।

# ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୧। ୧୨**

ରାଉରକେଲା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ଆୟୋଜିତ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ଅଶୋକ ପ୍ରସାଦ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ଏଭଳି ଉତ୍ସବ ପାଳନ କରିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କ୍ରୀଡା ସଂସଦ ଉପଦେଷ୍ଟା ଉତ୍ତମ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ସୁଭାଶିଷ ଦାସ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ବିଜୟୀ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତା ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।




କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରମାନେ ପରେଡ ପ୍ରଦର୍ଶନ କରୁଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ, ସେବା ବ୍ୟାହତ

**ରାଉରକେଲା ଅଫିସ,୨୧। ୧୨**

ବିଭିନ୍ନ ଦାବି ନେଇ ଶୁକ୍ରବାର ଅଲ୍ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ ପକ୍ଷରୁ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଏଥିରେ ବେଆଇନ ବ୍ୟାଙ୍କ ମିଶ୍ରଣ, କୋର ବ୍ୟାଙ୍କିଙ୍ଗ ଓ ଏନ୍‌ପିଏ ରିକଭରି ଉପରେ ଗୁରୁତ୍ୱ, ଚାର୍ଟର ଅଫ ଡିମାଣ୍ଡ ଅନୁସାରେ ଦରମା ସଂଶୋଧନ, ସପ୍ତାହକୁ ୫ ଦିନ କାମ, ଫାମିଲି ପେନସନ ଆଦି ଦାବି କରାଯାଇଥିଲା। କାର୍ଯ୍ୟବନ୍ଦ ଆନ୍ଦୋଳନରେ ଶତାଧିକ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ। ଫଳରେ ବ୍ୟାଙ୍କ ସେବା ବ୍ୟାହତ ହୋଇଥିଲା।




ବିଭିନ୍ନ ଦାବି ନେଇ ଶୁକ୍ରବାର ଅଲ୍ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ ପକ୍ଷରୁ ଆନ୍ଦୋଳନ କରାଯାଉଛି।

# ରିଂ ରୋଡରେ ଗଡ଼ିବ ୧୫ଶହ ସାଇକେଲ

**ରାଉରକେଲା ଅଫିସ,୨୧।୧୨**

**ସାଇକ୍ଲୋଥନ-୨୦୧୮**

ପରିବର୍ତ୍ତିତ ଜୀବନଶୈଳୀ ଯେତିକି ବ୍ୟସ୍ତବହୁଳ ହେଉଛି ସେହି ଅନୁସାରେ ଯନ୍ତ୍ରଚାଳିତ ଯାନ ଉପରେ ମଣିଷ ନିର୍ଭରଶୀଳ ହୋଇପଡୁଛି। ଏଣୁ ଏହାର ସଂଖ୍ୟା ଦ୍ରୁତ ଗତିରେ ବଢିବାରେ ଲାଗିଛି। ଫଳରେ ବାୟୁ ପ୍ରଦୂଷଣ ହୋଇ ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଏପରି ଏକ ଘଡିସନ୍ଧି ମୁହୂର୍ତ୍ତବେଳେ ସାଇକେଲର ବ୍ୟବହାର ନେଇ ସମସ୍ତେ ଚିନ୍ତା କରିବା ସହ ଏହାର ଉପଯୋଗ ନେଇ ପ୍ରୟାସ ଆରମ୍ଭ କରାଯାଇଛି। ରୋଟାରି କ୍ଲବ ଅଫ୍ ରାଉରକେଲା ରୟାଲ ପକ୍ଷରୁ ଏନେଇ ଚେଷ୍ଟା ଜାରି ରହିଛି। ସାଇକେଲ ଚାଳନା ପ୍ରତି ଆଗ୍ରହ ବୃଦ୍ଧି ନେଇ ଆସନ୍ତା ରବିବାର ସକାଳୁ ଆରମ୍ଭ ହେବାକୁ ଯାଉଛି ସାଇକ୍ଲୋଥନ ପ୍ରତିଯୋଗିତା। ଗତ ବର୍ଷ ଏହି କାର୍ଯ୍ୟକ୍ରମରେ ୧୧ଶହ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ଏଥର ଏହି ସଂଖ୍ୟା ୧୫ ଶହକୁ ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏନେଇ ବ୍ରାହ୍ମଣୀ କ୍ଲବଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ସାଇକେଲ ଚାଳନା ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ବ୍ୟାୟାମ ଶୈଳୀ। ବାଇକ୍ ପରିବର୍ତ୍ତେ ଅଧିକରୁ ଅଧିକ ସାଇକେଲ ରାସ୍ତାରେ ଗଡିଲେ ପରିବେଶ ସନ୍ତୁଳନ ରକ୍ଷା କରାଯାଇ ପାରିବ। ବ୍ୟବହାର ଦୃଷ୍ଟିରୁ ଏହା ଅତି ସହଜ ଓ ସୁରକ୍ଷିତ। ଏହା ଦୁର୍ଘଟଣା ରୋକିବାରେ ମଧ ସହାୟକ ହେବ। ଆବଶ୍ୟକତା ନ ଥାଇ ଆଜିର ଯୁବ ବର୍ଗଙ୍କ ଦ୍ୱାରା ବାଇକ୍ ଓ ସ୍କୁଟି ଭଳି ଦୁଇ ଚକିଆ ଯାନ ବହୁଳ ଭାବେ ବ୍ୟବହାର କରାଯାଉଛି। ଏହାକୁ ଆଂଶିକ ଚେକ ଦେବା ଓ ସାଇକେଲ ଚାଳନା ଦିଗରେ ଆଗ୍ରହ ସୃଷ୍ଟି କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ରହିଛି ବୋଲି କହିଥିଲେ ଅନୁଷ୍ଠାନ କର୍ମକର୍ତ୍ତା। ଏ ନେଇ ରବିବାର ସକାଳୁ ଷ୍ଟିଲ ସିଟିର ରିଂ ରୋଡରେ ଏହି ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସବୁ ବର୍ଗର ଲୋକେ ଭାଗ ନେଇ ପାରିବେ। ଗ୍ରୁପ ଅନୁସାରେ ସମସ୍ତଙ୍କ ପାଇଁ ଭିନ୍ନ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଛୋଟ ପିଲାଙ୍କ ପାଇଁ ୩ଶହ ଓ ବଡଙ୍କ ନିମନ୍ତେ ୬ଶହ ଏଣ୍ଟ୍ରି ଫି ରହିଛି। ଏହା ବଦଳରେ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ହେଲମେଟ ସହ ଅନ୍ୟ ଆବଶ୍ୟକୀୟ କିଟ ପ୍ରଦାନ କରାଯିବ। ଏଥିରେ ସଭାପତି ବିକାଶ ଗୋଲଚା, ଇଭେଣ୍ଟ ଅଧ୍ୟକ୍ଷ ରାକେଶ ଅଗ୍ରୱାଲଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଭଡୁଁରାରେ ପାଇପ୍ ଫାଟି ଜଳଯୋଗାଣ ବ୍ୟାହତ

**କିର୍ମିରା,୨୧।୧୨ (ଡି.ଏନ.ଏ)**

କିର୍ମିରା ବ୍ଲକ ଭଡୁଁରା ଗ୍ରାମ ଜଳଯୋଗାଣ ପ୍ରକଳ୍ପ ଯୋଗେ ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ଅନେକ ସ୍ଥାନରେ ପାଇପ ଫାଟି ବର୍ତ୍ତମାନ ଜଳଯୋଗାଣ ବ୍ୟାହତ ହୋଇଛି। ମିଳିଥିବା ସୂଚନା ମୁତାବକ ଗ୍ରାମରେ ୨୦୦୭ରୁ ଜଳଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇଛି। ୨୦୧୪ରେ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ନିର୍ମାଣ ହୋଇଥିଲା। ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ପାଣି ଯୋଗାଣ ହୋଇ ନ ଥିଲା। ଫଳରେ ଗ୍ରାମର ଉପର ମୁଣ୍ଡରେ ବସବାସ କରୁଥିବା ଗ୍ରାମବାସୀ ପାଣି ପାଇପାରୁ ନ ଥିଲେ। ତେବେ କିଛି ଦିନ ହେଲା ପାଇପରେ ପାଣି ଛଡା ଯାଇଥିଲା। ହେଲେ ନିମ୍ନମାନର ପାଇପ ଯୋଗୁ ବିଭିନ୍ନ ସ୍ଥାନରେ ପାଇପ ଫାଟି ଜଳ ଯୋଗାଣ ବ୍ୟାହତ ହୋଇଛି। ନୂତନ ପାଇପ୍ ବିଛାଯାଇ ପାନୀୟଜଳ ଯୋଗାଇ ଦେବାକୁ ସରପଞ୍ଚ ମଞ୍ଜୁଳତା ବାଗ ଦାବି କରିଛନ୍ତି।



ପାଇପ ଫାଟି ଜଳ ଯୋଗାଣ ବ୍ୟାହତ ।

# ବିଜୁ ଯୁବବାହିନୀ ପକ୍ଷରୁ କ୍ଲଷ୍ଟରସ୍ତରୀୟ ବୈଠକ

**ରାଉରକେଲା ଅଫିସ,୨୧।୧୨**

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ବିଜୁ ଯୁବବାହିନୀର କ୍ଲଷ୍ଟରସ୍ତରୀୟ ବୈଠକ ଶୁକ୍ରବାର ପାନପୋଷ ଆଇଟିଡିଏ ହଲଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଇ ଅନ୍ତର୍ଗତ ୫ଟି ଜିଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼ ସହ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ ଓ ରାଉରକେଲା ଆର୍‌ଏମ୍‌ସି ଅଞ୍ଚଳରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସଭାରେ ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡା, ବିଜୁ ଯୁବବାହିନୀ କ୍ଲଷ୍ଟର ଇ ମୁଖ୍ୟ ଶରତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟାଳୟ ପ୍ରତିନିଧି ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ। କମିଶିନର ପଣ୍ଡା ଗତ ୮ ମାସରେ ବିଜୁ ଯୁବବାହିନୀ ପକ୍ଷରୁ ରାଉରକେଲାରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଏହାର ଆଭିମୁଖ୍ୟ ନେଇ ଆଲୋକପାତ କରିଥିଲେ। କ୍ଲଷ୍ଟର ଇ ମୁଖ୍ୟ ପଟ୍ଟନାୟକ ବକ୍ତବ୍ୟରେ ବିଭିନ୍ନ ଜିଲାରେ କରାଯାଉଥିବା କାର୍ଯ୍ୟକ୍ରମ ଓ ଏହାର ସଫଳତା ନେଇ ସୂଚନା ପ୍ରଦାନ କରିଥିଲେ। ଏଥିରେ ରଶ୍ମିରଞ୍ଜନ ମହାପାତ୍ର ସମୀକ୍ଷା ବୈଠକ ପରିଚାଳନା କରି ସମସ୍ତ ଜିଲାର କାର୍ଯ୍ୟକ୍ରମ ନେଇ ତଥ୍ୟ ସଂଗ୍ରହ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ଜୋନାଲସ୍ତରୀୟ ଯୁବ ସମାବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସବୁ ଜିଲ୍ଲାର ଯୁବ ସଂଯୋଜକ ନିଜ ଅଞ୍ଚଳର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। ରାଉରକେଲା ଯୁବ ସଂଯୋଜକ ବିକ୍ରମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁନ୍ଦରଗଡ ଜିଲା ସଂଯୋଜକ ଅଭିନବ କର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଅଭିଷେକ ମିଶ୍ର, ପାର୍ଥସାରଥି ସାହୁ, ତ୍ରିପ୍ତି ସୋନମ ଟପୋ, ପ୍ରତିମା ସୋରେନ, ସ୍ୱରାଜଗୌରବ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ବିଜୁ ଯୁବବାହିନୀ ସଫଳତାର ସହ କାର୍ଯ୍ୟ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ।




ବିଜୁ ଯୁବବାହିନୀ କ୍ଲଷ୍ଟରସ୍ତରୀୟ ବୈଠକରେ ଉପସ୍ଥିତ ଅତିଥି।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ



### ୩ ବାଇକ୍ ମଧ୍ୟରେ ଧକ୍କା: ୬ ଆହତ

**ବଡଗାଁ,୨୧।୧୨(ଡି.ଏନ.ଏ.)**– ସୁନ୍ଦରଗଡ ଜିଲା ବଡଗାଁ ମହାବୀର ଛକ ନିକଟରେ ଶୁକ୍ରବାର ଅପରାହ୍ନ ୨ଟାରେ ୩ ବାଇକ ମଧ୍ୟରେ ଧକ୍କା ହୋଇ ୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ପରମା ଖଡିଆ (୧୧), ଡୁଡୁଙ୍ଗପଡାର ଦିନେଶ ଇନ୍ଦୁଆର (୨୧), ଆସବିନ, ବେହେରାମାଲ ଗ୍ରାମର ସଞ୍ଜିତ ନାଏକ (୨୨), ବାଲିପୋଷ ଗ୍ରାମର ସୁନୀଲ ମିଞ୍ଜ, ପ୍ରଶାନ୍ତ ଜୟପୁରିଆ । ସୂଚନାନୁଯାଇ, ଚଳନାମୁଣ୍ଡା ପଡାର ଗଳି ରାସ୍ତାରୁ ଏସଏଚ–୧୦କୁ ଏମାନଙ୍କ ମଧ୍ୟରେ ଏକ ବାଇକ ଚାଳକ ହଠାତ୍ ଆସିଯିବାରୁ ବଡଗାଁ ପଟକୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା । ଏହି ସମୟରେ ପଛପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ମଧ୍ୟ ପିଟି ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

### ରୁଙ୍ଗଟା କମ୍ପାନୀ ପକ୍ଷରୁ ଶିକ୍ଷଣ ସାମଗ୍ରୀ ପ୍ରଦାନ

**ଟେନସା,୨୧।୧୨(ଡି.ଏନ.ଏ.)**- ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷାର ମାନ ତଥା ଭିତ୍ତିଭୂମିର ବିକାଶ ନିମନ୍ତେ ରୁଙ୍ଗଟା କମ୍ପାନୀ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ପଦକ୍ଷେପ ଚାଲୁ ରହିଛି । ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ଅଧୀନରେ ଥିବା ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣିର ସିଏସଆର ତରଫରୁ ସ୍ଥାନୀୟ ବଡଇନ୍ଦୁପୁର ଅଙ୍ଗନୱାଡି, ଗଣୁଆ ଅଙ୍ଗନୱାଡି ଏବଂ ସୁନାପୋଷି ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା କୁନି ପିଲାମାନଙ୍କ ପାଇଁ ଷ୍ଟଡି ଟେବୁଲ ଓ ଚେୟାର, ଏଜୁକେସନାଲ ବକ୍ସ ଏବଂ ଦରି ଇତ୍ୟାଦି ପ୍ରଦାନ କରାଯାଇଛି । କୋଇଡା ଆଇସିଡିଏସର ମାଲଦା ପଞ୍ଚାୟତ ଅଧୀନରେ ଥିବା ପାଖାପାଖି ୧୧ଟି ଅଙ୍ଗନୱାଡି କେନ୍ଦ୍ରକୁ ପିଲାମାନଙ୍କ ପାଠପଢ଼ା ନିମନ୍ତେ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଛି। ଏହା ସହିତ ମାଲଦା ପଞ୍ଚାୟତ ଅଧୀନରେ ଥିବା ୧୬ଟି ପ୍ରାଇମେରୀ ସ୍କୁଲ ଏବଂ ପ୍ରୋଜେକ୍ଟେ ପ୍ରାଇମେରୀ ସ୍କୁଲକୁ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ଆଗରୁ ବଣ୍ଟା ଯାଇଛି । ଏହି ଭଳି କାର୍ଯ୍ୟକ୍ରମରେ ଖଣି ପ୍ରବନ୍ଧକ ସଂଗ୍ରାମ କିଶୋରୀ ଗଡନାୟକ, କାର୍ମିକ ବିଭାଗର ଏଜିଏମ ବିଷ୍ଣୁପଦ ଷଡଙ୍ଗୀ, ସିଏସଆର ସହକାରୀ ମ୍ୟାନେଜର ଉଜ୍ଜଳ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ କାମନା କରି ନିଜର ନାମକୁ ଶିକ୍ଷାକ୍ଷେତ୍ରରେ ଆଗେଇ ନେବାକୁ ଉପଦେଶ ଦେଇଥିଲେ ।

ବିଜ୍ଞାନ, ଚିତ୍ରାଙ୍କନ, ହସ୍ତ ଶିଳ୍ପକଳା ପ୍ରଦର୍ଶନୀ

# ଧୈର୍ଯ୍ୟ, ନିଷ୍ଠା ବିଦ୍ୟାର୍ଥୀ ଜୀବନରେ ସଫଳତା ଦିଏ

**ସୁନ୍ଦରଗଡ,୨୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ, ଚିତ୍ରାଙ୍କନ, ହସ୍ତଶିଳ୍ପକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ୨୫୬ ଗୋଟି ବିଭିନ୍ନ ପ୍ରକଳ୍ପ, ହସ୍ତଶିଳ୍ପ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ଗୋଇଥିଲା । ଉଦଘାଟନୀ ଦିବସରେ ଡା. ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଉଦଯାପନୀ ଦିବସରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାଇ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଧୈର୍ଯ୍ୟ ଓ ନିଷ୍ଠା ବିଦ୍ୟାର୍ଥୀଙ୍କୁ ଜୀବନରେ ସଫଳତା ପାଇବାକୁ ସହାୟକ ହୋଇଥାଏ। ଏ ଦିଗରେ ଉଭୟ ଶିକ୍ଷକ ଓ ଅଭିଭାବକ ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ସୃଜନାତ୍ମକ ଗୁଣଗୁଡିକର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟି ସମ୍ପାଦକ ରାଜ କିଶୋର ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ପ୍ରତି ବିଶ୍ୱବ୍ୟାପୀ କାର୍ଯ୍ୟ କରୁଥିବା ଗୁଗୁଲ, ମାଇକ୍ରୋସଫ୍ଟ ଭଳି ବିଭିନ୍ନ କମ୍ପାନୀରେ ଭାରତୀୟମାନଙ୍କ ମୁଖ୍ୟ ଭାବେ କାର୍ଯ୍ୟ କରିବା ଗୌରବର ବିଷୟ ବୋଲି କହିବା ସହ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ବିଭାଗର ଯୋଜନା ଅନୁଯାୟୀ ବିଜ୍ଞାନକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରଳ ଓ ବୋଧଗମ୍ୟ କରିବା ପାଇଁ ଅଟଳ ଟିଙ୍କରିଙ୍ଗ ଲ୍ୟାବ ଏହି ବିଦ୍ୟାଳୟରେ ଖୋଲା ଯାଇଥିବାରୁ କୃତଜ୍ଞତା ଜଣାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡଃ ହରପ୍ରିୟା ପଟେଲ ସଭାରେ ପୌରହିତ୍ୟ କରି ବିଜ୍ଞାନ ଶିକ୍ଷା ଅନେକ ତଥ୍ୟର ପରୀକ୍ଷା ନିରୀକ୍ଷା ଓ ସୃଜନାତ୍ମକ ଉଦ୍ଭାବନ କରିବାରେ ସହାୟକ ହେବା ସାମାଜିକ ତଥା ଅର୍ଥନୈତିକ ସମସ୍ୟାର ସମାଧାନ କରିଥାଏ । ବିଜ୍ଞାନ ଭବିଷ୍ୟତକୁ ପରିବର୍ତ୍ତନ କରିବା ସହ ସମାଜର ହିତ ପାଇଁ ଏହାର ସକରାତ୍ମକ ପ୍ରୟୋଗ ହେବା ଆବଶ୍ୟକ ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟି ସଭ୍ୟ ଆଡଭୋକେଟ ନିମାଇଁ ଚରଣ ନାଏକ, ବେଣୁମାଧବ ତ୍ରିପାଠୀ, ତାରାକାନ୍ତ ରକ୍ସା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଓ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଅଟଳ ଟିଙ୍କରିଙ୍ଗ ଲ୍ୟାବକୁ ଉଦ୍‌ଘାଟନ କରିଥିଲେ ।




ଆୟୋଜିତ ମେଳାରେ ଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି (ବାମ)। ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ସୁନ୍ଦରଗଡ଼ ପବ୍ଲିକ ସ୍କୁଲ**

# ବାଇକ୍‌ରେ କାଠ ଚୋରା ଚାଲାଣ, ଜଣେ ଗିରଫ

**ବଡଗାଁ,୨୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବନଖଣ୍ଡ ଅଧୀନ ଖଡକୁରବାହାଲ ଗ୍ରାମର ଜଣେ ବ୍ୟକ୍ତି ବାଇକରେ କାଠ ଚୋରା ଚାଲାଣ କରୁଥିବା ବେଳେ ବନ ଅଧିକାରୀଙ୍କ ହାବୁଡରେ ପଡିଥିଲେ । କର୍ମଚାରୀଙ୍କୁ ଦେଖି ବାଇକ୍ ଛାଡି ଦୌଡି ପଳାଇଥିବା ସମ୍ପୃକ୍ତ କାଠ ଚୋରା ଚାଲାଣକାରୀଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେ ହେଲେ ଖଡକୁରବାହାଲ ଗ୍ରାମର ଏତୁଆ ସାହୁ (୪୩) । ସୂଚନାନୁଯାଇ, ଗତ ମାସ ୬ ତାରିଖ ସନ୍ଧ୍ୟାରେ ଉଦ୍ଧାର ଏକ ବର୍ଜକାପ୍ତାକୁ ଜଙ୍ଗଲରେ ଛାଡିବା ପାଇଁ ରେଞ୍ଜର ବିଜୟ କୁମାର ମହାପାତ୍ର, ଫରେଷ୍ଟର ନରେଶ କୁମାର ଭୋଇ, ବିକେ ପଟ୍ଟନାୟକ ଓ ଗାର୍ଡ ବିଜୟ କୁମାର ବାହାଲା ପଞ୍ଚରା ଫରେଷ୍ଟ ସେକସନ୍‌ର ବ୍ରାହ୍ମଣୀ ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ । ସେଠାରୁ ଫେରୁଥିଲା ବେଳେ ବାଇକରେ ଶାଳ କାଠର ଚଡଖୁଟ (୧.୬ ସିଏଫଟି) ନେଉଥିବା ଦେଖି ଅଟକାଇବାରୁ ଅଭିଯୁକ୍ତ ବାଇକ ଛାଡ଼ି ଦୌଡି ପଳାଇଥିଲେ । ବାଇକ (ନଂ. ଓଆର୍ ୨୩ ଏ–୦୪୫୪ ଓ କାଠ ଜବତ କରି ଅଣାଯାଇଥିଲା । ପରେ ଆରଟିଓଙ୍କୁ ଜବତ ବାଇକର ମାଲିକାନା ସମ୍ପର୍କିତ ତଥ୍ୟ ମାଗିଥିଲେ । ଏହି ବାଇକ୍ ଝାରସୁଗୁଡା ନିକଟ କିଞ୍ଜିରକେଲାର ନରେନ୍ଦ୍ର କୁମାର ନାଏକଙ୍କ ବୋଲି ଜଣାପଡିଥିଲା । ତାଙ୍କୁ ବନ ବିଭାଗ ପକ୍ଷରୁ ଚିଠି କରାଯିବାରୁ ସେ ବଡଗାଁ ବନଖଣ୍ଡ କାର୍ଯ୍ୟାଳୟ ଆସି ତାଙ୍କ ବାଇକକୁ ଏତୁଆ ସାହୁ କିଣିଥିବା ଓ କିଣାବିକା ସମ୍ପର୍କିତ ସତ୍ୟପାଠ କରାଯାଇଥିବା ଦେଖାଇଥିଲେ । ଏହାପରେ ଅଭିଯୁକ୍ତ ଏତୁଆଙ୍କୁ ଗିରଫ କରାଯାଇଥିଲା ।



ଅଭିଯୁକ୍ତ ଏତୁଆ ସାହୁଙ୍କୁ କୋର୍ଟ ଚାଲାଣ ପାଇଁ ନିଆଯାଉଛି ।



ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସରେ ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ମସ୍ନିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ

# ଦୁର୍ଲଗା ଫୁଟବଲ କ୍ଲବ ସେମିଫାଇନାଲକୁ ଉନ୍ନୀତ

**ସୁନ୍ଦରଗଡ,୨୧।୧୨(ଡି.ଏନ.ଏ.)**

ମସ୍ନିକାନୀ ଯୁବ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲୁଥିବା ଜିଲାସ୍ତରୀୟ ୫ମ ମସ୍ନିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ । ସଦର ବ୍ଲକ ବିଡିଓ ଅନାମିକା ସିଂ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା ରକ୍ମଣୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଶୁକ୍ରବାର ଗ୍ରୁପ୍ ବିର ସୁଲାହି, ଗୌରମାଲ, ଦୁର୍ଲଗା, ଖୁଣ୍ଟମୁଣ୍ଡା, ମସ୍ନିକାନୀ ଯୁବଜ୍ୟୋତି କ୍ଲବ, କିଞ୍ଜିର୍ମା, ଗୋପାଳପୁର ଏମ୍‌ସିଏଲ କ୍ଲବ ଓ ବେହେରାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୋପାଳପୁର ଏମ୍‌ସିଏଲ୍ ଓ ଦୁର୍ଲଗା ମଧ୍ୟରେ ଅନୁଷ୍ଠିତ ହୋଇ ଗୋଲ ଶୂନ୍ୟ ଡ୍ର ହୋଇଥିଲା । ପେନାଲିଟି ସୁଟ ଆଉଟ ମାଧ୍ୟମରେ ଦୁର୍ଲଗା ଦଳ ୪–୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଖେଳକୁ ରେଫରୀ ରୋମାଞ୍ଚ ଭୈଷାଁଲ, ଚିତ୍ତରଞ୍ଜନ ଦେଠ, ରାଜୀବ ସେଠ ଓ ଜଗନ୍ନାଥ ଜୟପୁରିଆ ପରିଚାଳନା କରିଥିଲେ ।

# ଯୋଗମାୟା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡା,୨୧।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନଙ୍କୁ ନୃତ୍ୟ, ଗୀତରେ ତାଳେ ଛାତ୍ରୀମାନେ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଭାବେ ଆଇନଜୀବୀ ପ୍ରଦ୍ୟୁମ୍ନ ତ୍ରିପାଠୀ, କର୍ମବୀର ଦାଶ, ବଡପୁରୁଣାପାଣି ସରପଞ୍ଚ ପର୍ଶୁରାମ ଓରାମ, ସୁଦାମ ତ୍ରିପାଠୀ, ସ୍ନେହଲତା ତ୍ରିପାଠୀ ଏବଂ ମୁଖ୍ୟବକ୍ତା ଭାବେ କୁର୍ଡା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷା ଝରଣା ପ୍ରଧାନ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ହେଉଛି ଏକ ମନ୍ଦିର। ଛାତ୍ରୀ ଜୀବନରେ ଦୃଢ଼ ଓ ଧୈର୍ଯ୍ୟର ସହିତ ସାଧନା କରିପାରିଲେ ନିଶ୍ଚିତ ସଫଳତା ମିଳିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ଛାତ୍ରୀ ସୌଦାମିନୀ ନାଏକ ଓ ଚିନ୍ମୟୀ ସାହୁ ଯୁଗ୍ମ ଭାବେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭାଶେଷରେ ଅଧ୍ୟାପକ କୁହଁରୁ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଜିତ କୁମାର ସ୍ୱାଇଁ, ମାମାଲି ଜେନା, ଇତିଶ୍ରୀ ପଟ୍ଟନାୟକ, କବିତା ମୁଖାର୍ଜୀ, ଅଜିତ ଦଳ ବହେରା, ଅନିତା ପ୍ରଧାନ, ବାସନ୍ତି କିଶାନ, ମନ୍ଦାକିନୀ ନାଏକ, ରଜତ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ଅଭିଭାବିକାଅଭିଭାବକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।






ଯୋଗମାୟା ମହିଳା କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି (ଉପର)। ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀ ଓ ଅନ୍ୟମାନେ।

ବାଲିଶଙ୍କରା ନକ୍ ଆଉଟ ଫୁଟବଲ

# ବାମରା ଚାମ୍ପିୟନ

**ବାଲିଶଙ୍କରା,୨୧।୧୨(ଡି.ଏନ.ଏ.)**

ବାଲିଶଙ୍କରା ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଏସପି ଦାମୋଦର ମାଝି, ବିଡିଓ ଅଭିମନ୍ୟୁ ବେହେରା, ଦିଲୀପ କୁମାର ସାଏ, ସ୍ଥାନୀୟ ସରପଞ୍ଚ ଦିନବନ୍ଧୁ ସାଏ, ମୀନତି ଦେବତା, ଷ୍ଟିଫେନ୍ ସୋରେଙ୍ଗ, ସେଣ୍ଟ୍ରାଲ ବ୍ୟାଙ୍କ ବିଏମ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇଥିଲେ । ଅତିଥିମାନେ ଖେଳାଳିମାନଙ୍କୁ ଭାଇଚାରା ଓ ଶାନ୍ତିଭାବ ରଖି ଖେଳ ପ୍ରଦର୍ଶନ କଲେ ଆଗକୁ ଯାଇପାରିବ ବୋଲି କହିଥିଲେ । ଏହି ଟୁର୍ନାମେଣ୍ଟ ଦୀର୍ଘ ତିନି ଦିନ ଧରି ଚାଲିଥିବା ବେଳେ ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ସମସ୍ତେ ନିଜ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ଖେଳ ବାମରା ଓ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା । ବାମରା ଦଳ ୪–୦ରେ ବିଜୟ ହୋଇ ଚାମ୍ପିୟନ ହୋଇଥିଲା । ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ୩୧ ହଜାର ଟଙ୍କା ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ରନର୍ସଅପ୍ ସ୍ଥାନ ଅର୍ଜନ କରିଥିବା କୁଚିଣ୍ଡା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟି ବାପୁଜୀ କ୍ଲବ ସଭାପତି ବୈରାଗୀ ତନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ ଟପ୍ପୋ ପ୍ରତ୍ୟେକ ଖେଳରେ କମେଣ୍ଟ୍ରି କରିଥିଲେ । କାର୍ଯ୍ୟକ୍ରମରେ ବାପୁଜୀ କ୍ଲବର ଟଙ୍କଧର ପଣ୍ଡା, ରଞ୍ଜିତ କୁଜୁର, ଶୁକ୍ରୁ ଓରାମ, ସନାତନ କିଶାନ, କ୍ୟାସିୟର ଶିତାରାମ ବାରୁଆ, ବିଜୟ ଏକ୍କା, ଅମିତ ତନ୍ତି, ବୁଧରାମ ଓରାମ, ଇନ୍ଦ୍ରମଣି ଦଣ୍ଡସେନା, ମାନକି ଷଣ୍ଢ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ରୋମାଞ୍ଚ ଭଇଁସାଲ, କ୍ଷେତ୍ରମଣୀ ଦେହୁରୀ, ଅଶୋକ ପଣ୍ଡା, କୁମରମଣୀ ଛତ୍ରିଆ, ନିତ୍ୟାନନ୍ଦ ମେହେର ଓ ହେମନ୍ତ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।




ଚାମ୍ପିୟନ ଟ୍ରଫି ସହ ଖେଳାଳି ଏବଂ ଅତିଥିବୃନ୍ଦ।

୨୩ତମ ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଅମ୍ବିକାକୁ ହରାଇ ଦଧିମତି ବିଜୟୀ

**ଟେନସା,୨୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୋଇଡା ମିନି ଷ୍ଟାଡିୟମଠାରେ ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଭାବେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାସଦା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ରୁଙ୍ଗଟା ଉପସଭାପତି ରାମପାଳ ଚୌଧୁରୀ, ଏସପି ମିନେରାଲସର ନିର୍ଦ୍ଦେଶକ ଦେବନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ କୋଇଡା ଭଳି ଏକ ଉପାନ୍ତ ଅଞ୍ଚଳରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବା ଏକ ଗୌରାବନୀତ । ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ବଣାଇଁର ପୂର୍ବତନ ବିଧାୟକ ଆଦିବାସୀ ନେତା ସ୍ୱର୍ଗତ ବେଣୁଧର ନାଏକ ନାମରେ ଆୟୋଜିତ ହେଉଥିବା ଏହି ଟୁର୍ନାମେଣ୍ଟକୁ କୋଇଡା ସନ୍‌ରାଇସ୍ ସ୍ପୋର୍ଟିଂ ଆୟୋଜନ କରିଥିବା ବେଳେ ତାଙ୍କର ପୁତ୍ର ଅଶୋକ ନାଏକ ଖେଳକୁ ଅଧକ୍ଷତା କରୁଛନ୍ତି । ଏହି ଟୁର୍ନାମେଣ୍ଟରେ ଭାରତର ୮ଟି ନାମି ତାରକା ଦଳ ଅଂଶ ଗ୍ରହଣ କରିଛନ୍ତି । ଏହା ତିନି ଦିନ ଧରି ଅନୁଷ୍ଠିତ ହେବ । ଆସନ୍ତା ରବିବାର ଉଦ୍‌ଯାପିତ ହେବ । ଅତିଥିମାନେ ପ୍ରଥମେ ଖେଳ ପତାକା ଉଡାଇ ଜାତୀୟ ସଙ୍ଗୀତ ଗାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବେଣୁଧର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରଥମ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ କଟକ (ମାତା ଦଧିମତି ମେଟାଲ ଆଣ୍ଡ ମିନେରାଲ) ବନାମ କେଜିୟଏସ କଲିକତା (ଅମ୍ବିକା ମୋବାଇଲ କୋଇଡା) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧–୦ ଗୋଲରେ କଟକ (ଦଧିମତି) ବିଜୟ ହୋଇଥିଲା । ଉଦ୍‌ଯାପନ ଉତ୍ସବରେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ତଥା ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନନ୍ଦ ଯୋଗଦେବା ସହ ବିଜେତା ଦଳକୁ ୭୦ ହଜାର ସହ ଟ୍ରଫି ଓ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଖେଳ ଆୟୋଜକ ଅଶୋକ ନାଏକ ପ୍ରକାଶ କରିଛନ୍ତି । ଲୋକଙ୍କ ମନୋରଞ୍ଜନ ପାଇଁ ଏକ ମହିଳା ଫୁଟବଲ ମ୍ୟାଚ ନିତା ଅମ୍ବାନି ଭୁବନେଶ୍ୱର ଓ ଏନଏଫସି କଟକ ମଧ୍ୟରେ ଅନୁଷ୍ଠିତ ହେବ ।




ସର୍ବ ଭାରତୀୟ ବେଣୁଧର ନାଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ସହ ଖେଳାଳି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ରାଉରକେଲାରେ ଓକିଲ ସଂଘର କାର୍ଯ୍ୟବନ୍ଦ

**ରାଉକେଲା ଅଫିସ,୨୧।୧୨-** ରାଉରକେଲାଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ, ଜିଲା ରେକର୍ଡ ରୁମ, ଭିଜିଲାନ୍ସ କୋର୍ଟ, ସିବିଆଇ କୋର୍ଟ, କେନ୍ଦ୍ରୀୟ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଆଦି ପ୍ରତିଷ୍ଠା ନେଇ ଆସନ୍ତା ୨୪, ୨୬ ଓ ୨୭ ଡିସେମ୍ବର ୩ଦିନ ଧରି ଓକିଲ ସଂଘ କାର୍ଯ୍ୟବନ୍ଦ ପାଳନ କରିବ। ଏହା ବ୍ୟତୀତ ୨୮ରୁ ୩୧ ବଡ ଦିନ ଛୁଟି ରହୁଥିବାରୁ ଉକ୍ତ ୩ ଦିନ କୋର୍ଟ କାର୍ଯ୍ୟ ବର୍ଜନ କରିବାକୁ ସଂଘ ନିସ୍ପତ୍ତି ନେଇଛି।



### ନିମ୍ନମାନର କାମ: ଭାଙ୍ଗି ପଡ଼ିଲା ବିଦ୍ୟୁତ୍ ଖୁଣ୍ଟ

**କିର୍ମିରା,୨୧।୧୨(ଡି.ଏନ.ଏ.)-** ବିଦ୍ୟୁତ୍ ବଣ୍ଟନ ସୁଗମ ପାଇଁ ଅର୍ଡା ଗ୍ରାମରେ ସବ୍‌ଷ୍ଟେଶନ ନିର୍ମାଣ କାର୍ଯ୍ୟ ଚାଲୁଛି । ଏନେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୧ କେଭି ବିଦ୍ୟୁତ୍ ତାର ଟଣା କାର୍ଯ୍ୟ ଚାଲିଛି । ହେଲେ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରମାଣ ଦେଖିବାକୁ ମିଳିଛି ଅର୍ଡା- ଭିମଯୋରକୁ ଟଣା ହେଉଥିବା ୧୧ କେଭି ବିଦ୍ୟୁତ୍ ଲାଇନରେ। ନିମ୍ନମାନର ବିଦ୍ୟୁତ୍ ଖୁଣ୍ଟ ଯୋଗୁ ଏହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଭାଙ୍ଗି ପଡିଛି। ଏନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହ ବିଦ୍ୟୁତ୍ ଚାର୍ଜ ହୋଇଥିଲେ ଧନଜୀବନ କ୍ଷୟକ୍ଷତି ହୋଇଥାନ୍ତା ବୋଲି ଅଭିଯୋଗ କରିଛନ୍ତି। ନିର୍ମାଣକାରୀ ସଂସ୍ଥା ଏବଂ ଠିକାଦାରଙ୍କ ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଖଣିରେ ଦୁର୍ଘଟଣା: କର୍ମଚାରୀ ଗୁରୁତର

**ବ୍ରଜରାଜନଗର, ୨୧।୧୨ (ଡି.ଏନ.ଏ.)-** ବ୍ରଜରାଜନଗର ମହାନଦୀ କୋଇଲା କମ୍ପାନୀର ଲଜ୍‌କୁରା ଖୋଲା ମୁହଁ ଖଣିରେ କାର୍ଯ୍ୟରତ ସିକଲ୍ କମ୍ପାନୀର ମ୍ୟାନେଜର ଅନୁଧାନ ମିଶ୍ର ଶୁକ୍ରବାର ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ମଣ୍ଡଳିଆ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ମିଶ୍ର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଖଣିରେ ଉପସ୍ଥିତ ଥିଲେ। ସେତିକିବେଳେ ବ୍ଲାଷ୍ଟିଂ କରାଯାଇଥିଲା। ଏକ ପଥର ଖଣ୍ଡ ଛଟିକି ଆସି ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମ୍ୟାନେଜର ମିଶ୍ର ଛୁଟିରେ ଯାଇଥିଲେ । ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ବ୍ରଜରାଜନଗର, ୨୧।୧୨ (ଡି.ଏନ.ଏ)-** ସ୍ଥାନୀୟ ଜିଏମ୍ କାର୍ଯ୍ୟାଳୟ ନିକଟରେ ଏକ ବାଇକ୍ ଚାଳକ କୁକୁରକୁ ଧକ୍କା ଦେଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଝାରସୁଗୁଡ଼ା ପାହାଡମନ୍ଦିର ବସ୍ତିରେ ରହୁଥିବା ସୁଗମ ଗାଙ୍ଗୁଲି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

■ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମରଡ଼ି

# ସୁଆସ୍ତିଅ ସେବାରୁ ବଂଚିତ ଅଂଚଲବାସୀ

**ବିଜେପୁର, ୨୧।୧୨ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ ସରକାର ଲୁକ୍‌କୁ ସୁଲଭ ସୁଆସତିଅ ସେବା ଯୁଗେଇଦେବାର ଲାଗି ଭିନେ ଭିନେ ଯୋଜ୍‌ନାରେ କୋଟି କୋଟି ଟଁକା ସାରୁଛନ୍। ଯନ୍ତ୍ରପାତି, ଉଷୋକସା ଯୁଗେଇ ଦେଉଛନ୍। ହେଲେ ବହୁତ୍ ଜାଗାରେ ଡାକ୍‌ତର ଅଭାବଟା ଲୁକ୍‌କର ଲାଗି ମୁଡ୍‌ଦୁଖାର କାରନ୍ ସାଜିଛେ। ଏନ୍‌ତା ଗୁଟେ ଉଦାହରନ ଦେଖିବାକେ ମିଲିଛେ ବିଜେପୁର ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଇ ଡାକ୍‌ତରଖାନା ଉପରେ ବିଜେପୁର ବ୍ଲକ୍‌ର ୨୩ ପଁଚେତ, ବିଜେପୁର ଏନଏସି ସମେତ ବ୍ଲକ୍ ସୀମାନାର ଗାଇସଲେଟ, ସୋହେଲା, ବରପାଲି ବ୍ଲକ୍‌ର ଶହ ଶହ ରୁଗୀ ନିରଭର କୁରନ୍। ଇ ଡାକ୍‌ତରଖାନାରେ ରୁଗୀକର ଲାଗି ୧୬ ଶଯ୍ୟାର ସୁବିଧା ଥିଲାବେଲେ ପାଁଚ୍ ୟୁନିଟର ଗୁଟେ ରକ୍ତ ଭଣ୍ଡାର ବି ଚାଲୁରହିଛେ। ହେଲେ ସବୁଠାନୁ ଦୁଖର କଥା ହେଲା ଇ ଡକ୍‌ତରଖାନାରେ ୫ ଝନ୍ ଡାକ୍‌ତର ଜାଗାରେ ଏହେଦେ ଝନେ ଡାକ୍‌ତର ସବୁକଥା ବୁଝୁଛନ୍। ଇଠାନେ ଥିବାର ମୁଖିଆ ଚିକିତ୍ସାଧିକାର ଡା.ରାଧେଶ୍ୟାମ ଅଗ୍ରୱାଲଙ୍କର ବଦ୍‌ଲ ହେଇ ବିଜେପୁରରୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକେ ବଦଲି ହେଇଛେ। ସେନ୍‌ତା ଡା.ସନ୍ଦୀପ ବାରିକଙ୍କୁ ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ଡେପୁଟେନରେ ପଠାଯାଇଛେ। ଇଆଡେ ଡା.ଅଗ୍ରୱାଲ ଶନିବାର ଦିନ ରିଲିଫ ହେଇଥିବାର ଜନାଯାଇଛେ। ଏନ୍‌ତାଥି ଡା.ଶାନ୍ତନୁ କୁମାର ସାହୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସବୁପରକାର ଦାଇତିଅ ତୁଲଉଛନ୍। ଇଥିରୁ ଫଟିକ ବୁଝାପଡୁଛେ ଯେ ଝନେ ଡକ୍‌ତର ରୁଗୀକୁ କେତେ ସେବା ଯୁଗେଇ ପାରୁଥିବେ। ଇ ଡାକ୍‌ତରଖାନାକେ ଆର ଝନେ ଡାକ୍‌ତରଙ୍କର ବଦଲି ହେଇଛେ ବଲି ଶୁନାଯାଉଥିଲେ ବି ଆଏଜ୍‌ତକ୍ ସେ କାଯ୍‌ରେ ଯୋଗ୍ ନାଇଁଦେଇ। ଏନ୍‌ତାଥି ଅଂଚଲର ଗରିବ୍‌ଦୁଖି ରୁଗୀମାନେ ବରଗଡ଼, ବରପାଲି, ବୁର୍ଲା ଯାଇ ହଜାର ହଜାର ଟଁକା ସାରୁଛନ୍। ଇଥିରଲାଗି ଅଂଚଲବାସୀକର ଭିତରେ ଗୁଟେ ଅସନ୍‌ତୋଷର ବାତାବରନ ଦେଖା ଦେଇଛେ।

**ଇମାନେ ଯାହା କହିଛନ୍**

"ଡାକ୍‌ତର ସମସିଆ ନେଇ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କର ସଂଗେ ମୁଇଁ କଥା ହେଇଛେଁ। ବହୁତ୍ ଜଲ୍‌ଦି ଇତାର ସମାଧାନ କରାହେବା। ଡା.ବାରିକଙ୍କର ଜାଗାରେ ଡା.ଦୋରାଙ୍କୁ ଇନକେ ବଦଲି ହେଇଛେ, ହେଲେ ସେ କାମ୍‌ରେ ନୁହେ ଯୋଗ୍‌ଦିଅନ। ସେଥିରଲାଗି ତାହାକୁ ବାରବାର ଅନୁରୋଧ କରୁଛେଁ।
-ରୀତା ସାହୁ, ବିଧାୟିକା

"ଆମର ଜିଲାନୁଁ ୯ ଝନ୍ ଡାକ୍‌ତରଙ୍କୁଁ ବାହାର ଜିଲାକେ ବଦଲି ହେଇଛେ। ତାର ବଦଲା ୫ ଝନ୍ ଡାକ୍‌ତର ବାହାର ଜିଲାରୁ ଆମର ଜିଲାକେ ବଦଲି ହେଇ ଆସିଛନ୍। ଡାକ୍‌ତର ପଦବି ଖାଲି ପଡ଼ିଥିବାର ବାବ୍‌ଦେ ସରକାରଙ୍କୁ ଜନେଇ ଦିଆଯାଇଛେ। ବହୁତ୍ ଜଲ୍‌ଦି ସମସିଆର ସମାଧାନ ହେବା।
-ଡା.ତୁଳବତୀ ସାହୁ, ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ




ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲଇକେରା,୨୧।୧୨(ଡି.ଏନ.ଏ)**

ଝାରସୁଗୁଡ଼ା ଜିଲା ଲଇକେରା କେବିଜେ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଦେଶୀ ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗପ ମାଧମରେ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଦ୍ରୀ ସରାଫ, ନୃପଲାଲ ମେହେର, ଯତିନ୍ଦ୍ର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଚୈତନ୍ୟ କଣ୍ଟା ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେହେରାଙ୍କ ସଭାପତିତ୍ୱରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜନ୍ମେଜୟ ମାଝି, ଏସ୍‌ଏମ୍‌ସି ଚେୟାରମ୍ୟାନ ସୁଶାନ୍ତ ବେହେରା, ପୂର୍ବତନ କମିଟି ସଭ୍ୟ ହରେକୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।




ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସ୍କୁଲର ବାର୍ଷିକ ଉତ୍ସବ: କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ

**ଲଖନପୁର,୨୧।୧୨(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ମନୋଜ ପାଢୀ ହାଇସ୍କୁଲ ଏବଂ କବିରାଜ ପୂର୍ଣ୍ଣଚନ୍ଦ୍ର ଏମ୍‌ଇସ୍କୁଲର ୨୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ତହସିଲଦାର ଜ୍ୟୋସାରାଣି ସାହୁ, ଏମ୍‌ସିଏଲ୍ ଲଖନପୁରକ୍ଷେତ୍ର ଜିଏମ୍(ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକର, ବେଲପାହାଡ଼ ଟାଟାକ୍ରୋସକୀ ପ୍ରକଳ୍ପର ଉପସଭାପତି ଡ.ତାରାପଦ ଦାଶ, ଏଜିଏମ୍ ଏସ୍‌ଏ ହାବିବ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ କେଶବ ସା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରସନ୍ନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ହାଇସ୍କୁଲରେ ଉନ୍ନତମାନର ଶିକ୍ଷାଦାନ ସାଙ୍ଗକୁ ସଂସ୍କାର, ସଂସ୍କୃତି ଆଦି ବିଭିନ୍ନ ପ୍ରକାର ପ୍ରଶିକ୍ଷଣକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମ୍ମାନିତ ହୋଇଛି । ଏନେଇ ସ୍କୁଲ ଅଞ୍ଚଳରେ ଗର୍ବିତ। ଆଗାମୀ ଦିନରେ ଏହାକୁ ବଳବର୍ତ୍ତର ରଖି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ ପାଇଁ ଅତିଥିମାନେ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଭୟ ସ୍କୁଲର ବାର୍ଷିକକ୍ରୀଡ଼ା ପ୍ରତିଯୋଗୀତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ସହ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରିଥିଲେ। ଉତ୍ସବର ସନ୍ଧ୍ୟା ଅଧିବେଶନରେ ଉଭୟ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ନାଟକ ସ୍ୱଚ୍ଛତା ହିଁ ଜୀବନ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ଶିକ୍ଷକ ଶିବଶଙ୍କର ମେହେର ଏହାର ପରିଚାଳନା କରିଥିଲେ । ଏଥିରେ ଅନନ୍ତ କାଲୋ, ଜିତେନ୍ଦ୍ର ସାହୁ, ରାଜେନ୍ଦ୍ର ପାଢୀ, ମନୋଜ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରି ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

**ଲହୁଣୀପଡା,୨୧।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ କରୁଆଧରଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସ୍ୱୟମ୍ଭା ପଞ୍ଚାୟତ ଟୋପାଡିହି ଗ୍ରାମର ମାସି ପ୍ରକାଶ ମୁଣ୍ଡା (୩୬) ତାଙ୍କ ସ୍ତ୍ରୀ ହେଲେନ (୩୫), ଝିଅ ନିରାନ୍ତି (୨)ଙ୍କୁ ବାଇକ୍ (ନଂ.ଓଡି୧୪-୨୫୮୨) ଯୋଗେ ବିମଳଗଡ ଷ୍ଟେଟ ବ୍ୟାଙ୍କକୁ ପଇସା ଉଠାଇବାକୁ ଆସୁଥିଲେ। ଚୋରଧରା ପଞ୍ଚାୟତ ଗଗନାପୋଷ ଗ୍ରାମର ସେଗେନ ଭେଙ୍ଗରା ବାଇକ୍ ଯୋଗେ ଜାମୁଡିହି ଯାଉଥିବା ବେଳେ ୨୧୫ ନମ୍ବର ଜାତୀୟ ରାଜପଥ କରୁଆଧରଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ୪ ଜଣ ରାସ୍ତା ଉପରେ ଛିଟିକି ପଡି ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାସି ପ୍ରକାଶ ଓ ସେଗେନ ଗୁରୁତର ଆହତ ହୋଇଥିଲେ। ୪ ଜଣ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଲହଣୀପଡା ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ମାସି ପ୍ରକାଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିବା ବେଳେ ସେଗେନ ଭେଙ୍ଗରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଖବର ପାଇ କେବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଦୁଇଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି ।

ପିପିଲିକାନୀ ହାଇସ୍କୁଲର ବାର୍ଷିକ ଉତ୍ସବ

## ଛାତ୍ରୀଛାତ୍ରଙ୍କ ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ

**ଲଖନପୁର,୨୧।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପିପିଲିକାନୀ ହାଇସ୍କୁଲ୍‌ର ପଞ୍ଚମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାବିତ ତେଜେନ୍ଦ୍ର ଖମାରୀ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ମୁଖ୍ୟବକ୍ତା ଅଧାପିକା ଡ.ସଞ୍ଜୁକ୍ତା ହୋତା, ସମ୍ମାନିତ ଅତିଥି ଏବିଓ ଅଭିନ ରାଉତ, ରମ୍ପେଲା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ସେନାପତି, ସରପଞ୍ଚ ମନ୍ଦାକିନୀ ନାୟକ, ସମିତି ସଭ୍ୟା କୁମୁଦିନୀ ମିର୍ଦ୍ଧା, ଶିକ୍ଷାବିତ ଚକ୍ରଧର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲ୍ ପ୍ରଧାନଶିକ୍ଷକ ପ୍ରେମସାଗର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍କୁଲ୍ କର୍ତ୍ତୃପକ୍ଷ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥିମାନେ ଉନ୍ନତଧରଣର ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ର ଦେଶର ଆଗାମୀ ଭବିଷ୍ୟତ। ଛାତ୍ରୀଛାତ୍ରଙ୍କ ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଜ୍ଞାଦୀପ୍ତି ଦାସ, ଶିବାନନ୍ଦ ଭୋଇ, ସୁନିତା କୁଜୁର, ସୁନିତା ଧୁରୁଆ, ଗୀତା ଭୋଇ, ପ୍ରଭାସିନୀ ଚାନ୍ଦ, ରୋଜାଲିଆ ଟପୋନ, ସୁନିତା ଭୋଇ, ଏସ୍‌ଏମ୍‌ସି ସଭାପତି ଭୋନାଥ ବଡେଇ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# କୋଲାବିରା ଗଲେନି ୨ ବିଧାୟକ

### ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କଲେ ନବ, ଦାବି ଜଣାଇଲେ ରାଧା

**ଝାରସୁଗୁଡା ଅଫିସ,୨୧।୧୨**

ଝାରସୁଗୁଡ଼ା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୪୬୧ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କୋଲାବିରାଠାରେ କରାଯାଇଥିଲା। ହେଲେ ସରକାରୀ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଥିବା ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାୟକ କୋଲାବିରା ଯାଇ ନ ଥିଲେ। ଅନ୍ୟପକ୍ଷେ ଝାରସୁଗୁଡା ବିଧାୟକ ନବ ଦାସ ମୁଖ୍ୟମନ୍ତ୍ରୀଙ୍କୁ ବିମାନବନ୍ଦରରେ ଭେଟି ସ୍ୱାଗତ ଜଣାଇଥିବା ବେଳେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଦାବିପତ୍ର ପ୍ରଦାନ କରିଥିଲେ। ଝାରସୁଗୁଡ଼ାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ବିଧାୟକ ଦାସ ସ୍ୱାଗତ ଜଣାଇ ଏକ ଘରୋଇ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଯାଇଥିଲେ। ବିଧାୟିକା ପଣ୍ଡା ବ୍ରଜରାଜନଗରସ୍ଥିତ ଓରିଏଣ୍ଟ ପେପର ମିଲ୍ କାର୍ଯ୍ୟକ୍ଷମ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ସରକାରୀ କଲେଜ ସ୍ଥାପନ, କୃଷକଙ୍କ ଋଣ ଛାଡ, ବକେୟା ଫସଲବୀମା ଅର୍ଥ ପ୍ରଦାନ ଏବଂ ଇଣ୍ଡବାରାଥ୍ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟିକା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ।



ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ବିଧାୟିକା ଏବଂ କଂଗ୍ରେସ ପ୍ରତିନିଧି।

## ଫଟୋରେ ଖବର






ବେଦାନ୍ତ ତରଫରୁ ବଞ୍ଜାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ପରିଚାଳନା ଶିକ୍ଷା ଦିଆଯାଉଛି (ବାମ)। ମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ ବେଳେ ଜଣେ ପ୍ରଶଂସକ ପତାକା ଧରି ବୁଲୁଛନ୍ତି।

## ଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

**ଘଣ୍ଟାପଡା, ୨୧।୧୨ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନ କୋଡିବାହାଲ ଟିକ୍ରାପଡାର ମାଁ ମାହେଶ୍ୱରୀ ଜୟଲକ୍ଷ୍ମୀ ନାଟ୍ୟ ସଂଘ ପକ୍ଷରୁ ନାମଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ମାଁ ଲକ୍ଷ୍ମୀଙ୍କ ପୂଜାନୋତ୍ସବ ପରେ ଗ୍ରାମର ଉପାସକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ସମଲେଶ୍ୱରୀ ନାଳରୁ ଜଳପୂର୍ଣ୍ଣ କଳସ ଆଣିଥିଲେ। ସେମାନେ ପୂଜା ମଣ୍ଡପରେ କଳସ ସ୍ଥାପନ କରିବା ପରେ ଶୁକ୍ରବାର ନାମଯଜ୍ଞ ଆରମ୍ଭ ହୋଇଛି । ଏହା ତିନି ଦିନଧରି ଚାଲିବ ବୋଲି ପୂଜା କମିଟି ସମ୍ପାଦକ ତ୍ରିନାଥ ମହାକୁର କହିଛନ୍ତି। ୧୬ ପ୍ରହର ନାମଯଜ୍ଞରେ ପାଣ୍ଡବ ନାଏକ ଓ ତାଙ୍କ ସ୍ତ୍ରୀ କଏଁତି ନାଏକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞାଚାର୍ଯ୍ୟ ଭାବେ ଶ୍ରୀକାନ୍ତ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି । ପୂଜା କମିଟି ସଭାପତି ଭାଗିରଥି ନାଏକ, ବରିଷ୍ଠ ନାଗରିକ ଗୌତମ ନାଏକଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ।



ଲକ୍ଷ୍ମୀପୂଜା ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ



### ଲକ୍ଷ୍ମୀପୁରାଣ ନାଟକ ଉଦ୍‌ଯାପିତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାର ହାଟପଦା ପଡାଠାରେ ମାର୍ଗଶିର ମାସରେ ଚାଲିଥିବା ଲକ୍ଷ୍ମୀପୁରାଣ ନାଟକ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ପୁରୁଣା କାଳିଆ ଏହି ପରମ୍ପରାକୁ ଏବେକାର ଯୁବପିଢ଼ି ଅପଣାଇ ନିଷ୍ଠା ଓ ଭକ୍ତି ସହ ୪ପାଳି ନାଟକ ପ୍ରଦର୍ଶନ କରିବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସ୍ଥାନୀୟ ଲକ୍ଷ୍ମୀପୁରାଣ ନାଟକ କମିଟି ସଭାପତି ନଜରୁଲ୍ଲା ଖାନ, ସମ୍ପାଦକ ନରେନ୍ଦ୍ର ପରିଡା, କୋଷାଧ୍ୟକ୍ଷ ପର୍ଶୁରାମ ପଧାନଙ୍କ ପରିଚାଳାନରେ ବିରକିଶୋର ହେର୍ଣ୍ଣା(ନାରଦ), ଜଗତରାମ ଧରୁଆ(ପରାଶର), ସୁଦାମ ମେହେର(ହରି), ଦୀନବନ୍ଧୁ ବେଜ(ବଳରାମ), ମନୋଜ ହେର୍ଣ୍ଣା(ଜଗନ୍ନାଥ), ଅଜିତ ବେହେରା(ବରୁଣ), ଧରମ ପଧାନ, ଜଗତରାଜ ଧରୁଆ, ସନ୍ତୋଷ ପୋଢ, ରାଜୁ ବେହେରା, ସୁରେନ୍ଦ୍ର ରଣା, ନାଜିର ଖାନ, ନାରାୟଣ ହେର୍ଣ୍ଣା, ଲବ ରଣାଙ୍କ ସମେତ ବହୁ କଳାକାର ବିଭିନ୍ନ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ ।

### ପୋଲିସ ଚଢାଉ , ୪ ଗିରଫ

**ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ.):** ଖପ୍ରାଖୋଲ ଥାନା ବେଲପଡା ବ୍ଲକ ଗମ୍ଭାରୀ ଗାଁ ରେ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ଚଢାଉ କରି ୪ଜୁଆଡି ଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୧୫ଶହ ୭୦ ଟଙ୍କା ଓ ଘୁଡୁଘଡୁ ପଟି ଜବତ କରାଯାଇଛି । ଗିରଫ ଜୁଆଡିମାନେ ହେଲେ ପାଟଣାଗଡର ହରେଶ ତୁମନିଆ, ତାଲପଦରର ଖିରସାଗର ପୁଟେଲ, ଗମ୍ଭାରୀର ସଙ୍କର ଗଡତିଆ ଏବଂ ତୀର୍ଥ ପାଣ୍ଡେ । ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା( ନଂ. ୧୬୧ /୧୮) ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରଛନ୍ତି । ଗମ୍ଭାରୀ ଲକ୍ଷ୍ମୀ ପୂଜା ଅବସରରେ କେତେକ ଜୁଆ ଖେଳ ଚଳାଇଥିବା ନେଇ ଖବର ପାଇ ଖପ୍ରାଖୋଲ ପୋଲିସ ଏହି ଚଢାଉ କରିଥିଲା ।

### ଯୋଗୀସର୍ଡାରେ ଗୀତାପାଠ

**ଲୋଇସିଂହା,୨୧।୧୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ଗୀତାଜୟନ୍ତୀ ଉପଲକ୍ଷେ ଗୀତାପାଠ ଶୁକ୍ରବାର କରାଯାଇଛି । ବ୍ରହ୍ମ ସମାଜ ସମ୍ପାଦକ ନନ୍ଦୁଲାଲ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ୟାମପ୍ରସାଦ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଗୀତାପାଠ କରିଥିଲେ। ଗୀତାପାଠରେ ଯଜ୍ଞାଚାର୍ଯ୍ୟ ଭାବେ ମୋହନ ମିଶ୍ର ଓ କର୍ତ୍ତା ସାନନ୍ଦ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ସମସ୍ତ ବ୍ରହ୍ମ ସମାଜ ସଦସ୍ୟ ଗୀତାପାଠ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

**ଆଜି କ'ଣ କେଉଁଠି**

- ଆଜିଠାରୁ ୩୪ତମ ଓଡିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ (ଓସ୍ରୁ)ର ଦୁଇଦିନିଆ ସମ୍ମିଳନୀ । ସ୍ଥାନ- ହୋଟେଲ ଭଗବତୀ, ବଲାଙ୍ଗୀର

## କେନ୍ଦ୍ର ସରକାରଙ୍କ ନଜରରେ ଲୋକଙ୍କ କମ୍ପ୍ୟୁଟର

# ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ

**ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟରକୁ ଯାଞ୍ଚ କରିବା ଓ ତଥ୍ୟ ହାସଲ ନିମନ୍ତେ ୧୦ କେନ୍ଦ୍ରୀୟ ସଂସ୍ଥାକୁ କେନ୍ଦ୍ର ସରକାର କ୍ଷମତା ଦେଇଛନ୍ତି। ଜାତୀୟ ନିରାପତ୍ତା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ସରକାର ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ଏହାକୁ କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦର ନମୁନା ବୋଲି ବିରୋଧୀ ଦଳଗୁଡ଼ିକ କହୁଛନ୍ତି। ସେହିପରି ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା(ପ୍ରିଭେସି) ଉପରେ ଏହା ସିଧା ହସ୍ତକ୍ଷେପ ବୋଲି ଅନେକେ ମନେକରିବା ସହ ସରକାରଙ୍କ ଉଦ୍ଦେଶ୍ୟକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଦେଖାଦେଇଛି ପ୍ରତିକ୍ରିୟା।**

### ସରକାରଙ୍କ ନିଷ୍ପତ୍ତି ଚକିତ କରିଛି



ଏହା ବ୍ୟକ୍ତିଗତ ଗୋପନୀୟତା ପ୍ରତି ବିପଦ। ୨୦୦୮ରେ କଂଗ୍ରେସ ମଧ ସମାନ ଧରଣର ଆଇନ ଆଣିଥିଲା, ଯାହାକୁ ଡିଫେଣ୍ଡ ଇଣ୍ଡିଆ କୁହାଯାଉଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏବେ ଭାଜପା ସମାନ ବାଟରେ ଯାଉଛି। ମୋତେ ଲାଗୁଛି ଆସନ୍ତା ନିର୍ବାଚନରେ କିଛି ତଥ୍ୟ ବା ସୂଚନା ହାତେଇବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏପରି କି ଶ୍ରୀକ୍ରିଷ୍ଣା କମିଶନ ନାଗରିକଙ୍କ ଅଧିକାର ସୁରକ୍ଷିତ ଉପରେ ଗୁରୁତ୍ୱ ଦେଇଥିଲେ ମଧ ସରକାର ଏଭଳି ନିଷ୍ପତ୍ତି ନେବା ମୋତେ ଚକିତ କରିଛି। ଏଭଳି ନିଷ୍ପତ୍ତିରୁ ସରକାର ଓହରିଯିବା ନିହାତି ଆବଶ୍ୟକ।

**- ସଚ୍ଚିଦାନନ୍ଦ ସ୍ୱାଇଁ, ଆଇଟି ଏକ୍ସପର୍ଟ, ହାଇଦ୍ରାବାଦ**

### ଅଜଣା ଉଦ୍ଦେଶ୍ୟ



ଏଭଳି ନିଷ୍ପତ୍ତି ପଛରେ ସରକାରଙ୍କ କିଛି ଅଜଣା ଉଦ୍ଦେଶ୍ୟ ରହିଛି। ଯେଉଁ ୧୦ଟି କେନ୍ଦ୍ରୀୟ ସଂସ୍ଥାକୁ ସରକାର ଏହି କ୍ଷମତା ଦେଇଛନ୍ତି ଉକ୍ତ ସଂସ୍ଥାଗୁଡ଼ିକ ହାତରେ ଆଗରୁ ଅନେକ କ୍ଷମତା ରହିଛି। ଏହି କ୍ଷମତା ଦେବା ଦ୍ୱାରା ସେମାନେ ଯେ ଏକ ବ୍ରହ୍ମାସ୍ତ୍ର ପାଇଗଲେ ତାହା କହିବା ଠିକ୍ ନୁହେଁ। ତାହାଛଡ଼ା ଏହି ନିଷ୍ପତ୍ତି ଦ୍ୱାରା ସାଧାରଣ ଲୋକେ ଭୟଭୀତ ହେବାର କୌଣସି କାରଣ ନାହିଁ। କମ୍ପ୍ୟୁଟରର ସବୁ ତଥ୍ୟ ପାଖରେ ସମସ୍ତେ ପହଞ୍ଚିବା ଏତେ ସହଜ ନୁହେଁ। ଅନେକ କ୍ଷେତ୍ରରେ ମାଇକ୍ରୋସଫ୍ଟ ଅନୁମତି ଦେଇ ନ ଥାଏ। ତେବେ ମୋତେ ଲାଗୁଛି ଏହା ପଛରେ ସରକାରଙ୍କ କିଛି ରାଜନୈତିକ ଚାଲ୍ ରହିଛି।

**- ସନ୍ତୋଷ ପ୍ରସାଦ, ଟେଲିକମ୍ ଏକ୍ସପର୍ଟ, ବାଙ୍ଗାଲୋର**

### ଉତ୍ତମ ପଦକ୍ଷେପ



କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ପଦକ୍ଷେପ। ଏହାଦ୍ୱାରା ଠକ ସଂସ୍ଥା ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କର ଏକ ଭୟ ରହିବ। ଏହାଦ୍ୱାରା ସେମାନେ ଦୁର୍ନୀତି କରିବା ପୂର୍ବରୁ ଥରେ ଭାବିବେ। ହେଲେ ଏହା ଠିକ୍ ମାର୍ଗରେ ବିନିଯୋଗ ହେବା ଆବଶ୍ୟକ। ଯଦି ସରକାର ନିଜର ସ୍ୱାର୍ଥ ସାଧନ ଦିଗରେ ଏହାକୁ ବିନିଯୋଗ କରନ୍ତି ତେବେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ।

**- ସଞ୍ଜୟ ଦାସ, ସାଇବର ଏକ୍ସପର୍ଟ**

### ଭାରତକୁ ବିଗ୍‌ବସ୍ କରିବାକୁ ଚାହୁଁଛନ୍ତି



ବିଗ୍‌ବସ୍ ଧାରାବାହିକ ଭଳି ଏବେ କେନ୍ଦ୍ର ସରକାର ସମଗ୍ର ଦେଶକୁ ବିଗ୍‌ବସ୍ ଘର କରିବାକୁ ଚାହୁଁଛନ୍ତି। ମୁଖ୍ୟତଃ ୩ଟି ରାଜ୍ୟରେ ପରାଜୟ ପରେ କେନ୍ଦ୍ରର ଭାଜପା ସରକାର ଆତ୍ମବିଶ୍ୱାସ ହରାଇ ବସିଛନ୍ତି। ପୂର୍ବରୁ କିଏ କ'ଣ ଖାଇବ, କିଏ କ'ଣ ପିନ୍ଧିବ ସେ ନିଷ୍ପତ୍ତି ସରକାର ନେବାକୁ ଚେଷ୍ଟା କରୁଥିଲେ। ଏବେ ଘର ଭିତରେ କିଏ କ'ଣ କରୁଛି ତାକୁ ଜାଣିବା ପାଇଁ ମଧ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

**- ଶୈଳେନ୍ଦ୍ର ରାଜ, ସାମାଜିକ କର୍ମୀ, କଳାହାଣ୍ଡି**

### ଆଇନର ପରିପନ୍ଥୀ



ଏହା ସମ୍ପୂର୍ଣ୍ଣ ଆଇନର ପରିପନ୍ଥୀ। ଏଭଳି ନିଷ୍ପତ୍ତି ମୋତେ ଚକିତ କରିଛି। ବ୍ୟକ୍ତି ଗୋପନୀୟତା ଓ ବ୍ୟକ୍ତି ସ୍ୱାଧୀନତା ଉପରେ ଏହା ଆକ୍ରମଣ। ପୂର୍ବରୁ ବ୍ରିଟେନରେ ସମାନ ଧରଣର ଆଇନ ଆଣିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେଠାକାର ନ୍ୟାୟାଳୟ ଏହାକୁ ଅନୁମତି ଦେଇ ନ ଥିଲା। ଏବେ ନରେନ୍ଦ୍ର ମୋଦିଙ୍କ ସରକାର ସମାନ ପନ୍ଥା ଆପଣାଇ ନିଜର ଉଦ୍ଦେଶ୍ୟ ସାଧିତ କରିବାକୁ ଚାହୁଁଛନ୍ତି ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଚ୍ଛତ୍ରବାଦର ନଗ୍ନ ନମୁନା।

**- ପରେଶ ଦାସ, ଆଡଭୋକେଟ, କଟକ**

### ନିଷ୍ପତ୍ତି ଠିକ୍



କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଠିକ୍ ଅଛି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହାକୁ କରାଯାଇଛି ତାହା ପୂରଣ ହେବା ଆବଶ୍ୟକ। ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ନଜର ରଖିବା କିମ୍ବା ତଥ୍ୟ ଚୋରି କରିବା ସମ୍ପୂର୍ଣ୍ଣ ଭାବେ ଅନୁଚିତ୍। ଏମିତି ସେମିତି ଯାହାର ନାହିଁ ତାହାର କମ୍ପ୍ୟୁଟର ମନିଟର କରିବା ବା ନଜର ରଖିବା ପରିବର୍ତ୍ତେ ଉପଯୁକ୍ତ ଓ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁକରଣ କରିବା ଆବଶ୍ୟକ। ଯେମିତି ଟେଲିଫୋନ୍ ଟ୍ୟାପିଂ ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଓ ପ୍ରକ୍ରିୟା ରହିଛି ସେଭଳି ଇଣ୍ଟରନେଟ୍ ଟ୍ୟାପିଂ କରିବା ପୂର୍ବରୁ ସମସ୍ତ ଦିଗ ଉପରେ ନଜର ରଖିବା ଉଚିତ। ସମ୍ପୃକ୍ତ ବ୍ୟକ୍ତି ଏବଂ ସଂସ୍ଥାର ଯଦି କୌଣସି କ୍ରାଇମ୍ ଆକ୍ଟିଭିଟି ଥାଏ, ତା'ହେଲେ ହିଁ ମନିଟର କରାଯିବା ଉଚିତ। କାହାର ଇଣ୍ଟରନେଟ୍ ଆକ୍ଟିଭିଟି ଉପରେ ନଜର ରଖିବା ନେଇ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଯଦି ହେଉଛି ତାହାକୁ ଅପରାଧ ରୋକିବା ଦିଗରେ କାର୍ଯ୍ୟରେ ଲଗାଇବା ଆବଶ୍ୟକ।

**- ଚନ୍ଦ୍ରଶେଖର ବିଶ୍ୱାଳ, ଆଇଟି ଏକ୍ସପର୍ଟ**

### ବିନା ଅନୁମତିରେ ଘରେ ପଶିବା ଭଳି



କାହାର ବିନା ଅନୁମତିରେ ଘର ଭିତରେ ପଶିବା ଯେପରି କ୍ରାଇମ୍ ଠିକ୍ ସେମିତି କାହାର ବିନା ଅନୁମତିରେ ବ୍ୟକ୍ତିଗତ କମ୍ପ୍ୟୁଟର ଉପରେ ନଜର ରଖିବା ଏକ କ୍ରାଇମ୍। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଲୋକଙ୍କ ଗୋପନୀୟତା ଉପରେ ପ୍ରଭାବ ପକାଇବ। ବ୍ୟକ୍ତଗତ ତଥ୍ୟ ବୋଲି ଆଉକିଛି ରହିବନି। ଉଭୟ ପର୍ସନାଲ ଓ ପ୍ରଫେଶନାଲ କାମ ଏହାଦ୍ୱାରା ପ୍ରଭାବିତ ହେବ। ମୋ ମତରେ ଏଭଳି ହେବାକଥା ନୁହେଁ। ସରକାର ତୁରନ୍ତ ଏଥିରୁ ଓହରିଯିବା ଆବଶ୍ୟକ।

**- ସୁଶ୍ରୀ ଦାସ, ଇଞ୍ଜିନିୟର**

### ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ



ସୁରକ୍ଷା ନାଁରେ ଲୋକଙ୍କ ବ୍ୟକ୍ତଗତ ତଥ୍ୟ ଉପରେ ସରକାର ନଜର ରଖିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଆଧାର କାର୍ଡ ସହ ପାନ କାର୍ଡ୍‌କୁ ଲିଙ୍କ୍ କରି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଉଦ୍ୟମ ସରକାର କରିସାରିଛନ୍ତି। ଏହାସହ କେନ୍ଦ୍ର ସରକାର ଅଧାରୁ ଅଧିକ ୱେବ୍‌ସାଇଟ୍ ବ୍ୟାନ୍ ମଧ କରିଛନ୍ତି। ଲୋକଙ୍କର ବ୍ୟକ୍ତିଗତ ବୋଲି ଆଉକିଛି ନାହିଁ। ଏବେ ପୁଣି ଏହି ନିଷ୍ପତ୍ତି ଆଉ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଯଦି ଏଭଳି ସ୍ଥିତି ଜାରିରୁହେ କିଛିଦିନ ମଧରେ ଭାରତ ପାକିସ୍ତାନରେ ପରିବର୍ତ୍ତନ ହେବ। ଏଥିରେ ସନ୍ଦେହ ନାହିଁ।

**- ଦୀପ୍ତିମୟୀ ଜେନା, ଆଇଟି ଅପରେଶନ୍‌ସ**

### ବିରୋଧ ହେବା ଜରୁରୀ



ଗୋପନୀୟତା ବ୍ୟକ୍ତିର ମୌଳିକ ଅଧିକାର। ୧୦ଟି ସଂସ୍ଥାକୁ କ୍ଷମତା ଦେଇ ସରକାର ସାଧାରଣ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ଅନ୍‌ଲାଇନ ଗତିବିଧି ଏବଂ ତଥ୍ୟକୁ ସିଧା ଯାଞ୍ଚ କରିପାରିବେ। ଏହା ମୁକ୍ତ ସମାଜ ପାଇଁ ବଡ଼ ସତର୍କ ଘଣ୍ଟି। ଏହାର ବିରୋଧ ହେବା ଜରୁରୀ।

**- ଜ୍ଞାନ ସାହୁ, ଆଇଟି ଏକ୍ସପର୍ଟ**

### ଫାସିବାଦୀ ନିୟମ



ଆଗକୁ ସାଧାରଣ ନିର୍ବାଚନ ଆସୁଛି। କେନ୍ଦ୍ରରେ କ୍ଷମତାସୀନ ଥିବା ଭାଜପା ପରାଜୟ ଆଶଙ୍କା କରୁଛି। ତେଣୁ ନାଗରିକଙ୍କ ଗୋପନୀୟତାକୁ ନେଇ ଖେଳ ଖେଳିବାକୁ ଯୋଜନା କରୁଛି। କମ୍ପ୍ୟୁଟର ଉପରେ ନିୟନ୍ତ୍ରଣ କରି ବ୍ୟକ୍ତିର ରୁଚି, ଇଚ୍ଛା ଏବଂ ଆଦର୍ଶକୁ ଅନୁଧାନ କରାଯିବ। ଯଦି ଏସବୁ ସରକାରୀ ଦଳବିରୋଧୀ ହୋଇଥିବ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହଇରାଣ କରାଯିବ। କଥାରେ ଅଛି, ଯିଏ ଚୋର, ତାକୁ ଦୁନିଆସାରା ଚୋର ପରି ମନେହୁଅନ୍ତି। କେନ୍ଦ୍ର ସରକାରଙ୍କ ଅବସ୍ଥା ବର୍ତ୍ତମାନ ସେହିପରି ହୋଇଛି। କୌଣସିମତେ କ୍ଷମତାରେ ରହିବା ପାଇଁ ବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି। ଏହା ଦେଶର ସାର୍ବଭୌମତ୍ୱ ଏବଂ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ଏ ପ୍ରକାର ଫାସିବାଦୀ ନିୟମକୁ କାର୍ଯ୍ୟକାରୀ କରା ନ ଯାଉ।

**- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ନେତା ତଥା ଆଠଗଡ଼ ବିଧାୟକ**

### ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ



ବର୍ତ୍ତମାନ ଶାସନ କ୍ଷମତାରେ ଥିବା ଭାଜପା ଅତୀତରେ ସାଧାରଣ ନାଗରିକଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଛି। ଆଗାମୀ ଦିନରେ ପରାଜୟର ଭୟ ହିଁ ଏଭଳି ନିଷ୍ପତ୍ତି ସେମାନଙ୍କୁ ବାଧ କରୁଛି। ବ୍ୟକ୍ତିର ରୁଚି ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ନଗ୍ନ ଆକ୍ରମଣ କରିବା ପାଇଁ ଏହା ଏକ ପ୍ରୟାସ। କିଛିବର୍ଷ ହେବ ସିବିଆଇ, ଇଡି, ପୋଲିସ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି, ତାହା ସମସ୍ତଙ୍କୁ ଜଣା। ଗଣତନ୍ତ୍ର ଏବଂ ବହୁମତରେ ବିଶ୍ୱାସ ରଖୁଥିବା ଜନତା ଏପରି ନିୟମ ବିପକ୍ଷରେ ଛିଡା ହେବାର ଆବଶ୍ୟକତା ରହିଛି।

**- ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସମ୍ପାଦକ**

### ସୁରକ୍ଷା ଦୃଷ୍ଟିରୁ ଜରୁରୀ



ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଉପରେ ଆକ୍ରମଣ ପାଇଁ ଏ ବ୍ୟବସ୍ଥା ହୋଇନାହିଁ। ବାକ୍ ଏବଂ ବ୍ୟକ୍ତି ସ୍ୱାଧୀନତା ଆଢୁଆଳରେ ଦେଶଦ୍ରୋହ, ନକ୍ସଲବାଦ, ଆଭ୍ୟନ୍ତରଣୀୟ ସୁରକ୍ଷାକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଙ୍କ ପାଇଁ ଏ ବ୍ୟବସ୍ଥା। ବିଭିନ୍ନ ସମୟରେ ବହୁ ସଂସ୍ଥା ଦେଶର ସୁରକ୍ଷା ଦୃଷ୍ଟିରୁ ଅନେକଙ୍କ ଉପରେ ନଜର ରଖିଥାନ୍ତି। ସେଥିପାଇଁ ସେମାନଙ୍କୁ ଅନୁମତି ଆବଶ୍ୟକ ହୋଇଥାଏ। ପୂର୍ବରୁ ମଧ ଏହି ନିୟମ ପ୍ରଚଳିତ ହୋଇଆସୁଛି। ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ସରକାର ବିନା କାରଣରେ କାହାର ଗୋପନୀୟ ତଥ୍ୟ ନେଇ କାରବାର କରିବାର ପ୍ରଶ୍ନ ଉଠୁନାହିଁ। ଏହାଦ୍ୱାରା ବଡ଼ଧରଣର ସାଇବର ଅପରାଧକୁ ରୋକିହେବ।

**- ଲେଖାଶ୍ରୀ ସାମନ୍ତସିଂହାର, ଭାଜପା ନେତ୍ରୀ**

# ହାରମାନିନ୍ଛେ ବଏସ, ଦିବ୍ୟାଙ୍ଗ ହେଲେ ବି ସକ୍ଷମ

**ଅତାବିରା, ୨୧।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ ଇଚ୍ଛାପୁର ଗଁର ମୂଳବାସି ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ କୁମ୍ଭାର(୬୫) । ପୁଓ ସନ୍ତୋଷ କୁମ୍ଭାର ତାକର କୁଟୁମ ସଂଗେ ଇଚ୍ଛାପୁରରେ ଗୁଟେ ଭଂଗା ଦଦ୍‌ରା କୁରିଆରେ ରହୁଛନ୍ । ସେନ୍‌ତା ଦିବ୍ୟାଙ୍ଗ ଇନ୍ଦ୍ରଜିତ ଆର ତାକର ମାଏକିନା ଦୂତୀ ସମ୍ବଲପୁର ଜିଲା ରେମେଡ ଛକ ଗୋପାଳପାଲି ଛକରେ ଖୁଲା ଆକାଶ ତଳେ ଜୀବନ୍ ବିତଉଛନ୍। ସେଠାନେ ଦୁଇ ବୁଢ଼ାବୁଢ଼ୀକୁ ରାଶନ କାର୍ଡରେ ମାସିକ ୧୦ କେ.ଜି. ଚାଉଲ ମିଳୁଥିବାର ଜନାଯାଇଛେ। ଆଏଜ୍‌ତକ୍ ତାହାକୁ ସମ୍ବଲପୁର କି ବରଗଡ଼ ଜିଲା ନିଜର ଗାଁ ମାନପୁରରେ ସରକାରୀ ଯୋଜ୍‌ନାରେ ଘରଖଁଡେ ନୁହେମିଲେ । ଇନ୍ଦ୍ରଜିତ ନିଜର ଗାଁରୁ ସମ୍ବଲପୁର ଗଲା ବେଳେ ଗୋଡ଼ଭଗା–ତୁରୁମ ରାସ୍‌ତାରେ ତାହାକୁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ସେ ଇନ୍ଦ୍ରଜିତକୁଁ ପଚରାଲାରୁ ତାକର ଦୁଖ୍ ବଖାନିଥିଲେ। ଦିନ୍‌ଥିଲା ଇନ୍ଦ୍ରଜିତ ସମ୍ବଲପୁର ସହରରେ ରିକ୍‌ସା ବାହି କୁଟୁମ ପୁଷୁଥିଲେ। ସେ କମାନିରୁ ଛୁଆକୁ ଦୁଇଅଖର ପାଠ୍ ବି ପଢ଼େଇଛନ୍ । ହେଲେ ଆଏଜ୍‌କେ ୧୭ ବଛର ତଳେ ସେ ରାସ୍‌ତାରେ ଚାଲି ଚାଲି ଯାଉଥିଲା ବେଳେ ଦୁରଘଟନାର ଶିକାର ହେଇଥିଲେ । ସେଥିରେ ତାକର ଗୁଟେ ହାତ୍ ଆର ଗୋଡ଼୍ ଅଚଲ ହେଇଗଲା । ସେଦିନ୍‌ଠାନୁ ସେ ଦିବ୍ୟାଙ୍ଗ ପାଲଟିଗଲେ । ରାଶନ କାର୍ଡରେ ମିଲୁଥିବାର ୧୦ କେ.ଜି. ଚାଉଲ ବୁଢ଼ାବୁଢ଼ିକୁ ଚଲବାରେ ନିହଁଟ ହେଉଛେ। ଯେନ୍‌ଥିରଲାଗି ବୁରୁଧ ଦିବ୍ୟାଙ୍ଗ ଇନ୍ଦ୍ରଜିତ ଗୁଟେ ହାତେ ନିଜର ତିନଚକିଆ ସାଇକେଲ ଚଲେଇ ଗାଁଗାଁ ଯାଇ ଭିଖ୍‌ମାଗୁଛନ୍ ଆର କୁଟୁମ ପୁଷୁଛନ୍। ସବୁଦିନ ସମାନ ନାଇଁଯାଏ, ଯେନ୍‌ଦିନ ଭିଖ୍‌ମଗା ବଁଦ୍ ହେସି ସେ ଦିନ ବୁଢ଼ାବୁଢ଼ୀ ଉପାସେ ରହେସୁଁ। ସମ୍ବଲପୁର ଗୋପାଳପାଲିରୁ ନିଜର ତିନଚକିଆ ସାଇକେଲରେ ସମ୍ବଲପୁର–ବରଗଡ଼ ୫୩ ନମ୍ବର ଜାତୀୟ ହେଇ ଗୋଡ଼ଭଗା–ତୁରୁମ–ସୋନପୁର ରାଜପଥ ଦେଇ ନିଜର ଗାଁ ଇଚ୍ଛାପୁରକେ ଯାଏସିଁ। ୬୫ କି.ମି. ସାଇକେଲ ଚଲେଇ ୩ ଦିନ୍ ଉତାରୁ ନିଜର ଗାଁ ଇଚ୍ଛାପୁରେ ପୁହୁଁଚିସିଁ ବଲି ଇନ୍ଦ୍ରଜିତ କହିଥିଲେ। ଗାଁରେ ୨୧ ଦିନ୍ ରହେଲା ଉତାରୁ ଶୁକୁରବାର ଫେନ୍ ବୁରୁଧ୍ ଦିବ୍ୟାଙ୍ଗ ନିଜର ସାଇକେଲରେ ସମ୍ବଲପୁର ମୁହାଁ ହେଇଛନ୍। ଗଲା ବେଳେ ଯେନ୍ ଜାଗାରେ ରାଏତ୍ ହେବା ସେଠାନେ ରହିଯିମି, ଏନ୍‌ଥେଇ ରଏବାର ତକ୍ ସମ୍ବଲପୁରେ ପୁହୁଁଚିମି ବଲି ସେ କହିଥିଲେ। ବୁରୁଧ୍ ଦିବ୍ୟାଙ୍ଗ ଇନ୍ଦ୍ରଜିତ ବଏସ୍‌ର ଛାପ୍‌ରେ ଦବି ନାଇଁଯାଇ କରି ସମାଜଲାଗି ଗୁଟେ ଉଦାହରନ୍ ସାଜିଛନ୍। ହେଲେ ସରକାରୀ ଯୋଜ୍‌ନା ଯେ ଗରିବ୍ ଦୁଖିକୁ ଉପହାସ କରୁଛେ ଇ ଘଟ୍‌ନାରୁ ଫଟିକ୍ ବାରି ହେଉଛେ। ଇ ବୁରୁଧ୍ ଦିବ୍ୟାଙ୍ଗ ଉପରେ ଦୁରୁଷ୍‌ଟି ଦେଇ ସମ୍ବଲପୁର ଆର ବରଗଡ଼ ଜିଲା ପରଶାସନ ସବୁପରକାର ସରହାକରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ନାଁଇଁ ହେଲେ କେତେବେଲେ ଖରା, ବର୍ଷା, ଶୀତ କାକରରେ ଇ ବୁଢ଼ାବୁଢ଼ୀକର ଜୀବନ୍ ପଲେଇଯିବା କେହି ଯାନି ନାଇଁପାରନ୍।



ଦିବ୍ୟାଙ୍ଗ ଇନ୍ଦ୍ରଜିତ ତିନଚକିଆ ସାଇକେଲରେ ଯାଉଛନ୍।

ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

# ସେମିଫାଇନାଲ ରାଉଣ୍ଡ ଅପ ଚୂଡାନ୍ତ

**ଲୋଇସିଂହା,୨୧।୧୨(ଡି.ଏନ.ଏ.)**

ଲୋଇସିଂହା ଷ୍ଟାଡିୟମଠାରେ ୟଙ୍ଗୟୁଥ ସଂସ୍ଥା ପକ୍ଷରୁ ୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବରଗଡ, ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାଜିତ କରି ସେମିଫାଇନାଲ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ଉପଦେଷ୍ଟା ବୁଲୁ ବାଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସରେ ଏଆଇସିସି ସଭ୍ୟା ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସରପଞ୍ଚ ଗଣେଶ ସାହୁ, ନବ କିଶୋର ନାଏକ, ଓମପ୍ରକାଶ କୁମ୍ଭାର ଏବଂ ଅଜୟ ବାଲି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଅରବିନ୍ଦ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ ।



୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଖେଳାଳିଙ୍କ ସହ ଅତିଥିମାନେ।

# ହାତୀ ଘଉଡ଼ାଇବାରେ ବନ ବିଭାଗ ନାକେଦମ

**ଦେଓଗାଁ,୨୧।୧୨ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁରେ ଶୁକ୍ରବାର ହାତୀ ଉପଦ୍ରବରେ ଲେକେ ଆତଙ୍କିତ ହୋଇଛନ୍ତି । ସକାଳରୁ କିଛି ଲୋକେ ୭ ବଡ ଓ ୫ଟି ଛୋଟ ହାତୀ ରେଳଧାରଣା ପାରିହେଉଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ଉଦ୍ୟମ ଆରମ୍ଭ କରିଥିଲେ। ହେଲେ ଲୋକଙ୍କ ଭିଡବୃଦ୍ଧି ଯୋଗୁଁ ହାତୀପଲ ସେହି ଗୋଟିଏ ସ୍ଥାନରେ ଦିନତମାମ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ତେବେ ରାତି ୯ଟା ବେଳକୁ ସେମାନେ ଦିନପାଲି ଗାଁ ମୁଣ୍ଡରେ ଥିବା ବରଗଛ ମୂଳରେ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀପଲ ଘଉଡାଇବାକୁ କର୍ମଚାରୀଙ୍କୁ ସେଠାକୁ ପଠାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ଖବର ଅନୁସାରେ ଏହି ହାତୀପଲ ଭୀମପାହାଡ ଅଞ୍ଚଳରୁ ଉପରଝର ଦେଇ ଶିରାବାହାଲକୁ ଆସିଥିଲେ । ସେଠାରୁ ସକାଳୁ ରେଳଧାରଣା ପାରହୋଇ ଦେଓଗାଁ ସାଗରପାଲି କଲୋନୀ ଓ ମାଁ ଷ୍ଟୋନ କ୍ରଶର ନିକଟକୁ ଆସିବା ବେଳେ ଲୋକଙ୍କ ଭିଡ ଜମିବା ଦେଖି ସେଠାରେ ଥିବା ଗଛ ଓ ବୁଦା ଘେରରେ ଅଟକି ରହିଛନ୍ତି ।

**ଦେଓଗାଁ ବ୍ଲକ**

- ଦିନସାରା ଗୋଟିଏ ସ୍ଥାନରେ ଅଟକି ରହିଲେ ହାତୀପଲ
- ରାତିରେ ଦିନପାଲି ଗାଁ ପାଖକୁ ଗଲେ
- ଭୟରେ ଖେତକୁ ଯାଉ ନାହାନ୍ତି ଚାଷୀ
- ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପ୍ରୟାସ ଜାରି ରହିଛି: ବନ ବିଭାଗ

ଏହି ହାତୀଙ୍କ ଉପଦ୍ରବ ଯୋଗୁଁ ଶିରାବାହାଲର କେତେକ ଚାଷୀଙ୍କ ଧାନଚ ଓ ପନିପରିବାଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ କୁନ୍ଦେଇମାଲ, କୁକୁରଖାଇ, ଭୀମପାହାଡ ତଥା ଉପରଝର, ଫଟାମୁଣ୍ଡା ଅଞ୍ଚଳରେ ଚାଷୀଙ୍କ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିହୋଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସାଗରପାଲି କଲୋନୀପଡାଠାରୁ ଆରମ୍ଭ କରି ଘୁଚିପାଲି, ରାଏପାଲି, ଶିରାବାହାଲ, ଝାରମୁଣ୍ଡା ଆଦି ଅଞ୍ଚଳରେ ଲୋକେ ଆତଙ୍କିତ ଆବସ୍ଥାରେ ରହିଛନ୍ତି । ହାତୀ ଆତଙ୍କ ଖବର ପରେ କେହି ପାଖ ଜଙ୍ଗଲ ଏପରିକି ଚାଷୀ ନିଜ ଚାଷ ଜମିକୁ ମଧ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି । ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଫରେଷ୍ଟର ବାବୁଲାଲ ଦାଶ, ଗୁଡଭେଲା ଫରେଷ୍ଟର ଚିତ୍ତ ଖମାରୀ, କୁଡାସିଂହା ଫରେଷ୍ଟର ସୁଦାମ ଚରଣ ମିଶ୍ର, ସଇଁନ୍ତଲା ଫରେଷ୍ଟର ଆର.କେ. ହରପାଲ ଓ ବଲାଙ୍ଗୀର ଏପିଆର ଟିମ ତଥା ଦେଓଗାଁ ଓ ସଇଁନ୍ତଲାର ସମସ୍ତ ବନକର୍ମଚାରୀ ହାତୀ ଘଉଡାଇବା ପାଇଁ ଦିନତମାମ ଉଦ୍ୟମ ଜାରି ରଖିଛନ୍ତି । ତେବେ ଚାରିପଟେ ଦେଖଣାହାରୀଙ୍କ ଭିଡ ଯୋଗୁଁ ହାତୀପଲ ଗଛଙ୍କ ଘେରରୁ ବାହାରକୁ ବାହାରି ନ ଥିଲେ। ବନ ବିଭାଗ ଉକ୍ତ ସ୍ଥାନରେ କ୍ୟାମ୍ପ କରିଥିଲା। ଘଟଣାସ୍ଥଳରେ ବନବିଭାଗର ଏସିଏଫ ବି.ସି. ରାଉଳ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ମତ ଲୋଡିବାରୁ ବନବିଭାଗ କର୍ମଚାରୀ ମାନେ ସକାଳ ପ୍ରାୟ ୬ଟାରୁ ହାତୀପଲକୁ ଉଡାଇବାରେ ନିୟୋଜିତ ରହିଛନ୍ତି। ଲୋକଙ୍କ ଯେପରି କୌଣସି କ୍ଷତି ନ ହେବ ଓ ହାତୀମାନେ ସୁରକ୍ଷିତ ସ୍ଥାନକୁ ଯିବେ ସେ ଦିଗରେ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।